୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ନଭେମ୍ବର ୨୮/୨୦୧୯ (୨୦ ପୃଷ୍ଠା) Sambalpur, Thursday, November 28 / 2019 ★★

୧୫ଶ ଭାଗ ୩୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ସାମସନଙ୍କ ପ୍ରତ୍ୟାବର୍ତ୍ତନ**

ୱେଷ୍ଟଇଣ୍ଡିଜ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ଆହତ ଶିଖର ଧାୱନଙ୍କ ସ୍ଥାନରେ ଉଇକେଟ୍‌କିପର ସଞ୍ଜୁ ସାମସନଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

୧୮

୧୦

**ବିଗ୍‌ବସ୍‌ରେ ହିମାଂଶୀଙ୍କ ପ୍ରେମ**

ରିଆଲିଟି ଶୋ' 'ବିଗ୍‌ବସ୍'ରେ ଏବେ ଆସିମ ଓ ହିମାଂଶୀଙ୍କ ପ୍ରେମ ସମ୍ପର୍କ ଜମୁଛି। ଆସିମ ଏକତରଫା ଭାବେ ହିମାଂଶୀଙ୍କ ପ୍ରେମରେ ପଡିଯାଇଛନ୍ତି।



■ କ୍ୟାବିନେଟ ନିଷ୍ପତ୍ତି

## ପଞ୍ଚଦଶ ଅର୍ଥ କମିଶନଙ୍କ କାର୍ଯ୍ୟକାଳ ୧୧ ମାସ ବଢ଼ିଲା

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ପଞ୍ଚଦଶ ଅର୍ଥ କମିଶନଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ଆଉ ୧୧ ମାସ ବୃଦ୍ଧି କରିଛନ୍ତି। ଫଳରେ ଏହି କମିଶନ ଆସନ୍ତାବର୍ଷ ଅକ୍ଟୋବର ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କମିଶନ ଶନିବାର ଏହାର ଅନ୍ତରୀଣ ରିପୋର୍ଟ ଦାଖଲ କରିବା ଆଶା କରାଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଅର୍ଥ କମିଶନ ଟିକସ ହସ୍ତାନ୍ତରଣ ସୂତ୍ର ସମ୍ପର୍କରେ ପ୍ରସ୍ତାବ ଦେବେ। କାରଣ ପୂର୍ବ ସୂତ୍ରର ସମୟସୀମା ୨୦୨୦ ମାର୍ଚ୍ଚ ୩୧ରେ ଶେଷ ହେଉଛି। ଏଥିସହିତ ଜମ୍ମୁ-କଶ୍ମୀର ସ୍ଥିତିରେ ପରିବର୍ତ୍ତନ ହୋଇଥିବାରୁ ଏଥିପାଇଁ ଅଧିକ ସମୟର ଆବଶ୍ୟକତା ଥିଲା।

ପଞ୍ଚଦଶ ଅର୍ଥ କମିଶନ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ଲାଗି ଯୋଜନା କରିଛି। ଏହାବ୍ୟତୀତ ୨୦୨୧-୨୨ରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚୂଡ଼ାନ୍ତ ରିପୋର୍ଟ ୨୦୨୦ ଅକ୍ଟୋବର ୩୦ ସୁଦ୍ଧା ଦାଖଲ କରିବ। ଏଥିପାଇଁ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି।



୨୦୨୩ ହକି ବିଶ୍ୱକପ ଭେନ୍ୟୁ ଘୋଷଣା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନ୍ତର୍ଜାତୀୟ ହକି ଫେଡେରେସନ ସଭାପତି ନରିନ୍ଦର ବାତ୍ରା ଓ ଅନ୍ୟ ଅତିଥିମାନେ।

# ଓଡ଼ିଶାରେ ୨୦୨୩ ହକି ବିଶ୍ୱକପ

ଭୁବନେଶ୍ୱର, ୨୭।୧୧ (କ୍ରୀଡ଼ା ପ୍ରତିନିଧି)

- ■ ଓଡ଼ିଶାକୁ ଫେରିଲା ହକି ବିଶ୍ୱକପ୍
- ■ ଲଗାତର ୨ୟଥର ଲାଗି ଓଡ଼ିଶାକୁ ଆୟୋଜନ ଅଧିକାର
- ■ କଳିଙ୍ଗ ଓ ପାନପୋଷ ଷ୍ଟାଡିୟମରେ ଖେଳାଯିବ ମ୍ୟାଚ୍
- ■ ସୁନ୍ଦରଗଡ଼ର ୧୭ ପଡ଼ିଆରେ ଆଷ୍ଟ୍ରୋ ଟର୍ଫ ବିଛାଯିବ

ହକି ବିଶ୍ୱକପ ଆୟୋଜନର ବର୍ଷପୂର୍ତ୍ତି ଅବସରରେ ଆସିଛି ଆଉ ଏକ ବଡ଼ ଖବର। ୨୦୨୩ ପୁରୁଷ ହକି ବିଶ୍ୱକପ ମଧ୍ୟ ଓଡ଼ିଶାରେ ଆୟୋଜନ ହେବ। ତେଣୁ ହକି ଉତ୍ସବ ପୁଣି ରାଜ୍ୟକୁ ଫେରିଛି। ୨୦୧୮ରେ ବିଶ୍ୱକପର ମ୍ୟାଚଗୁଡ଼ିକ କେବଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହୋଇଥିଲା। ୨୦୨୩ରେ କିନ୍ତୁ ଭୁବନେଶ୍ୱର ଏବଂ ରାଉରକେଲାରେ ଏହି ମେଗା ପ୍ରତିଯୋଗିତା ଆୟୋଜନ ହେବ ବୋଲି ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। '୨୦୨୩ ବିଶ୍ୱକପ୍ ଓଡ଼ିଶାରେ ଆୟୋଜିତ ହେବ। ଆପଣମାନେ ଖୁସି ତ। ମୁଁ ବହୁତ ଖୁସି' ବୋଲି ମୁଖ୍ୟମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉପସ୍ଥିତ ଜନସାଧାରଣଙ୍କୁ ଏହି ଅବସରରେ ସମ୍ବୋଧନ କରି କହିଥିଲେ। ସେହିପରି ଓଡ଼ିଶା ସରକାର ଯେପରି ସମର୍ଥନ ଯୋଗାଇ ଦେଇ ଆସୁଛନ୍ତି ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତର କ୍ରୀଡ଼ା ରାଜଧାନୀ ହିଁ ଏହି ମେଗା ଇଭେଣ୍ଟ ଆୟୋଜନର ପ୍ରକୃଷ୍ଟ ସ୍ଥାନ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ମୁଖ୍ୟମନ୍ତ୍ରୀ ଏହି ମେଗା ଇଭେଣ୍ଟ ସମ୍ପର୍କରେ ଘୋଷଣା କରିବା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୁରେଶ କୁମାର ମହାପାତ୍ର, ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। କୋଚିଂ କ୍ୟାମ୍ପ ଚାଲିଥିବାରୁ ସମ୍ପ୍ରତି ଭୁବନେଶ୍ୱରରେ ଥିବା ଭାରତୀୟ ପୁରୁଷ ହକି ଦଳର ସଦସ୍ୟମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

☞ପୃଷ୍ଠା-୪

# ଆଜି ମହାରାଷ୍ଟ୍ରର ମଙ୍ଗ ଧରିବେ ଉଦ୍ଧବ

ମୁମ୍ବାଇ,୨୭।୧୧(ପି.ଟି.)

ମହାରାଷ୍ଟ୍ରରେ ଦୁଇ ଦଶନ୍ଧି ପରେ ଶିବସେନାରୁ ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଦଳ ମୁଖ୍ୟ ଉଦ୍ଧବ ଠାକ୍‌ରେ ଗୁରୁବାର ସନ୍ଧ୍ୟାରେ ଏହି ଗୁରୁଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ମୁମ୍ବାଇର ଦାଦରସ୍ଥିତ ଶିବାଜୀ ପାର୍କରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ପ୍ରସିଦ୍ଧ ଦଶହରା ରାଲି ଶିବାଜୀ ପାର୍କରେ ହୋଇଥିଲା। ସେହି ସ୍ଥାନରେ ତାଙ୍କ ୫୯ ବର୍ଷୀୟ ପୁଅ ଉଦ୍ଧବ ମହାରାଷ୍ଟ୍ରର ୧୯ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଶପଥଗ୍ରହଣର ଅବ୍ୟବହିତ ପୂର୍ବରୁ ଉଦ୍ଧବ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟି କ୍ୟାବିନେଟର ରୂପରେଖ ସମ୍ପର୍କରେ ଆଲୋଚନା କରିଛନ୍ତି। ସେହିପରି ମହାବିକାଶ ଅଘାଡ଼ିର ଅନ୍ୟତମ ଅଂଶୀଦାର କଂଗ୍ରେସର ବରିଷ୍ଠ ନେତା ଅହମଦ ପଟେଲ, କେ.ସି. ବେଣୁଗୋପଳ ମଧ୍ୟ ପାୱାରଙ୍କୁ ସାକ୍ଷାତ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ଅନେକ ରାଜନେତା, ଅଧିକାରୀ ଓ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନିମନ୍ତ୍ରିତ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ଏନ୍. ଚନ୍ଦ୍ରବାବୁ ନାଇଡୁ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା ପ୍ରମୁଖ। ଅନ୍ୟପକ୍ଷରେ ଏନ୍‌ସିପିର ଅଜିତ ପାୱାର ନିଜ ଦଳକୁ ଫେରିଆସିଥିବାରୁ ତାଙ୍କୁ ମଧ୍ୟ କ୍ୟାବିନେଟରେ ସାମିଲ

**ଶିବାଜୀ ପାର୍କରେ ଶପଥଗ୍ରହଣ**



କରାଯାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପ୍ରକାଶ ଯେ, ମନୋହର ଜୋଷୀ ୧୯୯୫ରେ ପ୍ରଥମ ଶିବସେନା ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ୧୯୯୯ରେ ଦଳର ଶେଷ ମୁଖ୍ୟମନ୍ତ୍ରୀ ହୋଇଥିଲେ ନାରାୟଣ ରାଣେ। ଏହାର ଦୀର୍ଘ ୨୦ ବର୍ଷର ବ୍ୟବଧାନ ପରେ ଉଦ୍ଧବ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବାକୁ ଯାଉଛନ୍ତି।

**ଆଜିର ସମ୍ପାଦକୀୟ**

**ଚୁନାମାଛର ବିପଦ**

**ଆଜିର ମନ୍ତବ୍ୟ**

" ଦେବେନ୍ଦ୍ର ଫଡ୍‌ନବିସଙ୍କୁ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀ ପଦରେ ବସାଗଲା, ସେଥିଲାଗି ମହାରାଷ୍ଟ୍ର ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ସମସ୍ତେ ଦାୟୀ।

-ପି. ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ

**କିଛି ତଥ୍ୟ**

ଗତ ୩ ବର୍ଷ ମଧ୍ୟରେ ଟେଲିକମ୍ କ୍ଷେତ୍ରରେ ମୋଟ ୪୧,୦୦୦ କୋଟି ଟଙ୍କା ରାଜସ୍ୱ ହ୍ରାସ ହୋଇଛି।

- ଟେଲିକମ୍ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

27.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 85 | 139 | 149 |
| CTC | 84 | 137 | 147 |
| DKL | 85 | 139 | 149 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 85 | 139 | 149 |
| BHM | 82 | 135 | 145 |

*Conditions Apply

Issued in the Interest of Consumers


# ଗୁଳିମାଡ଼ରେ ମହିଳା ମୃତ

■ ୨ ବନ୍ଧୁକ, ଜୀବନ୍ତ ଗୁଳି, ମୋବାଇଲ ଜବତ

ଝାରସୁଗୁଡ଼ା ଅଫିସ୍/ଲଖନପୁର, ୨୭।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଥାନା ଅଧୀନ ସାରସମାଲ ଗ୍ରାମ ରୋହିଦାସପଡ଼ାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତା ମହିଳାଙ୍କ ନାମ କନକଲତା ରୋହିଦାସ(୩୫)। ପୋଲିସ ଏହି ଘଟଣାର ଅଭିଯୁକ୍ତ ଜାମସେଦପୁରର ଗୋପାଳ ଯାଦବଙ୍କୁ ସୁନ୍ଦରଗଡ଼ରୁ ଗିରଫ କରିଛି। ତାଙ୍କ ନିକଟରୁ ୨ଟି ବନ୍ଧୁକ, କିଛି ଜୀବନ୍ତ ଗୁଳି ଓ ମୋବାଇଲ ଜବତ କରାଯାଇଛି । ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ରାତିରେ କନକଲତା ଓ ତାଙ୍କ ସ୍ୱାମୀ ସାନନ୍ଦ ୨ସନ୍ତାନଙ୍କ ସହ ଘରେ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ ସାନନ୍ଦ ଉଠି ତାଙ୍କ ସ୍ତ୍ରୀ ଘରେ ନ ଥିବା ଦେଖିଥିଲେ। ସେ ବାହାରକୁ ଆସି ଦେଖିଲା ବେଳକୁ କନକଲତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ବାହାରେ ପଡ଼ିଥିଲା।



ଅଭିଯୁକ୍ତଗୋପାଳ ଯାଦବ।

☞ପୃଷ୍ଠା-୪

# ଟୋକନ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)



- ■ ସବୁ ଠିକ୍ ଚାଲିଛି: ଯୋଗାଣ ମନ୍ତ୍ରୀ
- ■ ବରଗଡ଼ ଜିଲାରେ ଧାନ କିଣାରେ ଅନିୟମିତତା
- ■ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ

ଟୋକନ ବ୍ୟବସ୍ଥାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ବୁଧବାର ବିଧାନସଭାରେ ଶାସକ ଦଳର ସଦସ୍ୟମାନେ ମଧ୍ୟ ଏହି ବ୍ୟବସ୍ଥା ଯୋଗୁ ଧାନ କିଣାରେ ବିଳମ୍ବ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଧାନସଭା ପ୍ରଶ୍ନୋତ୍ତର ବେଳେ ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ଯେଉଁଠି ନେଟୱର୍କ ନାହିଁ ସେଠାରେ ଟୋକନ କିପରି ମିଳିପାରିବ। ଟୋକନ ବ୍ୟବସ୍ଥା କୋହଳ କଲେ ଧାନ କିଣା ସହଜ ହୋଇପାରିବ। ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ବିଜେଡି ସଭ୍ୟ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଟୋକନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ, ସେ କହିଥିଲେ ଯେ ଧାନ କେବେ ବିକ୍ରି ହେବ ସେ କଥା ଚାଷୀ ଜାଣିପାରୁ ନାହାନ୍ତି। ମଣ୍ଡିକୁ ଗଲେ ୧୫ ଦିନ ପରେ ଆସିବାକୁ କୁହାଯାଉଛି। ୧୫ ଦିନ ପରେ ଟୋକନ ମିଳିବ କି ନାହିଁ ସେମାନେ ଜାଣିପାରୁ ନାହାନ୍ତି। ଟୋକନ ବ୍ୟବସ୍ଥା ଠିକ ନ ହେଲେ ଚାଷୀମାନଙ୍କର ଆକ୍ରୋଶ ବଢ଼ିବ ବୋଲି ପୂଜାରୀ କହିଥିଲେ। ବିଜେଡି ସଭ୍ୟ ବିଜୟ ରଞ୍ଜନ ସିଂ ବରିହା କହିଥିଲେ ଯେ, ମିଲରମାନଙ୍କୁ ଅଖା ପାଇଁ ପଇସା ଦିଆଯାଉଛି। ସେଥିରେ ସ୍ୱଚ୍ଛତା କିଭଳି ଆସିପାରିବ ସେ ନେଇ ସରକାର ଦୃଷ୍ଟି ଦେବେ କି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଚାଷୀଙ୍କ ଭିତରେ ଆଦୌ ଆକ୍ରୋଶ ନାହିଁ। ଆପଣମାନେ ସ୍ପିରିଟ ବୁଝିବାକୁ ଚେଷ୍ଟା କରନ୍ତୁ। ସବୁ ଠିକ୍ ଚାଲିଛି।

ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ଯେ, ବରଗଡ଼ ଜିଲାରେ ଧାନ କିଣାରେ ବ୍ୟାପକ ଅନିୟମିତତା ସମ୍ପର୍କରେ ବିଭାଗ ତରଫରୁ କି ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ତ୍ରୀ ସ୍ୱାଇଁ କହିଥିଲେ ଯେ, ୨୦୧୮-୧୯ ଧାନ ସଂଗ୍ରହ ସମୟରେ ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବରଗଡ଼ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ର ଧାନ କ୍ରୟ କେନ୍ଦ୍ରକୁ ଅଚାନକ ଚଢାଉ କରିଥିଲା। ବିଭାଗୀୟ ଯୁଗ୍ମ ସଚିବଙ୍କ ନେତୃତ୍ୱାଧୀନ ସ୍କ୍ୱାଡ୍ ପକ୍ଷରୁ ୨୦୧୯ ଜୁନ ୧୨ରୁ ୨୯ ତାରିଖ ମଧ୍ୟରେ ୧୩ଟି ପ୍ୟାକ୍ସ ତନଖି କରାଯାଇଥିଲା। ସେହି ପ୍ୟାକ୍ସଗୁଡିକ ହେଲା ସରସରା, କଟାପାଲି, ଝାରବନ୍ଧ, ଉଭା, ସନକ୍ରୀଡା, ରୁସୁଗଡା, ଚେଢଇଗାଁ, ଉରଦୁନା, ପହରସିଗୁଡା, ସୋହେଲା, କଣ୍ଡାପାଲି, ଭୁକଟା ଓ ନାରାୟଣ। କ୍ଷେତ୍ର ପରିଦର୍ଶନ ପରେ

☞ପୃଷ୍ଠା-୪

# କେବଳ ପ୍ରଚାରରେ ସଫଳତା

ସୁନୀତ୍ ମିଶ୍ର

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାର ୨୦୧୬ ମେ ୧ ତାରିଖରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ର ଶୁଭାରମ୍ଭ କରିଥିଲେ। ଏହା ପରଠାରୁ ଦେଶର ସବୁଆଡ଼େ ଏହି ଯୋଜନାର ବ୍ୟାପକ ପ୍ରଚାର ଚାଲିଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା କେନ୍ଦ୍ରର ସବୁଠାରୁ ସଫଳ କାର୍ଯ୍ୟକ୍ରମ ବୋଲି ଡିଣ୍ଡିମ ମଧ୍ୟ ପିଟାଯାଉଛି। ରାଜ୍ୟର ଯେଉଁ ଅଞ୍ଚଳକୁ ଗଲେ କରଦାତାଙ୍କ ଟିକସ ଅର୍ଥକୁ ବିପୁଳ ପରିମାଣରେ ଖର୍ଚ୍ଚ କରାଯାଇ ରାସ୍ତା କଡ଼ରେ ବଡ଼ ବଡ଼ ରଙ୍ଗିନ୍ ହୋର୍ଡିଂ ମରାଯାଇ ଏହି ଯୋଜନାର ପ୍ରଚାର ପ୍ରସାର ଚାଲିଛି। କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ଦେଶର ୮ କୋଟି ଘରେ ଉଜ୍ଜ୍ୱଳା ଯୋଜନା ପହଞ୍ଚି ସାରିଥିବା କୁହାଗଲାଣି। ଓଡ଼ିଶାର କେତେଗୁଡ଼ିଏ ଗ୍ୟାସ ଏଜେନ୍ସିଠାରୁ ବୁଝିବା ପରେ ଜଣାପଡିଛି, ପ୍ରାୟ ୨ ମାସ ତଳୁ ଏହି ଯୋଜନାରେ ହିତାଧିକାରୀ ଚୟନ ବନ୍ଦ କରିଦିଆଯାଇଛି। ଏଥିପାଇଁ ଯେଉଁ ସଫ୍ଟୱେୟାର କାର୍ଯ୍ୟ କରୁଥିଲା ତାହା ମଧ୍ୟ ଆଉ ଖୋଲୁନାହିଁ। ହେଲେ କେନ୍ଦ୍ରର ପେଟ୍ରୋଲିୟମ ମନ୍ତ୍ରଣାଳୟ ଯେଉଁ ସଫଳତାକୁ ଧରି ଡିଣ୍ଡିମ ପିଟୁଛନ୍ତି ତା'ର ବାସ୍ତବ ସଫଳତା ସମ୍ପୂର୍ଣ୍ଣ ଓଲଟା। ଉଜ୍ଜ୍ୱଳା ଭାଜପାର ରାଜନୈତିକ ସଫଳତାର ମୁଖ୍ୟ ଅସ୍ତ୍ର ବୋଲି ଅନେକ ସମୟରେ ଲକ୍ଷ୍ୟ କରାଯାଉଛି। ଓଡ଼ିଶାରେ ତୈଳ ମନ୍ତ୍ରଣାଳୟର ପ୍ରମୁଖ ଯୋଜନାକୁ ପ୍ରକୃତରେ ସମ୍ପୂର୍ଣ୍ଣ ସଫଳ କରାଯାଇ ପାରୁନାହିଁ ବୋଲି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଏବେ ମଧ୍ୟ ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ। କେନ୍ଦ୍ର ସରକାର କିନ୍ତୁ ସବୁ ମା'ମାନଙ୍କୁ ଧୂଆଁରୁ ମୁକ୍ତି ଦେଇଥିବା କଥା ଦୋହରାଇ ଚାଲିଛନ୍ତି। ଅନ୍ୟପଟେ ଏଲ୍‌ପିଜି (ଲିକ୍ୟୁଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍) ଡିଜିଏମ୍ ଧର୍ମେନ୍ଦ୍ର ବେଉରା କହିଛନ୍ତି, ୮କୋଟି ଲୋକଙ୍କୁ ଏହି ଯୋଜନାରେ ଗ୍ୟାସ୍ ଦେବାର ଥିଲା, ତାହା ଶେଷ ହୋଇଯାଇଛି। ଏବେ ଦେବା ନ ଦେବା କଥା ଉଠୁନାହିଁ। ବହୁତ ଲୋକ ରିଫିଲିଂ କରୁଛନ୍ତି, ଅନେକ ମଧ୍ୟ କରୁନାହାନ୍ତି। ଯେଉଁମାନେ ରିଫିଲିଂ କରୁନାହାନ୍ତି, ୬ ମାସ ହେଲା ସେମାନଙ୍କୁ ଯୋଗାଯୋଗ କରି ବୁଝାଯାଉଛି ବୋଲି ବେଉରା କହିଛନ୍ତି।





ଓଡ଼ିଶା ରାଜଧାନୀ ଭୁବନେଶ୍ୱରର ଭାଜପା ମୁଖ୍ୟାଳୟଠାରୁ ମାତ୍ର ୫୦୦ରୁ ୧ କିମି ଦୂରରେ ଥିବା ୩୫ ୱାର୍ଡର ମଙ୍ଗଳା ବସ୍ତିରେ ରହୁଥିବା କୁନି ଦାସ ଏବେ ମଧ୍ୟ କାଠଚୁଲି ଉପରେ ନିର୍ଭରଶୀଳ। କୁନିଙ୍କ କହିବା କଥା, ଉଜ୍ଜ୍ୱଳା ଯୋଜନାରେ ସାମିଲ ହେବା ସକାଶେ ସମସ୍ତ କାଗଜପତ୍ର ଦେଇସାରିଥିଲେ ସୁଦ୍ଧା ତାଙ୍କୁ ଗ୍ୟାସ୍ ମିଳୁନାହିଁ। କାଠ କିଣିବା ସାଙ୍ଗକୁ ଇଆଡୁ ସିଆଡୁ ଜାଳ ସଂଗ୍ରହ କରି ରୋଷେଇ କରୁଛୁ ବୋଲି କୁନି କହିଛନ୍ତି। କେବଳ ସିଏ ନୁହନ୍ତି, ତାଙ୍କ ଭଳି ଆହୁରି ଅନେକ ପରିବାର ବର୍ତ୍ତମାନ ମଧ୍ୟ ଉଜ୍ଜ୍ୱଳା ସଂଯୋଗ ପାଇନାହାନ୍ତି ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ରାଜଧାନୀରେ ଏଭଳି ଦୃଶ୍ୟ ସାମ୍ନାକୁ ଆସିବା ପରେ ଧରିତ୍ରୀ ପକ୍ଷରୁ କେତେଗୁଡ଼ିଏ ବ୍ଲକ ଗସ୍ତ କରି ଉଜ୍ଜ୍ୱଳା ସଫଳତାର ବାସ୍ତବ ରୂପ ପରଖାଯାଇଛି।

ପୁରୀ ଜିଲା ଗୋପ ବ୍ଲକ ଅଫିସ୍‌ର ପଛପଟେ ବଢ଼େଇସାହିର ରାଶନକାର୍ଡ ଉପଭୋକ୍ତା ମଣି ନାୟକ ଉଜ୍ଜ୍ୱଳା ଯୋଜନା କ'ଣ ତାହା ଠିକ୍‌ରେ ଜାଣିନାହାନ୍ତି। ଏବେ ମଧ୍ୟ ମଣି କାଠଚୁଲି ଉପରେ ନିର୍ଭରଶୀଳ। ସେ କହିଛନ୍ତି, ଦୈନିକ ବାଡ଼ି ବଗିଚାରୁ କାଠ ସଂଗ୍ରହ କରି ରୋଷେଇ କରିଥାଆନ୍ତି। କେବଳ ସେ ନୁହନ୍ତି, ସେହି ଅଞ୍ଚଳର ଅଧିକାଂଶ ଲୋକଙ୍କ ଘରେ ଗ୍ୟାସ ସଂଯୋଗ ଏ ପର୍ଯ୍ୟନ୍ତ ହୋଇନାହିଁ। ଉଜ୍ଜ୍ୱଳା ସଂଯୋଗ ପାଇଁ କାଗଜପତ୍ର ଏବଂ ବ୍ୟବସ୍ଥା ବିଷୟରେ ସେ ସମ୍ପୂର୍ଣ୍ଣ ଅଜ୍ଞ ବୋଲି କହିଛନ୍ତି। ଅନ୍ୟପଟେ ସେହି ସାହିର ରଞ୍ଜନା ମହାରଣାଙ୍କ ଘରେ ପହଞ୍ଚିବା ସମୟରେ ସେ ଚୁଲିରେ ରୋଷେଇ କରୁଥାଆନ୍ତି। ଚାରିଆଡ଼ ଧୂଆଁମୟ ଦେଖାଯାଉଥିଲା। ତାଙ୍କୁ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, କେନ୍ଦ୍ରର ସେମିତି କିଛି ଯୋଜନା ତାଙ୍କ ନିକଟରେ ପହଞ୍ଚିନି। ଆଗରୁ ଯେମିତି କାଠଚୁଲିରେ ରୋଷେଇ କରୁଥିଲେ, ବର୍ତ୍ତମାନ ମଧ୍ୟ ତାଙ୍କର ସମାନସ୍ଥିତି। ସେହିଭଳି ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଆଳିସ ଗାଁର ରାଶନକାର୍ଡ ଉପଭୋକ୍ତା ବୁରେଇ ସାହୁଙ୍କ ଦଶା ମଧ୍ୟ ସମାନ। ଉଜ୍ଜ୍ୱଳା ବୋଲି କିଛି ଯୋଜନା

☞ପୃଷ୍ଠା-୪



"ଅଘୋରୀ ସାଧନା କରିବା ସତ୍ତ୍ୱେ ମହାରାଷ୍ଟ୍ରରେ କ୍ଷମତା ହାତେଇବାରେ ବିଫଳ ହୋଇଛି ଭାଜପା। ଏହାସହ ଦେଶର ରାଜନୀତିରେ ଏକ ପରିବର୍ତ୍ତନର ଆରମ୍ଭ ହୋଇଛି।
-ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି

# କ୍ୟାବିନେଟ ପାଇଁ କସରତ

## ଶିବସେନା ୧୫, ଏନ୍‌ସିପି ୧୫, କଂଗ୍ରେସ ଭାଗରେ ୧୩ ମନ୍ତ୍ରୀପଦ

ମୁମ୍ବାଇ,୨୭।୧୧(ପି.ଟି.)

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାବେଳେ ବୁଧବାର ମହାରାଷ୍ଟ୍ର ବିକାଶ ଅଘାଡ଼ି (ଏମ୍‌ଭିଏ) ପକ୍ଷରୁ କ୍ୟାବିନେଟର ରୂପରେଖ ସ୍ଥିର କରିବା ପାଇଁ ଏକ ବୈଠକ ହୋଇଛି। ଦକ୍ଷିଣ ମୁମ୍ବାଇର ୱାଇ.ବି. ଚଭନ ସେଣ୍ଟରରେ ଅନୁଷ୍ଠିତ ବୈଠକରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର, କଂଗ୍ରେସ ନେତା ଅହମଦ ପଟେଲଙ୍କ ସମେତ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ମିଳିଥିବା ସୂଚନାନୁସାରେ କ୍ୟାବିନେଟରେ ୪୩ ସଦସ୍ୟ ରହିବେ। ଶିବସେନା ଓ ଏନ୍‌ସିପିର ୧୫ ଜଣ ଲେଖାଏ ବିଧାୟକ ମନ୍ତ୍ରୀପଦ ପାଇବେ। ସେହିପରି କଂଗ୍ରେସକୁ ୧୩ ମନ୍ତ୍ରୀପଦ ସହ ବାଚସ୍ପତି ପଦବୀ ମିଳିବ ବୋଲି କୁହାଯାଉଛି। ଶିବସେନା ପାଖରେ ପୂରା ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ପଦ ରହିବ। ବିଧାନସଭାରେ ବିଧାୟକଙ୍କ ସଂଖ୍ୟା ୨୮୮ ହୋଇଥିବାରୁ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ଏହାର ୧୫%ରୁ ଅଧିକ ହେବ ନାହିଁ।



ରାଜଭବନରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ସହ ଭାବୀ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ।

## ଏନ୍‌ସିପି ବୈଠକରେ ଅଜିତ ଭାଇଙ୍କୁ ସ୍ୱାଗତ କଲେ ସୁପ୍ରିୟା

ମୁମ୍ବାଇ,୨୭।୧୧(ପି.ଟି.)

ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ଏନ୍‌ସିପି ନେତା ଅଜିତ ପାୱାର ବୁଧବାର ନିଜ ଦଳର ବୈଠକରେ ଯୋଗଦେଇଛନ୍ତି। ବିଧାୟକ ଦଳ ବୈଠକରେ ଆସ୍ଥାଭୋଟ ଏବଂ ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ୮୦ତମ



ଜନ୍ମଦିବସ(ଡିସେମ୍ବର ୧୨) ସମ୍ପର୍କରେ ଆଲୋଚନା ହୋଇଥିବା ବିଧାୟକ ଧନଞ୍ଜୟ ମୁଣ୍ଡେ ସୂଚନା ଦେଇଛନ୍ତି। ପୁଣେର ବାରାମତୀ ଆସନରୁ ୧.୬୫ ଲକ୍ଷ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ୬୦ ବର୍ଷୀୟ ଅଜିତ ଗତ ଶନିବାର ଭାଜପା ସହ ହାତ ମିଳାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଦେବେନ୍ଦ୍ର ଫଡ଼୍‌ନବିସଙ୍କ ନେତୃତ୍ୱାଧୀନ ସରକାରରେ ସେ ଉପମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିବା ପରେ ତାଙ୍କୁ ଏନ୍‌ସିପି ବିଧାୟକ ଦଳ ନେତା ପଦରୁ ହଟାଇ ଦିଆଯାଇଥିଲା। ଉଭୟ ଦଳ ଓ ପରିବାର ପକ୍ଷରୁ ଚାପ ପଡ଼ିବା ପରେ ସେ ମଙ୍ଗଳବାର ଇସ୍ତଫା ଦେଇ କାକା ଶରଦ ପାୱାରଙ୍କ ନିକଟକୁ ଫେରିଥିଲେ। ଅଜିତ ବୁଧବାର ସକାଳେ ବିଧାନସଭା ପରିସରକୁ ପ୍ରବେଶ କରିବା ପରେ ପାୱାରଙ୍କ ଝିଅ ତଥା ଲୋକ ସଭା ସଦସ୍ୟ ସୁପ୍ରିୟା ସୁଲେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅଜିତ କହିଥିଲେ, ମୁଁ ଏନ୍‌ସିପିରେ ଥିଲି ଓ ଅଛି। ମୁଁ କେବେ ଦଳ ଛାଡ଼ି ନ ଥିଲି।

### ■ ମହାରାଷ୍ଟ୍ର ବିଧାନସଭା ଅଧିବେଶନ ଆରମ୍ଭ

## ଶପଥ ନେଲେ ୨୮୫ ବିଧାୟକ

**ମୁମ୍ବାଇ,୨୭।୧୧(ପି.ଟି.):** ମହାରାଷ୍ଟ୍ର ନିର୍ବାଚନର ୧ ମାସ ୧ ସପ୍ତାହ ପରେ ଚତୁର୍ଦ୍ଦଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବୁଧବାର ବସିଛି। ଏଥିରେ ନବନିର୍ବାଚିତ ୨୮୫ ବିଧାୟକ ଶପଥ ନେଇଛନ୍ତି। ୨୮୮ ଆସନ ବିଶିଷ୍ଟ ବିଧାନସଭାର ପ୍ରୋଟେମ୍ ସ୍ପିକର (କାମଚଳା ବାଚସ୍ପତି) କାଳିଦାସ କୋଲମ୍ବକରଙ୍କୁ ମଙ୍ଗଳବାର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଶପଥପାଠ କରାଇଥିଲେ। ସୁଧୀର ମୁଙ୍ଗନ୍ତିୱାର(ଭାଜପା) ଓ ଦେବେନ୍ଦ୍ର ଭୁୟାର(ସ୍ୱାଭିମାନୀ ପକ୍ଷ)ଙ୍କ ବ୍ୟତୀତ ଅନ୍ୟ ବିଧାୟକମାନଙ୍କୁ ବୁଧବାର କୋଲମ୍ବକର ଶପଥପାଠ କରାଇଛନ୍ତି। ଶପଥ ନେଇଥିବା ବିଧାୟକଙ୍କ ମଧ୍ୟରେ ଅଛନ୍ତି କାମଚଳା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ, ଏନ୍‌ସିପିର ଅଜିତ ପାୱାର, ଛଗନ ଭୁଜବଳ, କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ, ପୃଥ୍ୱୀରାଜ ଚଭନ, ପୂର୍ବତନ ବାଚସ୍ପତି ଦିଲୀପ ୱାଲସେ ପାଟିଲ (ଏନ୍‌ସିପି) ଏବଂ ହରିବାହୁ ବାଗାଡେ (ଭାଜପା)। ୱର୍ଲି ଆସନର ନବନିର୍ବାଚିତ ଶିବସେନା ବିଧାୟକ ଆଦିତ୍ୟ ଠାକ୍‌ରେଙ୍କୁ ସବୁ ଦଳର ସଦସ୍ୟମାନେ ସ୍ୱାଗତ କରିଥିଲେ। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ୨୯ ବର୍ଷୀୟ ପୁଅ ଆଦିତ୍ୟ ସମସ୍ତ ବରିଷ୍ଠ ସଦସ୍ୟମାନଙ୍କ ନିକଟକୁ ଯାଇ ଅଭିବାଦନ ଜଣାଇଥିଲେ। ସେହିପରି ନବାଗତଙ୍କ ମଧ୍ୟରେ ଧୀରଜ ଦେଶମୁଖ(କଂଗ୍ରେସ) ଓ ରୋହିତ ପାୱାର(ଏନ୍‌ସିପି) ମଧ୍ୟ ଶପଥ ନେଇଥିଲେ। ଗୃହ ମୁଲତବୀ ହେବା ପରେ ଦୁଇ ସଦସ୍ୟ ମହେଶ ବାଲଡି(ସ୍ୱାଧୀନ) ଓ ମହମ୍ମଦ ଇସ୍‌ମାଇଲ୍ (ଏଆଇଏମ୍‌ଆଇଏମ୍) ଆସିବାରୁ ଉଭୟଙ୍କୁ ବାଚସ୍ପତିଙ୍କ ଚ୍ୟାମ୍ବରରେ ଶପଥପାଠ କରାଯାଇଥିବା ବିଧାନସଭା ସଚିବ ରାଜେନ୍ଦ୍ର ଭଗୱତ୍ ସୂଚନା ଦେଇଛନ୍ତି। ବାଚସ୍ପତି ନିର୍ବାଚନ ଆସନ୍ତା ୩୦ରେ ହେବ ବୋଲି କଂଗ୍ରେସ ସୂତ୍ରରୁ ପ୍ରକାଶ।

### ■ କାର୍ଟୋସାଟ୍-୩ର ସଫଳ ଉତ୍କ୍ଷେପଣ

## ସୀମା ଉପରେ ରହିବ କଡ଼ା ନଜର

ଶ୍ରୀହରିକୋଟା, ୨୭।୧୧



ଇସ୍ରୋ ପକ୍ଷରୁ ବୁଧବାର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ପୂର୍ବାହ୍ନ ୯ଟା ୨୮ରେ ପିଏସ୍ଏଲ୍‌ଭି-ସି୪୭ ସହାୟତାରେ ମହାକାଶକୁ ସଫଳତାର ସହ କାର୍ଟୋସାଟ୍-୩କୁ ଉତ୍କ୍ଷେପଣ କରାଯାଇଛି। କାର୍ଟୋସାଟ୍ ସହ ଆମେରିକାର ୧୩ ନାନୋ ସାଟେଲାଇଟକୁ ମଧ୍ୟ ପ୍ରେରଣ କରାଯାଇଛି। ଏହି ଉତ୍କ୍ଷେପଣ ସହ ଇସ୍ରୋ ପକ୍ଷରୁ ମୋଟ ୩୧୦ ବିଦେଶୀ ସାଟେଲାଇଟ ପଠାଯାଇଥିବା ଜଣାପଡ଼ିଛି। ମହାକାଶରୁ ସୀମା ଉପରେ କାର୍ଟୋସାଟ କଡ଼ା ନଜର ରଖିବା ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା ଦିଗରେ ବିଶେଷ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଏଥିରେ ଥିବା ହାଇରିଜୋଲ୍ୟୁଶନ କ୍ୟାମେରା ଭୂପୃଷ୍ଠର ସ୍ପଷ୍ଟ ଫଟୋଚିତ୍ର ପଠାଇପାରିବ। ଏହାର ସଫଳତା ପ୍ରତିରକ୍ଷା ବିଭାଗକୁ ଅଧିକ ଶକ୍ତିଶାଳୀ କରିପାରିବ ବୋଲି କୁହାଯାଉଛି। ୨୦୦୫ରୁ ଏପର୍ଯ୍ୟନ୍ତ ଇସ୍ରୋ ପକ୍ଷରୁ ୮ଟି କାର୍ଟୋସାଟ୍ ସାଟେଲାଇଟ ସଫଳତାର ସହ ଉତ୍କ୍ଷେପଣ କରାଯାଇ ସାରିଛି। ଚନ୍ଦ୍ରୟାନ-୨କୁ ମିଶାଇ ଚଳିତ ବର୍ଷ ଇସ୍ରୋର ଏହା ପଞ୍ଚମ ପରୀକ୍ଷଣ।

### ଇସ୍ରୋକୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ଏନେଇ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି, ଆମ ଟିମ୍ ପ୍ରତିଟି କ୍ଷେତ୍ରରେ ସହଯୋଗ ଲାଗି ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆଗକୁ ଅଧିକରୁ ଅଧିକ ଉତ୍କ୍ଷେପଣ ଓ ସାଟେଲାଇଟ ପ୍ରେରଣ କରାଯିବାକୁ ଯୋଜନା ରହିଛି। କାର୍ଟୋସାଟ-୩ ସାଟେଲାଇଟର ସଫଳ ଉତ୍କ୍ଷେପଣ ପରେ ଇସ୍ରୋକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ସାଟେଲାଇଟର ସଫଳ ପ୍ରେରଣ ଦେଶକୁ ଗୌରବାନ୍ୱିତ କରିପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ମେଘୁଆ ପାଗରେ ଏହା ମାତ୍ର ୧୭.୪୬ ମିନିଟରେ କକ୍ଷପଥରେ ପହଞ୍ଚିବା ଗୌରବ ବିଷୟ ବୋଲି ସେ ମତ ଦେଇଛନ୍ତି।

## ୧୧ ଯାଏ ବଢ଼ିଲା ଚିଦାମ୍ବରମ୍‌ଙ୍କ ହାଜତ ମିଆଦ

**ନୂଆଦିଲ୍ଲୀ, ୨୭।୧୧ :** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଆଗତ ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ଫସିଥିବା ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ୍‌ଙ୍କ ହାଜତ ମିଆଦକୁ ଦିଲ୍ଲୀର ଏକ କୋର୍ଟ ଡିସେମ୍ବର ୧୧



ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଇଡି ଦ୍ୱାରା କରାଯାଇଥିବା ଆବେଦନର ଶୁଣାଣି କରି ତଦନ୍ତ ଚାଲିଥିବାରୁ ଚିଦାମ୍ବରମ୍‌ଙ୍କ ହାଜତ ମିଆଦ ଅଧିକ ୧୪ ଦିନ ବଢ଼ାଇଛନ୍ତି। ଇଡି ପକ୍ଷରୁ କରାଯାଇଥିବା ଆବେଦନକୁ ଚିଦାମ୍ବରମ୍‌ଙ୍କ ଓକିଲ ବିରୋଧ କରି ନ ଥିଲେ। ପ୍ରକାଶଥାଉ କି, ଅକ୍ଟୋବର ୩୦ରୁ ଚିଦାମ୍ବରମ୍ ଦିଲ୍ଲୀର ତିହାର ଜେଲରେ ରହିଆସୁଛନ୍ତି। ଦିଲ୍ଲୀ ହାଇକୋର୍ଟ ଜାମିନ ନ ଦେବାକୁ ନେଇ ଚିଦାମ୍ବରମ୍‌ଙ୍କ ଓକିଲ କପିଲ ଶିବଲ ବିରକ୍ତି ପ୍ରକାଶ କରିଛନ୍ତି। 'ରଙ୍ଗା ବିଲା' ଭଳି ବ୍ୟବହାର କରାଯିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୁଧବାର ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଚିଦାମ୍ବରମ୍‌ଙ୍କୁ ଜେଲରେ ଭେଟି ଆଲୋଚନା କରିଥିଲେ।

## ଏସ୍‌ପିଜି ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ (ଏସ୍‌ପିଜି) ସଂଶୋଧନ ବିଲ୍ ଲୋକ ସଭାରେ ବୁଧବାର ଗୃହୀତ ହୋଇଯାଇଛି। ବିଲ୍‌କୁ ବିରୋଧ କରି କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ପ୍ରସ୍ତାବିତ ବିଲ୍ ଅନୁଯାୟୀ କେବଳ ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାରୀ ବାସଭବନରେ ରହୁଥିବା ପରିବାର ସଦସ୍ୟମାନଙ୍କୁ ଏସ୍‌ପିଜି ସୁରକ୍ଷା ମିଳିବ। ଏହା ବ୍ୟତୀତ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେବାର ୫ ବର୍ଷ ପର୍ଯ୍ୟନ୍ତ ସେ ଓ ତାଙ୍କ ସହ ସରକାରୀ ବାସଭବନରେ ରହୁଥିବା ପରିବାର ସଦସ୍ୟଙ୍କୁ ଏହି ସୁରକ୍ଷା ମିଳିବ। ଅଧିକାଂଶ ବିରୋଧୀ ସଦସ୍ୟ ବିଲ୍ ଉପରେ ସଂଶୋଧନ ପ୍ରସ୍ତାବ ଆଣିଥିଲେ ହେଁ ତାହା ବାଚନିକ ଭୋଟରେ କାଟ ଖାଇଯାଇଥିଲା।

ଏସ୍‌ପିଜିକୁ ଅଧିକ ଦକ୍ଷ କରିବା ବିଲ୍‌ର ଉଦ୍ଦେଶ୍ୟ ବୋଲି ଆଲୋଚନାରେ ଭାଗନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଥିଲେ। ପୂର୍ବ ସରକାର ଏହି



ଅମିତ୍ ଶାହ

### କଂଗ୍ରେସର କକ୍ଷତ୍ୟାଗ

ଆଇନକୁ କୋହଳ କରିଦେଇଥିବା ସେ ଅଭିଯୋଗ କରିଥିଲେ। ନରେନ୍ଦ୍ର ମୋଦିଙ୍କ ସରକାର ଆଣିଥିବା ସଂଶୋଧନ ଆଇନର ମୂଳ ଉଦ୍ଦେଶ୍ୟ ପୂରଣ କରିବ ବୋଲି ସେ କହିଥିଲେ। ଅଧିକାଂଶ ଦେଶରେ ଏଭଳି ସୁରକ୍ଷା ବ୍ୟବସ୍ଥା କେବଳ ରାଷ୍ଟ୍ରମୁଖ୍ୟଙ୍କ ପାଇଁ ରହିଛି। ଏହା କେବଳ ଶାରୀରିକ ସୁରକ୍ଷା ନୁହେଁ, ଏସ୍‌ପିଜି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁରକ୍ଷା ଦେବା ସହ ତାଙ୍କ ସ୍ୱାସ୍ଥ୍ୟ ଓ ଯୋଗାଯୋଗର ମଧ୍ୟ ସୁରକ୍ଷା କରିଥାନ୍ତି ବୋଲି ଶାହ କହିଥିଲେ।

ବୀରବଲ୍ ନାଥ କମିଟିଙ୍କ ସୁପାରିସ କ୍ରମେ ୧୯୮୫ରେ ଏସ୍‌ପିଜି ଗଠନ ହୋଇଥିଲା। ଏଥିପାଇଁ ୧୯୮୮ରେ ଏକ ଆଇନ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଉକ୍ତ ଆଇନକୁ କୋହଳ କରିବା ଲାଗି ପୂର୍ବବର୍ତ୍ତୀ ସରକାରମାନେ ବିଭିନ୍ନ ସମୟରେ ଏଥିରେ ସଂଶୋଧନ କରିଛନ୍ତି। ଏକ ସଂଶୋଧନ କ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପରିବାର ସଦସ୍ୟ ସୋନିଆ ଗାନ୍ଧୀ, ରାହୁଲ ଓ ପ୍ରିୟଙ୍କାଙ୍କୁ ଏସ୍‌ପିଜି ସୁରକ୍ଷା ଯୋଗାଇଦିଆଗଲା। ବର୍ତ୍ତମାନର ସରକାର ଏସ୍‌ପିଜି ପରିବର୍ତ୍ତେ ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରିଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ସାରା ଜୀବନ ଏହି ସୁରକ୍ଷା ଯୋଗାଇଦେବାକୁ କଂଗ୍ରେସ ଦାବି କରିଥିଲା। ଆଲୋଚନାରେ ଭାଗନେଇ କଂଗ୍ରେସ ନେତା ମନୀଷ ତିୱାରୀ କହିଥିଲେ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ତାଙ୍କ ପୁଅ ରାହୁଲ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଜୀବନ ପ୍ରତି ବିପଦ ସମ୍ଭାବନା ଥିବା ସତ୍ତ୍ୱେ ସେମାନଙ୍କ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର କରିନିଆଗଲା। କ'ଣ ପାଇଁ ଏହି ସୁରକ୍ଷା ପ୍ରତ୍ୟାହାର କରାଗଲା ତାହା ସେ ଜାଣିବାକୁ ଚାହିଁଥିଲେ। ଆମେରିକା ଭଳି ଦେଶରେ ସିକ୍ରେଟ ସର୍ଭିସ ଗାର୍ଡମାନେ ପୂର୍ବତନ ରାଷ୍ଟ୍ରପତିମାନଙ୍କୁ ଅବଶିଷ୍ଟ ଜୀବନ ପାଇଁ ସୁରକ୍ଷା ଯୋଗାଇ ଦେଇଥାନ୍ତି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର, ଆଇ.କେ. ଗୁଜରାଲଙ୍କଠାରୁ ଏସ୍‌ପିଜି ସୁରକ୍ଷା କାଢ଼ିନିଆଯିବା ବେଳେ କେହି ପାଟି ଖୋଲି ନ ଥିଲେ ବୋଲି ଶାହ କହିଥିଲେ।

## ନାଥୁରାମଙ୍କୁ 'ଦେଶଭକ୍ତ' କହିଲେ ପ୍ରଜ୍ଞା

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁର 'ଦେଶଭକ୍ତ' କହିଛନ୍ତି। ଲୋକ ସଭାରେ ତାଙ୍କର ଏଭଳି ମନ୍ତବ୍ୟକୁ ବିରୋଧୀ ସଦସ୍ୟମାନେ ଜୋରଦାର ବିରୋଧ କରିଥିଲେ। ଏସ୍‌ପିଜି ସଂଶୋଧନ ବିଲ୍ ଉପରେ ଆଲୋଚନା ବେଳେ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ କାହିଁକି ମାରିବା ସମ୍ପର୍କରେ ଡିଏମ୍‌କେ ସଦସ୍ୟ ଏ. ରାଜା କହିଥିଲେ। ଗଡ୍‌ସେ ଭିନ୍ନ ମତବାଦର ଥିଲେ। ସେ ଗାନ୍ଧିଜୀଙ୍କୁ ମାରିବା ପାଇଁ ନିଷ୍ପତ୍ତି ନେବାର ୩୨ ବର୍ଷ ପୂର୍ବରୁ ତାଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ। ଏକଥା ଗଡ୍‌ସେ ସ୍ୱୀକାର କରିଥିବା ରାଜା କହିଥିଲେ।



ଆଲୋଚନାରେ ହସ୍ତକ୍ଷେପ କରି ପ୍ରଜ୍ଞା କହିଥିଲେ, ଗଡ୍‌ସେଙ୍କ ଭଳି ଜଣେ ଦେଶଭକ୍ତଙ୍କ ଉଦାହରଣ ଆପଣ ଦେଇପାରିବେ ନାହିଁ। ବିରୋଧୀ ହୋ-ହଲ୍ଲା କରିବାରୁ ଭାଜପା ସଦସ୍ୟମାନେ ପ୍ରଜ୍ଞାଙ୍କୁ ବସିବା ପାଇଁ ପ୍ରବର୍ତ୍ତାଇଥିଲେ। ତାଙ୍କ ମନ୍ତବ୍ୟକୁ ରେକର୍ଡରେ ସ୍ଥାନ ଦିଆଯିବ ନାହିଁ ବୋଲି ବାଚସ୍ପତି କହିଥିଲେ।

## ଇ-ସିଗାରେଟ୍ ନିଷିଦ୍ଧ ବିଲ୍‌କୁ ଲୋକ ସଭାର ମଞ୍ଜୁରୀ

**ନୂଆଦିଲ୍ଲୀ,୨୭।୧୧(ପି.ଟି.):** ଇ-ସିଗାରେଟ୍ ନିଷିଦ୍ଧ ବିଲ୍ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଫେଶନ ନାଁରେ କମ୍ପାନୀଗୁଡ଼ିକ ପ୍ରୋତ୍ସାହିତ କରୁଥିବା ନୂଆ ନିଶାଠାରୁ ଯୁବପିଢ଼ିଙ୍କୁ ସୁରକ୍ଷା ପାଇଁ ଏଭଳି ଆଇନର ଜରୁରୀ ଆବଶ୍ୟକତା ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି। ଇ-ସିଗାରେଟ (ଉତ୍ପାଦନ, ଆମଦାନୀ, ରପ୍ତାନି, ପରିବହନ, ବିକ୍ରି, ବିତରଣ, ଗଚ୍ଛିତ ରଖିବା ଏବଂ ବିଜ୍ଞାପନ) ନିଷିଦ୍ଧ ବିଲ୍, ୨୦୧୯ ଆଇନରେ ପରିଣତ ହେଲେ ଗତ ସେପ୍ଟେମ୍ବରରେ ଜାରି ହୋଇଥିବା ଅଧ୍ୟାଦେଶ ସ୍ଥାନରେ କାର୍ଯ୍ୟକାରୀ ହେବ। ବିରୋଧୀ ସଦସ୍ୟମାନେ ଅଧ୍ୟାଦେଶ ବିରୋଧରେ ଆଣିଥିବା ବୈଧାନିକ ସଂକଳ୍ପ ବାଚନିକ ଭୋଟରେ ଖାରଜ ହୋଇଯାଇଥିଲା। ସେହିପରି ବିପକ୍ଷ ସଦସ୍ୟମାନଙ୍କ ବିଭିନ୍ନ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ଗୃହ ଖାରଜ କରିଦେଇଛି।

### ଇତିହାସର ଆଇନାରେ | ନଭେମ୍ବର ୨୮ର ପ୍ରମୁଖ ଘଟଣା

୨୦୧୬ ନଭେମ୍ବର ୨୮ରେ ବ୍ରାଜିଲର ଏକ ଫୁଟବଲ କ୍ଲବର ଖେଳାଳିଙ୍କୁ ନେଇ ଯାଉଥିବା ଚାର୍ଟର ବିମାନ କଲମ୍ବିଆର ମେଡେଲିନ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଫଳରେ ଏଥିରେ ଥିବା ୭୭ ଯାତ୍ରୀଙ୍କ ମଧ୍ୟରୁ ୭୧ ଜଣଙ୍କ ପ୍ରାଣହାନି ଘଟିଥିଲା। ୬ ଜଣ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ତେଲ ଟାଙ୍କିରେ ସମସ୍ୟା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଥିଲା।

୨୦୧୪ ନଭେମ୍ବର ୨୮ରେ ଉତ୍ତର ନାଇଜେରିଆର ମୁସ୍‌ଲିମ୍‌ବହୁଳ ସହର କାନୋସ୍ଥିତ ମସ୍‌ଜିଦରେ ସିରିଜ୍ ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଏଥିରେ ୧୨୦ ଲୋକ ପ୍ରାଣ ହରାଇଥିଲେ। ବାହାରକୁ ଯିବା ଲାଗି ଉଦ୍ୟମ କରୁଥିବା ଲୋକଙ୍କୁ ଗୁଳିମାଡ଼ କରାଯାଇଥିଲା। ୨୬୦ ବ୍ୟକ୍ତି ଏଥିରେ ଆହତ ମଧ୍ୟ ହୋଇଥିଲେ। ଏହି ବିସ୍ଫୋରଣ ପଛରେ ବୋକୋ ହାରାମ ଆତଙ୍କବାଦୀଙ୍କ ଭୂମିକା ରହିଥିଲା।

ମ୍ୟାଥ୍‌ୱିଜ୍ : ଆପଣଙ୍କ ପିଲାର ଗାଣିତିକ ଦକ୍ଷତା ମାପିବାର ଏକ ସୁଯୋଗ।
First Time in Odisha
3rd MathWiz OLYMPIAD - 2020
SEARCH FOR YOUNG MATHEMATICIANS
Queen of Science is Mathematics.
In Odisha 7 out of every 10 students in science quit Mathematics after class - XII
Our performance in IIT-JEE is embarrassing.
In order to popularise Mathematics among the young students of our state.
EXCLUSIVELY FOR SCHOOL STUDENTS
of
Class Vth to Class - Xth
(BSE / ICSE / CBSE / NIOS STUDENTS)
Brought to you by
250 Prizes
No Entry Fee
MATHEMATICS OLYMPIAD
PRIZES WORTH Rs 5 Lacs TO BE WON
Nilachal Educational Trust
APPLY ON-LINE APPLICATION www.nilachaledutrust.com & Click Mathwiz Olympid - 2020
TSG GURUKUL
444, Gothapatna, Sum Hospital - IIIT-Road, Malipada, Bhubaneswar, Odisha
Ph. No. : 9040090653, 9438782020
Website : nilachaledutrust.com, E.Mail : tsggurukul@gmail.com
Test Centres : TSG Gurukul, Bhubaneswar
Last Date of Application : 10th December 2019
EXAM. DATE :
For 5th to 7th - 1st February 2020(10AM to 1PM)
For 8th to 10th - 2nd February 2020(10AM to 1PM)
Each question carries 1 mark. Total 100 questions.
Management reserves the right to cancel/change the examination.
ଓଡ଼ିଶାର ପ୍ରଥମ ସର୍ବବୃହତ ମ୍ୟାଥ୍ ଅଲମ୍ପିଆଡ୍ (୩ୟ ବର୍ଷ):
ଗଣିତ ଜ୍ଞାନକୁ ଅଧିକ ପ୍ରଚାର, ପ୍ରସାର ଓ ଛାତ୍ରାଭିମୁଖୀ କରିବା ପାଇଁ ନିଳାଚଳ ଏଜୁକେସ୍‌ନାଲ୍ ଟ୍ରଷ୍ଟ ସମଗ୍ର ଓଡ଼ିଶାରେ ଏକ ମେଗା ମ୍ୟାଥ୍ ଅଲମ୍ପିଆଡ୍ ଟେଷ୍ଟର ଆୟୋଜନ କରୁଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ଓଡ଼ିଶାରେ ପ୍ରତି ୧୦ଜଣ ବିଜ୍ଞାନ ଛାତ୍ର ମଧ୍ୟରୁ ୭ଜଣ ଦ୍ୱାଦଶ ଶ୍ରେଣୀପରେ ଗଣିତ ବିଷୟକୁ ଛାଡିଦିଅନ୍ତି। ଏହାକୁ ଦୃଷ୍ଟିରେ ରଖି ନୀଳାଚଳ ଟ୍ରଷ୍ଟ ତରଫରୁ ଓଡ଼ିଶାର ପ୍ରଖ୍ୟାତ ଗଣିତଜ୍ଞ ଡଃ ବିଜୟ କୁମାର ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ, ବି.ଜେ.ବି କଲେଜ, ଡଃ ଏ.କେ. ପାଣ୍ଡେ, ଆଇ.ଆଇ.ଟି, ଦିଲ୍ଲୀ ଓ ଡଃ ଏସ୍.କେ. ସାହୁ, ଆଇ.ଆଇ.ଟି, କାନପୁର ମାର୍ଗଦର୍ଶକ ଭାବେ ଏଥିରେ ଅଛନ୍ତି। ପଞ୍ଚମ ଠାରୁ ଦଶମ ଶ୍ରେଣୀରେ ପଢୁଥିବା ଆଗ୍ରହୀ ମେଧାବୀ ଛାତ୍ରଛାତ୍ରୀ ମାନେ ଉପରୋକ୍ତ ନିର୍ଦ୍ଧାରିତ ଅନ୍ ଲାଇନ୍ (On-line) ଫର୍ମରେ ଆବେଦନ କରିପାରିବେ। ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ପିଲାମାନେ ୫୦୦୦ଟଙ୍କା, ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ପିଲାମାନେ ୩୦୦୦ଟଙ୍କା, ୮୫ ପ୍ରତିଶତରୁ ଅଧିକ ରଖିଥିବା ପିଲାମାନେ ୨୦୦୦ଟଙ୍କା ଓ ୮୦ ପ୍ରତିଶତରୁ ଅଧିକ ରଖିଥିବା ପିଲାମାନେ ୧୦୦୦ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଅର୍ଥ ପାଇବେ ଓ ସାର୍ଟିଫିକେଟ୍ ପାଇବେ। ଏତଦ୍‌ବ୍ୟତୀତ ସ୍ୱଳ୍ପ ଖର୍ଚ୍ଚରେ କୃତି ଛାତ୍ରଛାତ୍ରୀଙ୍କୁ ଟି.ଏସ୍.ଜି ଗୁରୁକୁଳ ନିମାପଡା ଶାଖାରେ ପଢିବାର ସୁଯୋଗ ମଧ୍ୟ ମିଳିବ। ଯେହେତୁ ଏହି ପରୀକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ ଏହାର ସମ୍ପୂର୍ଣ୍ଣ ସୁଯୋଗ ନେବାପାଇଁ ଟ୍ରଷ୍ଟ ତରଫରୁ ଏହାର ପ୍ରତିଷ୍ଠାତା ଡଃ ସାରଦା ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଛନ୍ତି।




ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର




# କୌଣସି ପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ: ମନ୍ତ୍ରୀ

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)**

- ମନ୍ତ୍ରୀ ରଖିଲେ ଉତ୍ତର
- ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଲେ ବିରୋଧୀ
- ୩ ଦିନ ମଧ୍ୟରେ ମିଳିବ ସହାୟତା ରାଶି
- ଡିସେମ୍ବର ଶେଷ ସୁଦ୍ଧା କଲ୍ ସେଣ୍ଟର, ଚୂଡ଼ାନ୍ତ ତାଲିକା

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ବ୍ୟାପକ ଅନିୟମିତତା ଅଭିଯୋଗ ନେଇ ବୁଧବାର ବିଧାନସଭାରେ ସରଗରମ ଆଲୋଚନା ହୋଇଥିଲା। ଏହି ପ୍ରସଙ୍ଗରେ ସରକାରଙ୍କୁ ଅଡ଼ୁଆରେ ପକାଇବା ପାଇଁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ସନାତନ ବିଜୁଳି, ମୁକେଶ ମହାଲିଙ୍ଗ ଏବଂ ନବଚରଣ ମାଝି ମୁଲତବୀ ପ୍ରସ୍ତାବ ଆଣିଥିଲେ। ଶୂନ୍ୟକାଳ ପରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଏହାର ଉତ୍ତର ରଖି ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ଭାଜପା ବିଧାୟକମାନେ ତୃଣମୂଳର ବିଭିନ୍ନ ଅନିୟମିତତାର ଉଦାହରଣ ଦର୍ଶାଇ ସରକାରଙ୍କ ସ୍ପଷ୍ଟୀକରଣ ମାଗିଥିଲେ। ହେଲେ ଶାସକ ଦଳ ବିଧାୟକମାନେ କେନ୍ଦ୍ର ସହଯୋଗ ନ କରିବା, ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ବୋଝ ଲଦିଦେବା ଭଳି ଅଭିଯୋଗ ଆଣିଥିଲେ। ଆଲୋଚନା ପରେ ମନ୍ତ୍ରୀ ପୁନର୍ବାର ଉତ୍ତର ରଖୁଥିବାବେଳେ ଅସନ୍ତୋଷ ପ୍ରକାଶ କରି ଭାଜପା ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ମୁଲତବୀ ପ୍ରସ୍ତାବର ଉତ୍ତର ଦେଇ ପ୍ରତାପ କହିଥିଲେ ଯେ, ୨୦୧୬-୧୭ ଆର୍ଥିକ ବର୍ଷରୁ ପ୍ରଧାନମନ୍ତ୍ରୀ ଯୋଜନା(ଗ୍ରାମୀଣ) ଆରମ୍ଭ ହୋଇଛି। ୪ ବର୍ଷ ମଧ୍ୟରେ ମଞ୍ଜୁରୀ ହୋଇଥିବା ୧୫.୫୭ ଲକ୍ଷ ଗୃହ ମଧ୍ୟରୁ ୯.୦୩ ଲକ୍ଷ ଗୃହ ନିର୍ମାଣ ଶେଷ ହୋଇଛି। ଏହି ଯୋଜନାରେ ରାଜ୍ୟ ଓ କେନ୍ଦ୍ରର ଅଂଶଧନ ଯଥାକ୍ରମେ ୪୦:୬୦ ରହିଛି। ୯୦୩୦ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ହୋଇଥିବାବେଳେ ରାଜ୍ୟ ଅନୁଦାନ ୫୬୭୮ କୋଟି ଟଙ୍କା ମଞ୍ଜୁର ହୋଇଛି। ମୋଟ ଅର୍ଥରାଶି ୧୪,୭୯୮ କୋଟି ମଧ୍ୟରୁ ୧୪,୦୫୯ କୋଟି ବ୍ୟୟ ହୋଇଛି। ଏହା ମୋଟ ଅଂଶଧନର ୯୫ ପ୍ରତିଶତ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ଯୋଜନାରେ ଯେପରି ଅନିୟମିତତା ନ ହେବ, ସେଥିପ୍ରତି ବ୍ୟାପକ ଦୃଷ୍ଟି ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି। କେବଳ ସ୍ୱଚ୍ଛତା ଆଣିବା ପାଇଁ ଏସ୍ଇସିସି ୨୦୧୧ ସର୍ବେକ୍ଷଣ ଆଧାରରେ ୪୧.୧୪ ଲକ୍ଷ ପରିବାର ଦୁଇ ବା ତା'ଠାରୁ କମ୍ କୋଠରି ବିଶିଷ୍ଟ ଘରେ ବାସ କରୁଥିବା ଜଣାପଡିଥିଲା। ଏହି ତାଲିକାର ତଦନ୍ତ କରାଯାଇ ୨୭.୪୯ ଲକ୍ଷ ଯୋଗ୍ୟ ପରିବାରଙ୍କ ତାଲିକା ଗ୍ରାମ ସଭାରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥିଲା। ତାଲିକାରେ ଅଯୋଗ୍ୟ ଥିଲେ, ସେମାନଙ୍କୁ ବାଦ୍ ଦେବା ପାଇଁ ଦରଖାସ୍ତ ଦାଖଲ କରିବାକୁ ଆହ୍ୱାନ କରାଯାଇଥିବା ମନ୍ତ୍ରୀ ଉତ୍ତର ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତ ୧୪ ଜିଲାର ୧୨.୭୫ ଲକ୍ଷ ଏବଂ ଅନ୍ୟ ୧୬ ଜିଲାରେ ୯.୩୧ ଲକ୍ଷ ପରିବାର(ମୋଟ ୨୨.୦୬ ଲକ୍ଷ) ଯୋଗ୍ୟ ଥିବା ଜଣାପଡିଛି। ଏହା ତାଲିକାର ସଂଶୋଧନ ଜାରି ରହିଛି, ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ କରିବା ନେଇ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।

ଅପରପକ୍ଷରେ ମୋହନ ମାଝି ଆଲୋଚନାରେ ଭାଗ ନେଇ ସରକାର ନିଜ ପ୍ରତିଶ୍ରୁତି ରଖି ନ ଥିବା ଅଭିଯୋଗ କରିଥିଲେ। ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ, ଜଣେ ହିତାଧିକାରୀ ଫଟୋ ଉଠାଇ 'ଆମ ଘର' ଆପ୍ଲିକେଶନରେ ଘରର ଫଟୋ ଅପ୍‌ଲୋଡ କରିପାରିବେ। ଏହି ଫଟୋ ଅପ୍‌ଲୋଡ ହେବାର ୩ ଦିନ ମଧ୍ୟରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। କୌଣସି ଲୋକଙ୍କୁ ବ୍ଲକ ଅଫିସ ଦୌଡ଼ିବାକୁ ପଡିବ ନାହିଁ। ସଚେତନତା ପାଇଁ ପୋଷ୍ଟର, ବ୍ୟାନର, ପଥପ୍ରାନ୍ତ ସଭା, ହୋର୍ଡିଂ ବ୍ୟବହାର କରାଯାଉଛି। ଆପତ୍ତି ଗ୍ରହଣ କରିବା ପାଇଁ ୧୮୦୦-୩୪୫-୬୭୬୮ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା କରାଯାଇଛି। ଆପତ୍ତି ଆଧାରରେ ତଦନ୍ତ କରାଯାଇ ୨୨ ଜଣଙ୍କୁ କାର୍ଯ୍ୟରୁ ବହିଷ୍କାର, ୪୪ଙ୍କୁ ନିଲମ୍ବନ ଏବଂ ୩୫ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନିୟମିତତା ରୋକିବାକୁ କଲ୍ ସେଣ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଛି। ରାଜ୍ୟର ସମସ୍ତ ଜିଲାରେ ଡିସେମ୍ବର ୩୧ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯିବ । ଯଦି ବିରୋଧୀଙ୍କ ଦମ୍ ରହିଛି, ତେବେ ଉତ୍ତର ସମ୍ପୂର୍ଣ୍ଣ ଶୁଣନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ହେଲେ ସେତେବେଳକୁ ଭାଜପା ବିଧାୟକମାନେ କକ୍ଷ ତ୍ୟାଗ କରିସାରିଥିଲେ। ଏହି ମୁଲତବୀ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ଭାଜପା ବିଧାୟକ ନବଚରଣ ମାଝି, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ଅଶ୍ୱିନୀ ପାତ୍ର, ଧ୍ରୁବ ଚରଣ ସାହୁ ଏବଂ ଲତିକା ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ରାଜ୍ୟରେ ଅବକ୍ଷୟମୁଖୀ ଚିନିକଳ ଶିଳ୍ପ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

**ପ୍ରଶ୍ନୋତ୍ତର**



ରାଜ୍ୟରେ ଚିନି କଳ ବ୍ୟବସାୟ ଲାଭଜନକ ନୁହେଁ। ଉତ୍ପାଦନ ଖର୍ଚ୍ଚର ଅହେତୁକ ବୃଦ୍ଧି ଘଟିଛି। ହେଲେ ସମାନୁପାତିକ ମୂଲ୍ୟରେ ବିକ୍ରି କରାଯାଉନାହିଁ। କେତେକ କାରଖାନା ପାଇଁ ଉପଯୁକ୍ତ ପରିମାଣର କଞ୍ଚାମାଲ ଅଭାବ ମଧ୍ୟ ରହୁଛି। ରାଜ୍ୟର ବିଭିନ୍ନ ଚିନି କାରଖାନା ସମ୍ପର୍କରେ ବୁଧବାର ବିଧାନସଭାରେ ତଥ୍ୟ ରଖି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ରାଜ୍ୟକୁ ବାର୍ଷିକ ୨.୨୧ ଲକ୍ଷ ମେଟ୍ରିକ ଟନ୍ ଚିନି ଆବଶ୍ୟକ ପଡିଥାଏ। ରାଜ୍ୟରେ ଥିବା ୮ଟି ଚିନି କଳ ମଧ୍ୟରୁ କେବଳ ୨ଟି କାର୍ଯ୍ୟକ୍ଷମ ରହିଛି। ଚିନିର କିଲୋ ପିଛା ବିକ୍ରି ମୂଲ୍ୟ ତାହାର ଉତ୍ପାଦନଠାରୁ ବହୁତ କମ। ତେଣୁ ରାଜ୍ୟ ଏଥିପାଇଁ ବହୁ ପରିମାଣର କ୍ଷତି ସହୁଛି।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି ଯେ, ଗୋଟିଏ କିଲୋ ଚିନି ଉତ୍ପାଦନ ପାଇଁ ୪୭ରୁ ୪୮ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ଖୋଲା ବଜାରରେ ଚିନି କିଲୋ ପିଛା ୩୨ ଟଙ୍କାରେ ବିକ୍ରି କରାଯାଉଛି। ଏହା କେବଳ ରାଜ୍ୟ ନୁହେଁ, ସାରା ଦେଶର ସମସ୍ୟା। କାର୍ଯ୍ୟକ୍ଷମ ନ ହୋଇ ପଡି ରହିଥିବା ୬ଟି କଳର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଚିନି କଳ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ରାଜ୍ୟ ସରକାର ଏକ ଘରୋଇ ସଂସ୍ଥାକୁ ନିଯୁକ୍ତ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଏହି କଥା କହିଛନ୍ତି। ରାଜ୍ୟରେ ଥିବା ୮ଟି ଚିନି କଳ ନାମ, ସ୍ଥାନ, ପ୍ରତିଷ୍ଠା ବର୍ଷ ଏବଂ ବର୍ତ୍ତମାନ ସ୍ଥିତି ସମ୍ବନ୍ଧୀୟ ତଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ମୋହନଙ୍କ ସମେତ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଜେଡି ବିଧାୟିକା ଲତିକା ପ୍ରଧାନ ଏବଂ ବିଧାୟକ ଶ୍ରୀକାନ୍ତ ସାହୁ ପ୍ରମୁଖ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟରୁ ଜଣାପଡିଛି ଯେ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନି ଶିଳ୍ପ ଲିଃ ଉପରେ ଥିବା ବ୍ୟାଙ୍କ ବକେୟା ଋଣ ପରିଶୋଧ ପାଇଁ ନିଲାମ ପ୍ରକ୍ରିୟା ଜାରି ରହିଛି। ୨୦୧୪-୧୫ ଆଖୁପେଡା ଋତୁଠାରୁ ଆଖୁପେଡା କାର୍ଯ୍ୟ ବନ୍ଦ ରହିଛି। କଞ୍ଚାମାଲ ଅଭାବ ଏବଂ କେତେକ ଯନ୍ତ୍ରପାତି ମରାମତି କାର୍ଯ୍ୟ ସରି ନ ଥିବାରୁ ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଆଖୁପେଡା କାର୍ଯ୍ୟ ହୋଇନାହିଁ। କେବଳ ଗଞ୍ଜାମ ଜିଲା ଆସିକା ନୂଆଗାଁସ୍ଥିତ ଆସିକା ସମବାୟ ଚିନି ଶିଳ୍ପ ଲିଃ ଏବଂ ଢେଙ୍କାନାଳ ଜିଲା ହରିପୁର ଶକ୍ତି ସୁଗାର ଲିଃ(ଘରୋଇ) କାର୍ଯ୍ୟକାରୀ ହେଉଛି। ସେହିପରି ବରଗଡ ସମବାୟ ଚିନି ଶିଳ୍ପ ଲିଃ ୨୦୧୭-୧୮ରୁ ଆଖୁ ପେଡା କାର୍ଯ୍ୟ ବନ୍ଦ ରହିଛି। ଅନୁରୂପଭାବେ ବଲାଙ୍ଗୀର ଦେଉଗାଁ ବିଜୟାନନ୍ଦ ସମବାୟ ଚିନିକଳ ଲିଃ ଓ ନୟାଗଡ ସୁଗାର କମ୍ପ୍ଲେକ୍ସ ଲିଃ ୨୦୧୪-୧୫, ବଡମ୍ବାସ୍ଥିତ ଲକ୍ଷ୍ମୀପତି ବାଲାଜୀ ସୁଗାର ଓ ଡିଷ୍ଟିଲାରି ପ୍ରା.ଲିଃ(ଘରୋଇ) ୨୦୧୩-୧୪, କଳାହାଣ୍ଡି ଜିଲାର ୱେଷ୍ଟର୍ନ ଇଣ୍ଡିଆ ସୁଗାର ଆଣ୍ଡ କେମିକାଲ ଇଣ୍ଡଷ୍ଟ୍ରିଜ୍ ଲିଃ(ଘରୋଇ) ଓ ରାୟଗଡ଼ାର ମେସର୍ସ ଜୟପୁର ସୁଗାର କମ୍ପାନୀ ଲିଃ(ଘରୋଇ) ୧୯୯୬-୯୭ରୁ ବନ୍ଦ ରହିଛି।

# ଓଡ଼ିଶାରେ ହ୍ରାସ ପାଉଛି ଦୁର୍ନୀତି

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଏକଦା ଦେଶର ଭୋକର ଭୂଗୋଳ ଥିବା ଓଡ଼ିଶା ଅନ୍ୟତମ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ଭାବେ ଉଭା ହୋଇଛି। ସାରା ଭାରତବର୍ଷରେ ପୁଞ୍ଜିନିବେଶ ପାଇଁ ନିବେଶକମାନେ ଏତେଟା ଇଚ୍ଛା ପ୍ରକାଶ କରୁନାହାନ୍ତି। ଅପରପକ୍ଷରେ ସମାନ ସମୟରେ ସଂଖ୍ୟାଧିକ ନୂଆ ପୁଞ୍ଜି ଓଡ଼ିଶାରେ ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ଶିଳ୍ପସମୃଦ୍ଧ ଗୁଜରାଟ ଏବଂ ମହାରାଷ୍ଟ୍ର ସହ ଓଡ଼ିଶା ପ୍ରତିଦ୍ୱନ୍ଦ୍ୱିତା କରୁଛି ଏବଂ ନିକଟରେ ହୋଇଥିବା ଏକ ସର୍ବେକ୍ଷଣରେ ମହାରାଷ୍ଟ୍ରକୁ ପଛକୁ ପକାଇ ଦେଇଛି। ପ୍ରଶାସନିକ ସରଳୀକରଣ, ଦୁର୍ନୀତି ବିରୋଧୀ କଡା ଆଭିମୁଖ୍ୟ ଯୋଗୁ ଏହା ସମ୍ଭବ ହୋଇଥିବା କୁହାଯାଇଛି। ସେହିକ୍ରମରେ ଆଉ ଏକ ସଫଳତା ଓଡ଼ିଶାକୁ ମିଳିଛି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା କରାଯାଇଥିବା ସର୍ବେକ୍ଷଣରେ ରାଜ୍ୟରେ ଅପେକ୍ଷାକୃତ କମ୍ ଦୁର୍ନୀତି ହୋଇଥିବା ଉଲ୍ଲେଖ କରାଯାଇଛି। ଏହି ସର୍ବେକ୍ଷଣରେ ୩ ଗୋଟି ବର୍ଗୀକରଣ କରାଯାଇଥିଲା। କେଉଁ ରାଜ୍ୟରେ କେତେ ଜନତା ବିଭିନ୍ନ କାର୍ଯ୍ୟ ପାଇଁ ଲାଞ୍ଚ ଦେଇ ଥାଆନ୍ତି, ସେ ନେଇ ସର୍ଭେ କରାଯାଇଥିଲା। ଶୂନ(୦)ରୁ ୪୯ ସର୍ବନିମ୍ନ ଦୁର୍ନୀତି ବର୍ଗ, ୫୦-୫୯କୁ ମଧ୍ୟମ ଦୁର୍ନୀତି ବର୍ଗ ଏବଂ ୬୦ କିମ୍ବା ତା'ଠାରୁ ଅଧିକକୁ ସର୍ବାଧିକ ଦୁର୍ନୀତି ବର୍ଗରେ ରଖାଯାଇଥିଲା। ଓଡ଼ିଶା, ପଶ୍ଚିମବଙ୍ଗ, ହରିୟାଣା,ଗୁଜରାଟ,କେରଳ ଓ ଗୋଆରେ ଦୁର୍ନୀତି ସ୍ତର ସାମାନ୍ୟ ରହିଛି। ଅପରପକ୍ଷରେ ପଞ୍ଜାବ, ରାଜସ୍ଥାନ, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ତେଲେଙ୍ଗାନା, କର୍ନାଟକ ଏବଂ ତାମିଲନାଡୁରେ ଦୁର୍ନୀତି ସର୍ବାଧିକ ସ୍ତରରେ ରହୁଥିବା ଜଣାପଡିଛି। ସେହିପରି ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ, ଆନ୍ଧ୍ର ପ୍ରଦେଶରେ ମଧ୍ୟମ ଧରଣର ଦୁର୍ନୀତି ହେଉଥିବା ଉଲ୍ଲେଖ କରାଯାଇଛି। ସେହିପରି ସଦ୍ୟ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିବା ଜମ୍ମୁ ଓ କଶ୍ମୀର ଏବଂ ଲଦାଖ, ରାଜ୍ୟ ମଧ୍ୟରେ ହିମାଚଳ ପ୍ରଦେଶ , ସିକିମ୍, ଆସାମ, ମଣିପୁର, ତ୍ରିପୁରା, ନାଗାଲାଣ୍ଡ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶରେ ଏହି ସର୍ଭେ ହୋଇନାହିଁ। ଓଡ଼ିଶାରେ ଆରମ୍ଭ କରାଯାଇଥିବା 'ମୋ ସରକାର' ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ମନ୍ତ୍ର ଆଗାମୀ ଦିନରେ ରାଜ୍ୟରେ ଦୁର୍ନୀତିକୁ ବହୁ ପରିମାଣରେ ହ୍ରାସ କରିବାରେ ସହାୟକ ହେବ ବୋଲି ସମୀକ୍ଷକମାନେ କହିଛନ୍ତି।

# ମହିଳା କର୍ମଚାରୀଙ୍କୁ ଅଣଦେଖା

## ପଦୋନ୍ନତି ନାହିଁ, କାର୍ଯ୍ୟବନ୍ଦ ଆନ୍ଦୋଳନ ଧମକ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୫୦ରୁ ଊର୍ଦ୍ଧ୍ୱ ମହିଳା ସ୍ଥପତି ସହାୟିକା (ଆର୍କିଟେକ୍ଚରାଲ ଆସିଷ୍ଟାଣ୍ଟ)ଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯାଇଛି। ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଉକ୍ତ ପଦବୀରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ପଦୋନ୍ନତି ମିଳିନାହିଁ। ସେହି ଗୋଟିଏ ପଦବୀରେ ଚାକିରି ଜୀବନ ଶେଷହେବାକୁ ବସିଲାଣି। ମେକାନିକାଲ, ସିଭିଲ ଓ ଇଲେକ୍ଟ୍ରିକାଲ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସହାୟକ ଯନ୍ତ୍ରୀ, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଭାବେ ପଦୋନ୍ନତି ମିଳୁଥିବା ବେଳେ ଡିପ୍ଲୋମା ଆର୍କିଟେକ୍ଚରମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଏହାକୁ ନେଇ ଓଡ଼ିଶା ଡିପ୍ଲୋମା ଆର୍କିଟେକ୍ଚରାଲ ସର୍ଭିସ ଆସୋସିଏଶନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ସେହି ମହିଳା ଡିପ୍ଲୋମାଧାରୀ କର୍ମଚାରୀମାନେ ପୂର୍ତ୍ତ ବିଭାଗ ମନ୍ତ୍ରୀ ଓ ସଚିବଙ୍କୁ ବାରମ୍ବାର ଭେଟି ଦାବି ଜଣାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ସରକାର ତୁରନ୍ତ ଦାବି ପୂରଣ ନ କଲେ ସ୍ଥପତି ସହାୟିକାମାନେ ବାଧ ହୋଇ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆସୋସିଏଶନର ସାଧାରଣ ସମ୍ପାଦିକା ବନ୍ଦନା କୁମାରୀ ସ୍ୱାଇଁ କହିଛନ୍ତି।








ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ................................



ବିକି
ପରିବାରବର୍ଗ



ଜି. ସୌଜନ୍ୟା
ପରିବାରବର୍ଗ



କ୍ରିଷ୍ଣା କୁମାରୀ
ପରିବାରବର୍ଗ



ବନ୍ଦନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ମଧୁଜ୍ୟୋତ୍ସ୍ନା ପରିଡ଼ା



ଶତ୍ରୁଘ୍ନ ସେଠୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଓଡ଼ିଶାରେ ୨୦୨୩ ହକି...(ପ୍ରଥମ ପୃଷ୍ଠାରୁ...)

ଓଡ଼ିଶା ବାସ୍ତବିକ ବିଶ୍ୱ ହକିର ପ୍ରାଣକେନ୍ଦ୍ର ବୋଲି ପୁଣି ପ୍ରମାଣିତ ହୋଇଛି। ୨୦୨୩ ଶୀତଋତୁରେ ହକି ପ୍ରଶଂସକମାନେ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ହକି ରୋମାଞ୍ଚ ଉପଭୋଗ କରିବା ସୁଯୋଗ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଠାରେ ପ୍ରକାଶ କରାଯାଇପାରେ ଯେ, ୨୦୨୩ ହକି ବିଶ୍ୱକପ ଆୟୋଜନ ଦୌଡ଼ରେ ମାଲେସିଆ, ବେଲଜିୟମ ଓ ଭାରତ ରହିଥିଲେ। ବିଡିଂ ରାଉଣ୍ଡର ଏକାଧିକ ସିରିଜ ପରେ ଭାରତକୁ ପୁଣି ହକି ବିଶ୍ୱକପ ଆୟୋଜନ ଅଧିକାର ମିଳିଥିଲା। ଏହାପରେ ହକି ଇଣ୍ଡିଆ ଓଡ଼ିଶାକୁ ଭେନ୍ୟୁ ରୂପେ ଚୟନ କରିଥିଲା। ବିଶ୍ୱକପ ଆୟୋଜନ କରିବା ଯେ କୌଣସି ଦେଶପାଇଁ ଗୌରବର କଥା। ମାତ୍ର ଓଡ଼ିଶା ଏହାକୁ କ୍ରମାଗତ ଦ୍ୱିତୀୟଥର ଆୟୋଜନ କରିବାକୁ ଯାଉଛି। ହକି ବିଶ୍ୱକପର ଆଗାମୀ ସଂସ୍କରଣକୁ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ତାହା ଗୃହୀତ ହୋଇଥିଲା। ରାଉରକେଲା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଭାରତୀୟ ହକିର ପ୍ରାଣକେନ୍ଦ୍ର। ଭାରତୀୟ ହକିକୁ ସୁନ୍ଦରଗଡ଼ର ଅବଦାନକୁ ଦୃଷ୍ଟିରେ ରଖି ରାଉରକେଲାରେ ଏହି ମେଗା ପ୍ରତିଯୋଗିତାର କେତେକ ମ୍ୟାଚ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ରାଉରକେଲା ଓ ସୁନ୍ଦରଗଡ଼ ବିଶ୍ୱ ହକି ମାନଚିତ୍ରରେ ସ୍ୱତନ୍ତ୍ରସ୍ଥାନ ଅଧିକାର କରିପାରିବ। ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ୧୭ଟି ହକି ଷ୍ଟାଡିୟମ(ଟ୍ରେନିଂ ସେଣ୍ଟର) ଅଷ୍ଟ୍ରୋଟର୍ଫର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ଏକବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏପରି ଭିତ୍ତିଭୂମି ୟୁରୋପିଆନ ହକି ଖେଳୁଥିବା ଦେଶରେ ମଧ ନାହିଁ ବୋଲି କୁହାଯାଉଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲା ପାଇଁ ହକି ହାଇପରଫରମାନ୍ସ ସେଣ୍ଟର ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଗ୍ରାସ୍‌ରୁଟ୍ ଡେଭ୍‌ଲପମେଣ୍ଟ ପ୍ରୋଗ୍ରାମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୧୮ ହକି ବିଶ୍ୱକପ ଉପରେ ଏକ 'କଫିଟେବୁଲ ବୁକ୍' ରିଲିଜ୍ କରିଛନ୍ତି। ଏଫଆଇଏଚ୍ ସଭାପତି ନରିନ୍ଦର ବାତ୍ରା କହିଛନ୍ତି ଯେ, "ହକିକୁ କ୍ରମାଗତ ସମର୍ଥନ ଦେଇ ଆସୁଥିବାରୁ ଏଫଆଇଏଚ ପକ୍ଷରୁ ମୁଁ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ଏହାଦ୍ୱାରା ହକି କେବଳ ଦେଶରେ ନୁହେଁ ବିଶ୍ୱରେ ମଧ ସମୃଦ୍ଧ ହୋଇପାରିବ ବୋଲି ସେ କହିଛନ୍ତି।

## ଟୋକନ ...(ପ୍ରଥମ ପୃଷ୍ଠାରୁ...)

ସ୍କାଡ୍ ପକ୍ଷରୁ ଅନିୟମିତତା ହୋଇଥିବା ନେଇ ଏକ ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ସମବାୟ ସମିତି ସମୂହର ନିବନ୍ଧକ, ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଏବଂ ବରଗଡ ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୨୦୧୯ ସେପ୍ଟେମ୍ବର ୧୬ରେ ବିଭାଗ ପକ୍ଷରୁ ପଠାଯାଇଥିବା ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ଅନିୟମିତତା ହୋଇଥିବା ପ୍ୟାକ୍ସଗୁଡିକରେ ଧାନ କିଣା ବାବଦ କମିଶନ, ମଣ୍ଡି ହ୍ୟାଣ୍ଡଲିଂ ବାବଦ ଦେୟ ଏବଂ ଆରଏମ୍‌ସିକୁ ଦିଆଯାଇଥିବା ଧାନ କିଣା ବାବଦ ମାର୍କେଟ ଫି ପ୍ରଦାନ ନ କରିବା ପାଇଁ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନିୟମିତତାରେ ସମ୍ପୃକ୍ତ ପ୍ୟାକ୍ସଗୁଡିକରେ ନିୟୋଜିତ ଥିବା କଷ୍ଟମ ମିଲରମାନଙ୍କୁ ଅଖା ବ୍ୟାଗ ବାବଦ ୟୁଜେସ୍ ଚାର୍ଜ ନ ଦେବାକୁ ମଧ ଯୋଗାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଅନିୟମିତତାରେ ଜଡିତ ପ୍ୟାକ୍ସଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମବାୟ ସମିତି ସମୂହ ନିବନ୍ଧକ ୨୦୧୯ ସେପ୍ଟେମ୍ବର ୨୫ ତାରିଖରେ ବରଗଡ ଜିଲା ସମବାୟ ସମିତି ରେଜିଷ୍ଟ୍ରାର ଏବଂ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ କହିଛନ୍ତି।

## ଗୁଳିମାଡ଼ରେ...

ତାଙ୍କ ଛାତିରେ ଗୁଳିବିଦ୍ଧ ହୋଇଥିବା ସେ ଦେଖିଥିଲେ। ସାନନ୍ଦଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେପହଞ୍ଚି ଛାନଭିନ କରିଥିଲା। ବୁଧବାର ସକାଳେ ଏସ୍‌ପି ଅଶ୍ୱିନୀ ମହାନ୍ତି, ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ୍‌ଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଗୋପାଳଙ୍କୁ ସୁନ୍ଦରଗଡ଼ରୁ ଗିରଫ କରିଥିଲା। ଅଭିଯୁକ୍ତ ଜଣଙ୍କ ଦୀର୍ଘଦିନ ହେଲା ସମ୍ବଲପୁରରେ ରହି ପରିବା ବ୍ୟବସାୟ କରୁଛନ୍ତି। ମୃତା ମହିଳାଙ୍କ ସହିତ ଅଭିଯୁକ୍ତଙ୍କର କ'ଣ ସମ୍ପର୍କ ରହିଥିଲା, ସେ କାହିଁକି ତାଙ୍କୁ ଗୁଳିକରି ହତ୍ୟାକଲେ ସେ ନେଇ ପୋଲିସ ତଦନ୍ତ ଚଳାଇଛି। ତଦନ୍ତ ପରେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଉତ୍ତରାଞ୍ଚଳ ଡିଆଇଜି ଲାଲ୍ ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ା ଥାନାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## କେବଳ ପ୍ରଚାରରେ ...(ପ୍ରଥମ ପୃଷ୍ଠାରୁ...)

ଅଛି ସେକଥା ତାଙ୍କୁ ଭଲରେ ଜଣାନାହିଁ। ଘରେ ଗ୍ୟାସ କି ଷ୍ଟୋଭ କିଣିନାହିଁ। ରୋଷେଇ ପାଇଁ ଚୁଲିଉପରେ ସେ ନିର୍ଭରଶୀଳ। ଏଭଳି ରାଜ୍ୟରେ ଲକ୍ଷ ଲକ୍ଷ ଗରିବ ମହିଳା ଉଜ୍ଜ୍ୱଳାରୁ ବଞ୍ଚିତ ଅଛନ୍ତି। ଏହା କେବଳ ଯୋଗ୍ୟ ହିତାଧିକାରୀଙ୍କ ଉଜ୍ଜ୍ୱଳା ସମ୍ପର୍କରେ ଥିବା ଅଜ୍ଞତାର ଏକ ପ୍ରମାଣ ଥିଲା। ଉକ୍ତ ଯୋଜନାରେ ଗରିବ ହିତାଧିକାରୀ ମହିଳାଙ୍କୁ ମାଗଣାରେ ଗ୍ୟାସ୍ ଦିଆଯାଉଥିବା ପ୍ରଚାର କରାଯାଉଛି। ଜଣେ ଡିଲର ନିଜ ନାଁ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ବାସ୍ତବରେ ପ୍ରଥମେ ଉଜ୍ଜ୍ୱଳା ଗ୍ୟାସ ମାଗଣାରେ ଦେଇ ଦେବା ପରେ ଧୀରେ ଧୀରେ ଗରିବଙ୍କ ପକେଟରୁ ଟଙ୍କା ନିଆଯାଉଛି। ଜଣେ ସାଧାରଣ ଲୋକଙ୍କୁ ଏଲ୍‌ପିଜି ସଂଯୋଗ ପାଇଁ ୧୬୫୦ ଟଙ୍କା ପ୍ରଥମେ ଦେବାକୁ ପଡୁଛି। ମାତ୍ର ଉଜ୍ଜ୍ୱଳା ହିତାଧିକାରୀଙ୍କଠାରୁ ପ୍ରଥମେ ସେହି ଟଙ୍କା ନିଆଯିବା ପରିବର୍ତ୍ତେ ଗ୍ୟାସ୍ ରିଫିଲିଂ ପରେ ସେମାନେ ଯେଉଁ ସବ୍‌ସିଡି ପାଇବା କଥା ସେଥିରୁ ୧୬୫୦ ଟଙ୍କା କାଟି ଦିଆଯାଉଛି ବୋଲି ସେ କହିଛନ୍ତି। ହେଲେ ଗରିବ ଖଟିଖିଆଙ୍କ ଟଙ୍କା କିପରି ଭଣ୍ଡେଇ ନିଆଯାଉଛି ତାହା ସେମାନଙ୍କୁ ଜଣାଯାଉ ନାହିଁ। ଏହି ସମୟରେ ଉକ୍ତ ଡିଲରଙ୍କ ନିକଟରେ ଉପସ୍ଥିତ ଜଣେ ଗ୍ରାହକ ଉଜ୍ଜ୍ୱଳାରେ କିପରି ମାଗଣାରେ ଗ୍ୟାସ ପାଇଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ କରୁଥିବା ହିତାଧିକାରୀଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗ ଦ୍ୱିତୀୟ ଥର ରିଫିଲ୍ କରୁନାହାନ୍ତି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉଜ୍ଜ୍ୱଳା ସଂଯୋଗ ନେଇଥିବା କେତେଜଣ ହିତାଧିକାରୀଙ୍କୁ ରିଫିଲିଂ ବାବଦରେ ପଚାରିବାରୁ ପ୍ରକୃତ କଥା ଜଣାପଡିଛି। ଯାଜପୁର ଜିଲା କୋରେଇ ବ୍ଲକର ମିନତି ନାୟକ କହିଛନ୍ତି, ଗୋଟିଏ ଥର ଗ୍ୟାସ ସଂଯୋଗ ଆଣିବା ପରେ ଆଉ ଆଣିନାହୁଁ। ୮୦୦ ଟଙ୍କା ଦେଇ ଗ୍ୟାସ ସଂଯୋଗ ନେବା ସମ୍ଭବପର ନୁହେଁ। ଗ୍ୟାସ ଆଣିବା ଦିନଠାରୁ ସିଲିଣ୍ଡର ସେମିତି ଘରେ ପଡ଼ିରହିଛି ବୋଲି ସେ କହିଛନ୍ତି। ଅନୁରୂପ ଭାବେ କୋରେଇ ବ୍ଲକ ଅଧୀନ ଖଇରା ପଞ୍ଚାୟତର ଉଜ୍ଜ୍ୱଳା ହିତାଧିକାରୀ ରାଜୁ ବାରିକ କହିଛନ୍ତି, ତାଙ୍କ ମା'ଙ୍କ ନାମରେ ଗ୍ୟାସ ସଂଯୋଗ ନେଇଥିଲେ। ମାତ୍ର ତା'ପରଠାରୁ ପ୍ରାୟ ବର୍ଷେ ହେବ ଆଉ ରିଫିଲିଂ କରାଇନାହାନ୍ତି। ଅନ୍ୟପଟେ ଜଣେ ଡିଲରଙ୍କ କହିବା କଥା, ଉଜ୍ଜ୍ୱଳାରେ ଗ୍ୟାସ ସଂଯୋଗ ତ ବହୁ ଲୋକ ନେଉଛନ୍ତି, ମାତ୍ର ରିଫିଲ ୫ରୁ ୧୦ ପ୍ରତିଶତ ଲୋକ କରୁଛନ୍ତି। ଯୋଜନାର ବିଫଳତାକୁ ଘୋଡ଼ାଇବା ପାଇଁ ତୈଳ କମ୍ପାନୀ ଅଧିକାରୀମାନେ ଅନେକ ସମୟରେ ଡିଲରମାନେ ଏହି ରିହାତି ଗ୍ୟାସ୍‌କୁ ହଡ଼ପ କରୁଛନ୍ତି ବୋଲି ଦାବି କରି ନିଜ ଉପରୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରୁଛନ୍ତି। ତେବେ ଏ ସମ୍ପର୍କରେ ଧରିତ୍ରୀ ତରଫରୁ ଯାଞ୍ଚ କରାଯାଇଥିବା ସତ୍ତ୍ୱେ ଡିଲରଙ୍କ ବିରୋଧରେ କୌଣସି ଉପଯୁକ୍ତ ପ୍ରମାଣ ମିଳିନାହିଁ। ଅନ୍ୟପଟେ ପ୍ରାୟ ୧ବର୍ଷ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ଆଇସି କାର୍ଯ୍ୟାଳୟରୁ ବିଭିନ୍ନ ଜିଲାର ମହିଳାମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଜ୍ଜ୍ୱଳାର ସଫଳତା ବିଷୟରେ ପଚାରି ବୁଝିଥିଲେ। ଉଜ୍ଜ୍ୱଳା ସଂଯୋଗ ଦ୍ୱାରା ମହିଳାମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ସାଙ୍ଗକୁ ତାଙ୍କ ରୋଜଗାର ବଢ଼ିବ ବୋଲି କହିଥିଲେ। ଓଡ଼ିଶାର ପ୍ରାୟ ୧୮ ହଜାର ମହିଳାଙ୍କୁ ଏକତ୍ରିତ କରି ଉଜ୍ଜ୍ୱଳାରୁ ବାହାବା ଗୋଟାଇବାକୁ ସେ ଯଥାସାଧ୍ୟ ଉଦ୍ୟମ ମଧ କରିଥିଲେ। ଏହି ଯୋଜନାରେ କିପରି ମାଗଣାରେ ଗ୍ୟାସ ଗରିବଙ୍କୁ ଦିଆଯାଉଛି ଏବଂ କେତେ ହିତାଧିକାରୀ ସଂଯୋଗ ପାଇନାହାନ୍ତି ତା'ର ଉତ୍ତର କେନ୍ଦ୍ର ସରକାର ରଖନ୍ତୁ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଧର୍ମକାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ବ୍ୟୟବୃଦ୍ଧି ଘଟିବ। ଶୁକ୍ରଙ୍କ ପ୍ରଭାବରେ ଭୋଗ, ବିଳାସ ଓ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶର ସୁଯୋଗ ପାଇବେ। ପାରିବାରିକ କାମରେ ସଫଳତା ପାଇବା କ୍ଷେତ୍ରରେ ଜଣେ ପୁରାତନ ବନ୍ଧୁଙ୍କ ସାହାଯ୍ୟ ମିଳିବ। କିନ୍ତୁ ପ୍ରଶାସନିକ ସ୍ତରରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ।

**ବୃଷ** ପୁରାତନ ରୋଗପୀଡ଼ା, ଋଣ ପରିଶୋଧ ଓ ଆତ୍ମୀୟଙ୍କ ବିରୁଦ୍ଧାଚରଣ ବିଷୟରେ ଚିନ୍ତା କରିବେ। ତଥାପି କୌଣସି କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟାକରି ସଫଳତା ହାସଲ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ମିଥୁନ** ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଲେ ମଧ ଆଶାନୁରୂପ ନ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ଆଗନ୍ତୁକ ଅତିଥି ଚର୍ଚ୍ଚାକୁ ନେଇ ମନ ଖୁସୀ ରହିବ। ପ୍ରାତଃ ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**କର୍କଟ** ସମୟର ଅନୁକୂଳ ପ୍ରବାହରେ ଧୀରେ ଧୀରେ ସମସ୍ୟା ସମାଧାନ କରି କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯାହା ଭାବୁଛନ୍ତି ତାହା ହିଁ ହେବାରେ କୌଣସି ଅସୁବିଧା ରହିବ ନାହିଁ। ମାତ୍ର ପାଖପଡ଼ୋଶୀ କିମ୍ବା ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ସିଂହ** କ୍ରମଶଃ ଅବନତି ଘଟୁଥିବା ସ୍ୱାସ୍ଥ୍ୟ ସକାଶେ ମନସ୍ତାପ କରିପାରନ୍ତି। ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ବ୍ୟବସାୟିକ ଦୃଷ୍ଟିକୋଣରୁ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମି କମି ଯିବ। ପ୍ରତିବେଶୀଙ୍କ ସାହାଯ୍ୟ ନେଇ କୌଣସି ଅସମାହିତ କାମକୁ ସମ୍ପନ୍ନ କରିବେ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଶତ୍ରୁ ଆଗରେ ନ ହେଲେ ମଧ ପଛରେ ନାନାଦି କଥା କହିପାରନ୍ତି।

**ତୁଳା** ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ଆନୁଷଙ୍ଗିକ ସାହାଯ୍ୟ ସୁବିଧା ପାଇବେ। ବର୍ତ୍ତମାନ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ପ୍ରଶାସନ, ପ୍ରକାଶନ, ଆଇନ, କଳା ସାହିତ୍ୟରେ ସଫଳତା ପାଇବେ।

**ବିଛା** ବିବାଦୀୟ କଥା, ଶତ୍ରୁତା କରୁଥିବା ବ୍ୟକ୍ତି, ଅର୍ଥ ସମ୍ପର୍କିତ ସମସ୍ୟା ବିଷୟରେ ଚିନ୍ତା କରିବେ। ପାରିବାରିକ କ୍ଷେତ୍ରରେ ଆତ୍ମୀୟମାନଙ୍କ ପ୍ରତିରୋଧ କାମକୁ ଓ ଆପଣଙ୍କ ଚିନ୍ତାଧାରାକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଦିନ ଭିତରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ।

**ଧନୁ** ବନ୍ଧୁମାନଙ୍କ ସ୍ନେହ, ପାରିବାରିକ ଆଦର, ଅର୍ଥ ଓ ଦ୍ରବ୍ୟ ଲାଭ, ସନ୍ତାନସୁଖ ପ୍ରଭୃତି ପ୍ରାପ୍ତି ଘଟାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ସକାଶେ ଦିନଟି ବହୁତ ଶୁଭପ୍ରଦ ରହିବ। ଦୀର୍ଘଦିନରୁ ଅଟକି ରହିଥିବା ବକେୟା ଟଙ୍କା ପାଇବାର ମାର୍ଗ ସୁଗମ ହୋଇଯିବ। କର୍ମକ୍ଷେତ୍ର ଓ ସାମାଜିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ମକର** ଜମିବାଡି, ଯାନବାହନ, ଲୋକସମ୍ପର୍କ ଆଲୋଚନା ଭିତରେ ଅତିବାହିତ ହେବ। କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟାଲୋଚନା କ୍ଷେତ୍ରରେ ରହିଥିବା ଅସଙ୍ଗତି ଦୂର ହୋଇଯିବ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ନିଜ ଲୋକମାନଙ୍କ ବେଖାତିର ମନୋଭାବରୁ କଷ୍ଟ ଅନୁଭବ କଲେ ମଧ କିଛି କହିବାର ଉପାୟ ପାଇବେ ନାହିଁ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମର ଅନ୍ତ ଘଟିବାର ପୂର୍ବ ସୂଚନା ସମ୍ବନ୍ଧରେ ଅବଗତ ହୋଇପାରିବେ। ଅବଶ୍ୟ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** କୌଣସି କଥାକୁ କେନ୍ଦ୍ରକରି, ସମ୍ପର୍କକୁ ନେଇ, ଶିକ୍ଷା କ୍ଷେତ୍ରରେ କୌଣସି ସମସ୍ୟା ଆନୟନ କରିପାରେ। କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। ଭାବପ୍ରବଣବଶତଃ ଭିନ୍ନ ପ୍ରକାରର କଥାବାର୍ତ୍ତା କରି ଅପଦସ୍ଥ ହେବେ। ଭଲ ସମ୍ପର୍କ ଥିବା ବନ୍ଧୁ ନିଜର ସୁବିଧା ପାଇଁ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ତୃତୀୟା, ମାଣବସା ଗୁରୁବାର ତୃତୀୟ ପାଳି, ନଭେମ୍ବର ୨୮ ତାରିଖ, ସକାଳ ଘ୮।୦୯ମି. ପର୍ଯ୍ୟନ୍ତ ରାଶି ନକ୍ଷତ୍ର- ଜ୍ୟେଷ୍ଠା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ, ଦିବା ଘ୭।୩୪ମି. ମଧ୍ୟେ ଘ୧।୨୪ମି. ଗତେ, ଘ୨।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୩୫ମି. ଗତେ ଘ୧୨।୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୬ମି. ଗତେ ଘ୨।୧୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

real estate

**SALE**

Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850. D-68413

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851. D-68428

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165. D-15406

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

BDA Residential plots at Patia railwaystation just 3.5K.M from Big Bazar, 7008613186. D-68518

ଫୁଲନଖରା Synergy Engineering College ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9777186275. D-68435

କଟକ-ଭୁବନେଶ୍ୱର middlepoint ଫୁଲନଖରାଠାରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9777342153. D-68434

Fully furnished new 1 BHK/ 2 BHK flat at Puri, just book at 1.7lakh. 9437929773. D-15438

Puri, Book 1/2 BHK flats @ 1.6lakh, with immediate staying facility. 9437929773. D-15439

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

to-let

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695. D-15405

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-15348

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Full body herbal massage with refreshment expert therapist. 7381239385, 06742540855. D-68185

Experience full body massage with us (expert). Call: 7377048581, 06742597822. D-68186

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Ayurvedic full body massage ladies & gents smart therapist, 9668814589. D-68706

Herbal full body massage by smart / expert therapist. Contact: 8338067247. D-68187

Summer special mesmerizing offer expert therapeutic refreshing massage appointment. 9668374480. D-68188

Sai Harbal spa refresh your body with smart and expert therapist. 7608062524. D-68195

**AFFIDAVIT**

By virtue of an affidavit before Executive Magistrate, Bhubaneswar I have changed my name Asmita Pradhan to Asmita Mishra after marriage and declare that Asmita Pradhan & Asmita Mishra is one & same person. D-68616

By virtue of an affidavit before Executive Magistrate, Bhubaneswar I have changed my name Reena Das to Reena Mishra after marriage and declare that Reena Das & Reena Mishra is one & same person. D-68617

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ଜିଲା ଚିଠି
### ମୟୂରଭଞ୍ଜ

## ଦ୍ୱିତୀୟ ଶ୍ରୀକ୍ଷେତ୍ରକୁ ଅଣଦେଖା

ସରକାରୀ ମାନ୍ୟତା ମିଳି ନ ଥିଲେ ମଧ୍ୟ ଉତ୍ତର ଓଡିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପରିଚିତ ବାରିପଦା ସହରକୁ ଲୋକେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲି କୁହନ୍ତି। ହରିବଳଦେବ ଜୀଉ ମନ୍ଦିରରେ ପୂଜା ପାଉଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପୁରୀ ଶ୍ରୀମନ୍ଦିର ରୀତିନୀତିରେ ପୂଜାର୍ଚ୍ଚନା କରାଯାଉଛି। ପୁରୀ ରଥଯାତ୍ରାର ଦିନକ ପରେ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି। ଏଭଳି ପରମ୍ପରା ହରିବଳଦେବ ଜୀଉ ମନ୍ଦିରର ସ୍ୱାତନ୍ତ୍ର୍ୟ ବହନ କରିଛି। କୁହାଯାଏ, ୧୫୭୫ରେ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜ ଏହି ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ପରିଚାଳନା ଲାଗି ୪ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ଖଞ୍ଜି ଦେଇଥିଲେ। ଜମିରୁ ଉପଲବ୍ଧ ଆୟ ଅର୍ଥରେ ଠାକୁରଙ୍କ ପୂଜାନୀତି ଓ ପରମ୍ପରା ପାଳନ ସହ ମନ୍ଦିରର ରକ୍ଷଣାବେକ୍ଷଣ ଲାଗି ଯୋଜନା ହୋଇଥିଲା। ଦେଶ ସ୍ୱାଧୀନ ହେବା ପରେ ଗଡ଼ଜାତ ରାଜ୍ୟ ମୟୂରଭଞ୍ଜ ଓଡ଼ିଶା ସହ ମିଶିବାରୁ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗ ହାତକୁ ଯାଇଥିଲା। କିନ୍ତୁ ଠାକୁରଙ୍କ ନାମରେ ଥିବା ଜମିରୁ ଅଧିକାଂଶ କାଳକ୍ରମେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଥିବାରୁ ମନ୍ଦିର ପରିଚାଳନାରେ ସମସ୍ୟା ମୁଣ୍ଡ ଟେକିଛି। ଆବଶ୍ୟକ ପାଣ୍ଠି ଅଭାବରୁ ଦିନେ ଦିନେ ଠାକୁରଙ୍କୁ ଭୋଗ ଲାଗି ମଧ୍ୟ ହୋଇପାରୁ ନାହିଁ। କେବଳ ସେତିକି ନୁହେଁ ଜବରଦଖଲ ଜମି ମୁକୁଳାଇବା ପାଇଁ ଦେବୋତ୍ତର ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ପାଣ୍ଠି ଅଭାବରୁ ରଥଯାତ୍ରା ସମେତ ଠାକୁରଙ୍କ ଅନ୍ୟ ପରମ୍ପରା ପାଳନ ପାଇଁ ଜନସାଧାରଣଙ୍କ ସହାୟତାଙ୍କୁ ଭରସା କରିବାକୁ ପଡୁଛି। ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦେବା ସାଙ୍ଗକୁ ସେବାୟତଙ୍କ ଦରମା ବୃଦ୍ଧି ଓ ଠାକୁରଙ୍କ ସମ୍ପତ୍ତି ପୁନରୁଦ୍ଧାର ଆଦି ଦାବି ନେଇ ସେବାୟତମାନେ ଦୀର୍ଘଦିନ ହେବ ଆନ୍ଦୋଳନ କରି ଆସୁଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସିଥିବା ବେଳେ ହରିବଳଦେବ ଜୀଉ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ। ସେତେବେଳେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ଏସବୁ ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଭୁବନେଶ୍ୱର ଆସି ଆଲୋଚନା କରି ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ମଧ୍ୟରେ ସରକାର କିଛି ନ କରିବାରୁ ସେବାୟତମାନେ ଏହାର ପ୍ରତିବାଦରେ ଦୁଇ ଦୁଇ ଥର ବାରିପଦାରୁ ଭୁବନେଶ୍ୱର ପଦଯାତ୍ରା ଆରମ୍ଭ କରିବା ସହ ଆଲୋଚନା କରିଥିଲେ ବି ତାହା ଫଳପ୍ରଦ ହୋଇପାରି ନାହିଁ। ପ୍ରଶାସନ ଓ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ପାଳନ ନ କରିବା ସେବାୟତଙ୍କ ସମେତ ଜିଲାବାସୀଙ୍କୁ କ୍ଷୁବ୍ଧ କରିଛି। ରାଜ୍ୟ ସରକାର ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ ବିଭିନ୍ନ ମନ୍ଦିରକୁ ଅନୁଦାନ ଦେଉଥିବା ବେଳେ ବାରିପଦା ମନ୍ଦିରକୁ ଅଣଦେଖା କରିବା ଚିନ୍ତାଜନକ ବୋଲି ସହରବାସୀ ଅଭିଯୋଗ କରିଛନ୍ତି।

– ରବି ନାରାୟଣ ଚଲାନ

# ଭୁବନେଶ୍ୱର ରେଳ ଷ୍ଟେଶନକୁ ମିଳିବ ଆଇଏସ୍‌ଓ ସାର୍ଟିଫିକେଟ୍

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

- ଦୌଡ଼ରେ କଟକ ଷ୍ଟେଶନ, ସରିଛି ପ୍ରାଥମିକ ସର୍ଭେ
- ୩ ମାସ ପରେ ହୋଇପାରେ ଚୂଡ଼ାନ୍ତ ଯାଞ୍ଚ
- ସବୁଜ ସାର୍ଟିଫିକେଟ ପାଇଁ ପ୍ରକ୍ରିୟା ଆରମ୍ଭ

ବିଶାଖାପାଟଣା ପରେ ଏବେ ଭୁବନେଶ୍ୱର ରେଳ ଷ୍ଟେଶନକୁ ମିଳିବାକୁ ଯାଉଛି ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ଷ୍ଟାଣ୍ଡାର୍ଡାଇଜେଶନ (ଆଇଏସ୍‌ଓ) ସାର୍ଟିଫିକେଟ୍। ସେହିଭଳି କଟକ ଷ୍ଟେଶନ ମଧ୍ୟ ଏହି ଦୌଡ଼ରେ ରହିଛି। ଏଥିପାଇଁ ମଙ୍ଗଳବାର ଭୁବନେଶ୍ୱର ଓ କଟକ ରେଳ ଷ୍ଟେଶନରେ ଆଇଏସ୍‌ଓ ପକ୍ଷରୁ ସର୍ଭେ ହୋଇଛି। ପ୍ରଥମ ପର୍ଯ୍ୟାୟ ସର୍ଭେରେ ଦୁଇ ରେଳ ଷ୍ଟେଶନର ଭିତ୍ତିଭୂମି, ମୌଳିକ ସୁବିଧା, ବିଭିନ୍ନ ସେବା ଓ ଆବଶ୍ୟକତା ଯାଞ୍ଚ କରାଯାଇଛି। ବିଶେଷକରି ସର୍ଭେରେ ସ୍ୱଚ୍ଛତାକୁ ମୂଳ ଆଧାର କରାଯାଇଛି। ଷ୍ଟେଶନ ପରିସର, ଟ୍ରାକ୍‌ର ସ୍ୱଚ୍ଛତା ସହ ସେଠାରେ ମିଳୁଥିବା ଖାଦ୍ୟ ପଦାର୍ଥର ମାନ ଆଦି ଯାଞ୍ଚ କରାଯାଉଛି।



ଭୁବନେଶ୍ୱର ରେଳ ଷ୍ଟେଶନରେ ଯାଞ୍ଚ କରାଯାଉଛି।

ସଫେଇ, ଶୃଙ୍ଖଳା ଏବଂ ଓଦା ଡଷ୍ଟବିନ୍‌ର ଠିକ୍ ବ୍ୟବହାର, ଟ୍ୟାପ୍‌ରେ ପାଣି ଆସୁଛି କି ନାହିଁ, ପାଣି ଓ ବିଦ୍ୟୁତ୍ ସଞ୍ଚୟ, ଖୋଲା ଖାଦ୍ୟ ପଦାର୍ଥକୁ କେମିତି ପରଷାଯାଉଛି, ପ୍ଲାଟଫର୍ମର ଦୋକାନୀମାନେ ଗ୍ଲୋବ୍‌ସ ବ୍ୟବହାର କରୁଛନ୍ତି କି ନାହିଁ, ଅଗ୍ନି ନିର୍ବାପକ ଯନ୍ତ୍ର କାମ କରୁଛି କି ନାହିଁ, ଶୌଚାଳୟରେ ହ୍ୟାଣ୍ଡୱାଶ ତଥା ସାବୁନ୍ ଆଦି ରହିଛି କି ନାହିଁ, ସଫେଇ କର୍ମଚାରୀଙ୍କ ପୋଷାକ ପରିଧାନ ଉପରେ ମଧ୍ୟ ଟିକିନିଖି ତଥ୍ୟ ସଂଗ୍ରହ କରାଯାଉଛି।

ଏହି ଦୁଇ ଷ୍ଟେଶନର ପ୍ରଥମ ପର୍ଯ୍ୟାୟ ସର୍ଭେ ଶେଷ ହୋଇଛି। ତେବେ ଯାହା ଅଭାବ ରହିଛି ସେସବୁ ପୂରଣ କରିବାକୁ ୩ ମାସ ସମୟ ଦିଆଯିବ। ଅବଧି ସରିବା ପରେ ପୁନର୍ବାର ସର୍ଭେ କରାଯିବ। ମାନଦଣ୍ଡ ପୂରଣ କରୁଥିବା ରେଳ ଷ୍ଟେଶନକୁ ଆଇଏସଓ ମାନ୍ୟତା ମିଳିବ। ସେହିଭଳି ଏହି ଦୁଇ ଷ୍ଟେଶନକୁ ସବୁଜ ସାର୍ଟିଫିକେଟ ମିଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋଲାର ପାୱାର ବ୍ୟବସ୍ଥା ସହ ବିଦ୍ୟୁତ୍ ସଞ୍ଚୟ ଓ ଷ୍ଟେଶନ ପରିବେଶରେ ସବୁଜ ବଳୟ ତିଆରି କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଆଇଏସ୍‌ଓ ପକ୍ଷରୁ 'କ୍ୱାଲିଟି ସର୍ଭିସ ସିଷ୍ଟମ' ଏହି ସର୍ଭେ କରୁଛି। ଆଇଏସ୍‌ଓ ସାର୍ଟିଫିକେଟ ଓ ସବୁଜ ସାର୍ଟିଫିକେଟ୍ ନ ଥିବାରୁ ସ୍ୱଚ୍ଛତା ସର୍ଭେରେ ଭୁବନେଶ୍ୱର ଷ୍ଟେଶନର ଫଳାଫଳ କମ୍ ରହିଥିବା ଜଣାପଡିଛି।

## ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହେଲେ ଆଶୀର୍ବାଦ

- ଦୁଇ ମାସ ହେବ ଚିକିତ୍ସିତ ହେଉଥିଲେ

**କଟକ ଅଫିସ, ୨୭।୧୧**



ଓଡ଼ିଶା କ୍ରିକେଟ୍ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ବୁଧବାର ଏସ୍‌ସିବି ମେଡିକାଲରୁ ଡିସଚାର୍ଜ ହୋଇ ଘରକୁ ଫେରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅର୍ଥତତ୍ତ୍ୱ(ଏଟି) ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ତାଙ୍କୁ ସେପ୍ଟେମ୍ବର ୧୯ରେ ଗିରଫ କରିଥିଲା। ଏହା ପରେ ସେ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ଆଶୀର୍ବାଦଙ୍କୁ ମଙ୍ଗଳବାର ଜାମିନ ମିଳିବା ପରେ ଏସ୍‌ସିବି ମେଡିକାଲରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି। ମେଡିକାଲରୁ ବାହାରି ସେ ସିଧାସଳଖ ଗଡ଼ଗଡ଼େଶ୍ୱର ମନ୍ଦିରକୁ ଯାଇଥିଲେ। ଏବେ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଆଶୀର୍ବାଦ ପ୍ରତିକ୍ରିୟାରେ କହିଛନ୍ତି।

- ଏମ୍‌ପି ଅନୁଭବ-ମନୋଜିତ କଳି

## ଏସ୍‌ଡିଜେଏମ୍ କୋର୍ଟରେ ବୟାନ ରେକର୍ଡ

**କଟକ ଅଫିସ, ୨୭।୧୧**

କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ଛାତ୍ର ବିଜେଡି ନେତା ମନୋଜିତ ଦାସ ଏସ୍‌ଡିଜେଏମ୍ କୋର୍ଟରେ ଏକ କମ୍ପ୍ଲେନ କେସ୍ ଦାଏର କରିଥିଲେ। ଉକ୍ତ ମାମଲାରେ ବୁଧବାର ମନୋଜିତ ସଦର ଏସ୍‌ଡିଜେଏମ୍ କୋର୍ଟରେ ଉପସ୍ଥିତ ହୋଇ ତାଙ୍କ ବୟାନ ରଖିଛନ୍ତି। ସିଆରପିସିର ଧାରା ୨୦୦ ଅନୁଯାୟୀ ମନୋଜିତଙ୍କ ବୟାନକୁ ରେକର୍ଡ କରାଯାଇଛି। ଗତ ସେପ୍ଟେମ୍ବର ୩୦ ବିଳମ୍ବିତ ରାତିରେ ପାର୍କିଂ ଘଟଣାକୁ କେନ୍ଦ୍ରକରି ମନୋଜିତ ଓ ଅନୁଭବଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ମନୋଜିତ ପୁରୀଘାଟ ଥାନାରେ ଅନୁଭବଙ୍କ ବିରୋଧରେ ଏତଲା ଦେଇଥିଲେ। ମାତ୍ର ଥାନାରୁ ନ୍ୟାୟ ନ ମିଳିବାରୁ ମନୋଜିତ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।






ପର୍ଯ୍ୟଟନ ମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସର ଅଭିଯୋଗ

## ହାଇଦ୍ରାବାଦ ରୋଡ୍ ଶୋ'ରେ ଯାଇଥିବା ଦୁଇ ମହିଳା କିଏ: ସତ୍ୟ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ବିରୋଧରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଗୁରୁତର ଅଭିଯୋଗ ଅଣାଯାଇଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ନେତା ସତ୍ୟ ପ୍ରକାଶ ନାୟକ କହିଛନ୍ତି ଯେ, ମନ୍ତ୍ରୀ ପାଣିଗ୍ରାହୀ ମନ୍ତ୍ରୀପଦର ଅପବ୍ୟବହାର କରିଛନ୍ତି। ଗତ ଅକ୍ଟୋବର ୪ରେ ସେ ହାଇଦ୍ରାବାଦ ଠାରେ 'ଟୁରିଜମ୍ ରୋଡ୍ ଶୋ'ରେ ଭାଗ ନେବା ଲାଗି ଗସ୍ତ କରିଥିଲେ। ଏହି ଅବସରରେ ସେ ନିଜର ବ୍ୟକ୍ତିଗତ ଅତିଥିଭାବେ ଦୁଇଜଣ ମହିଳାଙ୍କୁ ବିମାନରେ ହାଇଦ୍ରାବାଦ ନେବା ସହ ହୋଟେଲ ତାଜ୍ କ୍ରିଷ୍ଣାଠାରେ ରହିବା ବନ୍ଦୋବସ୍ତ କରିବା ସଙ୍ଗେ ସଙ୍ଗେ ନିଜ ପଦବୀ ଓ କ୍ଷମତାର ଅପବ୍ୟବହାର କରିଛନ୍ତି। ସମ୍ପୃକ୍ତ ଦୁଇଜଣ ମହିଳାଙ୍କ ପାଇଁ ବିମାନ ଟିକେଟ୍ ଏବଂ ହୋଟେଲରେ ରହଣି ପାଇଁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ଟୁରିଜମ୍ ଡେଭେଲପମେଣ୍ଟ କର୍ପୋରେଶନ (ଓଟିଡିସି) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବା କେତେଦୂର ସମୀଚୀନ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ମନ୍ତ୍ରୀ ପାଣିଗ୍ରାହୀ ସ୍ପଷ୍ଟ କରନ୍ତୁ ସମ୍ପୃକ୍ତ ଦୁଇ ମହିଳାଙ୍କ କେଉଁ ଯୋଗ୍ୟତା ଓ ଅଭିଜ୍ଞତା ହାଇଦ୍ରାବାଦ ରୋଡ ଶୋ'ରେ ରାଜ୍ୟବାସୀଙ୍କୁ ସହାୟତା କରିଛି। ସମ୍ପୃକ୍ତ ମହିଳା ଦୁଇଜଣଙ୍କୁ ମନ୍ତ୍ରୀ ନିଜ ସହ ଅତିଥିଭାବେ ହାଇଦ୍ରାବାଦ ନେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଅନୁମତି ନେଇଥିଲେ କି ବୋଲି ସତ୍ୟପ୍ରକାଶ ପ୍ରଶ୍ନ କରିଛନ୍ତି। ହାଇଦ୍ରାବାଦଠାରେ ତାଜ୍ କ୍ରିଷ୍ଣା ହୋଟେଲରେ ମନ୍ତ୍ରୀ ଏବଂ ଦୁଇଜଣ ମହିଳାଙ୍କ ରହଣି ଖର୍ଚ୍ଚ କିଏ ବହନ କରିଛି, ଓଟିଡିସି ନା ଅନ୍ୟ ସଂସ୍ଥା ସେ ସ୍ପଷ୍ଟ କରନ୍ତୁ। ଅନ୍ୟ ସଂସ୍ଥାଠାରୁ ଅନୁଗ୍ରହ ଆଣିବାରେ ଓଟିଡିସିର ଭୂମିକାର ତଦନ୍ତ ହେଉ। ଏ ଘଟଣାରେ କ'ଣ ସତ୍ୟାସତ୍ୟ ରହିଛି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ଏବଂ ମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ସତ୍ୟପ୍ରକାଶ କହିଛନ୍ତି। ଏନେଇ ମନ୍ତ୍ରୀ ପାଣିଗ୍ରାହୀଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା।


DDU-GKY
Deen Dayal Upadhyaya Grameen Kaushalya Yojana
Empowering India • Powering the World

**ଦିନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା**

ଗ୍ରାମୀଣ ଯୁବକ ଓ ଯୁବତୀମାନଙ୍କ ନିମନ୍ତେ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ନିଯୁକ୍ତିର ସୁଯୋଗ

- ୧୫ରୁ ୩୫ ବର୍ଷ ପର୍ଯ୍ୟନ୍ତ ଗ୍ରାମୀଣ ଯୁବକ ଓ ଯୁବତୀମାନଙ୍କୁ ତାଲିମ (Training) ର ସୁଯୋଗ ଦିଆଯିବ।
- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏବଂ ଅନୁସୂଚିତ ଜାତି ଓ ଜନଜାତିର ପରିବାରର ଯୁବକ ଓ ଯୁବତୀମାନଙ୍କୁ ଅଗ୍ରାଧିକାର ଦିଆଯିବ।
- ନିର୍ଦ୍ଦିଷ୍ଟ ତାଲିମ ପ୍ରଦାନକାରୀ ସଂସ୍ଥାମାନଙ୍କ ଦ୍ୱାରା କୌଶଳ ବୃଦ୍ଧି ନିମନ୍ତେ ତାଲିମ ଦିଆଯିବ।
- ତାଲିମ ପରେ ଦକ୍ଷତା ଅନୁଯାୟୀ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ରାଜ୍ୟରେ ଏବଂ ରାଜ୍ୟ ବାହାରେ ବେସରକାରୀ ସଂସ୍ଥାରେ ନିଯୁକ୍ତିର ସୁଯୋଗ ଦେବେ।
- ଏକ ମାସରୁ ତିନି ମାସ ପର୍ଯ୍ୟନ୍ତ ବିଭିନ୍ନ ଧନ୍ଦା (Trade) ରେ ତାଲିମ ଦିଆଯିବ।
- ପ୍ରାର୍ଥୀ ନିଜର କୁଶଳତା ଓ ଇଚ୍ଛା ଅନୁସାରେ ଧନ୍ଦା (Trade) ଚୟନ କରିପାରିବେ।
- ବିଭିନ୍ନ ଧନ୍ଦା (Trade) ବିଷୟରେ ଭଲଭାବେ ସମସ୍ତ ତଥ୍ୟ ସଂଗ୍ରହ କରି ପ୍ରଶିକ୍ଷଣ ପାଇଁ ଆବେଦନ କରନ୍ତୁ।

ଜାଣିରଖନ୍ତୁ, ଏହି ସୁଯୋଗ ସରକାରୀ ଚାକିରି ନିମନ୍ତେ ଆଦୌ ଉଦ୍ଦିଷ୍ଟ ନୁହେଁ। ଏହି ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
ଅଥବା ପଞ୍ଚାୟତିରାଜ ବିଭାଗ ଟୋଲ୍ ଫ୍ରି ନଂ.– ୧୮୦୦୩୪୫୬୭୬୮କୁ ଡାଏଲ୍ କରନ୍ତୁ।
Website: www.odishapanchayat.gov.in/sgsy/index.html
E-mail: skillquery@gmail.com

**ଓଡ଼ିଶା ଜୀବିକା ମିଶନ**
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଗତ୍‌ସିଂହପୁର










ଶିଖର ଚିରଦିନ ଆକର୍ଷଣ କରୁଥାଏ ନିମ୍ନଭୂମିକୁ। କାରଣ ସେ ଚାହେଁ–ନିମ୍ନ ଭାଗ ଉଠିଆସୁ ତା'ଉଚ୍ଚତାକୁ। ବିପୁଳ ମଧ୍ୟ କ୍ଷୁଦ୍ରକୁ ତା'ର ବୃହତ୍ତର ଅଭିଯାନରେ ଚାଲିବା ଲାଗି ଚିରଦିନ ଆକର୍ଷଣ କରୁଥାଏ। –ଶ୍ରୀଅରବିନ୍ଦ





## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଟୁନାମାଛର ବିପଦ

ଆମେରିକାରେ ବିକ୍ରି ହେଉଥିବା ୟେଲୋଫିନ୍ ଟୁନା (ହଳଦିଆ ଡେଣାଯୁକ୍ତ ଟୁନା ମାଛ)ର ଉତ୍ପାଦଗୁଡ଼ିକ ଖାଦ୍ୟ ବିଷାୟନର କାରଣ ହୋଇପାରେ ବୋଲି ଫୁଡ୍ ଆଣ୍ଡ୍ ଡ୍ରଗ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆଲର୍ଜିକାରକ ହିଷ୍ଟାମାଇନ ଦ୍ୱାରା ସଂକ୍ରମିତ ଟୁନାମାଛ ଖାଇଲେ ଏହା ହୋଇଥାଏ। ମାଛକୁ ଭଲଭାବେ ଶୀତଳୀକରଣ କରାଯାଇ ନ ଥିଲେ ସେଥିରେ ବୀଜାଣୁ ସୃଷ୍ଟି ହୋଇ ସଂକ୍ରମଣର କାରଣ ହୋଇଥାଏ। ମାଛଦ୍ୱାରା ସୃଷ୍ଟ ଏପରି ଖାଦ୍ୟ ବିଷାୟନର ଲକ୍ଷଣଗୁଡ଼ିକ ହେଉଛି ପାଟି ପୋଡ଼ିବା, ମୁହଁ ଫୁଲିଯିବା, ଦେହ ଫଳିଯିବା, ଓକାର, ବାନ୍ତି, ତରଳ ଝାଡ଼ା, ମୁଣ୍ଡବିନ୍ଧା, ମୂର୍ଚ୍ଛା ହୋଇଯିବା, ଆଖିକୁ ବେଳେ ବେଳେ ଝାପ୍ସା ଝାପ୍ସା ଦେଖାଯିବା, ପେଟ କାଟିବା, ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ଇତ୍ୟାଦି। ଉକ୍ତ ମାଛ ଖାଇବାର ୫ ମିନିଟରୁ ଅଧଘଣ୍ଟା ଭିତରେ ଲକ୍ଷଣମାନ ପ୍ରକାଶ ପାଇବାକୁ ଆରମ୍ଭ କରେ ଏବଂ ଘଣ୍ଟା ଘଣ୍ଟା ଧରି ରହେ। କେତେକ କ୍ଷେତ୍ରରେ ଲକ୍ଷଣଗୁଡ଼ିକ କିଛିଦିନ ପର୍ଯ୍ୟନ୍ତ ରହେ। ବେଳେବେଳେ ଆଣ୍ଟି ହିଷ୍ଟାମାଇନ କାମ କରେ ଓ ଆଉ ବେଳେବେଳେ କରେନା। ଗୁରୁତର କ୍ଷେତ୍ରରେ ହସ୍ପିଟାଲର ଜରୁରୀ କକ୍ଷରେ ଭର୍ତ୍ତି ହୋଇ ଆଇଭି ଫ୍ଲୁଇଡ୍, ଅମ୍ଳଜାନ ଓ ଅନ୍ୟ ଔଷଧ ଓ ଚିକିତ୍ସାର ଆବଶ୍ୟକତା ପଡ଼େ। ଶ୍ୱାସ ଓ ହୃଦ୍‌ରୋଗ ଥିବା ଲୋକମାନଙ୍କ କ୍ଷେତ୍ରରେ ଏହା ଜୀବନନାଶକାରୀ ହୋଇପାରେ। ଲକ୍ଷଣଗୁଡ଼ିକ ଧମନୀୟ ହୃଦ୍‌ରୋଗର ଅନୁରୂପ ହୋଇଥିବାରୁ ଅନେକ ସମୟରେ ଠିକ୍‌ଭାବରେ ନିଦାନ ହୋଇପାରି ନ ଥାଏ, ଯାହା ଗୁରୁତର ସମସ୍ୟା ସୃଷ୍ଟି କରେ। ଭାରତରେ ଡାକ୍ତରମାନଙ୍କର ବି ଏ ବିଷୟରେ ଯଥେଷ୍ଟ ଜ୍ଞାନର ଅଭାବ ରହିଛି।

କେତେକ ପ୍ରକାର ମାଛରେ କେମିକାଲ ହିଷ୍ଟାମାଇନର ସ୍ତର ବହୁତ ଅଧିକ ଥାଏ। ଶୀତଳୀକରଣ ହୋଇ ନ ଥିବା ଓ ଠିକ୍ ଭାବେ ପରିବହନ ହୋଇ ନ ଥିବା ସ୍କମ୍ବ୍ରିଡି ଓ ସ୍କମ୍ବରେସୋସିଡି ପ୍ରଜାତିର (ଟୁନା, ମିରିକାଳି, ବୋନିଟୋ ପ୍ରଭୃତି) ମାଛ ସାଧାରଣତଃ ହିଷ୍ଟାମାଇନ ସଂକ୍ରମଣର ଶିକାର ହୋଇଥାନ୍ତି। ସେଥିପାଇଁ ଏ ପ୍ରକାର ଖାଦ୍ୟ ବିଷାୟନକୁ ସ୍କମ୍ବ୍ରଏଡ୍ ଫିଶ୍ ପଏଜନିଂ ବୋଲି କୁହାଯାଏ। ତେବେ କେତେକ ଅନ୍ୟ ମାଛ ଯଥା ମହିମହି, ନୀଳମାଛ, ସାର୍ଡିନ, ଆଙ୍କୋଭି, ହେରିଙ୍ଗ ପ୍ରଭୃତି ପଚି ନଷ୍ଟ ହୋଇଗଲେ ସେଥିରେ ହିଷ୍ଟାମାଇନ ବିଷାୟନ ଦେଖାଯାଇଥାଏ।

ହିଷ୍ଟାମାଇନ ହେଉଛି ପ୍ରାକୃତିକ ଭାବେ ମିଳୁଥିବା ଏକ ଯୌଗିକ ଯାହା ଆପଣଙ୍କ ପାଚନତନ୍ତ୍ର, ସ୍ନାୟୁତନ୍ତ୍ର ଓ ରୋଗନିରୋଧକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ। ଯଦି ଆପଣଙ୍କର କେବେ ଆଲର୍ଜିକ୍ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ, ତେବେ ଆପଣ ହିଷ୍ଟାମାଇନ ସ୍ତର ବୃଦ୍ଧିର ଲକ୍ଷଣ ଯଥା ନାକ ରୁନ୍ଧି ହୋଇଯିବା, ଚର୍ମ କୁଣ୍ଡେଇ ହେବା, ମୁଣ୍ଡବିନ୍ଧା, ଛିଙ୍କ ପ୍ରଭୃତି ସମସ୍ୟା ଅନୁଭବ କରିଥିବେ। ଆପଣ ବି ବେଳେବେଳେ ଛେନା, ମଦ, ଆଚାର ଓ ସେକା ମାଂସ ପ୍ରଭୃତି ଖାଦ୍ୟରେ ହିଷ୍ଟାମାଇନ ଗ୍ରହଣ କରିପାରନ୍ତି।

ଅଧିକାଂଶ କ୍ଷେତ୍ରରେ ବର୍ଗର ଓ ସାଲାଡ ପ୍ରସ୍ତୁତିରେ ବ୍ୟବହୃତ ଟୁନା ମାଛକୁ ଫ୍ରିଜ୍‌ରେ ରଖାଯାଇଥିଲେ ମଧ୍ୟ ପରଷିବା ପୂର୍ବରୁ ତାକୁ ଏକାଧିକ ବାର ବାହାରେ ରଖାଯାଏ। ବର୍ଗର ଓ ସାଣ୍ଡୱିଚ୍‌ରେ ବ୍ୟବହୃତ ଟୁନାମାଛର ବଟା ଉଭୟ ଉତ୍ତାପର ହ୍ରାସବୃଦ୍ଧି ଓ ବୀଜାଣୁ ସଂକ୍ରମଣର ସମ୍ମୁଖୀନ ହୋଇଥାଏ। ଟୁନାମାଛର ବଟାକୁ ବିନା ରନ୍ଧାରେ ସୁଶି, ସାଣ୍ଡୱିଚ୍‌ର ପୂର ଓ ସାଲାଡରେ ପରଷାଯାଏ ଏବଂ ଫିଲେଟ, ଷ୍ଟେକ୍ ଓ ବର୍ଗରରେ ରାନ୍ଧି ପରଷାଯାଏ। ଟୁନାକୁ ତେଲ, ଲୁଣପାଣି ଓ ସସ୍ ଦେଇ ଟିଣ ଡବାରେ ରଖାଯାଏ ଏବଂ ସାଣ୍ଡୱିଚ୍ ଓ ସାଲାଡରେ ଦିଆଯାଏ। ମାଂସର କିଛି ଅଂଶ ଡବାରେ ରଖି କୁକୁର ଖାଦ୍ୟ ରୂପେ ମଧ୍ୟ ବ୍ୟବହାର କରାଯାଏ। ଡବାରେ ପ୍ୟାକିଂ ପୂର୍ବରୁ ସେଥିରେ କିଛି ବୀଜାଣୁ ଥିଲେ ତାହା ସେମିତି ରହିଯାନ୍ତି।

ଉଭୟ ସ୍ଥାନୀୟ ଓ ଦୂର ସମୁଦ୍ରରୁ ଟୁନାମାଛକୁ ଧରି ସହରଗୁଡ଼ିକୁ ଅଣାଯାଏ। ଏହାକୁ ସମୁଦ୍ରରୁ ଧରିବା ପରଠାରୁ ହିଁ ଶୀତଳୀକରଣ ଯନ୍ତ୍ରରେ ରଖିବା କଥା। କିନ୍ତୁ ଭାରତର ମତ୍ସ୍ୟଜୀବୀମାନେ ଖରାବେଳେ ଏ ମାଛକୁ ଧରି କିଛିଘଣ୍ଟା ପରେ ହିଁ ଏହାକୁ ଚାଲାଣ କରିଦିଅନ୍ତି। ୭ରୁ ୧୪ ଦିନ ଲାଗୁଥିବା ପରିବହନ ସମୟରେ ଏହାକୁ ଶୀତଳୀକରଣ ଯନ୍ତ୍ରରେ ରଖି ବା ବରଫ ଦେଇ ପରିବହନ କରିବା କଥା। ସହରରେ ପହଞ୍ଚିବା ପରେ ସାଲାଡ, ଷ୍ଟେକ୍, ଫିଲେଟ ବା ବର୍ଗର ରୂପେ ଏହାକୁ ପରଷିବା ପୂର୍ବରୁ ୨ରୁ ୪ ଦିନ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖାଯାଏ। ମଝିରେ ଏହାକୁ ବାହାରକୁ କାଢ଼ି ବଟାଯାଏ ଓ ପୁଣି ଫ୍ରିଜ୍‌ରେ ରଖାଯାଏ। ଶେଷକୁ ଏହାକୁ ରାନ୍ଧି ପରଷାଯାଏ। ଏହି ପ୍ରକ୍ରିୟାରେ ଟୁନାମାଛ ଅନେକଥର ଥଣ୍ଡା ହୁଏ ଓ ପୁଣି ଗରମ ହୁଏ। ସବୁ ରେଷ୍ଟୁରାଣ୍ଟରେ ଏହା ଘଟେ। ଯଥେଷ୍ଟ ଶୀତଳୀକରଣର ଅଭାବ ଏବଂ ଅସନା ଗ୍ରାଇଣ୍ଡର ଆଦି ସମସ୍ୟା ସବୁ ରେଷ୍ଟୁରାଣ୍ଟରେ ରହିଛି। ଏହା ହିଁ ହିଷ୍ଟାମାଇନ ବିଷାୟନର ମୁଖ୍ୟ କାରଣ। ଥଣ୍ଡାରେ ରହି ନ ଥିବା କଞ୍ଚା ମାଛରେ ହିଷ୍ଟାମାଇନ ସଂକ୍ରମଣ ହୋଇଥାଏ। ମାଛର ଗନ୍ଧ ସ୍ୱାଭାବିକ ରହିଥିବାରୁ ଖାଇବା ଲୋକ ସେଥିରେ କିଛି ସମସ୍ୟା ଅଛି ବୋଲି ଜାଣିପାରେ ନାହିଁ। ଥରେ ବୀଜାଣୁ ଦ୍ୱାରା ହିଷ୍ଟିଡାଇନ ଡିକାର୍ବୋକ୍ସିଲେସ୍ ଏଞ୍ଜାଇମ୍ ସୃଷ୍ଟି ହୋଇଗଲା ପରେ ଉକ୍ତ ବୀଜାଣୁ ମରିଗଲେ ବି ହିଷ୍ଟାମାଇନ ଉତ୍ପାଦନ ବନ୍ଦ ହୁଏ ନାହିଁ। ଏହି ବିଷ ସୃଷ୍ଟି ହେଲା ପରେ ତାକୁ ରାନ୍ଧିଲେ, ସେକିଲେ ବା ଫ୍ରିଜ୍‌ରେ ରଖିଲେ ବି ତାହା ନଷ୍ଟ ହୁଏ ନାହିଁ।

ଟୁନାମାଛ ଧରା ହେବା ପରେ ତା'ର ଶରୀରର ତାପମାତ୍ରା ଅନ୍ୟ ମାଛଠାରୁ କେତେ ଡିଗ୍ରୀ ଅଧିକ ରହିଥାଏ। ତେଣୁ ପରେ ଉତ୍ତାପର ହ୍ରାସବୃଦ୍ଧି ଘଟିଲେ ଏଥିରେ ସହଜରେ ଜୀବାଣୁ ସୃଷ୍ଟି ହୋଇଯାନ୍ତି। ବାଟିବା ପ୍ରକ୍ରିୟାରେ ବଟାଯନ୍ତ୍ରରେ ପୂର୍ବରୁ ଥିବା ଜୀବାଣୁ ସଜ ଟୁନାମାଛକୁ ସଂକ୍ରମିତ କରନ୍ତି ଏବଂ ବାଟିବା ଦ୍ୱାରା ଘର୍ଷଣଜନିତ ଉତ୍ତାପ ଦ୍ୱାରା ବି ଜୀବାଣୁ ସୃଷ୍ଟି ହୁଅନ୍ତି। ବର୍ତ୍ତମାନ ଟୁନାମାଛକୁ ଗିଲ୍‌ନେଟ ଦ୍ୱାରା ଧରାଯାଉଛି, ଯେଉଁଥିରୁ ବାହାରିବାକୁ ଚେଷ୍ଟା କରିବା ଭିତରେ ଟୁନାମାଛ କ୍ଷତାକ୍ତ ହେବାର ସମ୍ଭାବନା ଥାଏ। ତେଣୁ ଏ ମାଛ ଶୀଘ୍ର ମରିଯାନ୍ତି ଏବଂ ଏହାକୁ ଜାଲରୁ କାଢ଼ିବା ପୂର୍ବରୁ କେତେଘଣ୍ଟା ସମୟ ବିତିଯାଉଥିବାରୁ ହିଷ୍ଟାମାଇନ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇଯାଏ।

ମାଛରେ ହିଷ୍ଟାମାଇନ ୧୦୦ ପିପିଏମ୍‌ରୁ କମ୍ ରହିବା ଉଚିତ ଏବଂ ଏହା ସମ୍ଭବ ହୁଅନ୍ତା ଯଦି ମାଛକୁ ଧରିବା ପରେ ସଙ୍ଗେ ସଙ୍ଗେ ଶୀତଳୀକରଣ ଯନ୍ତ୍ରରେ ରଖାଯାନ୍ତା। କିନ୍ତୁ ଗ୍ରୀଷ୍ମମଣ୍ଡଳୀୟ ଦେଶଗୁଡ଼ିକରେ ଯେଉଁଠି ବିଶେଷ ଫ୍ରିଜିଂ ସୁବିଧା ନାହିଁ, ସେଠାରେ ଅନୁମୋଦିତ ମାତ୍ରାଠାରୁ ଅଧିକ ହିଷ୍ଟାମାଇନ ରହିବା ସ୍ୱାଭାବିକ। ଭାରତରେ ଟୁନା, ସିୟରଫିଶ ଏବଂ ମିରିକାଳି ପ୍ରଭୃତି ମାଛକୁ ବିନା ବରଫରେ ଖୋଲାରେ ବିକ୍ରି କରାଯାଏ, ଯେଉଁଠି ହିଷ୍ଟାମାଇନ ସଂକ୍ରମଣ ଅଧିକ ଘଟିଥାଏ।

ବର୍ତ୍ତମାନ ସରକାର ଟୁନାମାଛକୁ ପ୍ରୋତ୍ସାହିତ କରୁଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକାଂଶ ଟୁନାମାଛ କେରଳ ଓ ଗୋଆରେ ବିକ୍ରି ହେଉଥିଲା। ଅନ୍ୟତ୍ର ଏହାର ଚାହିଦା କମ୍ ଥିଲା। କିନ୍ତୁ ଏବେ ଓସେନ ପାର୍ଟନରଶିପ୍ସ ଫର୍ ସଷ୍ଟେନେବ୍‌ଲ ଫିଶରିଜ୍ (ଏକ ବିଶ୍ୱ ବ୍ୟାଙ୍କ ଓ ଜିଇଏଫ୍ ଅନୁଦାନପ୍ରାପ୍ତ ପ୍ରକଳ୍ପ) ଏବଂ ଦ ବେ ଅଫ୍ ବେଙ୍ଗଲ ପ୍ରୋଗ୍ରାମ୍ ଇଣ୍ଟରଗଭର୍ନମେଣ୍ଟାଲ ଅର୍ଗାନାଇଜେଶନ (ମୁଖ୍ୟାଳୟ: ଚେନ୍ନାଇ) ପକ୍ଷରୁ ଅନ୍ୟ ଅଞ୍ଚଳର ଖାଉଟିମାନଙ୍କ ପାଇଁ ଏହାକୁ ପ୍ରୋତ୍ସାହନ ଦିଆଯାଉଛି। ସେଣ୍ଟ୍ରାଲ ମେରାଇନ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଅନୁଯାୟୀ ଭାରତୀୟ ସମୁଦ୍ରରେ ୯ଟି ପ୍ରଜାତିର ଟୁନାମାଛ ଅଛନ୍ତି। କିନ୍ତୁ ଯେଉଁ ଟୁନାମାଛକୁ ବାହାରୁ ଅଣାଯାଉଛି ତାକୁ ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଭାରତୀୟ ଜାହାଜଗୁଡ଼ିକ ଛୋଟ, ସେଥିରେ ଯାନ୍ତ୍ରିକ ଶୀତଳୀକରଣ ବ୍ୟବସ୍ଥା ନାହିଁ ଏବଂ କେବଳ ବରଫ ଉପରେ ନିର୍ଭର କରାଯାଏ। ତେଣୁ ଜାହାଜରେ ଆସିବା ଭିତରେ ଯଥେଷ୍ଟ ଶୀତଳୀକରଣ ଅଭାବରୁ ଏହି ମାଛ ନଷ୍ଟ ହୋଇଯାଏ ଏବଂ ଜୀବାଣୁ ସଂକ୍ରମଣ ବୃଦ୍ଧି ପାଏ। ଏ ପରିସ୍ଥିତିରେ ପରିବର୍ତ୍ତନ ପାଇଁ ଚେଷ୍ଟା କରାଯାଉଛି, ଯାହାଦ୍ୱାରା ଅଧିକ ଟୁନାମାଛ ଧରାଯାଇପାରିବ। ଉଦ୍ଦେଶ୍ୟ ହେଉଛି ଆମେରିକା ଓ ଫ୍ରାନ୍ସ ସହ ପ୍ରତିଯୋଗିତା କରିବା। କିନ୍ତୁ ଯେଉଁ ମାଛ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ପ୍ରମାଣିତ ହୋଇସାରିଛି ତାକୁ ପ୍ରୋତ୍ସାହନ ଦେବାର ମାନେ କ'ଣ?

ଟୁନାମାଛର ଅନ୍ୟ ଏକ ବିପଦ ହେଉଛି ପାରଦ। ଏଥିରେ ଉଚ୍ଚମାତ୍ରାର ପାରଦ ଥାଏ। ବର୍ତ୍ତମାନ ସାମୁଦ୍ରିକ ପ୍ରଦୂଷଣ ଯୋଗୁ ସମୁଦ୍ରରେ ପାରଦର ମାତ୍ରା ବଢ଼ିଛି। ଟୁନାମାଛ ସେହି ପାରଦକୁ ଖାଇବା ଯୋଗୁ ତା' ଦେହରେ ମିଥାଇଲ ମର୍କ୍ୟୁରୀ ନାମକ ବିଷ ସୃଷ୍ଟି ହେଉଛି, ଯାହା ମଣିଷର ସ୍ନାୟବିକ ସଂସ୍ଥାନକୁ ପ୍ରଭାବିତ କରିପାରେ। ପିଲାମାନେ ଏ ମାଛ ଖାଇଲେ ତାଙ୍କ ସ୍ନାୟୁତନ୍ତ୍ର ଅଚଳ ହୋଇଯାଇପାରେ। ତେଣୁ ଭାରତରେ ଆମେ ଟୁନାମାଛ ଖାଇବା ଓ ଏହି ମାଛ ବେପାରକୁ ପ୍ରୋତ୍ସାହନ ଦେବା କ'ଣ ଏତେ ଜରୁରୀ?

Email: gandhim@nic.in

# ମାସଶ୍ରେଷ୍ଠର ମହକ



ଉପେନ୍ଦ୍ର ବିଶ୍ୱାଳ

ବର୍ଷକ ବାରମାସ ମଧ୍ୟରୁ ଶ୍ରେଷ୍ଠମାସ ମାର୍ଗଶିର। ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି– ମାସାନାଂ ମାର୍ଗଶୀର୍ଷୋଽହଂ ଅର୍ଥାତ୍ ମାସଗୁଡ଼ିକ ମଧ୍ୟରେ ମୁଁ ହେଉଛି ମାର୍ଗଶିର। ସାରା ଶ୍ରାବଣ ଶିବଙ୍କ ପାଇଁ ସମର୍ପିତ ଥିଲା ପରି ମାର୍ଗଶିର ମାସଟି ମା' ଲକ୍ଷ୍ମୀଙ୍କ ପାଇଁ ଉତ୍ସର୍ଗୀକୃତ। ମା'ଙ୍କ ପ୍ରିୟବାର ଗୁରୁବାର ହେଉଛି ଧନ ଓ ଧର୍ମକାରକ ଦେବଗୁରୁ ବୃହସ୍ପତିଙ୍କର ବି ବାର। ମା' ଲକ୍ଷ୍ମୀଙ୍କ ଗୁରୁବାର ପୂଜା ବି ବୃହସ୍ପତିଙ୍କର ଏକପ୍ରକାର ପୂଜାର୍ଚ୍ଚନା। ସମଗ୍ର ସୃଷ୍ଟିରେ ଭଗବାନ ବିଷ୍ଣୁ ଆଦିମୂଳ ହେଲେ ଲକ୍ଷ୍ମୀ ହେଉଛନ୍ତି ସୃଷ୍ଟିର ଆଦିମାତା। ବଞ୍ଚିବା ଓ ବଢ଼ିବାରେ ଖାଦ୍ୟର ଭୂମିକା ଅନସ୍ୱୀକାର୍ଯ୍ୟ। ସାଗରତନୟା ମା' ଲକ୍ଷ୍ମୀ ହେଉଛନ୍ତି ଅନ୍ନଦାତ୍ରୀ। ସମୃଦ୍ଧିର ସାଧନ, ଧନସମ୍ପତ୍ତିର ଅଧିଷ୍ଠାତ୍ରୀ ଦେବୀ ସେ। ଏଣୁ ଲକ୍ଷ୍ମୀଙ୍କ ବିନା ସୃଷ୍ଟିର ସ୍ଥିତି ଓ ବ୍ୟାପ୍ତି ଅକଳ୍ପନୀୟ। ଅଷ୍ଟନିଧିର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀ ହେଉଛନ୍ତି ଶାନ୍ତି, ସିଦ୍ଧି, ବୁଦ୍ଧି, ସୌଭାଗ୍ୟ, ସୌନ୍ଦର୍ଯ୍ୟ, ଯଶ, ମୋକ୍ଷ ଓ ଆନନ୍ଦର ଦେବୀ। ସେଥିପାଇଁ ସେ ଅଷ୍ଟଲକ୍ଷ୍ମୀ ଭାବେ ପୂଜିତା। ଶ୍ରୀଜଗନ୍ନାଥଙ୍କ ପାବନକ୍ଷେତ୍ର ଉତ୍କଳରେ ତ ମା' ଲକ୍ଷ୍ମୀ ହେଉଛନ୍ତି ଓଡ଼ିଆ ଘରର ଆରାଧ୍ୟା। ଆଉ ମାର୍ଗଶିର ଆସିଲା କ୍ଷଣି ସେ ଆସିଥାଆନ୍ତି ନିଜ ବାପଘରକୁ। ମା'ଙ୍କ ଶୁଭ ଆଗମନାର୍ଥେ ଚଳଚଞ୍ଚଳ ହୋଇଉଠେ ଉତ୍କଳଭୂମି। ଧନୀଠୁ ଗରିବ, ବ୍ରାହ୍ମଣଠୁ ଚଣ୍ଡାଳ ସଭିଙ୍କ ମଧ୍ୟରେ ଭରିଯାଏ ଉତ୍ସାହ ଉଦ୍ଦୀପନା।

ପୁନଶ୍ଚ ଧାନ ହେଉଛି କୃଷିପ୍ରଧାନ ଓଡ଼ିଶାର ମୁଖ୍ୟ ଫସଲ। ମାର୍ଗଶିର ହେଉଛି ଅର୍ଦ୍ଧାଧିକ ଓଡ଼ିଶାର ଧାନ ଅମଳ ସମୟ। ଧନ ଓ ଧାନ୍ୟର ଦେବୀ ହେଉଛନ୍ତି ଲକ୍ଷ୍ମୀ, ଏଣୁ ସମଗ୍ର ଓଡ଼ିଆ ଜାତି ଅତି ଆଗ୍ରହ ଓ ଆବେଗରେ ଆରାଧନା କରିଥାଆନ୍ତି ତାଙ୍କୁ। ବର୍ଷର କମାଣିକୁ ମାପିବା ପାଇଁ 'ମାଣ'କୁ ମାପକ ଭାବେ ବ୍ୟବହାର କରି ଆସିଛି ଚାଷୀପୁଅ କେଉଁ ଆବହମାନ କାଳରୁ। ବେତନିର୍ମିତ ମାଣଟିକୁ ମା'ଙ୍କ ପ୍ରତୀକ ରୂପେ ମାନି, ପ୍ରତିଟି ପରିବାର ତାଙ୍କୁ ଭକ୍ତି ଅର୍ଘ୍ୟ ବାଢ଼େ ଖୁବ୍ ନିଷ୍ଠାର ସହିତ। ଏଠି ମା'ଙ୍କ ମଣ୍ଡପ ହେଉଛି ସୁସଜ୍ଜିତ ସ୍ୱତନ୍ତ୍ର ଖଟୁଲି। ଏହି ଖଟୁଲିରେ ସେହି ମାଣକୁ ବସାଇ ଧାନକେଣ୍ଡା ରଖି ଚନ୍ଦନ, ସିନ୍ଦୂର, ହଳଦୀ ଆଦିରେ ଓଡ଼ିଆ ଘରଣୀ ଆବାହନ କରିଥାଏ ମା'ଙ୍କୁ। ଏଥିପାଇଁ ମାର୍ଗଶିର ଗୁରୁବାରକୁ ମାଣବସା ଗୁରୁବାର କୁହାଯାଏ। ଏବେ ସରକାର ସ୍ୱଚ୍ଛ ଭାରତ କଥା କହୁଥିବା ବେଳେ ହଜାର ହଜାର ବର୍ଷ ପୂର୍ବରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଜାତି ସ୍ୱଚ୍ଛତାରେ ଦୁଇପାଦ ଆଗରେ ରହିଆସିଛି। ମାଣବସା ଅବସରରେ ଓଡ଼ିଆ ଘରଣୀ ଘରବାହାର ଅତି ସରାଗରେ ଗୋବରରେ ଲିପାପୋଛା କରି କାନ୍ଥବାଡ଼ରେ ଝୋଟିରେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିଥାଏ ମା'ଙ୍କ ସ୍ୱାଗତ ପାଇଁ। କ୍ଷେତଖମାରଠୁ ଖଳାବାଡ଼ି, ଘରବାହାର, ଦାଣ୍ଡଦୁଆର ସବୁଠି ଲକ୍ଷ୍ମୀପାଦ ଓ ଝୋଟିଚିତ୍ରର ସାଜସଜ୍ଜା। ପ୍ରତିଟି ଘରୁ ଭାସି ଆସୁଥାଏ ହଳଦୀ, ଚନ୍ଦନ, ଅଗୁରୁର ଭୁରୁଭୁରୁ ବାସ୍ନା। ସବୁଠି ସ୍ୱଚ୍ଛତା ଓ ସାତ୍ତ୍ୱିକତାର ସଞ୍ଚରଣ, ଯାହାକି ସ୍ୱର୍ଗର ଅମରାବତୀର ଭ୍ରମ ସୃଷ୍ଟି କରିଥାଏ।

ମା'ଙ୍କ ଏଇ ପୂଜା ପାଇଁ ଲୋଡ଼ା ନାହିଁ ପଣ୍ଡିତ, ପୂଜକ ଅବା ବ୍ରାହ୍ମଣ। ପ୍ରତିଟି ଓଡ଼ିଆ ଘରଣୀ ସାଜିଥାଏ ପଣ୍ଡିତିଆଣୀ– ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରାଙ୍କ ପରି। ମା' ଲକ୍ଷ୍ମୀଙ୍କର ମଧ୍ୟ ମୋହ ନ ଥାଏ ମନ୍ତ୍ରପାଠ ପ୍ରତି। ସେ ବାନ୍ଧିହୋଇ ପଡ଼ନ୍ତି ଭକ୍ତିରେ, ଭାବରେ। ଅନୁପ୍ରାଣିତ ହୁଅନ୍ତି ଓଡ଼ିଆଣୀର ଅନନ୍ୟ ପ୍ରେମ, ଅନୁରକ୍ତିରେ। ଆଡ଼ମ୍ବର ଅପେକ୍ଷା ଆବେଗ ହିଁ ଆକର୍ଷିତ କରିଥାଏ ତାଙ୍କୁ। ମା'ଙ୍କ ମଣ୍ଡପ (ଖଟୁଲି) ସାମ୍ନାରେ ବସି ବୋହୂମାନେ ଅତି ପବିତ୍ର ମନରେ ପାଠ କରିଥାଆନ୍ତି ଲକ୍ଷ୍ମୀପୁରାଣ। ସୁଲଳିତ କଣ୍ଠରେ ଝରି ଆସୁଥିବା ମା'ଙ୍କ ଏହି ବନ୍ଦନା ପ୍ରରୋଚିତ କରେ ପ୍ରତିଟି ପ୍ରାଣକୁ। ସତରେ କି ମୂର୍ଚ୍ଛନା, ଜୀବନମନ୍ତ୍ର ସେ! ସନ୍ଥ ବଳରାମ ଦାସଙ୍କ ଏହି ଲକ୍ଷ୍ମୀପୁରାଣ ଦୁନିଆଁ ପାଇଁ ଏକ ଦୁର୍ଲଭ ଦାନ। ଲକ୍ଷ୍ମୀପୁରାଣ ବାଣ୍ଟେ ନୈତିକତାର ନିର୍ମାଲ୍ୟ। ଶୁଣାଏ ସଂସ୍କାର, ଅନୁଶାସନର କଥା। ଶିକ୍ଷା, ସଂସ୍କାର, ସଦାଚାରଠୁ ସ୍ୱାସ୍ଥ୍ୟ ସୁରକ୍ଷାଦି ଅନେକ ପ୍ରେରଣାପୂର୍ଣ୍ଣ ପାଠ ସନ୍ନିବେଶିତ ଏଥିରେ।

ପ୍ରତିଟି ପରିବାର ହେଉଛି ଶ୍ରୀମନ୍ଦିର ସଦୃଶ। ଘରର ସ୍ତ୍ରୀଲୋକ ହେଉଛନ୍ତି ଲକ୍ଷ୍ମୀଙ୍କ ପ୍ରତିରୂପ। ସେମାନଙ୍କୁ ହତାଦର ବା ହେୟ ମନେକଲେ ଆମକୁ ବି ଭୋଗିବାକୁ ପଡ଼ିପାରେ ଦୁର୍ଦ୍ଦଶା। ପରିବାରର ମଙ୍ଗଳ ନିହିତ ମାତୃଜାତିକୁ ମାନ–ମର୍ଯ୍ୟାଦା ପ୍ରଦାନରେ। ଏତାଦୃଶ ମହନୀୟ ବାର୍ତ୍ତା ବାଣ୍ଟେ ମାଣବସା ଗୁରୁବାର। ଅନୁଧ୍ୟାନରୁ ଜଣାଯାଏ ଯେ ପାରିବାରିକ କଳି, ହିଂସା, ନାରୀ ନିର୍ଯ୍ୟାତନାଦି ନିନ୍ଦନୀୟ ଘଟଣା ବଦଳରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଦେଖିବାକୁ ମିଳେ ଏହି ମାସରେ। ଅନ୍ତତଃ ମାସଟିଏ ହେଲେ ବି ମାନସିକ ହିଂସାଠୁ ଦୂରେଇ ରହିଥାଆନ୍ତି ମା'ଙ୍କ ଆଶିଷ ଆଶାୟୀ ମଣିଷମାନେ। ଛୁଆଁ–ଅଛୁଆଁ, ଛୋଟ–ବଡ଼ର ଭେଦଭାବ ହେଉଛି ନୀଚ ମନର ମାନସିକତା। ଏହାଠୁ ଦୂରେଇ ରହିଲେ ଖୁବ୍ ପ୍ରସନ୍ନ ହୁଅନ୍ତି ମା' ଲକ୍ଷ୍ମୀ। ଏହିପରି ମାର୍ଗଶିର ମାଣବସା ବାଣ୍ଟିଥାଏ ମହଣ ମହଣ ମହକ। ଶାନ୍ତି, ସୌହାର୍ଦ୍ଦ୍ୟ, ସ୍ୱଚ୍ଛତା, ସାତ୍ତ୍ୱିକତା, ସାମାଜିକ ସମରସତା ଆଦି ସକାରାତ୍ମକ ଭାବନାର ସ୍ୱଚ୍ଛ ସଲିଳ ସ୍ରୋତରେ ସିକ୍ତ କରାଇଥାଏ ସମସ୍ତଙ୍କୁ। ସଂସ୍କୃତି ପ୍ରତି ନିଷ୍ଠା ସହିତ ପରମ୍ପରା ପ୍ରତି ପ୍ରତିବଦ୍ଧ ହେବାକୁ ପ୍ରବର୍ତ୍ତାଇଥାଏ ଜନମାନସକୁ। ଆମେ ଯଦି ପ୍ରତିଟି ବାରକୁ ଗୁରୁବାର ଓ ପ୍ରତିଟି ମାସକୁ ମାର୍ଗଶିର ବୋଲି ମାନି ନେଇ ଚଳନ୍ତେ, ତେବେ ନିତି ଝରି ପଡ଼ନ୍ତା ମା'ଙ୍କର ଅଜସ୍ର ଅନୁକମ୍ପା ଆମ ଉପରେ। ଏ ଭୂମି ପାଲଟି ଯାଆନ୍ତା ଆଉ ଏକ ବୈକୁଣ୍ଠପୁର।

ମୋ– ୯୪୩୭୪୩୬୦୭୩,
ଇ–ମେଲ : unbiswal05@gmail.com

## ଏଇ ଭାରତରେ

ନିଷ୍ଠା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସବୁ ସମ୍ଭବ, ଯାହା ପ୍ରମାଣ କରିଛନ୍ତି ଜଣେ ନିର୍ମାଣ ଶ୍ରମିକ। ପ୍ରସିଦ୍ଧ ତାମିଲ ଲେଖକଙ୍କ ପୁସ୍ତକ ଓ ଗଳ୍ପ ଅନୁବାଦ କରି ସେ ପୁରସ୍କୃତ ହୋଇଛନ୍ତି। ତାଙ୍କ ନାମ ଶାଫି ଚେରୁମାଭିଲାଇ। କେରଳର କନ୍ନୁର ଜିଲା ବାସିନ୍ଦା ଶାଫି ଦଶମ ଯାଏ ପଢିଛନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କୁ ପାଠରେ ଡୋରି ବାନ୍ଧିବାକୁ ପଡିଥିଲା। ପରେ ରୋଜଗାର ଲକ୍ଷ୍ୟ ନେଇ ପ୍ରଥମେ ପୁଣେ ଓ ପରେ ବେଙ୍ଗାଲୁରୁ ଯାଇଥିଲେ। ଅଶୀ ଦଶକର ଶେଷଆଡକୁ ସେ ବେଙ୍ଗାଲୁରୁର ଏକ ଚା'ଦୋକାନରେ କାମ କରୁଥିଲେ। କାମ ସରିଲା ପରେ ରାତିରେ ତାମିଲ ଫିଲ୍ମ ପୋଷ୍ଟର ସଂଗ୍ରହ କରି ତାହାକୁ ପଢନ୍ତି। ଦୋକାନକୁ ଯେଉଁମାନେ ତାମିଲ ବହି ଓ ଖବରକାଗଜ ଆଣନ୍ତି ତାହାକୁ ବି ସେ ପଢନ୍ତି। ଏହିଠାରୁ ଆରମ୍ଭ ହୋଇଥିଲା ତାଙ୍କ ତାମିଲ ଶିକ୍ଷା। ସେଠାରୁ ୩ ବର୍ଷ ପାଇଁ ଗଲ୍ଫକୁ ନିର୍ମାଣ ଶ୍ରମିକ ଭାବେ କାମ କରିବାକୁ ଯାଇ ସେଠାରୁ ପୁଣି ବେଙ୍ଗାଲୁରୁକୁ ୧୯୯୭ରେ ଫେରିଆସି ଗୋଟିଏ ଟେକ୍ସଟାଇଲ ଆଉଟଲେଟ୍‌ରେ କାମ କରିଥିଲେ। ସେହି ସମୟରେ ସେ ତାମିଲ ଭାଷା ଭଲଭାବେ ଶିଖିଯାଇଥିଲେ। ପ୍ରସିଦ୍ଧ ତାମିଲ ଲେଖକ ଥୋପିଲ ମହମ୍ମଦ ମେରାନଙ୍କ ପୁସ୍ତକ ଅନୁବାଦ କରି ପୁରସ୍କାର ଲାଭ କରିଛନ୍ତି। ଚେରୁମାଭିଲାଇ ତାମିଲନାଡୁର ତ୍ରିଚୁରେ କେନ୍ଦ୍ର ସାହିତ୍ୟ ଏକାଡେମୀରେ ଅନୁବାଦକ ଭାବେ ବି କାର୍ଯ୍ୟ କରିଛନ୍ତି। ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଥମେ ସେ ସା. କଣ୍ଡାସାମୀଙ୍କ ଉପନ୍ୟାସ ଅନୁବାଦ କରିଥିଲେ । ସେ ମଧ୍ୟ ପେରୁମଲ ମୁରଗନଙ୍କ 'ଅର୍ଦ୍ଧନାରୀ' ଓ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ମେଲାନମଇ ପୋନ୍ନୁସାମୀଙ୍କ ଉପନ୍ୟାସ ଅନୁବାଦ କରିଛନ୍ତି। ତାଙ୍କୁ ଏବେ ବୟସ ୫୬ ବର୍ଷ। ସେ ତାମିଲରେ ଲିଖିତ ୯ଟି ଉପନ୍ୟାସ, ଶହ ଶହ କ୍ଷୁଦ୍ର ଗଳ୍ପକୁ ମାଲାୟାଲମରେ ଅନୁବାଦ କରିଛନ୍ତି। ଏହି ସବୁ ସୃଜନାତ୍ମକ କାର୍ଯ୍ୟରେ ତାଙ୍କ ରୋଜିରୁଟି ଯୋଗାଡ କରିବା କଷ୍ଟକର ହୋଇପଡିଛି। ତେଣୁ ଏବେ ସେ ସକାଳୁ ସନ୍ଧ୍ୟା ଯାଏ ଶ୍ରମିକଭାବେ କାମ କରି ଫେରିବା ପରେ ଅନୁବାଦ କରିବାରେ ଲାଗିପଡ଼ନ୍ତି।

## ଚିରନ୍ତନୀ

ସିକ୍ତ କରି ରିକ୍ତ ମାଟି ରକ୍ତ ଉର୍ମି ଉଠଇ ଉଜାଣି
ଚଳଇ ଧରଣୀ ପରେ ମରଣ ନିର୍ଭୀକ
ଦୃପ୍ତପଦେ ଦୁନିଆର ଅନ୍ତନାଡି ଦନ୍ତେ ଦୃଢ଼େ ଟାଣି
ନାଚି ଉଠେ ଶତାବ୍ଦୀର ଶୋଣିତ ସୈନିକ। (ଶତାବ୍ଦୀ–ସୈନିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | | | | 9 | | | 7 | | | 0 | |
| | | 5 | | | B | 3 | | E | | 9 | | 2 | C | |
| D | 8 | 9 | | | | | | | | | | | | |
| | A | C | E | | | | | 8 | 6 | 5 | | | | |
| | | | 9 | | | 7 | | | 0 | 3 | | | 1 | |
| | 3 | | | | | A | | 5 | D | | 6 | 9 | | |
| | 0 | | 7 | | | | 1 | 6 | A | | B | | | |
| 7 | E | B | | | | C | | | | | 0 | | | |
| 1 | 6 | | D | | | 9 | E | 2 | | | | | | 5 |
| | | | | | | | D | | | 1 | | 0 | 3 | E |
| | | | | | | | | | 7 | 4 | | | | |
| | | | 4 | | | 2 | | | | | | C | | 5 |
| 8 | D | A | | | 3 | | 5 | C | E | | | | | 2 |
| 2 | | 3 | | | | 1 | | B | 8 | A | | | D | 6 |
| | | | 8 | | 5 | | | | B | | | 1 | E | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 6 | 8 | 5 | B | D | 3 | A | 9 | 1 | E | 2 | 7 | 0 | C |
| 1 | 9 | 0 | 4 | 2 | A | E | C | 6 | 7 | 5 | D | 3 | 8 | B |
| E | 5 | 7 | 6 | C | 3 | 4 | B | 1 | A | 0 | 8 | 2 | 9 | D |
| 3 | B | 2 | 1 | 0 | 8 | D | 5 | 7 | C | 4 | 9 | 6 | E | A |
| C | D | A | 7 | 9 | E | 2 | 8 | 0 | 3 | 6 | B | 4 | 5 | 1 |
| D | A | 5 | E | 3 | 6 | 1 | 7 | C | 4 | 8 | 0 | B | 2 | 9 |
| 9 | 8 | 4 | 2 | 1 | C | 6 | 3 | D | B | 7 | E | 5 | A | 0 |
| 0 | C | E | B | A | 7 | 5 | 4 | 2 | 9 | 3 | 6 | 1 | D | 8 |
| 2 | 7 | 6 | 0 | 8 | 5 | B | 9 | A | D | 1 | C | E | 4 | 3 |
| B | 1 | 3 | 9 | D | 4 | 0 | E | 8 | 5 | 2 | A | C | 7 | 6 |
| 7 | 2 | C | 3 | E | 0 | 8 | D | 5 | 6 | 9 | 1 | A | B | 4 |
| 8 | 4 | 1 | A | 6 | 2 | 9 | 0 | B | E | C | 7 | D | 3 | 5 |
| 6 | 3 | B | 8 | 4 | 1 | A | 2 | E | 0 | D | 5 | 9 | C | 7 |
| 5 | E | 9 | D | 7 | B | C | 6 | 4 | 8 | A | 3 | 0 | 1 | 2 |
| A | 0 | D | C | 5 | 9 | 7 | 1 | 3 | 2 | B | 4 | 8 | 6 | E |

ଗତକାଲିର ଉତ୍ତର



# ଜେଏନ୍‌ୟୁ ଛାତ୍ର ଆନ୍ଦୋଳନକୁ ଦମନ

ବିଚିତ୍ର ବିଶ୍ୱାଳ

ଗଣତନ୍ତ୍ରରେ ବିରୋଧୀ ମତକୁ ଚାପି ଦିଆଯିବା ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ। ଏହା ଧୀରେ ଧୀରେ ଆମ ଦେଶକୁ ସ୍ୱେଚ୍ଛାଚାରିତା ଦିଗରେ ଆଗେଇ ନେବ। ସମ୍ପ୍ରତି ଆମ ଦେଶରେ ଠିକ୍ ଏଇଆ ହିଁ ହେଉଛି। ବିରୋଧୀ ମତବାଦକୁ ବୌଦ୍ଧିକତା ଦୃଷ୍ଟିରୁ ପରିପକ୍ୱ କରିବାରେ ଆମ ଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଜେଏନ୍‌ୟୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ଜେଏନ୍‌ୟୁର ଛାତ୍ର ଓ ଅଧ୍ୟାପକମାନେ ବିଭିନ୍ନ ବାଟରେ ବିରୋଧୀ ପକ୍ଷଙ୍କୁ ବୌଦ୍ଧିକ ମାଲ୍‌ମସଲା ପ୍ରଦାନ କରିଆସୁଛନ୍ତି, ଯାହା ପ୍ରକାରାନ୍ତରେ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ମନମୋହନ ସିଂହଙ୍କ ସରକାର ହେଉ କି ବର୍ତ୍ତମାନର ମୋଦିଙ୍କ ସମୟ, ଜେଏନ୍‌ୟୁ ହିଁ ସବୁବେଳେ ମୁଖ୍ୟ ବିରୋଧୀର ଭୂମିକା ପାଳନ କରିଆସିଛି। କିନ୍ତୁ ଜେଏନ୍‌ୟୁର ସାମ୍ପ୍ରତିକ ଛାତ୍ର ଆନ୍ଦୋଳନକୁ ଯେପରି ଭାବେ ଦମନ କରାଯାଉଛି ତାହା ଗଣତନ୍ତ୍ର ପ୍ରତି କୁଠାରାଘାତ। ଜେଏନ୍‌ୟୁର ଛାତ୍ର ଆନ୍ଦୋଳନ ସମୟରେ ଦେଖିବାକୁ ମିଳୁଛି ଯେ, ଗୋଟିଏ ଗୋଷ୍ଠୀ ଲାଗିପଡ଼ି ଜେଏନ୍‌ୟୁକୁ ବଦନାମ କରିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ଜେଏନ୍‌ୟୁର ଛାତ୍ରମାନେ ଉଚ୍ଛୃଙ୍ଖଳିତ, ସେଠାରେ କଣ୍ଡୋମ୍ ମିଳୁଛି, ଛାତ୍ରମାନେ ମଦ୍ୟପାନ କରି ଅଶ୍ଳୀଳ ଆଚରଣ କରୁଛନ୍ତି ଆଦି ପ୍ରଚାର କରାଯାଉଛି ଓ ସମ୍ପୂର୍ଣ୍ଣ ଜେଏନ୍‌ୟୁକୁ ଦେଶବିରୋଧୀ ବୋଲି ମଧ୍ୟ ପ୍ରଚାର କରାଯାଉଛି। ଦେଶର ଗୋଟିଏ ଅଗ୍ରଣୀ ଶିକ୍ଷାନୁଷ୍ଠାନକୁ ଏପରି ବଦନାମ କରିବା ପ୍ରାୟତଃ ପ୍ରଥମ ଥର ଦେଖାଯାଉଛି। ଦୁଇଚାରି ଜଣ ଛାତ୍ରଙ୍କର କିଛି ଖରାପ କାମ ଯୋଗୁ ସମ୍ପୂର୍ଣ୍ଣ ଶିକ୍ଷାନୁଷ୍ଠାନକୁ ବଦନାମ କରିବା କେତେଦୂର ପ୍ରାସଙ୍ଗିକ! ଏହା ପଛରେ ଥିବା କାରଣ ପ୍ରାୟତଃ ସମସ୍ତେ ଜାଣନ୍ତି। ଗତ କିଛିବର୍ଷ ଧରି ଜେଏନ୍‌ୟୁର ଛାତ୍ରସଂଘ ନିର୍ବାଚନରେ ନିୟମିତ ଭାବେ ବାମପନ୍ଥୀ ବିଚାରଧାରାର ଛାତ୍ରମାନେ ଜିତୁଛନ୍ତି ଓ ଭାଜପା ସମର୍ଥିତ ଛାତ୍ରଗୋଷ୍ଠୀ ଆପ୍ରାଣ ଉଦ୍ୟମ କଲେ ମଧ୍ୟ ବିଜୟୀ ହୋଇ ପାରୁନାହାନ୍ତି। ସେହି ବାମପନ୍ଥୀ ଛାତ୍ର ଗୋଷ୍ଠୀ ମଧ୍ୟ ନିୟମିତ ଭାବେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ସମାଲୋଚନା କରିଆସୁଛନ୍ତି। ଏହା ହିଁ ଜେଏନ୍‌ୟୁ ଦମନ ପଛରେ ଥିବା କାରଣଗୁଡ଼ିକ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଜେଏନ୍‌ୟୁରେ ହଷ୍ଟେଲ୍ ଫି ମାତ୍ରାଧିକ ବୃଦ୍ଧି, ଲାଇବ୍ରେରିରେ ପଢ଼ିବା ସମୟ ସଂକୁଚିତ ଓ ଅନ୍ୟାନ୍ୟ କଟକଣା ଆଦି ବିରୋଧରେ ଛାତ୍ରମାନେ ଦୀର୍ଘ ପନ୍ଦର ଦିନ ଧରି ଆନ୍ଦୋଳନ କରିଆସୁଛନ୍ତି। ସରକାର ପୋଲିସ ଲଗେଇ ଛାତ୍ରମାନଙ୍କୁ ଲହୁଲୁହାଣ କରି ଆନ୍ଦୋଳନକୁ ଦମନ କରିବାକୁ ବୃଥା ପ୍ରୟାସ କରୁଛନ୍ତି। ବର୍ତ୍ତମାନ ସରକାର ଶିକ୍ଷାକୁ ଏକ ବ୍ୟବସାୟ ରାସ୍ତାରେ ନେବାକୁ ଚେଷ୍ଟା କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ଦିଆଯାଉଥିବା ସବ୍‌ସିଡିକୁ କମ୍ କରିବାକୁ ଚାହୁଁଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜେଏନ୍‌ୟୁରେ ପଢୁଥିବା ସମୁଦାୟ ଛାତ୍ରଙ୍କ ମଧ୍ୟରୁ ୪୦ ପ୍ରତିଶତ ନିମ୍ନ ଆର୍ଥିକ ବର୍ଗରୁ ଆସିଥାନ୍ତି। ଅର୍ଥାତ୍ ସେହି ପରିବାରର ମାସିକ ରୋଜଗାର ୧୨ହଜାର ଟଙ୍କାରୁ କମ୍। ଯଦି ଜେଏନ୍‌ୟୁରେ ମାତ୍ରାଧିକ ଫି ବୃଦ୍ଧି କରିଦିଆଯାଏ, ତେବେ ନିମ୍ନବର୍ଗର ପିଲାମାନେ ଜେଏନ୍‌ୟୁ ପରି ବିଶ୍ୱବିଦ୍ୟାୟରେ ଉଚ୍ଚମାନର ଶିକ୍ଷା ଲାଭରୁ ବଞ୍ଚିତ ହେବେ। ଏପରି କରି ସରକାର କ'ଣ ଶିକ୍ଷାକୁ କେବଳ ଧନୀ ଲୋକଙ୍କର ବିଷୟ କରି ରଖିବାକୁ ଚାହୁଁଛନ୍ତି କି? ଜେଏନ୍‌ୟୁ ଛାତ୍ରମାନଙ୍କର ଏହି ଆନ୍ଦୋଳନ ସମୟରେ କିଛି ଲୋକ ଏ କଥା ବି କହୁଛନ୍ତି ଯେ, ଦିଲ୍ଲୀ ପରି ଏକ ଜାଗାରେ ଜେଏନ୍‌ୟୁର ହଷ୍ଟେଲ ଫି ଏବେ ଯେତିକି ବି ରହିଛି, ତାହା ବଜାର ତୁଳନାରେ ଅତ୍ୟନ୍ତ କମ୍। ତେଣୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଫି ବୃଦ୍ଧି କରିବାଟା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଠାରେ ମନେରଖିବା କଥା ଯେ, କେବଳ ଜେଏନ୍‌ୟୁକୁ ସରକାର ସବ୍‌ସିଡି ଦେଉନାହାନ୍ତି, ଆମ ଦେଶର ଆହୁରି ବଡ଼ବଡ଼ ଶିକ୍ଷାନୁଷ୍ଠାନକୁ ବି ସବ୍‌ସିଡି ପ୍ରଦାନ କରୁଛନ୍ତି। ଆଇଆଇଟି ଓ ଆଇଆଇଏମ୍ ଆଦିକୁ ବି ଜେଏନ୍‌ୟୁଠାରୁ ଅଧିକ ସବ୍‌ସିଡି ଦିଆଯାଉଛି। ଶିକ୍ଷାନୁଷ୍ଠାନକୁ ସବ୍‌ସିଡି ପ୍ରଦାନ କରିବା ସରକାରଙ୍କ ଦାୟିତ୍ୱ। କାରଣ ଦେଶର ଛାତ୍ରମାନଙ୍କ ପାଇଁ କମ୍ ଦାମ୍‌ରେ ଉଚ୍ଚମାନର ଶିକ୍ଷା ଉପଲବ୍ଧ କରେଇବା ହିଁ ସରକାରଙ୍କ ସର୍ବପ୍ରଥମ କାମ ହେବା ଉଚିତ। ଗୋଟିଏ ପଟେ ଦେଶକୁ ୫ ଟ୍ରିଲିଅନ୍ ଅର୍ଥନୀତି କରିବେ ବୋଲି ଦାବି କରୁଥିବା ସରକାର ଶିକ୍ଷାନୁଷ୍ଠାନଗୁଡିକ ପାଇଁ କଞ୍ଜୁସ୍ ହେଉଛନ୍ତି କାହିଁକି? ଶିକ୍ଷାନୁଷ୍ଠାନଗୁଡ଼ିକର ସବ୍‌ସିଡି କାଟି ସରକାର ରୋଜଗାର କରିବାକୁ କାହିଁକି ଚାହୁଁଛନ୍ତି? ସରକାର ଯଦି ନିଜର ଖର୍ଚ୍ଚ କମ୍ କରିବାକୁ ଚାହୁଁଛନ୍ତି, ତେବେ ବିଧାୟକ ଓ ସାଂସଦଙ୍କୁ ଦିଆଯାଉଥିବା ସବ୍‌ସିଡି, ସଂସଦ ଭବନରେ ଯେପରି ସବ୍‌ସିଡି ମୂଲ୍ୟରେ ଖାଦ୍ୟ ଦିଆଯାଉଛି, ସେସବୁ କମ୍ କରନ୍ତୁ। ସେମାନଙ୍କୁ ଯେପରି ମାଗଣାରେ ରେଳ ଓ ଉଡାଜାହାଜ ଯାତ୍ରାର ସୁବିଧା ଦିଆଯାଉଛି, ସେସବୁ କମ୍ କରାଯାଉନି କାହିଁକି? ସରକାର କାହିଁକି ଶିକ୍ଷାନୁଷ୍ଠାନଗୁଡ଼ିକୁ ଦିଆଯାଉଥିବା ସବ୍‌ସିଡି ପଛରେ ପଡ଼ିଛନ୍ତି? ସରକାର କ'ଣ ଭାବୁଛନ୍ତି, ଦେଶର ପିଲାମାନେ ପାଠ ପଢ଼ିଲେ, ସେମାନଙ୍କୁ ପୁଣି ପ୍ରଶ୍ନ ପଚାରିବେ ଓ ଅଡୁଆ ହେବ! ସରକାର କ'ଣ କେବଳ ଭବିଷ୍ୟତରେ ମୂର୍ଖଙ୍କ ସେନା ତିଆରି କରିବାକୁ ଚାହୁଁଛନ୍ତି, ଯେଉଁମାନେ କେବଳ ଜିନ୍ଦାବାଦ୍ ପକେଇବେ। ସବୁ ଶିକ୍ଷାନୁଷ୍ଠାନର ସବ୍‌ସିଡି କାଟିବା ଯୋଜନାରେ ସରକାର ଅଛନ୍ତି। ଏହା ଜେଏନ୍‌ୟୁରୁ ଆରମ୍ଭ ହୋଇଛି। ତେଣୁ ଜେଏନ୍‌ୟୁ ଛାତ୍ରମାନଙ୍କର ଲଢ଼େଇ କେବଳ ନିଜ ସୁବିଧା ପାଇଁ ନୁହେଁ, ଦେଶର ଶିକ୍ଷା ବ୍ୟବସ୍ଥାକୁ ବ୍ୟବସାୟିକ ଚିନ୍ତାଧାରାରୁ ମୁକ୍ତ ରଖିବାର ଲଢ଼େଇ। ଛାତ୍ରମାନଙ୍କର ଏହି ଆନ୍ଦୋଳନକୁ ତଳୁଆ ଦେଖେଇବା ପାଇଁ ଚତୁରତାର ସହିତ ଏହାକୁ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସହିତ ଯୋଡ଼ାଯାଉଛି। ପ୍ରଥମ କଥା ହେଉଛି, ପ୍ରତିମୂର୍ତ୍ତି ଆଦୌ ଭଙ୍ଗାଯାଇନି। ପ୍ରତିମୂର୍ତ୍ତିରେ କେହି ଜଣେ ଦୁର୍ବୃତ୍ତ ଖରାପ କଥା ଲେଖିଛି। ସେଥିପାଇଁ ଦୁର୍ବୃତ୍ତକୁ ଦଣ୍ଡ ଦିଆଯିବା କଥା ନା ଜେଏନ୍‌ୟୁର ଛାତ୍ର ଆନ୍ଦୋଳନକୁ ନିନ୍ଦା କରିବା କଥା! ଏତଦ୍‌ବ୍ୟତୀତ ଜେଏନ୍‌ୟୁ ବିଷୟରେ ଅନେକ ଉଦ୍ଦେଶ୍ୟମୂଳକ ମିଥ୍ୟା ଖବର ପ୍ରଚାର କରାଯାଉଛି, ଯାହା ଆଦୌ ସତ୍ୟ ନୁହେଁ। ଯେମିତିକି ଜେଏନ୍‌ୟୁରେ ଦଶ ଟଙ୍କାରେ ହଷ୍ଟେଲ୍ ବେଡ୍ ମିଳୁଛି। ଜେଏନ୍‌ୟୁ ହଷ୍ଟେଲ୍‌ରେ ରହୁଥିବା ଜଣେ ଛାତ୍ରର ବାର୍ଷିକ ଫି ୨୭ ହଜାରରୁ ୩୨ ହଜାର ଟଙ୍କା ମଧ୍ୟରେ। ବର୍ଦ୍ଧିତ ଦେୟ ଲାଗୁହେଲେ ଏହା ପ୍ରାୟ ୫୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସତଠାରୁ ଦୂରକୁ ଯାଇ କିଛି ଲୋକ ଜେଏନ୍‌ୟୁକୁ ଲାଗିପଡ଼ି ବଦ୍‌ନାମ କରିବାକୁ ଚାହୁଁଛନ୍ତି। କାରଣ ଜେଏନ୍‌ୟୁ ଯୁଗେ ଯୁଗେ ବିରୋଧୀ ମତକୁ ବୌଦ୍ଧିକତା ପ୍ରଦାନ କରିଆସୁଛି, ଯାହା ସରକାର ଚାହାନ୍ତି ନାହିଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ମହଙ୍ଗା ମାଡ଼ରେ ଲୋକେ ଅସ୍ତବ୍ୟସ୍ତ

ମହାଶୟ,

ଏବେ ସହରୀ ସଭ୍ୟତାକୁ ଆପଣାଇ ଗ୍ରାମାଞ୍ଚଳର ଅଧିକାଂଶ ଲୋକ କୃଷିକାର୍ଯ୍ୟରୁ ବିମୁଖ ହେବାର ଦେଖାଯାଉଛି। ଫଳରେ ପନିପରିବା ଓ ଖାଦ୍ୟଶସ୍ୟର ଦର ଏବେ ଆକାଶଛୁଆଁ। ଲୋକେ ଚଷି ଖାଇବାକୁ ନୁହେଁ, ବରଂ କିଣି ଖାଇବାକୁ ପସନ୍ଦ କରୁଛନ୍ତି। ସେଥିରେ ଦରଦାମ୍ ତ ବଢ଼ିବ ନା। ନାସିକରେ ପିଆଜ ଅମଳ କମ୍ ହେଲେ, ପଶ୍ଚିମବଙ୍ଗରେ ଆଳୁ ଅମଳ କମ୍ ହେଲେ ଓ ରାଞ୍ଚି ବା ବାଙ୍ଗଲୋରରେ କୋବି ଚାଷ କମ୍ ହେଲେ ଆମର ଏଠି ଦର ବଢ଼ିବାଟା ଥୟ। ସରକାରଙ୍କର ବି କୌଣସି ପ୍ରୋତ୍ସାହନ ବା ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନାହିଁ। ଯେଉଁ କେତେକ ଅଞ୍ଚଳରେ ଚାଷୀ ଚାଷ କରୁଛନ୍ତି, ଶୀତଳଭଣ୍ଡାର ନ ଥିବାରୁ ଅଧିକ ଚାଷ କରିବାକୁ ନିରୁତ୍ସାହିତ ହେଉଛନ୍ତି। ଟଙ୍କିକିଆ ଚାଉଳ ଯୋଗୁ ଲୋକେ କୃଷିକାର୍ଯ୍ୟରୁ ବିମୁଖ ହେଉଛନ୍ତି। ଏସବୁ ସରକାରଙ୍କ ଅଦୂରଦର୍ଶିତାର ପରିଚାୟକ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବେଦକୁ ଲୋକାଭିମୁଖୀ କରାଯାଉ

ମୁସଲମାନମାନେ ମସ୍‌ଜିଦ୍‌ରେ କୋରାନ ପାଠ କରନ୍ତି। ଶିଖ୍ ସମ୍ପ୍ରଦାୟ ଗୁରୁଦ୍ୱାରାରେ ଗ୍ରନ୍ଥସାହେବ ପାଠ କରନ୍ତି। ଖ୍ରୀଷ୍ଟିଆନମାନେ ଚର୍ଚ୍ଚରେ ବାଇବେଲ୍ ପାଠ କରନ୍ତି। କିନ୍ତୁ ବେଦ ଆମର ସର୍ବପ୍ରାଚୀନ ଏବଂ ଐଶ୍ୱରୀୟ ବାଣୀ। ତା' ବିଷୟରେ ଆମ ହିନ୍ଦୁଧର୍ମର ଅଧିକାଂଶ ଲୋକେ କିଛି ଜାଣିନାହାନ୍ତି। ଆମେ ଧର୍ମର ତତ୍ତ୍ୱ ନ ବୁଝି ବାହ୍ୟ ଆଡମ୍ବର ଦେଖାଇ ପୂଜାବିଧି କରୁଛୁ। ଅତଏବ ବେଦକୁ ସରଳୀକରଣ କରାଯାଇ ଲୋକାଭିମୁଖୀ କରାଗଲେ ଆମ୍ଭେ ପ୍ରକୃତରେ ଧର୍ମର ତତ୍ତ୍ୱ ବୁଝିପାରନ୍ତେ ଏବଂ ଆମ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ହୋଇପାରନ୍ତା।

ପୂର୍ଣ୍ଣଚନ୍ଦ୍ର ସାଥୁଆ, ନାରାୟଣପୁର, ସରସରା, ବୌଦ୍ଧ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୪

- ଚାଇନାକୁ ଗାଟ୍‌ର ସଦସ୍ୟ ରୂପେ ଗ୍ରହଣ କରିବାକୁ ଜେନେଭାଠାରେ ଗାଟ୍ ବୈଠକ ଅନୁଷ୍ଠିତ।
- ୧୦ ମିଲିଅନ ଡଲାର ଅର୍ଥ ହେରଫେର ମାମଲାରେ ପାକିସ୍ତାନ ମୁସ୍‌ଲିମ ଲିଗ୍‌ର ନେତା ସୁଜାତ ହୁସେନ୍‌ଙ୍କୁ ଜାମିନ।

# ଆଜି କ'ଣ କେଉଁଠି

**ସମ୍ବଲପୁର**

■ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ନାଗରିକ କ୍ରିୟାନୁଷ୍ଠାନ କମିଟିର ଧାରଣା, କଚେରୀ ଛକ, ପୂର୍ବାହ୍ନ ୧୦ଟା ।

■ଫସଲ ବୀମା ଦାବୀରେ ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା।

■ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଶୀର୍ଷକ ବୈଠକ, ବିଶ୍ୱବିଦ୍ୟାଳୟ ପରିସର ସଭାକକ୍ଷ, ପୂର୍ବାହ୍ନ ୧୧ଟା ।

■ଜାତୀୟ ପଲ୍ଲିଶ୍ରୀ ମେଳା, ଅଇଁଠାପାଲି ପିଏଚଡି ପଡିଆ, ଅପରାହ୍ନ ୨ଟା ।

■ସମ୍ବଲପୁର ସାନିକା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏଚଡି ପଡିଆ ମଞ୍ଚ, ରାତି ୭ଟା ।

**ବିଜେପୁର**

■ଲେମଧର ୱାର୍ଡସଭ୍ୟ ଉପନିର୍ବାଚନର ଭୋଟଗଣତି, ବ୍ଲକ ସଭାକକ୍ଷ. ସକାଳ ୮ଟା ।

■କନ୍ଦାଉଡାର ସମିତି ସଭ୍ୟ ଉପନିର୍ବାଚନ ଭୋଟ ଗଣତି, ଝାରବନ୍ଧ ବ୍ଲକ ସଭାକକ୍ଷ. ସକାଳ ୮ଟା ।

**ବୌଦ୍ଧ**

■ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ, ଟାଉନହଲର ଭିକାରୀ କଳା ମଣ୍ଡପ, ପୂର୍ବାହ୍ନ ୧୧ଟା ।

**ଲୋଇସିଂହା**

■ୱାର୍ଡସଭ୍ୟାସଭ୍ୟ ଉପନିର୍ବାଚନର ଭୋଟଗଣତି, ବ୍ଲକ ସଭାକକ୍ଷ. ସକାଳ ୮ଟା ।

**ବରଗଡ଼**

■ବରଗଡ଼ ପୁସ୍ତକମେଳା, ଜର୍ଜ ହାଇସ୍କୁଲ ପଡ଼ିଆ, ଅପରାହ୍ନ ୨ଟା ୩୦ମିନିଟ୍

■ମହିମାଧର୍ମ ଉପରେ କାର୍ଯ୍ୟକ୍ରମ, ବରଗଡ଼ ପୁସ୍ତକମେଳା, ସନ୍ଧ୍ୟା ୬ଟା ।

■ପୂର୍ବତଟ ରେଳପଥର ସ୍ୱତନ୍ତ୍ର ନିର୍ଦ୍ଦେଶନାମା

# ଘନ କୁହୁଡ଼ିରେ ୬୦କି.ମି. ବେଗରେ ଚାଲିବ ଟ୍ରେନ୍

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)



ରାତିରୁ ସକାଳ ପର୍ଯ୍ୟନ୍ତ ଘନ କୁହୁଡ଼ି ହେଉଛି । ଏଥିଯୋଗୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି । ଘନ କୁହୁଡ଼ିରେ ସୁରକ୍ଷିତ ତଥା ନିରାପଦ ଟ୍ରେନ୍ ଚଳାଚଳ ପାଇଁ ପୂର୍ବତଟ ରେଳପଥ ସ୍ୱତନ୍ତ ନିର୍ଦ୍ଦେଶନାମା ଜାରି କରିଛି । ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ସହ ଇଞ୍ଜିନ ନିରୀକ୍ଷଣକୁ ପ୍ରାଥମିକତା ଦିଆଯିବାକୁ କୁହାଯାଇଛି । ଏହି ସମୟରେ ସିଗ୍ନାଲ ଜନିତ ସମସ୍ୟା ଦେଖାଦେଉଥିବାରୁ ବିଭିନ୍ନ ସୁରକ୍ଷା ପଦକ୍ଷେପ ନିଆଯାଇଛି । ବିପଦକୁ ଏଡ଼ାଇବା ପାଇଁ ରନିଂ ଷ୍ଟାଫ୍ ଓ ସୁରକ୍ଷା ଅଧିକାରୀଙ୍କୁ ତାଲିମ ଦିଆଯାଇଛି । ଘନ କୁହୁଡି ଅଞ୍ଚଳରେ ସିଗ୍ନାଲ ନିଶ୍ଚିତ କରିବା ପାଇଁ ଉଜ୍ଜ୍ୱଳ ଆଲୋକ ପ୍ରଦାନକାରୀ ରଙ୍ଗ ପଟିକୁ ଓ.ଏଚ.ଇ ଖୁଣ୍ଟରେ ବ୍ୟବହାର, ସିଗ୍ନାଲଖୁଣ୍ଟ ପୂର୍ବରୁ ଶବ୍ଦ ସୃଷ୍ଟି କରୁଥିବା ଡିଟୋନେଟର ବ୍ୟବହାର, ରେଲ୍‌ୱେ ଅନୁମୋଦିତ ଡିଜାଇନ ରେଡ୍ ଟେଲ୍ ଧପଧପି ଲ୍ୟାମ୍ପ ବ୍ୟବହାର କରାଯାଉଛି । ସମ୍ବେଦନଶୀଳ ଅଞ୍ଚଳରେ ସ୍ଥିରୀକୃତ ବେଗ ୬୦ କି.ମି. ମଧ୍ୟରେ ଟ୍ରେନ୍ ଚଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ନିଜ ଅନୁଭବରୁ ଚାଳକମାନେ ପରିସ୍ଥିତି ଦେଖି ଟ୍ରେନ୍‌ର ବେଗ କମାଇବା ସହ ବନ୍ଦ ମଧ କରିପାରିବେ ବୋଲି କୁହାଯାଇଛି । ଦୃଶ୍ୟମାନ ହେଉ ନ ଥିବା ଅଞ୍ଚଳରେ କ୍ରମାଗତ ଭାବେ ହୁଇସିଲ ମାରିବାକୁ ପରାମର୍ଶ ଦିଆଯାଇଛି । ହୁଇସିଲ୍ ଶବ୍ଦ ଶୁଣି ଗେଟ୍‌ମ୍ୟାନ୍ ଓ ରାସ୍ତା ବ୍ୟବହାରକାରୀ ଟ୍ରେନ୍ ଆସିବାର ସୂଚନା ପାଇପାରିବେ ବୋଲି କୁହାଯାଇଛି ।

# ଯୁବକଙ୍କୁ ଏସିଡ୍ ମାଡ଼: ମା, ଝିଅ ଗିରଫ

କଟକ ଅଫିସ,୨୭।୧୧

କଟକ ଜିଲା ଜଗତ୍‌ପୁର ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମରେ ପ୍ରତାରଣା କରିବାରୁ ଯୁବତୀ ଜଣକ ପ୍ରତିଶୋଧ ପରାୟଣ ହୋଇ ଯୁବକଙ୍କ ଉପରେ ଏସିଡ୍ ପକାଇଛନ୍ତି। ଏଥିରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ବାରିକ ସାହିର ଅଲେଖ ବାରିକ(୩୦)। ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଅଲେଖଙ୍କ ବଡଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୯୬/୧୯) ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତା ଯୁବତୀ ସରସ୍ୱତୀ ନାୟକ ଓରଫ ପାୟଲ(୧୯) ଓ ତାଙ୍କ ମା' ଚନ୍ଦ୍ରମା ନାୟକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏଥିସହ ଘଟଣାସ୍ଥଳରୁ ପୋଲିସ ଏସିଡ୍ ଥିବା ଏକ କାଚ ବୋତଲ ଜବତ କରିଛି। ଅଭିଯୋଗ ଅନୁଯାୟୀ, ପୂର୍ବରୁ ଅଲେଖ ଓ ପାୟଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ତେବେ ଅଲେଖଙ୍କ ବିବାହ ଅନ୍ୟତ୍ର ଠିକ୍ ହୋଇଯିବା ସମ୍ପର୍କରେ ପାୟଲ ଜାଣିବାକୁ ପାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପାୟଲ ତାଙ୍କୁ ଏସିଡ୍ ମାଡ କରିବାକୁ ଷଡଯନ୍ତ୍ର ରଚିଥିଲେ। ଜଗତ୍‌ପୁର ଅଞ୍ଚଳରେ ଅଲେଖଙ୍କର ଏକ ସେଲୁନ ଦୋକାନ ରହିଛି। ସବୁଦିନ ପରି ମଙ୍ଗଳବାର ଅଲେଖ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ପାୟଲ ଅଲେଖଙ୍କୁ ଫୋନକରି ଦେଖା କରିବାକୁ ତାଙ୍କ ଘର ନିକଟକୁ ଡାକିଥିଲେ। ରାତି ପ୍ରାୟ ୧୧ଟାରେ ଅଲେଖ ପାୟଲଙ୍କ ଘର ନିକଟରେ ପହଞ୍ଚିଥିଲେ। ସେଠାରେ ଦୁହେଁ ଛିଡା ହୋଇ କଥା ହେଉଥିବା ସମୟରେ ଅଲେଖଙ୍କ ଅନ୍ୟତ୍ର ବିବାହ ଘଟଣା ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ସେଠାରେ ପାୟଲଙ୍କ ମାଆ ଓ ବାପା ପହଞ୍ଚିଥିଲେ। ହେଲେ ହଠାତ୍ ପାୟଲ ପ୍ରତିଶୋଧ ପରାୟଣା ହୋଇ ଅଲେଖଙ୍କ ଉପରକୁ ଏସିଡ୍ ମାଡ କରିଥିଲେ। ଯନ୍ତ୍ରଣାରେ ଛଟପଟ ହୋଇ ଅଲେଖ ଦୌଡୁଥିବାବେଳେ ପାୟଲଙ୍କ ମା' ତାଙ୍କୁ ଜୀବନରୁ ମାରିଦେବାକୁ କଟୁରି ଧରି ଗୋଡାଇଥିଲେ। ତେବେ ଅଲେଖଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ଆସିଯିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ ବୋଲି ଅଲେଖ କହିଛନ୍ତି। ପରେ ଏ ନେଇ ତାଙ୍କ ଭାଇ ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ।

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଧରିତ୍ରୀ ପରିବାର ଓ ଅଗଣିତ ପାଠକ ପାଠିକା ଏବଂ ଅଞ୍ଚଳର ସମସ୍ତ ଗ୍ୟାସ୍ ଉପଭୋକ୍ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ସୁରମା ଏଚ୍.ପି. ଗ୍ୟାସ୍ ଏଜେନ୍ସି
ମେନ୍ ରୋଡ଼, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଅଗଣିତ ପାଠକ ପାଠିକା ଓ ବାଲୁଗାଁ ଅଞ୍ଚଳବାସୀଙ୍କୁ ରୋଟାରୀ କ୍ଲବ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

ରବିନାରାୟଣ ନାୟକ
ସଭାପତି, ରୋଟାରୀ କ୍ଲବ, ବାଣପୁର, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତ କର୍ମକର୍ତ୍ତା, ସମ୍ପାଦକ ମଣ୍ଡଳୀ ଓ ଅଗଣିତ ପାଠକ ପାଠିକାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଭ୍ରମର ପାଇକରାୟ
ସଭାପତି
ଚିଲିକା ଆଞ୍ଚଳିକ ଖଣ୍ଡାୟତ ମହାସଂଘ, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ସମ୍ପାଦକ ମଣ୍ଡଳୀ, ପାଠକ ପାଠିକା ଏବଂ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଡ଼. ଲକ୍ଷ୍ମୀଧର ସୁବୁଦ୍ଧି
ଅଧ୍ୟାପକ, ବାଲୁଗାଁ ମହାବିଦ୍ୟାଳୟ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ବାଲୁଗାଁ ଅଞ୍ଚଳର ସମସ୍ତ ଟିଭିଏସ୍ ଗ୍ରାହକ ଓ ଧରିତ୍ରୀର ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
TVS

ସତ୍ୟନାରାୟଣ ଟିଭିଏସ୍ ମୋଟର୍ସ
ମେନ୍‌ରୋଡ଼, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଅଗଣିତ ପାଠକ ପାଠିକା ଏବଂ ଅଞ୍ଚଳର ସମସ୍ତ ଗ୍ୟାସ୍ ଉପଭୋକ୍ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ମଡ଼ର୍ଣ୍ଣ ଲିଭିଙ୍ଗ୍ ଏଚ୍.ପି. ଗ୍ୟାସ୍ ଏଜେନ୍ସି
ଚିଲିକା ରୋଡ଼, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଅଗଣିତ ପାଠକ ପାଠିକା ଓ ଚିଲିକାକୁ ଆସୁଥିବା ପର୍ଯ୍ୟଟକ ଏବଂ ମତ୍ସ୍ୟଜୀବୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ଲକ୍ଷ୍ମୀଧର ତରାଇ, ସଭାପତି
କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ
ମା' କାଳିଜାଇ ମୋଟରବୋଟ ଆସୋସିଏସନ, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଅଗଣିତ ପାଠକ ପାଠିକା, କର୍ମଚାରୀବୃନ୍ଦ ଓ ବାଲୁଗାଁ ଅଞ୍ଚଳର ମତ୍ସ୍ୟ ବ୍ୟବସାୟୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ଜୟନ୍ତ କୁମାର ସ୍ୱାଇଁ, ସଭାପତି
ବିଜୟ କୁମାର ପାଢ଼ୀ, ସମ୍ପାଦକ
କାଳିଜାଇ ମତ୍ସ୍ୟ ବ୍ୟବସାୟ ସଂଘ, ବାଲୁଗାଁ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମ୍ପାଦକୀୟ ମଣ୍ଡଳୀ, ଅଗଣିତ ପାଠକ ପାଠିକା ଓ ଚିଲିକାକୁ ଆସୁଥିବା ପର୍ଯ୍ୟଟକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଶରତଚନ୍ଦ୍ର ନାୟକ, ସଭାପତି
ଜଳନ୍ଧର ସ୍ୱାଇଁ, ସମ୍ପାଦକ
ମା' କାଳିଜାଇ ମୋଟର ଡଙ୍ଗା ମାଲିକ ସଂଘ
ପାନ୍ଥନିବାସ ନିକଟ, ବଡ଼କୁଳ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମ୍ପାଦକ ମଣ୍ଡଳୀ, ଅଗଣିତ ପାଠକ ପାଠିକା ଓ ଚିଲିକା ଅଞ୍ଚଳବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।
ଉତ୍ପଳ ପାଇକରାୟ
ଉପାଧ୍ୟକ୍ଷ, ଚିଲିକା ବ୍ଲକ


'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସାଲେପୁର ଅଞ୍ଚଳ ସମେତ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଉଛି । ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କ ଚଳାପଥ ସୁଖମୟ ହେଉ ।
ନନ୍ଦିନୀ ଶତପଥୀ
ନାରୀନେତ୍ରୀ, ସମାଜସେବିକା, ସୁଗାୟିକା ତଥା କବି

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଚିଲିକା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଏବଂ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଆଲୋକ ଶତ୍ରୁଶଲ୍ୟ
ରାହଣବେଲୀ ଗ୍ରାମ, ବାଲୁଗାଁ

## ଅନୁସୂଚିତ ଜନଜାତିଙ୍କ ସେବାରେ...
## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନବରଙ୍ଗପୁର ଆଦିବାସୀମାନଙ୍କର ସାମୂହିକ ବିକାଶ ପାଇଁ ୧୯୭୯ ମସିହାଠାରୁ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ପଞ୍ଚାୟତ ସମିତିରେ କାର୍ଯ୍ୟ କରିଆସୁଅଛି ।

- ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି । ସେମାନଙ୍କୁ ଇଂରାଜୀ ପାଠ୍ୟକ୍ରମ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବା ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି । ଆତ୍ମନିଯୁକ୍ତି/ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡ଼ି ଚାଳନା ଶିକ୍ଷା, ୱେଲ୍‌ଡ଼ିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି ।
- ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି ।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନା ମାଧ୍ୟମରେ ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଲୋକଙ୍କ ପୀଠସ୍ଥଳୀର ପୁନରୁଦ୍ଧାର କରାଯାଇଅଛି ତଥା ସେମାନଙ୍କ ଆମୋଦପ୍ରମୋଦ ସକାଶେ ଜିଲ୍ଲାର ସମସ୍ତ ୧୮୯ଟି ପଞ୍ଚାୟତରେ ଗୋଟିଏ ଲେଖାଏ ସାଂସ୍କୃତିକ କେନ୍ଦ୍ରର ନିର୍ମାଣ କରାଯାଉଅଛି ।

ସ୍ୱା./- ଶ୍ରୀଯୁକ୍ତ ଅଣାକାର ଠାକୁର
ଓ.ପ୍ର.ସେ. - ଗ୍ରେଡ୍-ଏ, (ଏସ୍.ବି.)
ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା
ନବରଙ୍ଗପୁର


ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଆନ୍ତରିକ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଉଛି।
ସାଲେପୁରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କର ସହଯୋଗ ମୋର ଏକାନ୍ତ କାମ୍ୟ। ପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କ ଚଲାପଥ ସୁଖମୟ ହେଉ ।

ପ୍ରଶାନ୍ତ କୁମାର ବେହେରା
ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ତଥା
କଟକ ଜିଲ୍ଲା ବିଜୁ କୃଷକ ସଭାପତି


ସାଲେପୁର ଅଞ୍ଚଳ ସମେତ ରାଜ୍ୟର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ଭଗବାନ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛି। ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି।

ହରିବନ୍ଧୁ ଶତପଥୀ
ଯୁବ ସମାଜସେବୀ ତଥା ସାଇ ସମୀକ୍ଷା ଏଜୁକେଶନାଲ ଟ୍ରଷ୍ଟ

## ସଂକ୍ଷେପରେ

### ନାଉଲିପଡ଼ାରେ ଆଇନ ସଚେତନତା ଶିବିର

ରିଆମାଳ, ୨୭।୧୧(ଡି.ଏନ.ଏ.) ରିଆମାଳ ବ୍ଲକ ନାଉଲିପଡା ପଞ୍ଚାୟତରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସେବା ପ୍ରାଧିକରଣ ନିୟମ, ଲୋକ ଅଦାଲତ, ମେଡିଏସନ, ନ୍ୟାୟ ସଂଯୋଗ ବିଷୟବସ୍ତୁ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଆମାଳ ଜେଏମ୍ଏଫ୍‌ସି ରାଜେଶ ରୋଶନ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କୁ ମୁକ୍ତ ଆଇନ ସେବା ଉପରେ ସଚେତନ କରାଇଥିଲେ। ନାଉଲିପଡା ସରପଞ୍ଚ ଅମରବଲ୍ଲଭ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓକିଲ ରଜନୀ ସୁରେଖା କୁଜୁର, ଧନେଶ୍ୱର ସାହୁ, ଜୟନ୍ତ ନାକେ, ସତ୍ୟ ସାହୁ, ଲିପିକାର ତାପସ କୁମାର ଜେନା ସହଯୋଗ କରିଥିଲେ ।

### ୧୧୮ ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଗଛ ନଷ୍ଟ

**କନ୍ଧମାଳ,୨୭।୧୧(ଡି.ଏନ.ଏ)** ବୌଦ୍ଧ ଜିଲା ଲମ୍ବସରୀ ପଞ୍ଚାୟତର ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲରେ ପୋଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଏହି ଚଢାଉରେ ୧୧୮.୨୫ ଏକର ଜଙ୍ଗଲ ଜମିର ୨ ଲକ୍ଷ ୩୬ ହଜାର ୫ ଶହ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ବୌଦ୍ଧ ଏସଡିପିଓ ଏସ. ଟିଗାଙ୍କ ନେତୃତ୍ୱରେ କନ୍ଧମାଳ ଆଇଆଇସି ଅଶ୍ୱିନୀ ଭିତ୍ରିଆ ଏହି ଚଢାଉରେ ଭାଗ ନେଇଥିଲେ। ସକାଳ ୭ଟାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା।

### ଓଡ଼ିଶା କ୍ରିକେଟ ଦଳରେ ବରଗଡ଼ର ଆର୍ଯ୍ୟମାନ



ଆର୍ଯ୍ୟମାନ ମିଶ୍ର।

**ବରଗଡ଼ ଅଫିସ୍,୨୭।୧୧** ବରଗଡ଼ ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଯ୍ୟମାନ ମିଶ୍ର ଓଡ଼ିଶା ୧୯ବର୍ଷରୁ କମ୍ ଦଳରେ ସାମିଲ ହୋଇଛନ୍ତି। ଗୁରୁବାର ବଲାଙ୍ଗୀର ଗାନ୍ଧି ଷ୍ଟାଡ଼ିୟମରେ ବରୋଦା ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସେ ପଦାର୍ପଣ କରିବାର ସମ୍ଭାବନା ରହିଛି। ଆର୍ଯ୍ୟମାନ ପୂର୍ବରୁ ୨୦୧୫-୧୬ରେ ଓଡ଼ିଶା ୧୬ବର୍ଷରୁ କମ୍ ବର୍ଗରେ ପ୍ରତିନିଧିତ୍ୱ କରି ସାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆର୍ଯ୍ୟମାନ ବରଗଡ଼ ବ୍ରହ୍ମବିହାର ନିବାସୀ ବାପା ସୁଶାନ୍ତ ଓ ମାଆ ପୂର୍ଣ୍ଣିମା ମିଶ୍ରଙ୍କ ପୁଅ ଅଟନ୍ତି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ବରଗଡ଼ ଅଫିସ୍,୨୭।୧୧:** ବରଗଡ଼ ଜିଲା ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତ ଡୁମେରପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦୁର୍ଲ୍ଲଭ ପ୍ରଧାନଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୭୫ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ନିଜ ବାସଭବନରେ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ପ୍ରଧାନ ଅତାବିରା ହାଇସ୍କୁଲ, ସିଂହପାଲି ୟୁଜିଏମଇ ସ୍କୁଲରେ ଶିକ୍ଷକତା କରି ବନହର ୟୁଜିଏମଇ ସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ ଏବଂ ଅବସରଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି ।

# ନୋଡାଲ ସଚିବଙ୍କ ଜିଲା ଗସ୍ତ

**ଦେବଗଡ,୨୭।୧୧(ଡି.ଏନ.ଏ)**

ଇପିକଲ ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ସରକାରଙ୍କ ଶିକ୍ଷ ବିଭାଗ ସ୍ୱତନ୍ତ୍ର ସଚିବ ଡ. ନିତିନ ଭାନୁଦାସ ଜାୱଲେ ବୁଧବାର ଦେବଗଡ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରି ଜନସାଧାରଣଙ୍କ ସହିତ ଆଲୋଚନା କରିଛନ୍ତି । ଡ. ଜାୱଲେ ରିଆମାଳ ବ୍ଲକ ଅନ୍ତର୍ଗତ କୁଶଖଳିଆ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଶ୍ରେଣୀରେ ପିଲାମାନଙ୍କ ସହିତ ମତ ବିନିମୟ କରିବା ସହ ବିଦ୍ୟାଳୟର ହଷ୍ଟେଲ ପରିଦର୍ଶନ କରିଥିଲେ । ସେହିପରି ବୁଢାପାଳ ଗ୍ରାମପଞ୍ଚାୟତ ସୁରଙ୍ଗିପାଳ ଗ୍ରାମରେ ଥିବା ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ହିତାଧିକାରୀ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ପରେ ସେ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ଏହାସହିତ ନୋଡାଲ ସଚିବ ଗରିଆପାଲି ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟ, ଲୁଲଙ୍ଗ ପଞ୍ଚାୟତ ରେଙ୍ଗାଲପାଲି ଗ୍ରାମର ରେବତୀ ସାହୁଙ୍କ ବିଜୁ ପକ୍କାଘର ବୁଲି ଦେଖିଥିଲେ ଏବଂ ଲୁଲଙ୍ଗ ପଞ୍ଚାୟତ କାର୍ଯ୍ୟାଳୟଠାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଭତ୍ତା ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ସେହିପରି ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ନିରାମୟ ଯୋଜନାର କାର୍ଯ୍ୟକାରିତା ପଚାରି ବୁଝିବା ସହ ସାନତଙ୍ଗାଘାଟଠାରେ ଗ୍ରାମ୍ୟ ବିଦ୍ୟୁତୀକରଣ ପ୍ରକଳ୍ପର କାର୍ଯ୍ୟ ବୁଲି ଦେଖିଥିଲେ । ନୋଡାଲ ସଚିବଙ୍କ ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମକାନ୍ତ ଏକ୍କା, ବିଡିଓ ତ୍ରିଲୋଚନ ପାତ୍ରଙ୍କ ସମେତ ଲାଇନ ଡିପାର୍ଟମେଣ୍ଟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଶିକ୍ଷ ବିଭାଗ ସ୍ୱତନ୍ତ୍ର ସଚିବ ଡ. ନିତିନ ଭାନୁଦାସ ଜାବଲେ ସ୍କୁଲ ପରିଦର୍ଶନ କରୁଛନ୍ତି ।

# ମହିଳାଙ୍କୁ ସୁରକ୍ଷା ଯୋଗାଇବାରେ ସରକାର ବିଫଳ

- ବିରୋଧୀ ଦଳ ନେତାଙ୍କ ଅଭିଯୋଗ
- ଜଳସେଚନ ପ୍ରକଳ୍ପ ବିଳମ୍ବ ନେଇ ସାଲୁଜାଙ୍କ ଉଦ୍‌ବେଗ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)** ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ବିଫଳ ହୋଇଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଅଭିଯୋଗ କରିଛନ୍ତି। ବୁଧବାର ବିଧାନସଭାର ଶୂନ୍ୟକାଳରେ ପ୍ରଦୀପ୍ତ ଏହିସବୁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ପ୍ରଦୀପ୍ତ କହିଥିଲେ ଯେ, ସ୍ମିତାରାଣୀ ହତ୍ୟାକାଣ୍ଡ ସହ ସଂପୃକ୍ତ ହୋଇଥିବା ସେ ଗୃହ କାହିଁକି ଭଙ୍ଗା ଯାଉନାହିଁ। ସେଠାରେ କ'ଣ ଆଉ ଏକ ଅଘଟଣ ଘଟୁ ବୋଲି ସରକାର ଚାହୁଁଛନ୍ତି। ଜଗତ୍‌ସିଂହପୁର ପରି ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଥାନା ଅଧୀନ ବରୋମଲରେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ପାରାଦୀପରେ ଜଣେ ଛାତ୍ରୀଙ୍କ ଶବ ମିଳିଛି। ଏହି ସବୁ ଘଟଣା ଲଜ୍ଜାଜନକ ବୋଲି ପ୍ରଦୀପ୍ତ କହିଛନ୍ତି। ବଲାଙ୍ଗୀର ଜିଲାରେ ଘଟିଥିବା ବଳାତ୍କାର ଘଟଣାରେ କଣ୍ଟାବାଞ୍ଜି ଆଇଆଇସିଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସନ୍ତୋଷ ସିଂ ସାଲୁଜା ଦାବି କରିଥିଲେ। ଉଲ୍ଲେଖ ପ୍ରଶ୍ନକାଳର ପ୍ରଥମରୁ ସାଲୁଜା ଲୋୟର ଇନ୍ଦ୍ର ଏବଂ ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଦାବି କରିଥିଲେ। ଏହି ଦାବି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଜ ଆସନରେ ଛିଡା ହୋଇ ଫ୍ଲେକ୍ସ ଧରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହା ଲକ୍ଷ୍ୟ କରି ଫ୍ଲେକ୍ସ ବାହାରକୁ ନେବା ପାଇଁ କହିବା ସହ ଶୂନ୍ୟକାଳରେ କହିବାକୁ ସମୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳିଆ ନେଖାରେ ପାଳିଆ ବନ୍ଧୁ**
**ଯମୁନା ଲେଖାରେ ଅପା ।**

ଲେଖାଯୋଖାରେ ଦୂର ସମ୍ପର୍କୀୟ ବନ୍ଧୁ। କିଛି ବ୍ୟକ୍ତି ଏମିତି ଭାବରେ ସମ୍ବନ୍ଧର ସମ୍ବନ୍ଧ ଖଞ୍ଜି ଦିଅନ୍ତି ଯେ ଶେଷରେ ଆଗରୁ ଚିହ୍ନା ଜଣା ନ ଥିବା ଅତି ମହତ ଓ ବଡ଼ ଲୋକ ମଧ୍ୟ ତାଙ୍କର ବନ୍ଧୁବାନ୍ଧବ, ସମ୍ପର୍କୀୟ ହୋଇଯାନ୍ତି। ଲତା ଗୋଡା ଖଞ୍ଜି ଖଞ୍ଜି ସମ୍ବନ୍ଧ ସ୍ଥାପନ କରି ନିଜର ସୁବିଧା ଉଠାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆରେ ଚଇତା**
**ଦି' ମାଇପର ଘଇତା**
**ତତଲା ଖାଇବୁ କି ପଖାଳ ଖାଇବୁ**
**ଦିନ ଥାଉଁ ଥାଉଁ କହିଥା !**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେ ନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ,୨୭।୧୧(ଡି.ଏନ.ଏ)**

ଡିସେମ୍ବର ମାସରେ ବିଭିନ୍ନ ସ୍ଥାନରେ ଦେବଗଡ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ରହିଛି। ୨ତାରିଖରେ ଦେବଗଡ କଲ୍ୟାଣ ମଣ୍ଡପ, ୯ରେ ରିଆମାଳ ବ୍ଲକ ତାବଡା ଗ୍ରାମପଞ୍ଚାୟତ, ୧୬ରେ ବାରକୋଟ ବ୍ଲକର କଣ୍ଟାପାଲି ଗ୍ରାମପଞ୍ଚାୟତ, ୨୩ରେ ତିଲେଇବଣି ବ୍ଲକର ସଡୋ ଗ୍ରାମପଞ୍ଚାୟତ ଏବଂ ୩୦ରେ ରିଆମାଳ ବ୍ଲକର ଖିଲେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟା ସମୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । ଶିବିର ଗୁଡିକରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
Jeevan ଋଣ ସରକାରୀ ସ୍ୱୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନୁ, ଧୋକା ଦେଉନୁ ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ୱା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155, 9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397, 9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113, 9337594620
CORRESPONDENCE COURSE ALSO AVAILABLE

SPOT ADMISSION B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ 90 ଲକ୍ଷ/- ଭଡ଼ା - 90 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494, 7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ







ମାନେଶ୍ୱର ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳାରେ ବିଚାରକମାନେ ବୁଲି ଦେଖୁଛନ୍ତି(ବାମ)। ରେଢ଼ାଖୋଲ ଅଳସୁଆ ବାବା ହାଇସ୍କୁଲରେ ପ୍ରକଳ୍ପ ସହ ଛାତ୍ରୀଛାତ୍ର।







ଫାଶିମାଲସ୍ଥିତ ସରକାରୀ ଏସ୍ଏସ୍‌ଡ଼ି ବାଳିକା ହାଇସ୍କୁଲରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି(ବାମ)। କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ଅତିଥି(ମଝି)। କୁଚିଣ୍ଡାରେ ନିଜ ପ୍ରକଳ୍ପ ସହ ଦୁଇ ଛାତ୍ରୀ।

## ■ ବିଭିନ୍ନ ସ୍ଥାନରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା

# ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବୈଜ୍ଞାନିକ

**ସମ୍ବଲପୁର, ୨୭।୧୧ (ବ୍ୟୁରୋ)**

ମାନେଶ୍ୱର ହାଇସ୍କୁଲଠାରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ସନାତନ ବିଶ୍ୱାଳ ଯୋଗ ଦେଇଥିଲେ। ମୋଟ ୧୪୬ଟି ପ୍ରକଳ୍ପ ପ୍ରଦର୍ଶିତ କରି ଛାତ୍ରୀଛାତ୍ର ନିଜ ପ୍ରତିଭା ଦେଖାଇଥିଲେ। ବିଚାରକ ଭାବେ ମନୋଜ ସାହୁ, ସୁଶିଲ ବାଗ, ସୂର୍ଯ୍ୟ ପୁରୋହିତ, କ୍ଷୀରେଶ୍ୱରୀ ପ୍ରଧାନ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ପ୍ରଧାନ, ଅଧ୍ୟାପକ ତୁଷାରରଞ୍ଜନ ବାରିକ, ଶିକ୍ଷାବିତ ଅଶୋକ ପାଣିଗ୍ରାହୀ, ଚିତ୍ତରଞ୍ଜନ ପ୍ରଧାନ, ଏବିଓ ସୀତାରାମ ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ରୋହିତ ବେହେରା, ଜୟନ୍ତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ଜୁନିୟର ବିଭାଗରେ ମହେଶ ହରିପାଲ, ବିଷ୍ଣୁପ୍ରିୟା ବେହେରା, ଅମ୍ଲାନ ଜ୍ୟୋତି ସାହୁ, ସୁବ୍ରତ ସିଂ, ଶ୍ୟାମ ମେହେର, ପଙ୍କଜ ଗର୍ଡିଆ, ସୁନିୟର ବର୍ଗରେ ଅଙ୍କିତ ଭୋଇ, ଅର୍ପଣ କୁମାର ନାଥ, ଝରଣା ଭୋଇ, ରେଢ୍ଡି ଲକ୍ଷ୍ମୀ ଲାବଣ୍ୟ, ସୌମ୍ୟଶ୍ରୀ ମିଶ୍ର, ବର୍ଷାରାଣୀ ମହାକୁଡ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ହୋଇଥିଲେ।

**ରେଢାଖୋଲ,(ଡି.ଏନ.ଏ.)**– ରେଢାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତସ୍ଥିତ ଅଳସୁଆବାବା ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୮୭ଟି ବିଦ୍ୟାଳୟର ୧୦୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ୩୦ଟି, କନିଷ୍ଠ ବିଭାଗରେ ୫୦ଟି ଓ ସର୍ବ କନିଷ୍ଠ ବିଭାଗରେ ୨୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ସଞ୍ଜୀବ ଦାଶ, ପ୍ରଶାନ୍ତ ଦାଶ, ପୁରୁଷୋତ୍ତମ ବେହେରା ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ଲିଟୁ ତିର୍କି, ଐଶ୍ୱର୍ଯ୍ୟା ପ୍ରଧାନ, ଲିଜାରାଣି ସାହୁ, ଜଲି ନାଏକ, ଶିବୁ ବିଶ୍ୱାଳ, ଏଲିନା ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନିତ ହୋଇଛନ୍ତି। ସେହିପରି କନିଷ୍ଠ ବିଭାଗରେ ଲଭଲି ପ୍ରଧାନ, ଦୀପା ମୁଣ୍ଡା, ପ୍ରତିମା ପ୍ରଦାନ, ଟିନୁ ପ୍ରଦାନ, ରିତୁପର୍ଣ୍ଣା ପ୍ରଧାନ ଓ ହିମାଂଶୁ ଖଡିରତ୍ନ, ସର୍ବ କନିଷ୍ଠ ବିଭାଗରେ ସୋନମ ପ୍ରସାଦ ଦାସ, ସାଇନା ପ୍ରଧାନ, ବୀଣାପାଣି ପ୍ରଧାନ, ରାହୁଲ ଧଳ ପ୍ରମୁଖ ମନୋନୀତ ହୋଇଛନ୍ତି। ବଂଶାଜାଲ ସରପଞ୍ଚ କସ୍ତୁରୀ ପ୍ରଦାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ପ୍ରତାପଲାଲ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଭଗବାନ ବାଙ୍କିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବଂଶାଜାଲ ସେବା ସମବାୟ ସମିତିର ସଭାପତି ଲକ୍ଷ୍ମଣ ପ୍ରଧାନ, ନାଏକ ସରପଞ୍ଚ ରତନ ରଣା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଚନ୍ଦ୍ରମଣି ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟାନନ୍ଦ ପ୍ରଦାନ ସଭା ପରିଚାଳନା କରିଥିବା ବେଳେ ବଂଶାଜାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଜମନକିରା, (ଡି.ଏନ୍.ଏ.)**–ଜମନକିରା ବ୍ଲକ୍ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଫାଶିମାଲସ୍ଥିତ ସରକାରୀ ଏସ୍ଏସ୍‌ଡ଼ି ବାଳିକା ହାଇସ୍କୁଲରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ ଯୋଗ ଦେଇଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆଇରୀନା ମିଞ୍ଜ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥିଭାବେ ସରପଞ୍ଚ ସୁଶାନ୍ତ କୁମୁରା, ସମିତିସଭ୍ୟା ପ୍ରତିଭା ମହାନନ୍ଦ, ଜମନକିରା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ନାଏକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଦେବଗଡ଼ର ଭ୍ରାତୃ କୁମାର ପ୍ରଫୁଲ୍ଲ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଫାଶିମାଲ ଉନ୍ନୀତ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷା ଜ୍ୟୋତ୍ସ୍ନାମଞ୍ଜରୀ ଦଳ ବେହେରା, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରିଣୀ ଦେବକୀ ନାଏକ, ବରିଷ୍ଠ ଶିକ୍ଷକ ଭୁବନେଶ୍ୱର ଦ୍ୱିବେଦୀ, ସୁଶାନ୍ତ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଦିଲ୍ଲୀପ କୁମାର ବହିଦାର, ସଞ୍ଜୟ ପଟେଲ, ଈଶ୍ୱର ପ୍ରସାଦ ମହାକୁଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନିଷ୍ଠ ବର୍ଗର ବିଚାରକ ଭାବେ ପଙ୍କଜ କୁମାର ସାହୁ, ଗେହ୍ଲାଦ ଚନ୍ଦ୍ର ସାହୁ, ରୋହିତ କୁମାର ନାଥ, ତରଣୀସେନ କିଣ୍ଡୋ, ସରୋଜ ଗଡ଼ତିଆ, ଅମୋଘ ବୈରିଗଞ୍ଜନ ପଟେଲ ପ୍ରମୁଖ ରହିଥିବା ବେଳେ ବରିଷ୍ଠ ବର୍ଗରେ ବିଚାରକ ଭାବେ ଦୟାସାଗର ପଧାନ, ରାଜେଶ କୁମାର ପଣ୍ଡା, ରଞ୍ଜନ କୁମାର ଭଇଁଷା, ଶ୍ରୀକାନ୍ତ ପଣ୍ଡା, ଜୟନାରାୟଣ ମେଣ୍ଡଲୀ ଓ ଦେବାନନ୍ଦ ସାହୁ ପ୍ରମୁଖ ରହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ଜମନକିରା ସରକାରୀ ସ୍କୁଲର ତିଷ୍ଣୁ ସେଠ, କୁଲୁଣ୍ଡି ସରକାରୀ ସ୍କୁଲର ନିତିଶ ପଧାନ, ସୁବର୍ଣ୍ଣପାଲି ସରକାରୀ ସ୍କୁଲର ଅଂଶିକ ପଞ୍ଚାଲି, କୁଲୁଣ୍ଡି ସରକାରୀ ସ୍କୁଲର ମୋହିନୀ ମାଝି, ତବଲାକଟା ସରକାରୀ ସ୍କୁଲର ଜୁଗନ ଲୋରୋହା, ସାହାଜବାହାଲ ସରକାରୀ ସ୍କୁଲର ସାବିତ୍ରୀ ମୁଣ୍ଡା ପ୍ରମୁଖ କନିଷ୍ଠ ଓ ବରିଷ୍ଠ ବର୍ଗରେ କୃତିତ୍ୱ ହାସଲ କରିଥିଲେ।

**ପଢିଆବାହାଲ,(ଡି.ଏନ.ଏ.)**– ଝୁଝୁମୁରା ବ୍ଲକ କବରାପାଲି ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଗଣିତ ଓ ପରିବେଶ ମେଳା–୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ମୋଟ ୧୬୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ବଢ଼େଇ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ଦାଶ, ଡବ୍ଲୁଇଓ ପଞ୍ଚାନନ ବେହେରା, ଜୟନ୍ତପୁର ସରପଞ୍ଚ ସୁରେନ୍ଦ୍ର ଭୋଇ, କବରାପାଲି ସରପଞ୍ଚ ତିଳୋତ୍ତମା ବାଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟକୃଷ୍ଣ ପିଙ୍ଗ, ଡା. ରାଜାରାମ ଷଡଙ୍ଗୀ, ଜୟନ୍ତପୁର ସମିତି ସଭ୍ୟା ସୌଦାମିନୀ ମିର୍ଦ୍ଧା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅକ୍ଷୟ କୁମାର ପରିମାଣିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଅକ୍ଷୟ ସାଗର ବେହେରା, ସିଆରସିସି କବରାପାଲି ଜଗତରାମ ପଧାନ, କପିଳ ମାଝୀ, କ୍ଷୀରୋଦ ସାହୁ, ରବିନାରାୟଣ ବିଶ୍ୱାଳ, ନରେନ୍ଦ୍ର ସାହୁ, ମାନଧାତା ପଣ୍ଡା, ଦୀପକ ପଧାନ ପ୍ରମୁଖ କାଯରୟକ୍ରମ ସଂଚାଳନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ମୁଖ୍ୟଅତିଥି, ବିଭୀଷଣ ପଧାନ, ଜିଲା ପରିଷଦ ସଦସ୍ୟା ରିନା ବେହେରା, ଡିପିସି କଳ୍ପନା ପଣ୍ଡା, ସଦର ଥାନା ଅଧିକାରୀ ଯୋଗେଶ ପଣ୍ଡା, ଝୁଝୁମୁରା ଥାନା ଅଧିକାରୀ ଲୋକନାଥ ସାହୁ, ବିଡିଓ ସରୋଜ ବିଶ୍ୱାଳ, ଏବିଇଓ ରବିନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

**କୁଚିଣ୍ଡା,(ଡି.ଏନ.ଏ.)**–କୁଚିଣ୍ଡା ଶିକ୍ଷା ଜିଲା ଅଧୀନ ୧୭ଟି ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ– ୨୦୧୯ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କୁଚିଣ୍ଡା ଆଇଟିଡିର ପ୍ରକଳ୍ପ ପ୍ରଶାସନ ପବିତ୍ର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଏବିଇଓ ପ୍ରଫୁଲ୍ଲ ଦଣ୍ଡସେନା, ବିଆରସିସି ଗୌରାଙ୍ଗ କୁସୁମ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ ବେରିହା ଯୋଗ ଦେଇଥିଲେ। ପାରୁଆଭାଡି ହାଇସ୍କୁଲର ଶିକ୍ଷକ ସୁଧୀର କୁମାର ନାୟକ, ଗୋଛରା ହାଇସ୍କୁଲର ଶିକ୍ଷକ ମନୋଜ ସାହୁ, କୁନ୍ତରା ହାଇସ୍କୁଲର ଶିକ୍ଷକ ସମୀର ପଟେଲ, ଚନ୍ଦନୀମାଲ ହାଇସ୍କୁଲର ଶିକ୍ଷକ ରାଜେଶ କୁମାର ନାୟକ, କୁଟୁରାଟୁଆଁ ହାଇସ୍କୁଲର ଶିକ୍ଷକ ଅଶୋକ କୁମାର ନାୟକ ଓ ଜମନକିରା ହାଇସ୍କୁଲର ଶିକ୍ଷକ ବେଦବ୍ୟାସ ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସମ୍ମାନିତ ହେବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ

**ରାଉରକେଲା ଅଫିସ,୨୭।୧୧**

ଭାରତୀୟ ବିପଣନ ବିକାଶ କେନ୍ଦ୍ର, ଓଡିଶା ଏବଂ ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲାର ମିଳିତ ଆନୁକୂଲ୍ୟରେ ସେକ୍ଟର–୧୩ ମେଳଣ ପଡ଼ିଆରେ ନଭେମ୍ବର ୨୯ ତାରିଖରୁ ସ୍ୱଦେଶୀ ମେଳା ଆରମ୍ଭ ହେବ। ଏହି ମେଳା ଡିସେମ୍ବର ୯ ତାରିଖ ଯାଏ ଚାଲିବ। ଏହାସହ ଏହି ମେଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କଳାକାର ଜିତେନ୍ଦ୍ର ହରିପାଲଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯିବ। ଏଥିରେ ୨୦୦ଟି ଷ୍ଟଲ ରହିବ, ଯେଉଁଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ , ସ୍ୱୟଂ ସହାୟକ ଗୋଷ୍ଠୀ, ହସ୍ତତନ୍ତ, କୃଷିଜାତ ସାମଗ୍ରୀ, ଲଘୁବନଜାତ ଦ୍ରବ୍ୟ, ସୁସ୍ୱାଦୁ ବ୍ୟଞ୍ଜନ ଉପଲବ୍ଧ ରହିବ। ଏହାସହ ଭାରତର ଜନଜାତି ଅର୍ଥ ଓ ବିକାଶ ନିଗମ ତାର ଆକର୍ଷଣୀୟ ପ୍ରସ୍ତୁତି ଗୁଡ଼ିକୁ ଏହି ଷ୍ଟଲରେ ଉପଲବ୍ଧ କରାଇବ। ଏହାସହ ଏହି ଷ୍ଟଲରେ ବିଭିନ୍ନ ଗୃହ ଉକରଣ, ଶୈକ୍ଷିକ, ସ୍ୱଦେଶୀ ଯନ୍ତ୍ରପାତି ମଧ୍ୟ ଉପଲବ୍ଧ ହେବ। ବୁଧବାର ପାନପୋଷସ୍ଥିତ ବ୍ରାହ୍ମଣୀ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚର ଅଧ୍ୟକ୍ଷ ସୁବ୍ରତ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ମଞ୍ଚ ପକ୍ଷରୁ ସ୍ୱଚ୍ଛତା, ପ୍ଲାଷ୍ଟିକ ବର୍ଜନ, ଟ୍ରାଫିକ ଓ ଜଳ ସଚେତନତା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏପରିକି ମେଳାରେ ସଂଧ୍ୟା ସମୟରେ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ। ଏଥିରେ କଣ୍ଠଶିଳ୍ପୀ, ହାସ୍ୟ ଅଭିନେତା, ବାଦ୍ୟ ଶିଳ୍ପୀମାନେ ଓଡିଶାର ସଂସ୍କୃତିକୁ ପରିବେଷଣ କରିବେ। ତେବେ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମେଳାର ସଂଯୋଜକ ନୀହାରିକା ବସ୍ତିଆ, କୋ–ଅର୍ଡିନେଟର ମନୋଜ ଜେନା, ମନୋଜ ନାଏ. ଭୀମସେନ ନାୟକ, ପ୍ରମୋଦ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

## ପାଇକାରୀ ମୂଲ୍ୟରେ ପିଆଜ ବିକ୍ରି

**ସମ୍ବଲପୁର, ୨୭।୧୧ (ବ୍ୟୁରୋ)**

ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରେ ପିଆଜ ପ୍ରାୟ ୯୦ ରୁ ୧୦୦ ଟଙ୍କାରେ ବିକ୍ରି କରାଯାଉଛି। ହେଲେ ଜିଲା ପ୍ରଶାସନ ପକ୍ଷରୁ ସହରର ୧୨ଟି ସ୍ଥାନରେ ପିଆଜ ବିକ୍ରି କେନ୍ଦ୍ର ଖୋଲା ଯାଇଛି । ୨ଟି ମୈତ୍ରୀ ଷ୍ଟୋର ଓ ୧୦ଟି କଣ୍ଟ୍ରୋଲ ଦୋକାନରେ ଏହି ବ୍ୟବସ୍ଥା କରାଯାଇଛି। ଗୋଲବଜାର ମୈତ୍ରୀ ଷ୍ଟୋରରେ ୬୫ ଟଙ୍କାରେ ପିଆଜ ଉପଲବ୍ଧ ରହିଛି । ହେଲେ ପାଇକାରୀ ମୂଲ୍ୟରେ ମିଳୁଥିବା ପିଆଜ ନିମ୍ନମାନର ବୋଲି ଅଭିଯୋଗ ହୋଇଛି ।

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ.13-SBP-TRD-OT -2019-20, ତା.18.11.2019ରିଖ
**କାର୍ଯ୍ୟର ନାମ:** 02 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/TRD/ ଟିଟିଲାଗଡ଼ଙ୍କ କାର୍ଯ୍ୟାଳୟ (Official) ବ୍ୟବହାର ନିମନ୍ତେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 9,05,392.70, **EMD** (ଟଙ୍କାରେ): 18,100/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି : 730 ଦିନ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.12.2019 ରିଖ 1530 ଘଣ୍ଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD)/ ସମ୍ବଲପୁର
PR-535/K/19-20

**PROCLAMATION REQUIRING THE APPEARANCE OF THE ACCUSED**
**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**
C.C. No. 288 OF 2017
Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused
To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha
Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail
**(BY ORDER OF THE COURT)**
C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59

**ପ୍ରତିବାଦୀଙ୍କ ଉପସ୍ଥିତି ପାଇଁ ନୋଟିସ**
**ଆଦେଶ ୫ ନିୟମ ୨୦, ବ୍ୟ.ପ୍ର.ସଂ.**
**ନ୍ୟାୟାଳୟ: ନ୍ୟାୟଧାରୀ, କୁଟୁମ୍ବ, ନ୍ୟାୟାଳୟ, ରାୟଗଡ଼ (ଛତିଶଗଡ଼)**
ବିବିଧ ଅପରାଧିକ ପ୍ରକରଣ କ୍ର.–କ–ଏକ ୭୨/୨୦୧୯
ପେଶି ଦିନ: ୧୬/୧୨/୨୦୧୯
ପ୍ରୋସେସ ନମ୍ବର: ୮୯୪
୧. ଶ୍ରୀମତୀ ମମତା ସାହୁ, ପତି: ସୁଜିତ ସାହୁ, ଆୟୁ–୨୭ ବର୍ଷ, ପେସା କିଛି ନାହିଁ, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି ଛକ, ସୋହେଲା ରୋଡ଼, ଥାନା/ଜିଲ୍ଲା– ବରଗଡ଼, ହାଲ ନି/ପୋ/ଥା/ତ– ପୁସୋର, ଜି– ରାୟଗଡ଼ (ଛତିଶଗଡ଼) .............ଆବେଦକ
୨. ସୁଜିତ ସାହୁ, ପିତା: ଶ୍ରୀ ଚିତ୍ରସେନ ସାହୁ, ବୟସ ବ୩୪ର୍ଷ, କର୍ମ: ଚାକିରି, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି, ଛକ, ସୋହେଲା ରୋଡ଼, ୱାର୍ଡ ନଂ–୧, ଗଲି ନଂ–୭, ଥାନା/ଜିଲ୍ଲା–ବରଗଡ଼ .............. ଅନାବେଦକ।
ଉପରୋକ୍ତ ବାଦୀ ଏହି ନ୍ୟାୟାଳୟ ପାଖରେ ଧାରା ୧୨୫ ଦ.ପ୍ର.ସଂ ଅନୁସାରେ ପ୍ରସ୍ତୁତ କରିଛନ୍ତି, ଏହି ସୂଚନା ଦ୍ୱାରା ଉକ୍ତ ପ୍ରତିବାଦୀ ସୁଜିତ ସାହୁ, ପିତା: ଚିତ୍ରସେନ ସାହୁଙ୍କୁ ସୂଚିତ କରାଯାଉଛି ଯେ ଆପଣ ଏହି ନ୍ୟାୟାଳୟରେ ତାରିଖ ୧୬।୧୨।୨୦୧୯ରିଖ ସମୟ ୧୧ ଘଣ୍ଟାରେ ଉପସ୍ଥିତ ହୋଇ ଆପଣ ନିଜର ଜବାବ ପ୍ରଦାନ କରନ୍ତୁ। ଯଦି ଆପଣ ଦିଆଯାଇଥିବା ସମୟରେ ଉପସ୍ଥିତ ନ ରୁହନ୍ତି ତେବେ ପ୍ରକରଣରେ ଆପଣ ଅନୁପସ୍ଥିତିରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଯଦି ଉକ୍ତ ତିଥିରେ ଅବକାଶ ଘୋଷିତ ହୁଏ, ଅବା ପିଠାସୀନ ଅଧିକାରୀ ଅବକାଶରେ ରୁହନ୍ତି ତେବେ ଶୁଣାଣି ଆସନ୍ତା କାର୍ଯ୍ୟଦିବସରେ ହେବ।
ଆଜି ତା ୨୦।୧୧।୨୦୧୯ ମୋର ହସ୍ତାକ୍ଷର ଏବଂ ନ୍ୟାୟାଳୟର ମୁଦ୍ରା ସହିତ ଜାରି କରାଗଲା।
**ଓମ ପ୍ରକାଶ ସିଂହ ଚୌହାନ**
**ନ୍ୟାୟାଧୀଶ**
**ପରିବାର ନ୍ୟାୟାଳୟ**
**ରାୟଗଡ଼, (ଛ.ଗ)**

## ଓଏସ୍ଓୟୁରେ କୁଇଜ୍ ପ୍ରତିଯୋଗିତା

**ସମ୍ବଲପୁର, ୨୭।୧୧ (ବ୍ୟୁରୋ)**

ସମ୍ବଲପୁରସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପରିସରରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କମଳାକାନ୍ତ ମିଶ୍ର ଚାମ୍ପିୟନ ହୋଇଥିବା ବେଳେ ମୋନାଲିସା ନାୟକ ଦ୍ୱିତୀୟ ରନର୍ସ ଅପ୍ ଓ ଶ୍ରୀକାନ୍ତ କୁମାର ସାହୁ ତୃତୀୟ ରନର୍ସ ଅପ୍ ହୋଇଥିଲେ। କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଉପକୁଳସଚିବ ଉମାଚରଣ ପତି ଏଥିରେ ଉପସ୍ଥିତ ଥିଲେ।



ଓଏସ୍ଓୟୁରେ ଆୟୋଜିତ କୁଇଜ ପ୍ରତିଯୋଗିତାର ପ୍ରତିଯୋଗୀମାନେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଫଟୋରେ ଖବର







ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆଠାରେ ଚାଲିଥିବା ଜାତୀୟ ପଲ୍ଲିଶ୍ରୀ ମେଳା ମଞ୍ଚରେ ବୁଧବାର କଳା ଓ କଳାକାର ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ(ବାମ) ବଜନିଆଁ ନୃତ୍ୟରେ ମସ୍‌ଗୁଲ କଳାକାର।

**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**
**ନିବେଦନ**
୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/–
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/–
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/–
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/–
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନତୁବା ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/–ଆଦାୟ କରାଯିବ।
ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।
**ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)**
**କାର୍ଯ୍ୟନିର୍ବାହୀ ଅଧିକାରୀ,**
**ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ ।**
**ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)**
**ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା -ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ**



ଫିଲ୍ମ 'ଏବିସିଡି ୨' ପରେ ମୁଁ ସମ୍ପୂର୍ଣ୍ଣ ଭାବେ ନିଶାରେ ବୁଡ଼ି ରହିଥିଲି।

-ଲୌରେନ ଗୌଟିଲିବ,
ବଲିଉଡ୍ ଅଭିନେତ୍ରୀ



# ହଳଦୀ ମିଶା କ୍ଷୀରପାନ ଅବସାଦ ଦୂରକରେ



**ନୂଆଦିଲ୍ଲୀ:** ରାତିରେ ଶୋଇବା ପୂର୍ବରୁ ଅଧାଗ୍ଲାସେ ହଳଦୀ ମିଶା କ୍ଷୀର ପିଇଲେ ବହୁ ଉପକାର ମିଳିଥାଏ। ଏହାଦ୍ୱାରା ସାରାଦିନର ଥକାପଣ ଦୂରହୋଇ ସୁଖନିଦ୍ରା ହୋଇଥାଏ। ଶରୀର ପୀଡ଼ାରୁ ମଧ୍ୟ ଏହା ମୁକ୍ତି ଦେଇଥାଏ। କ୍ଷୀରରେ ପ୍ରଚୁର ପରିମାଣରେ କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍ ଏବଂ ଭିଟାମିନ୍ ଆଦି ପୋଷକତତ୍ତ୍ୱ ରହିଥାଏ। ସେହିପରି ହଳଦୀ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବେ କାର୍ଯ୍ୟ କରିଥାଏ। ହଳଦୀ ମିଶା କ୍ଷୀର ପିଇଲେ ମାନସିକ ଅବସାଦ ଦୂର ହୋଇଥାଏ। ତେବେ ଏହାକୁ ଆବଶ୍ୟକ ମାତ୍ରାରେ ପିଇବା ଦ୍ୱାରା ସୁଫଳ ମିଳିଥାଏ।

## ବିଶ୍ୱ ଦେଖିବ ପରାକ୍ରମ

# ନୌସେନାର ପ୍ରଥମ ମହିଳା ପାଇଲଟ ଶିବାଙ୍ଗୀ

**ମୁଜାଫରପୁର:** ଆକାଶ ପରେ ସମୁଦ୍ରର ଅଥଳ ଜଳରାଶିରେ ପରାକାଷ୍ଠା ଦେଖାଇବେ ଭାରତୀୟ ମହିଳା। ବାୟୁସେନା ପରେ ଏବେ ନୌସେନାକୁ ମିଳିବାକୁ ଯାଉଛି ଦେଶର ପ୍ରଥମ ମହିଳା ପାଇଲଟ। ବିହାରର ଶିବାଙ୍ଗୀ ସ୍ୱରୂପଙ୍କୁ ଜୁଟିଛି ଏହି ସୌଭାଗ୍ୟ। ସେ ଏବେ କେରଳର କୋଚିରେ ପ୍ରଶିକ୍ଷଣ ନେଉଛନ୍ତି। ଡିସେମ୍ବର ୪ରେ ହେବାକୁ ଥିବା ନୌସେନା ଦିବସ ସମାରୋହରେ ବ୍ୟାଜ୍ ପିନ୍ଧା ଯିବା ପରେ ବିଧିବଦ୍ଧ ଭାବେ ତାଙ୍କୁ ଏହି ଦାୟିତ୍ୱ ମିଳିବ। ଏହାପରେ ଭାରତୀୟ ନୌସେନାରେ ମହିଳାଙ୍କ ପରାକ୍ରମ ଦେଖିବ ସାରା ବିଶ୍ୱ। ଶିବାଙ୍ଗୀ କୋଚିସ୍ଥିତ ନୌବାହିନୀର ଅପରେଶନ ଡ୍ୟୁଟିରେ ସାମିଲ ହେବେ। ସେ ଫିକ୍ସଡ୍ ୱିଙ୍ଗ ଡୋର୍ନିୟର ସର୍ଭିଲାନ୍ସ ବିମାନ ଉଡ଼ାଇବେ। ଏହି ବିମାନକୁ କମ୍ ଦୂରଗାମୀ ସାମୁଦ୍ରିକ ମିଶନରେ ପଠାଯାଇଥାଏ। ଏଥିରେ ଆଡଭାନ୍ସ ସର୍ଭିଲାନ୍ସ ସିଷ୍ଟମ, ରାଡାର, ନେଟୱାର୍କିଂ ସିଷ୍ଟମ, ଇଲୋକ୍ଟ୍ରୋନିକ ସେନ୍ସର ଲାଗିଥାଏ, ଯାହା ସମୁଦ୍ରରେ ଅନୁପ୍ରବେଶ ରୋକିବା, ଶତ୍ରୁଙ୍କ ଗତିବିଧି ଉପରେ ନଜର ରଖିବା ଦିଗରେ ବେଶ୍ ସହାୟକ ହୋଇଥାଏ। ଗତବର୍ଷ ଜୁନ୍‌ରେ ଶିବାଙ୍ଗୀ ନୌସେନାରେ ଭର୍ତ୍ତି ହୋଇଥିଲେ। ବୃତ୍ତିଗତ ଜୀବନକୁ ବାଦ୍‌ଦେଲେ ଶିକ୍ଷାଗତ କ୍ଷେତ୍ରରେ ଶିବାଙ୍ଗୀ ଦକ୍ଷତାର ପରିଚୟ ଦେଇଛନ୍ତି। ସେ ୨୦୧୦ରେ ଡିଏଭି ପବ୍ଲିକ୍ ସ୍କୁଲର ସିବିଏସ୍‌ଇ ୧୦ମ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିଲେ। ସାଇନ୍ସରେ ଦ୍ୱାଦଶ ପାସ୍ କରିବା ପରେ ସେ ଇଞ୍ଜିନିୟରିଂରେ କ୍ୟାରିୟର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏମ୍‌ଟେକ୍ ଡିଗ୍ରୀ ହାସଲ ପରେ ଏସ୍‌ଏସ୍‌ବି ପରୀକ୍ଷା ସହାୟତାରେ ସେ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ ଭାବେ ଚୟନ ହୋଇଥିଲେ। ଟ୍ରେନିଂ ପରେ ତାଙ୍କୁ ପ୍ରଥମ ମହିଳା ପାଇଲଟ ଭାବେ ଚୟନ କରାଯାଇଛି।



ସୂଚନାଯୋଗ୍ୟ, ଭାବନା କାନ୍ତ ଭାରତୀୟ ବାୟୁସେନାର ପ୍ରଥମ ମହିଳା ପାଇଲଟ ଭାବେ ନିଯୁକ୍ତି ପାଇଥିଲେ। ସେହିପରି କରବୀ ଗୋଗୋଇ ନୌସେନାର ପ୍ରଥମ ମହିଳା ଡିଫେସନ୍ସ ଅଟାଚି ଭାବେ ସମ୍ମାନାସ୍ପଦ ସ୍ଥାନ ପାଇଛନ୍ତି। ଆସିଷ୍ଟାଣ୍ଟ ଲ୍ୟୁଟନାଣ୍ଟ କମାଣ୍ଡର ପଦବୀ ସମ୍ଭାଳୁଥିବା ଗୋଗୋଇଙ୍କୁ ଆସନ୍ତା ମାସରେ ରୁଷ ପଠାଯିବ। କର୍ଣ୍ଣାଟକର କରୱାର ନାଭାଲ ବେସ୍‌ରେ ସେ ଏବେ ରୁଷୀୟ ଭାଷାରେ କୋର୍ସ କରୁଛନ୍ତି। ଯୁଦ୍ଧପୋତ ନିର୍ମାଣ ଏବଂ ମରାମତି କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ଅଭିଜ୍ଞତା ରହିଛି। ଆର୍ମି, ଏୟାରଫୋର୍ସ ପରେ ନୌବାହିନୀର ଗୁରୁତ୍ୱପୂର୍ଣ୍ଣ ମିଶନରେ ମହିଳାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିକୁ ନେଇ ଦୀର୍ଘଦିନରୁ ଯୋଜନା କରାଯାଉଥିଲା। ଏ କ୍ଷେତ୍ରରେ ସମସ୍ତଙ୍କ ଲାଗି ଉଦାହରଣ ପାଲଟିଛନ୍ତି ଶିବାଙ୍ଗୀ।

# 'ହକ୍ ଆଇ' ଆପ୍ ଦ୍ୱାରା ଚୋରି ମୋବାଇଲ୍ ଉଦ୍ଧାର

**ହାଇଦ୍ରାବାଦ୍:** ଏକ ମୋବାଇଲ୍ ଆପ୍ ଜରିଆରେ ହାଇଦ୍ରାବାଦ ପୋଲିସ ୬୭ଟି ଚୋରି ମୋବାଇଲ୍ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ଜଣାପଡ଼ିଛି। ଜନସାଧାରଣଙ୍କ ସହ ଯୋଡ଼ିହେବା ପାଇଁ ହାଇଦ୍ରାବାଦ ପୋଲିସ ପକ୍ଷରୁ ୨୦୧୫ରେ 'ହକ୍ ଆଇ' ନାମକ ଏହି ମୋବାଇଲ୍ ଆପ୍ ଜାରି କରାଯାଇଥିଲା। ଏହା ମାଧ୍ୟମରେ ପୋଲିସ ଏ ପର୍ଯ୍ୟନ୍ତ ପ୍ରାୟ ୬ ଲକ୍ଷ ଟଙ୍କାର ଚୋରି ମୋବାଇଲ୍ ଉଦ୍ଧାର କରିବାରେ ସଫଳ ହୋଇଛି। ଲୋକେ ଏହି ଆପ୍‌ରେ ନିଜ ନାମ ପଞ୍ଜୀକରଣ କରିବା ପରେ ଚୋରି ମୋବାଇଲ୍ ସମ୍ପର୍କରେ ଏତଲା ଦେଉଛନ୍ତି। ଅଭିଯୋଗ ପ୍ରକାରେ ଆଇଟି ଟିମ୍ ଆଇଏମ୍‌ଇଆଇ ନମ୍ବର ଟ୍ରାକ୍ କରି ଫୋନ୍‌ଗୁଡ଼ିକୁ ଉଦ୍ଧାର କରିବାରେ ସକ୍ଷମ ହେଉଛି। ହାଇଦ୍ରାବାଦ ପୋଲିସ କମିଶନରଙ୍କ କହିବାନୁଯାୟୀ, ୮ଲକ୍ଷ ୯୬ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ମୋବାଇଲ୍ ଆପ୍ଲିକେଶନ୍ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ପୁରୁଣା ମୋବାଇଲ୍ କିଣିବା ପୂର୍ବରୁ ତାହା ଚୋରି ମୋବାଇଲ୍ କି ନୁହଁ ଜାଣିବାପାଇଁ ଏହି ଆପ୍ ମାଧ୍ୟମରେ ଆଇଏମ୍‌ଇଆଇ ନମ୍ବର ଯାଞ୍ଚ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# କୁକୁର ଦେଖାଶୁଣା ପାଇଁ ୨୯ ଲକ୍ଷ ଦରମା

**ଲଣ୍ଡନ:** ବିଶେଷକରି ଚାକିରି କରୁଥିବା ଲୋକମାନେ ଘର କାର୍ଯ୍ୟ ତୁଲାଇବା ବା ରୋଷେଇବାସ ପାଇଁ ଘରୋଇ ସହଯୋଗୀଙ୍କୁ ରଖିଥାନ୍ତି। ହେଲେ ଲଣ୍ଡନର ନାଇଟ୍‌ସବ୍ରିଜ୍‌ରେ ରହୁଥିବା ଏକ ଦମ୍ପତି ଏଭଳି ଏକ ଚାକିରି ପାଇଁ ବିଜ୍ଞାପନ ଦେଇଛନ୍ତି, ଯାହା ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଭୟେ ଅଧିକାଂଶ ସମୟ ବିଭିନ୍ନ କାମ ପାଇଁ ଘରଠାରୁ ଦୂରରେ ରୁହନ୍ତି। ତେବେ ସେମାନଙ୍କ ଅନୁପସ୍ଥିତିରେ ଦୁଇ ପୋଷା କୁକୁର (ଗୋଲ୍‌ଡେନ ରିଟ୍ରାଇଭର)ଙ୍କ ଦେଖାଶୁଣା ପାଇଁ ଜଣେ ବ୍ୟକ୍ତି ଆବଶ୍ୟକ। ଏଥିପାଇଁ ସେମାନେ ୩୦ରୁ ୩୨ ପାଉଣ୍ଡ ବା ପାଖାପାଖି ୨୯ ଲକ୍ଷ ଟଙ୍କା ଦରମା ଦେବେ ବୋଲି ଦମ୍ପତି ବିଜ୍ଞାପନରେ ଦର୍ଶାଇଛନ୍ତି। ଏଥିସହିତ ସମ୍ପୃକ୍ତ ବ୍ୟକ୍ତି ଜଣକ ସେହି ଦମ୍ପତିଙ୍କ ଘରେ ମଧ୍ୟ ରହିପାରିବେ। ଗୋଟିଏ କୁକୁରର ନାଁ ମାଇଲୋ ଓ ଅନ୍ୟଟିର ନାଁ ଅସ୍କାର। ଦମ୍ପତି ଏହି ବିଜ୍ଞାପନକୁ ସିଲଭର୍ ୱାନ୍ ସର୍ଚ୍ଚ ୱେବସାଇଟ୍‌ରେ ପକାଇଛନ୍ତି। କୁକୁର ଦ୍ୱୟଙ୍କ ଦେଖାଶୁଣା ପାଇଁ କିଭଳି ଚରିତ୍ର ବ୍ୟକ୍ତିଙ୍କ ଆବଶ୍ୟକତା ରହିଛି, ସେ ନେଇ ମଧ୍ୟ ଉକ୍ତ ସାଇଟ୍‌ରେ ସୂଚନା ଦିଆଯାଇଛି।



# ୮ ଜଣଙ୍କ ଖାଇବା ବିଲ୍ ୪୪ ଲକ୍ଷ

**ବେଜିଂ:** ଆଜିକାଲି ସୋସିଆଲ ମିଡିଆରେ ବିଭିନ୍ନ ରେଷ୍ଟୁରାଣ୍ଟ ଚର୍ଚ୍ଚାରେ ରହୁଛି। କେଉଁଠି ଚା' କପ୍‌ର ଦାମ୍ ଆକାଶଛୁଆଁ ତ ଆଉ କେଉଁଠି ଦୁଇଟି କଦଳୀର ଦାମ୍ ୧ ହଜାର ଟଙ୍କା। କିନ୍ତୁ ଆଜି ଏମିତି ଏକ ରେଷ୍ଟୁରାଣ୍ଟର ମିଲ୍‌ର ଦାମ୍ ବିଷୟରେ କହିବୁ, ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏମିତି ରେଷ୍ଟୁରାଣ୍ଟ ରହିଛି ଚାଇନାରେ। ଏଠାରେ ୮ ଜଣ ଡିନର କରି ୪୧୮,୨୪୫ ୟୁଆନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୪୪ ଲକ୍ଷ ୨୬ ହଜାର ଟଙ୍କାରୁ ଊର୍ଦ୍ଧ୍ୱ। ଏତେ ଟଙ୍କାର ବିଲ୍ ପରେ ରେଷ୍ଟୁରାଣ୍ଟକୁ ନେଇ ସୋସିଆଲ ମିଡିଆରେ ଏବେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି । ବିଲ୍‌ରେ ୨୦ ପ୍ରକାର ଖାଦ୍ୟର ନାମ ଓ ୨୦ ପ୍ରକାର ତରକାରୀ ଥିଲା। 'ମ୍ୟାଗି ଫାଇଭ୍ ରେଷ୍ଟୁରାଣ୍ଟ' ନାମକ ଏହି ରେଷ୍ଟୁରାଣ୍ଟକୁ ଦୁବାଇରୁ ୮ ଜଣ ଡିନର କରିବାକୁ ଆସିଥିଲେ। ୱେଟର ବିଲ୍ ଦେବା ପରେ ଏମାନେ ଆଶ୍ଚର୍ଯ୍ୟ ହୋଇଯାଇ ମାଲିକଙ୍କୁ ଜଣାଇଥିଲେ। କିନ୍ତୁ ମାଲିକ ଜଣକ ଏହି ରେଷ୍ଟୁରାଣ୍ଟରେ ସବୁଠୁ ମହଙ୍ଗା ଖାଦ୍ୟ ପରଷାଯାଏ ବୋଲି କହିଥିଲେ।



# ୮ ହଜାର କୋଟିର ଅଳଙ୍କାର ଲୁଟ୍



**ବର୍ଲିନ:** ଜର୍ମାନୀର ରାଜକୀୟ ସଂଗ୍ରହାଳୟ ଗ୍ରୀନ୍ ବୋଲ୍ଟରେ ବଡ଼ ଧରଣର ଚୋରି ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଏପରି ବଡ଼ ଧରଣର ଚୋରି ହୋଇ ନ ଥିବା କୁହାଯାଉଛି। ସଂଗ୍ରହାଳୟରୁ ଚୋରମାନେ ୮ ହଜାର କୋଟିର ଅଳଙ୍କାର ଏବଂ ବହୁମୂଲ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ୩ ସେଟ୍ ଅଳଙ୍କାର ଚୋରି ହୋଇଥିବା ପୋଲିସ ସୂଚନା ଦେଇଛି। ସେଥିମଧ୍ୟରେ ୧୮ ଶତାବ୍ଦୀର ସେକ୍ସୋନି ରାଜବଂଶର ଶାସକ ଅଗଷ୍ଟସ୍ ଦି ଷ୍ଟ୍ରଙ୍ଗ୍‌ଙ୍କ ଆଭୂଷଣ ରହିଛି। ଲାଇନ୍ କଟିଥିବାବେଳେ ଚୋର ଝରକା ବାଟ ଦେଇ ସଂଗ୍ରହାଳୟରେ ପ୍ରବେଶ କରି ଏଭଳି କାଣ୍ଡ ଭିଆଇଥିବା କୁହାଯାଉଛି। ୨ ଜଣ ଲୋକ ଝରକା ଭାଙ୍ଗି ସଂଗ୍ରହାଳୟରେ ପ୍ରବେଶ କରୁଥିବା ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି। ଡ୍ରେସ୍‌ଡେନ୍ ରାଜମହଲରେ ଥିବା ଏହି ସଂଗ୍ରହାଳୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିଲେ ମଧ୍ୟ ଚୋରି କିପରି ହେଲା, ସେ ନେଇ ତଦନ୍ତ ଜାରିରହିଛି। ଏଠାରେ ହାତୀଦାନ୍ତ ଖଚିତ ସାମଗ୍ରୀ, ହୀରା ଖଚିତ ସୁନା ଏବଂ ରୁପା ଅଳଙ୍କାର ଆଦି ଥିଲା।

# ଟି-ଶାର୍ଟକୁ ନେଇ ଚର୍ଚ୍ଚାରେ ଅକ୍ଷୟ



**ମୁମ୍ବାଇ:** ବଲିଉଡ୍‌ର ସବୁଠାରୁ ବ୍ୟସ୍ତ ଷ୍ଟାର୍ ଭାବେ ସୁପରଷ୍ଟାର୍ ଅକ୍ଷୟ କୁମାର ପରିଚିତ। ତାଙ୍କର ଗୋଟିଏ ପରେ ଗୋଟିଏ ଫିଲ୍ମ ରିଲିଜ୍ ହେଉଥିବାବେଳେ ଏଥିପାଇଁ ସେ ଲଗାତର ଶୁଟିଂରେ ବ୍ୟସ୍ତ ମଧ୍ୟ ରୁହନ୍ତି। ଏକାସମୟରେ ସେ ୨-୩ଟି ଫିଲ୍ମ ଶୁଟିଂ କରିଥାନ୍ତି। ଏହି କାରଣରୁ ଅକ୍ଷୟ ହେଉଛନ୍ତି ବଲିଉଡ୍‌ର ଏକମାତ୍ର ଷ୍ଟାର୍, ଯାହାଙ୍କର ବର୍ଷରେ ୩-୪ ଫିଲ୍ମ ରିଲିଜ୍ ହୋଇଥାଏ। ନିକଟରେ ଅକ୍ଷୟଙ୍କ ଫିଲ୍ମ 'ହାଉସ୍‌ଫୁଲ-୪' ରିଲିଜ୍ ହୋଇସାରିଥିବାବେଳେ ଆଗକୁ 'ଗୁଡ୍ ନ୍ୟୁଜ୍' ରିଲିଜ୍ ହେବ। ଆସନ୍ତା ଡିସେମ୍ବରରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ପାଇଁ ଅକ୍ଷୟ କୁମାର ବେଶ୍ ଉତ୍ସାହିତ ଅଛନ୍ତି। ଫିଲ୍ମର ଟ୍ରେଲର ଦେଖିବା ପରେ ହୁଏତ ଅକ୍ଷୟଙ୍କଠାରୁ ମଧ୍ୟ ଅଧିକ ଉତ୍ସାହିତ ଅଛନ୍ତି ତାଙ୍କ ଫ୍ୟାନ୍‌ମାନେ। ଆଉ ଏଥିପାଇଁ ଫିଲ୍ମର ଟ୍ରେଲର୍ ଦେଖି ଫ୍ୟାନ୍‌ମାନେ ଅକ୍ଷୟଙ୍କୁ ନେଇ କିଛି ଏମିତି ବିଷୟ ନୋଟିସ୍ କଲେ, ଯାହାକୁ ନେଇ ସେ ଏବେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଅକ୍ଷୟଙ୍କ ଫିଲ୍ମ 'ହାଉସ୍‌ଫୁଲ-୪' ଏବଂ 'ଗୁଡ୍ ନ୍ୟୁଜ୍' ଭିତରେ ଫ୍ୟାନ୍‌ମାନେ କନେକ୍ସନ୍ ଖୋଜି ବାହାର କରିଛନ୍ତି।

ପ୍ରକୃତରେ ସୋସିଆଲ୍ ମିଡିଆରେ ଅକ୍ଷୟଙ୍କ ଏକ ଫଟୋ ଭାଇରାଲ୍ ହେଉଛି, ଯେଉଁଥିରେ ଅକ୍ଷୟ ଏକ ହୁଡି ଟି-ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ତେବେ ସବୁଠାରୁ କୌତୁହଳ କଥା ହେଲା, ଏହି ହୁଡି ସେ 'ଗୁଡ୍ ନ୍ୟୁଜ୍'ରେ ପିନ୍ଧିଛନ୍ତି ଆଉ 'ହାଉସ୍‌ଫୁଲ-୪'ରେ ମଧ୍ୟ ପିନ୍ଧିଥିଲେ। ଏହାର ଅର୍ଥ ହେଲା, ଦୁଇଟିଯାକ ଫିଲ୍ମରେ ସେ ସମାନ ହୁଡି ପିନ୍ଧିଛନ୍ତି। ଅକ୍ଷୟ ଏତେ ବ୍ୟସ୍ତ ରୁହନ୍ତି ଯେ, ଲାଗୁଛି ଦୁଇଟି ଫିଲ୍ମର କିଛି ସିନ୍ ଗୋଟିଏ ଦିନରେ ହିଁ ଶୁଟ୍ କରିଥିବେ। ଏବେ ଅକ୍ଷୟ ଏହା ଜାଣିଶୁଣି କରିଛନ୍ତି ବା ଅଜାଣତରେ ସେ କଥା ତ ଜଣାନାହିଁ, କିନ୍ତୁ ଏହା ସତ ଯେ ତାଙ୍କ ଫ୍ୟାନ୍‌ମାନେ ଏହି ମଜାଦାର ବିଷୟକୁ ନୋଟିସ୍ କରିଛନ୍ତି ଆଉ ସୋସିଆଲ୍ ମିଡିଆରେ ଭାଇରାଲ୍ ମଧ୍ୟ କରୁଛନ୍ତି। ଅନ୍ୟପକ୍ଷରେ 'ଗୁଡ୍ ନ୍ୟୁଜ୍' ବ୍ୟତୀତ ଅକ୍ଷୟ 'ବଚ୍ଚନ ପାଣ୍ଡେ', 'ଲକ୍ଷ୍ମୀ ବମ୍', 'ସୂର୍ଯ୍ୟବଂଶୀ', 'ବେଲ୍ ବଟମ୍' ଏବଂ 'ପୃଥ୍ୱୀରାଜ୍' ବାୟୋପିକ୍ ଫିଲ୍ମରେ ମଧ୍ୟ ନଜରକୁ ଆସିବେ। କେବଳ 'ବେଲ୍ ବଟମ୍' ଫିଲ୍ମ ଛଡ଼ା ବାକି ସବୁ ଫିଲ୍ମ ୨୦୨୦ରେ ହିଁ ରିଲିଜ୍ ହେବାକୁ ଘୋଷଣା କରାଯାଇଛି।

# ବିଗ୍‌ବସ୍‌ରେ ଜମୁଛି ହିମାଂଶୀଙ୍କ ପ୍ରେମ



**ମୁମ୍ବାଇ:** ଚଳିତ ଥର ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରୁଛି ଲୋକପ୍ରିୟ ରିଆଲିଟି ଶୋ' ବିଗ୍‌ବସ୍। ଝଗଡ଼ା ହେଉ ଅଥବା ରୋମାନ୍ସ ସବୁର ଡୋଜ୍ ଦେଖିବାକୁ ମିଳୁଛି ଶୋ'ରେ। କିଛିଦିନ ତଳେ ପ୍ରତିଯୋଗୀ ସିଦ୍ଧାର୍ଥ ଶୁକ୍ଳା ଏବଂ ଆସିମ ରିଆଜଙ୍କ ମଧ୍ୟରେ ଝଗଡା ଚର୍ଚ୍ଚାର ବିଷୟ ପାଲଟିଥିଲା। ଆଉ ଏବେ ଆସିମ ଓ ହିମାଂଶୀଙ୍କ ପ୍ରେମ ସମ୍ପର୍କ ଜମୁଛି। ବିଗ୍‌ବସ୍ ଘରେ ଆସିମ ପଞ୍ଜାବୀ ଗାୟିକା ହିମାଂଶୀଙ୍କ ପ୍ରେମରେ ପଡିଛନ୍ତି। କହିବାକୁ ଗଲେ ହିମାଂଶୀଙ୍କୁ ଏକତରଫା ପ୍ରେମ କରୁଛନ୍ତି ଆସିମ୍। କାରଣ ହିମାଂଶୀ ଜଣଙ୍କୁ ଭଲପାଉଛନ୍ତି। ଏପରିକି ଉଭୟଙ୍କ ନିର୍ବନ୍ଧ ମଧ୍ୟ ସରିଛି। ଏସବୁ ଜାଣି ମଧ୍ୟ ଆସିମ ତାଙ୍କୁ ଦୁନିଆର ସବୁଠାରୁ ସୁନ୍ଦର ମହିଳା କହି ମନ ଦେଇ ବସିଛନ୍ତି। ଖୋଲାଖୋଲି ଭାବେ ହିମାଂଶୀ ଏହାକୁ ସ୍ୱୀକାର କରୁ ନ ଥିଲେ ହେଁ ସେ ଜଣେ ବନ୍ଧୁ ଭାବେ ଆସିମ୍‌ଙ୍କ ପାଖେ ପାଖେ ରହୁଛନ୍ତି। ଏଣୁ ବିଗ୍‌ବସ୍‌ର ଆଗାମୀ ଏପିସୋଡରେ ଉଭୟଙ୍କ ମଧ୍ୟରେ କିଛି ସ୍ପେଶାଲ କନେକ୍ସନ ଦେଖିବାକୁ ମିଳିବ ବୋଲି ଆସିମଙ୍କ ପ୍ରଶଂସକମାନେ ଆଶା କରୁଛନ୍ତି।

# ବିନା ଚାର୍ଜରରେ ମୋବାଇଲ୍ ଫୋନ୍ ହେବ ଚାର୍ଜ

**ନୂଆଦିଲ୍ଲୀ:** ଏମିତି ଅନେକ ଥର ହୋଇଥିବ, ଆପଣ ଘରେ ଚାର୍ଜର ଭୁଲି ମୋବାଇଲ ସାଙ୍ଗରେ ନେଇ ବାହାରି ପଡ଼ିଥିବେ। ଆଉ କିଛି ସମୟ ପରେ ଯେତେବେଳେ ମୋବାଇଲ ଚାର୍ଜ ଶେଷ ହେବାର ସମୟ ଆସିଯିବ, ଆପଣଙ୍କୁ ଚାର୍ଜର କଥା ମନେପଡ଼ିଥିବ, କିନ୍ତୁ ଚାର୍ଜର ପାଖରେ ନ ଥିବ। ଆମେ ସମସ୍ତେ ଏଭଳି ପରିସ୍ଥିତିକୁ ଅନ୍ତତଃ ଥରେ ସାମ୍ନା କରିଥିବା ନିଶ୍ଚୟ। ତେବେ ଚାର୍ଜର ବିନା ଏଣିକି ମୋବାଇଲ ଚାର୍ଜ କରିବାର ସମାଧାନ ମିଳିଯାଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେଶନ୍ ଟେକ୍ନୋଲୋଜି (ନିଫ୍ଟ)ର ଜଣେ ପ୍ରାକ୍ତନ ଛାତ୍ର ଏହି ସମସ୍ୟାର ସମାଧାନ ଖୋଜି ବାହାର କରିଛନ୍ତି। ଏକ ଜାତୀୟ ଗଣମାଧ୍ୟମ ତଥ୍ୟ ଅନୁଯାୟୀ, ନିଫ୍ଟର ପ୍ରାକ୍ତନ ଛାତ୍ର ବିକ୍ରମ ସିଂ ସୋଲାର୍ ପ୍ୟାନେଲ ସାହାଯ୍ୟରେ ଏଭଳି ଏକ ଡିଜାଇନର ବ୍ୟାଗ୍ ପ୍ରସ୍ତୁତ କରିଛନ୍ତି, ଯାହାକୁ ଧରି ଖରାରେ ଚାଲିଲେ, ମୋବାଇଲ୍ ଆପେ ଆପେ ଚାର୍ଜ ହୋଇଯିବ।

ନିଫ୍ଟରୁ ୨୦୧୯ରେ ବ୍ୟାଚେଲର୍ ଅଫ୍ ଡିଜାଇନ୍‌ରେ ଡିଗ୍ରୀ ହାସଲ କରିଥିବା ବିକ୍ରମ ସୋଲାର ପ୍ୟାନେଲଯୁକ୍ତ ଏକ ଲେଦର ବ୍ୟାଗ୍ ପ୍ରସ୍ତୁତ କରିଛନ୍ତି। ଏହି ବ୍ୟାଗ୍ ସାହାଯ୍ୟରେ ମାତ୍ର ତିନି ଘଣ୍ଟାରେ ମୋବାଇଲ୍ ଫୋନ୍ ଚାର୍ଜ ହୋଇପାରିବ। ଏହି ବ୍ୟାଗ୍‌ରେ ବିକ୍ରମ ୟୁଏସ୍‌ବି ମଧ୍ୟ ଲଗାଇଛନ୍ତି। ସୂର୍ଯ୍ୟ ରଶ୍ମିରେ ବ୍ୟାଗ୍ ଧରି ବୁଲିଲେ, ୟୁଏସ୍‌ବି ମାଧ୍ୟମରେ ମୋବାଇଲ ଫୋନ୍ ଚାର୍ଜ ହେବା ଆରମ୍ଭ କରିଦେବ। ତେବେ ଏହି ଉତ୍ପାଦ ନେଇ ଲୋକଙ୍କ ଭଲ ପ୍ରତିକ୍ରିୟା ମିଳୁଥିବାରୁ ଖୁବ୍‌ଶୀଘ୍ର ଏହାକୁ ବଜାରରେ ଉପଲବ୍ଧ କରାଇବାର ଯୋଜନା ରଖିଛନ୍ତି ବିକ୍ରମ। ଏହାଛଡ଼ା ସେ ଆଉ ଏକ ୱେୟାରଲେସ୍ ବ୍ୟାଗ୍ ମଧ୍ୟ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଏକ ୱେୟାରଲେସ୍ ଚାର୍ଜର ଖଞ୍ଜାହୋଇଛି। ଏହାସହ ଏକ ବ୍ଲୁ-ଟୁଥ୍ ମଧ୍ୟ ଉପଲବ୍ଧ ରହିଛି।

# କାନୁନ୍‌ଗୋ ବୋଲି ଓଡ଼ିଆ ଭାବନ୍ତି

ଧରିତ୍ରୀ ଆଳାପ



ଅର୍ଜୁନ କାନୁନ୍‌ଗୋ

ଏକାଧାରରେ ଜଣେ ପ୍ଲେବ୍ୟାକ୍ ସିଙ୍ଗର୍, କମ୍ପୋଜର୍, ଆକ୍ଟର ଏବଂ ଏଣ୍ଟରପ୍ରିନିୟୋର୍। ନିଜ ପାର୍ଟି ନମ୍ବର୍ ଓ ର୍ୟାପ୍ ସଙ୍ଗ୍ ପାଇଁ ରାତାରାତ ୟୁଥ୍ ସେନ୍‌ସେସନ୍ ପାଲଟିଥିବା ଅର୍ଜୁନ ପାର୍ଟି ଗୀତକୁ ପାର୍ଟି ଆନ୍ଥେମ୍ କରିବାରେ ଉସ୍ତାଦ୍। 'ବାକି ବାତେଁ ପିନେ ବାଦ୍'ରେ ହଜାର ହଜାର ଯୁବପିଢ଼ିଙ୍କୁ ଝୁମାଇଥିବା ଅର୍ଜୁନ ୨୦୧୩ରେ 'ଗୋ ଗୋଆ ଗନ୍'ରେ 'ଖୁନ୍ ଚୁସ୍ ଲେ' ଗୀତ ମାଧମରେ ପ୍ରଥମେ ଲାଇମ୍‌ଲାଇଟ୍‌କୁ ଆସିଥିଲେ। କ୍ଲାସିକାଲ ଗୀତରେ ପ୍ରଶିକ୍ଷଣ ନେଇଥିବା ଏହି କଣ୍ଠଶିଳ୍ପୀ 'ଫୁର୍‌ସତ୍' ଓ 'ଏକ୍ ଦଫା' ସିଙ୍ଗିଲ୍ସରେ ହଇଚଇ କରିଦେଇଛନ୍ତି। ୨୦୧୮ରେ ରିଲିଜ ହୋଇଥିବା ନେହା କକ୍କରଙ୍କ ସହ ତାଙ୍କ ଡୁଏଟ୍ 'ଲା ଲା ଲା' ୟୁଟ୍ୟୁବ୍‌ରେ ୭୫ ମିଲିୟନ୍‌ରୁ ଅଧିକ ଭ୍ୟୁ ସାଉଁଟିଛି। ପ୍ରସିଦ୍ଧ ପାକିସ୍ତାନୀ କଣ୍ଠଶିଳ୍ପୀ ମୋମିନା ମୁସ୍ତେହସନ୍‌ଙ୍କ ସହ ସେ ଗାଇଥିବା 'ଆୟେ ନା ତୁ' ବି ସୁପରହିଟ୍ ହୋଇଥିଲା। ଏକାଧିକ ହିନ୍ଦୀ ଫିଲ୍ମରେ ଗୀତ ଗାଇଥିବା ଅର୍ଜୁନ ଜଣେ ଲୋକପ୍ରିୟ ପ୍ଲେବ୍ୟାକ୍ ସିଙ୍ଗର୍‌ଭାବେ ଯେତିକି ପରିଚିତ, ନିଜ ଲୁକ୍ ଓ ଷ୍ଟାଇଲ୍ ପାଇଁ ସେତିକି ପ୍ରସିଦ୍ଧ। ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ମାକ୍‌ଡୋଏଲ୍ସର ବହୁଚର୍ଚ୍ଚିତ ନମ୍ବର ୱାନ୍ ୟାରି ଜାମ୍ ଫେଷ୍ଟରେ ଯୋଗଦେବାକୁ ଓଡ଼ିଶା ଆସିଥିବା ଅବସରରେ ତାଙ୍କ ସହ ସଂକ୍ଷିପ୍ତ ଆଳାପ।

**ଗୁଗଲ୍ ଏବଂ ୱିକିପିଡ଼ିଆରେ ଆପଣଙ୍କ ଘର ଓଡ଼ିଶା ବୋଲି ଲେଖା ଅଛି। ଓଡ଼ିଶା ସହ କି ସମ୍ପର୍କ ଅଛି?**

- ମୁଁ ବି ବେଳେବେଳେ ଏହାକୁ ନେଇ କନ୍‌ଫ୍ୟୁଜ୍ ହୋଇଯାଏ। କାନୁନ୍‌ଗୋ ବୋଲି ମୋତେ ସମସ୍ତେ ଓଡ଼ିଆ ଭାବନ୍ତି। ହେଲେ ବାସ୍ତବରେ ମୁଁ ଓଡ଼ିଆ ନୁହେଁ। ମୋ ଘର ରାଜସ୍ଥାନରେ ଏବଂ ମୋ ପରିବାର ରାଜସ୍ଥାନରେ ହିଁ ରୁହନ୍ତି। ମୁଁ ବମ୍ବେରେ ଜନ୍ମହୋଇଛି ଓ ସେଠାରେ ବଡ଼ ହୋଇଛି। ହେଲେ ୱିକିପିଡ଼ିଆରେ ମୋ ଘର ଓଡ଼ିଶା ଲେଖା ଅଛି ବୋଲି ମୁଁ ଜାଣି ନଥିଲି। ଆଜି ଜାଣିବାକୁ ପାଉଛି। ଏହାକୁ ବଦଳାଇବାକୁ ପଡ଼ିବ।

**ଓଡ଼ିଶା ବିଷୟରେ କେତେ ଜାଣିଛନ୍ତି?**

- ଓଡ଼ିଶାକୁ ଆଗରୁ ଆସିଛି। ହେଲେ ଶୋ' ପାଇଁ ଆସିଲେ ବାହାରକୁ ଯାଇହୁଏନା କି ବୁଲିହୁଏନା। ଫାଙ୍କା ସମୟରେ ଏଠାକୁ ଆସି କିଛି ସମୟ ରହିବାକୁ ମୋର ଯୋଜନା ଅଛି। ସପ୍ତାହେ, ଦୁଇ ସପ୍ତାହ ରହି ଓଡ଼ିଶାର ପ୍ରସିଦ୍ଧ ସ୍ଥାନ ବୁଲିବି। ଏଠାକାର ମନ୍ଦିର ଓ ତା'ର ଆର୍କିଟେକ୍‌ଚର୍ ବହୁ ସୁନ୍ଦର ବୋଲି ଶୁଣିଛି। ତେଣୁ ସେଗୁଡ଼ିକ ଦେଖିବାକୁ ବହୁତ ଆଗ୍ରହ ଅଛି। ଖୁବ୍‌ଶୀଘ୍ର ଏକ ଟ୍ରିପ୍ ପ୍ଲାନ୍ କରିବି।

**ଅନେକ ସେଲିବ୍ରିଟି ଏଠାକୁ ଆସି ଓଡ଼ିଆ ଖାଦ୍ୟ ମୋହରେ ପଡ଼ିଯାଆନ୍ତି। ଆପଣ କ'ଣ ଖାଇଛନ୍ତି?**

- ମୁଁ ଏବେ ନୁହେଁ, ବହୁ ଆଗରୁ ଓଡ଼ିଆ ଖାଦ୍ୟ ଖାଇଛି। ଓଡ଼ିଶାର ଟ୍ରାଡିଶନାଲ ଫୁଡ୍ ମୋତେ ବହୁତ ଭଲଲାଗେ। ବିଶେଷକରି ଫ୍ରାଏଡ୍ ମାଛ ମୋର ଫେଭରାଇଟ୍। ଓଡ଼ିଶାରେ ଯେଉଁ ଫ୍ରେଶ ୱାଟର୍ ଫିସ୍ ମିଳେ ତାହା ଆଉ କେଉଁଠି ମିଳେନା।

**ଆଜିକାଲିର ରିମିକ୍ସ ଟ୍ରେଣ୍ଡକୁ କେମିତି ଦେଖୁଛନ୍ତି?**

- ମୁଁ ଏହାକୁ ଖୋଲାଖୋଲି ବିରୋଧ କରେ। ଗୋଟିଏ ଦୁଇଟି ଗୀତ ଠିକ୍ ଅଛି। ହେଲେ ଏବେ ଯେଉଁ ମାତ୍ରାରେ ରିମିକ୍ସ ହେଉଛି ସେମିତି ହେବା ଉଚିତ୍ ନୁହେଁ। ଆଜିକାଲି ପ୍ରତ୍ୟେକ ଫିଲ୍ମରେ ଯାହା ବି ହେଲେ ଗୋଟିଏ ରିମିକ୍ସ ରହୁଛି। ସବୁ ଫିଲ୍ମରେ ପ୍ରଥମେ ଏକ ରିମିକ୍ସ, ତା'ପରେ ଏକ ଲଭ୍ ସଙ୍ଗ୍ ଓ ଶେଷରେ ଏକ ପାର୍ଟି ସଙ୍ଗ୍ ରହୁଛି। ଏହା ଏକ ଟ୍ରେଣ୍ଡ୍‌ରେ ପରିଣତ ହେଲାଣି। ଫଳରେ ନୂଆ ଗୀତ ଆଉ ଆସୁନି କି ଭଲ ଗୀତ ତିଆରି ହେଉନି। ରିମିକ୍ସ କରିବା ଲୋକକୁ କ୍ରେଡିଟ୍ ମିଳୁଛି କିନ୍ତୁ ଯିଏ ଗୀତକୁ ବାସ୍ତବରେ କରିଛି ତାକୁ କ୍ରେଡିଟ୍ ମିଳୁନି। ଯେଉଁମାନେ ରିମିକ୍ସ କରୁଛନ୍ତି ସେମାନଙ୍କୁ ମୁଁ ଗୋଟିଏ ପ୍ରଶ୍ନ କରିବି ଯେ ୧୦ବର୍ଷ ପରେ ତୁମେ କ'ଣ କରିବ। ସେତେବେଳେ ରିମିକ୍ସ କରିବାକୁ ଆଉ କିଛି ନଥିବ।

**ଏତେ ଭଲ ଭଲ ପାର୍ଟି ଆନ୍ଥେମ୍ କରିବା ପଛର ସିକ୍ରେଟ୍ କ'ଣ?**

- ସିକ୍ରେଟ୍ ତ ନାହିଁ। ହେଲେ ଏତିକି କହିବି ନିଜେ ପାର୍ଟି କଲେ ଆନ୍ଥେମ୍ ଆପେ ଆପେ ହୋଇଯିବ।

**ଆଗକୁ କ'ଣ କରିବାର ଯୋଜନା ରଖିଛନ୍ତି?**

- ସମାନ କାମ ବହୁତ କରିସାରିଲିଣି। ଏବେ କିଛି ନୂଆ କରିବାର ଅଛି। ନିକଟରେ ୩ଟି ଫିଲ୍ମ ପାଇଁ ଗୀତ ରେକର୍ଡ କରିଛି। ତାହା ଏବେଯାଏଁ ରିଲିଜ୍ ହୋଇନି। ଡିସେମ୍ବରରେ ଏକ ସିଙ୍ଗିଲ୍ ରିଲିଜ ହେବ। ଆଶାକରୁଛି ପାର୍ଟି ଲଭର୍‌ଙ୍କ ପାଇଁ ତାହା ଏକ ଭଲ ଗୀତ ହେବ।

**କେବଳ ହିନ୍ଦୀ ନା ଆଉ କେଉଁ ଭାଷାରେ ଗୀତ ଗାଇବାର ଆଗ୍ରହ ଅଛି?**

- ମୋତେ ସବୁ ଭାରତୀୟ ଭାଷାରେ ଗାଇବାର ଆଗ୍ରହ ଅଛି। ଯଦି ଓଡ଼ିଆରେ ବି ଅଫର୍ ମିଳେ ତାହେଲେ ନିଶ୍ଚୟ ଗାଇବି।

**ସାମ୍ପ୍ରତିକ ସମୟରେ ରିଆଲିଟି ଶୋ'ଗୁଡ଼ିକ ପ୍ରତିଭାମାନଙ୍କୁ ଭଲ ପ୍ଲାଟ୍‌ଫର୍ମ ଦେଉଛି ନା ଏକ ନେଗ୍‌ଟିଭ୍ ବାତାବରଣ ସୃଷ୍ଟିକରୁଛି?**

- ନିଶ୍ଚିନ୍ତଭାବେ ଏହା ଭଲ ପ୍ଲାଟ୍‌ଫର୍ମ। ଆଜିକାଲିର ରିଆଲିଟି ଶୋ'ରେ ପ୍ରତିଯୋଗିତା ବଢ଼ିଗଲାଣି। ଏକ୍ସପୋଜର୍‌ବି ଭଲହେଲାଣି। ତେଣୁ ଯେଉଁମାନେ ଗାଇବାର ସୁଯୋଗ ପାଉନାହାନ୍ତି ସେମାନଙ୍କୁ ମୁଁ ଏତିକି କହିବି ରିଆଲିଟି ଶୋ'କୁ ଯାଅ। ସେଠାରେ ନିଜ ଟ୍ୟାଲେଣ୍ଟ ଦେଖାଅ।

**ସାକ୍ଷାତକାର– ସସ୍ମିତା ପାଇକରାୟ** **ଫଟୋ: ବିକାଶ ନାୟକ**



# ଚିଜ୍ ଲଲିପପ୍

## ଖାଦ୍ୟ ରୁଚି

ସ୍ନାକ୍ସରେ ଲଲିପପ୍ ସଭିଙ୍କ ପସନ୍ଦ। ଚିଜ୍ ଲଲିପପ୍‌ରେ ହଟ୍ ଗାର୍ଲିକ୍ ସସ୍ ମିଶାଇ ଖାଇବା ସ୍ୱାଦ ବି ନିଆରା। ଉପରେ କ୍ରିସ୍ପି ଓ ଭିତରେ ମିଠା, ଏହି ଚପ୍‌କୁ ଲୋକେ ଭାରି ପସନ୍ଦ କରୁଛନ୍ତି।

### ଆବଶ୍ୟକ ସାମଗ୍ରୀ

ପିଆଜ, କର୍ନଫ୍ଲୋର, ମଇଦା, ଚିଜ୍, ବେବିକର୍ନ, ପନିର–୧୫୦ଗ୍ରାମ୍, କଞ୍ଚାଲଙ୍କା, ସିଝାଆଳୁ, ବେସଲୀ, କେପସିକୋ ସସ୍, ଲୁଣ, ହ୍ୱାଇଟ୍ ପିପର, ବ୍ଲାକ୍ ପିପର, ହଟ୍ ଗାର୍ଲିକ୍ ସସ୍।



### ପ୍ରସ୍ତୁତି

ପନିର ଓ ସିଝାଆଳୁ ଚକଟି ଦିଅନ୍ତୁ। ସେଥିରେ ଚପ୍ ସାଇଜ୍ ପିଆଜ ଓ କଞ୍ଚାଲଙ୍କା, ଚିଜ୍, ବେସ୍‌ଲୀ, କେପ୍‌ସିକୋ ସସ୍, ହ୍ୱାଇଟ୍ ପିପର, ବ୍ଲାକ୍ ପିପର ମିଶାଇ ଗୋଳାଇ ଦିଅନ୍ତୁ। ଏଥିରେ ହାଲୁକା କର୍ନଫ୍ଲୋର୍ ଓ ମଇଦା ପକାଇ ବହଳିଆ କରି ଦିଅନ୍ତୁ। ଏହାପରେ ଲଲିପପ୍ ଭଳି ଗୋଲ୍ ଗୋଲ୍ କରନ୍ତୁ ଓ ବେବିକର୍ନକୁ ଭାଙ୍ଗି ଏଥିରେ ଲଗାନ୍ତୁ। ଏବେ କର୍ନଫ୍ଲୋର୍ ଗୁଣ୍ଡରେ ଚପ୍‌କୁ ଗୋଳେଇ ହାଲୁକା ଗରମ ତେଲରେ ଭାଜନ୍ତୁ। ଖୁବ୍ କମ୍ ସମୟ ଗୋଲ୍‌ଡେନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିଜ୍ ଲଲିପପ୍। ଗରମ ଗରମ ପରଷି ଦିଅନ୍ତୁ।

ଶେଫ୍: ସୌମ୍ୟ ରଞ୍ଜନ ନାଏକ

ରିପୋର୍ଟ: ଶୋଭେନ୍

## ନିଜ କଥା

ଡିଆଇପିଆରଓ କଲ୍ୟାଣୀ ଦାଶ

ବରଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ। ୨୦୧୪ରୁ ସେ ଏହି ପଦବୀରେ ଅବସ୍ଥାପିତ। ୨୦୧୫ରୁ ତତ୍କାଳୀନ ଜିଲାପାଳ ଅଞ୍ଜନ କୁମାର ମାଣିକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତଭାବେ ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱ ସେ ସମ୍ଭାଳିଛନ୍ତି। ଜିଲାରେ ଏହି ଉଭୟ ପଦବୀରେ ଜଣେ ମହିଳା ଅଧିକାରୀଭାବେ ଅବସ୍ଥାପିତ ଦାଶଙ୍କ କଥା ଏଥରର ନିଜକଥା ସ୍ତମ୍ଭରେ..।

# ବାହାର ଖାଦ୍ୟକୁ ଆଦୌ ପସନ୍ଦ କରେ ନାହିଁ



**❏ ଆପଣଙ୍କ ସକାଳ କେମିତି ଆରମ୍ଭ ହୁଏ ?**

❍ ସକାଳ ୫ଟାରୁ ଶଯ୍ୟାତ୍ୟାଗ କରେ । ସୂର୍ଯ୍ୟଙ୍କ ଦର୍ଶନ ସହ ଆରମ୍ଭ ହୁଏ ଦିନଚର୍ଯ୍ୟା। ନିତ୍ୟକର୍ମ ସହ ଗୃହକର୍ମ ପରେ ପୂଜା ଆରମ୍ଭ କରେ । ଜଳଖିଆ ଖାଇ ସାରିବା ପରେ ଅଫିସ ଆସେ ।

**❏ କେଉଁ ଖାଦ୍ୟ ଖାଇବାକୁ ଆପଣ ପସନ୍ଦ କରନ୍ତି?**

❍ ମୁଁ ଶାକାହାରୀ । ବାହାର ଖାଦ୍ୟକୁ ଆଦୌ ପସନ୍ଦ କରେ ନାହିଁ ।

**❏ ପ୍ରଥମ ଦରମା କ'ଣ କରିଥିଲେ ?**

❍ ସର୍ଭିସ କଲାବେଳେ ମୁଁ କେଉଁଝର ଜିଲା ଆନନ୍ଦପୁରସ୍ଥିତ ଯୁଗ ନିର୍ମାଣ ସଂଗଠନ, ଓଡ଼ିଶା ଗାୟତ୍ରୀ ଆଶ୍ରମରେ ରହୁଥିଲି। କେବଳ ପ୍ରଥମ ଦରମା ନୁହେଁ, ଚାକିରି ଆରମ୍ଭରୁ ୨୦୦୧ ମସିହା ପର୍ଯ୍ୟନ୍ତ ମୋର ଦରମାରୁ ନିଜ ଖର୍ଚ୍ଚ ପାଇଁ ମାତ୍ର ୧ ହଜାର ଟଙ୍କା ହାତରେ ରଖି ବଳକା ଟଙ୍କା ସେହି ଆଶ୍ରମ ଖର୍ଚ୍ଚରେ ବିନିଯୋଗ କରି ଆସିଥିଲି ।

**❏ ଆପଣଙ୍କ ସଉକ କ'ଣ ?**

❍ ବହି ପଢ଼ିବା, କବିତା ଲେଖିବା, ବୁଲାବୁଲି କରି ପ୍ରାକୃତିକ ପରିବେଶକୁ ଉପଭୋଗ କରିବାକୁ ମୁଁ ଭଲ ପାଏ ।

**❏ ସିନେମା ଦେଖନ୍ତି କି ?**

❍ ବେଳେବେଳେ ସିନେମା ଦେଖେ । ହେଲେ ଗୀତ ଶୁଣିବାକୁ ବହୁତ ଭଲ ପାଏ ।

**❏ ସ୍ୱାମୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ ?**

❍ ସ୍ୱାମୀଙ୍କ ପଢ଼ିବା, ଲେଖାଲେଖି ପ୍ରତି ଆଗ୍ରହକୁ ମୁଁ ଭଲ ପାଏ ।

**❏ ମୋ ସ୍କୁଲ ଅଭିଯାନରେ ୧ ଲକ୍ଷ ଟଙ୍କା ଦାନ କରି ଆପଣ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ଏ ସମ୍ପର୍କରେ କ'ଣ କହିବେ ?**

❍ ମା'ଯମୁନା ଦାଶଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ନାମରେ ମୁଁ ଆନନ୍ଦପୁର ସରକାରୀ ବାଳିକା ହାଇସ୍କୁଲରେ ଛାତ୍ରୀ କମନ ରୁମ୍ ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଓ ଗରିବ ଛାତ୍ରୀଙ୍କୁ ପ୍ରତିବର୍ଷ ମେଧାବୃତ୍ତି ଦେବା ପାଇଁ ଆହୁରି ୨୫ହଜାର ଟଙ୍କା ପ୍ରଦାନ କରିଛି ।

ରିପୋର୍ଟ – ପ୍ରେମାନନ୍ଦ ଖମାରୀ

## ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଆଜାଦ୍



ଅଭିଷେକ



ଅଭିଲାଷ



ଆଶା



ଜନନେନ୍ଦ୍ର

## ସଂକ୍ଷେପରେ

### ‘ବିକାଶ’ରେ ସ୍ମୃତି ଶକ୍ତି ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର, ୨୭।୧୧ (ବ୍ୟୁରୋ)
ସମ୍ବଲପୁର ଶାସନ ସ୍ଥିତ ବିକାଶ ପରିସରରେ ‘ସ୍ମୃତିଶକ୍ତି’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲିମ୍କା ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ଼ରେ ନିଜର ପ୍ରତିଭାକୁ ସ୍ଥାନିତ କରିଥିବା ହରିୟାଣାର ବୀରେନ୍ଦ୍ର ମେହେତା ଆଲୋଚକ ଭାବେ ଏଥିରେ ଯୋଗ ଦେଇଥିଲେ। ସ୍ମୃତିଶକ୍ତିକୁ କିପରି ଭାବରେ ସୁଦୃଢ଼ କରାଯାଇ ପାରିବ ସେ ନେଇ ବିକାଶ ଦ କନ୍‌ସେପ୍ଟ ଓ ହାଇୟର ସେକେଣ୍ଡାରି ସ୍କୁଲର ଛାତ୍ରୀଛାତ୍ରଙ୍କୁ ସେ ଦିଗ୍‌ଦର୍ଶନ ଦେଇଥିଲେ। ବିକାଶ କନ୍‌ସେପ୍ଟ ସ୍କୁଲର ଅଧକ୍ଷ ଡ. ବିଜୟ୍ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଆଲୋଚନାଚକ୍ରର ମହତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ। ରସାୟନ ବିଜ୍ଞାନ ଅଧାପକ ମାନସ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଝୋଟ ହସ୍ତତନ୍ତ ତାଲିମ ଶିବିର ଉଦ୍‌ଘାଟିତ

ଚିପିଲିମା, ୨୭।୧୧ (ଡି.ଏନ.ଏ.)
ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଚିପିଲିମାସ୍ଥିତ ସମ୍ବଲପୁର କୃଷି ବିଜ୍ଞାନ କେନ୍ଦ୍ର ଓ ନିଫେଟ୍ ଆନୁକୂଲ୍ୟରେ କେଭିକେ ପରିସରରେ ଝୋଟରୁ ପ୍ରସ୍ତୁତି ହସ୍ତତନ୍ତ ଉପରେ ଏକ ୧୦ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । ଆୟୋଜିତ ଶିବିରରେ ଅତିଥି ଭାବରେ ଜିଲା କୃଷି ଅଧିକାରୀ ଦୁଃଖନାଶନ ପ୍ରହରାଜ ଓ ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ରନାଥ କାଲୋ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ନିଫେଟ ଅଧକ୍ଷ ଡ. ଲକ୍ଷ୍ମୀକାନ୍ତ ନାୟକ ଓ କେଭିକେ ମୁଖ୍ୟ ବୈଜ୍ଞାନିକା ଡ. ଶାଶ୍ୱତୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାସହ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ସଂପ୍ରସାରଣ ଅଧିକାରିଣୀ କୁମାରୀ ଅନନ୍ୟା ଜେନା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

### ଅତିରିକ୍ତ କିଶୋର ନ୍ୟାୟ ବୋର୍ଡ ଗଠନ ହେବ

ସମ୍ବଲପୁର, ୨୭।୧୧ (ବ୍ୟୁରୋ)
ସମ୍ବଲପୁର ଜିଲାରେ ଅତିରିକ୍ତ କିଶୋର ନ୍ୟାୟବୋର୍ଡ ଗଠନ ହେବ । ଏ ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ସମ୍ବଲପୁର ସମେତ ଅନ୍ୟ ୪ଟି ଜିଲାର ନାମ ରହିଛି । ଏହି ଅତିରିକ୍ତ ବୋର୍ଡରେ ୨ଜଣ ସାମାଜିକ କର୍ମକର୍ତ୍ତା ଚୟନ କରାଯିବ । ଏହା ଚାରମାଲ, ଦେବଗଡ, ଧମା, ଗୋବିନ୍ଦପୁର, ଜମନକିରା, ଝୁଝୁମୁରା, କତରବଗା, କିସିଣ୍ଡା, କୁଚିଣ୍ଡା, ମହୁଲପାଲି, ରେଢ଼ାଖୋଲ, ନାକଟୀଦେଉଳ, ରେଢ଼ାଖୋଲ ଜଙ୍ଗଲ ଡିଭିଜନ, ରେଙ୍ଗାଲି, ସଦର ଏବଂ ଠେଲକୋଲି ଥାନାର ମାମଲା ପରିଚାଳନା କରିବ । ପୂର୍ବରୁ ସମ୍ବଲପୁର କିଶୋର ନ୍ୟାୟ ବୋର୍ଡ ରହିଛି । ହେଲେ ସେଥିରେ ୭ଶହରୁ ଉର୍ଦ୍ଧ ମାମଲା ପଡି ରହିଛି। ଏହାସହ ଅଇଁଠାପାଲି ଥାନାରେ ୮୩, ବୁର୍ଲାରେ ୬୯, ଧନୁପାଲିରେ ୭୭, ହୀରାକୁଦରେ ୬୪, ଟାଉନରେ ୧୧୦, କ୍ଷେତରାଜପୁରରେ ୪୦ ଓ ସଦର ଥାନାରେ ୨୨ଟି ମାମଲା ବିଚାରାଧୀନ ରହିଛି । ତେଣୁ ଏହି ଅତିରିକ୍ତ କିଶୋର ନ୍ୟାୟବୋର୍ଡ ଗଠନ ହେଲେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ସୁବିଧା ହେବ ବୋଲି କୁହା ଯାଇଛି।

### ଜମି ଅଧିଗ୍ରହଣ ଟଙ୍କା ଦେବାରେ ଅନିୟମିତତା

ସମ୍ବଲପୁର,୨୭।୧୧(ବ୍ୟୁରୋ)
ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଧୀନରେ ଜମି ଅଧି ଗ୍ରହଣରେ ବ୍ୟାପକ ଅନିୟମିତତା ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହା ପଦାକୁ ଆସିଛି। ତେଣୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିକଟରେ ପୂର୍ବତନ ସରପଞ୍ଚ ସଞ୍ଜୟ୍ ଛୁରିଆ ଅଭିଯୋଗ କରିଛନ୍ତି । ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜଙ୍ଗଲା ରାଜସ୍ୱ ଗ୍ରାମର ଖାତା ନମ୍ବର ୧୦୧ରେ ଥିବା ପ୍ଲଟ ଗୁଡିକ ଏକ ଘରୋଇ କମ୍ପାନୀ ପାଇଁ ଅଧିଗ୍ରହଣ କରାଯାଉଛି। ହେଲେ ଏଥିରେ ଘର ନ ଥାଇ ଘର ଥିବା ଦର୍ଶାଯାଇଛି । ଅନ୍ୟପଟେ ଜଣେ ଭୂ-ଅର୍ଜନ ବିଭାଗର କର୍ମଚାରୀଙ୍କ ନାମରେ ଲକ୍ଷାଧିକ ଟଙ୍କା ଉଠା ଯାଇଛି । ମିଳିଥିବା ରିପୋର୍ଟ ଅନୁସାରେ ତାଙ୍କ ନାମରେ ଜମି ନାହିଁ । ହେଲ କିଭଳି ଭାବେ ଟଙ୍କା ଦିଆଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି। ତେଣୁ ଏହି ଘଟଣାର ତଦନ୍ତ କରାଗଲେ ସତ୍ୟାସତ ସାମ୍‌ନାକୁ ଆସିବ ବୋଲି ସେ କହିବା ସହ ଏଥିରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ହାତ ରହିଥିବା ଅଭିଯୋଗ କରିଛନ୍ତି।



ବୁଧବାର ପଶ୍ଚିମ ଓଡିଶା ବିଦ୍ୟୁତ ଅମଲା ସଂଘ ପକ୍ଷରୁ ବୁର୍ଲା ୱେସ୍କୋ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି ।

■ ପଶ୍ଚିମ ଓଡିଶା ବିଦ୍ୟୁତ୍ ଅମଲା ସଂଘର ଧାରଣା

# କର୍ମଚାରୀଙ୍କୁ ଅଣଦେଖା ଅଭିଯୋଗ

ସମ୍ବଲପୁର, ୨୭।୧୧ (ବ୍ୟୁରୋ)

ପଶ୍ଚିମ ଓଡିଶା ବିଦ୍ୟୁତ୍ ଅମଲା ସଂଘ ବିଭିନ୍ନ ଦାବି ନେଇ ବୁଧବାର ବୁର୍ଲାସ୍ଥିତ ୱେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛି। ୱେସ୍କୋ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଅଣଦେଖା କରି ଆସୁଛନ୍ତି । ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସମୟ ଦେଉ ନାହାନ୍ତି। ଏହାଦ୍ୱାରା କର୍ମଚାରୀମାନେ ନାର୍ଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି । ୨୦୧୪ରୁ ଓପିଟିସିଏଲ ସହ ସମଭାବେ ୨୮୩୦ ଗ୍ରେଡ୍ ପେ ଲାଗୁ କରିବା, ନୂତନ ଭାବେ ସଂସ୍କାରିକରଣ କରାଯାଇଥିବା ଓଏଜି ତୃତୀୟ, ଦ୍ୱିତୀୟ ଓ ପ୍ରଥମ ଏବଂ ଜୁନିୟର ଆକାଉଣ୍ଟାଣ୍ଟ, ଜେଏସକେମାନଙ୍କର ପଦୋନ୍ନତି, ଓଡିଶା ସର୍ଭିସ ରୁଲ୍‌କୁ ଅବମାନନା କରୁଥିବା କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବା, ୱେସ୍କୋରେ ରିଟେନର ପ୍ରଥା ଉଚ୍ଛେଦ କରାଯିବା, ନୂତନ ୟାର୍ଡଷ୍ଟିକ ଅନୁସାରେ ତୁରନ୍ତ ନୂତନ କର୍ମଚାରୀ ନିଯୁକ୍ତି କରାଯିବା, ବେଆଇନ ଭାବେ ଦଖଲ କରି ରହୁଥିବା ୱେସ୍କୋ କ୍ୱାର୍ଟର ଗୁଡିକ ତୁରନ୍ତ ଖାଲି କରିବା ପ୍ରଭୃତି ଦାବିରେ ଆନ୍ଦୋଳନକାରୀମାନେ ବିକ୍ଷୋଭ କରିଥିଲେ । ସଂଘ ସଭାପତି ନରେନ୍ଦ୍ର ପ୍ରକାଶ ରାୟଗୁରୁ, ସୁବାଷ ତିୱାରୀ, ଅନୀଲ ଦେବତା, ମୁକୁନ୍ଦ ମିର୍ଦ୍ଧା, ନାରାୟଣ ସିଂ, ନିରଞ୍ଜନ ପାଣିଗ୍ରାହୀ, ନାଟୁ ଗୋପାଳ ପ୍ରମୁଖ କର୍ମଚାରୀଙ୍କ ସମସ୍ୟା ଗୁଡିକ ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ବରଗଡ, କଳାହାଣ୍ଡି, ସୋନପୁର, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ ଅଞ୍ଚଳରୁ ଅମଲା କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିଧାନସଭାରେ ଟୋକନ୍ ସମସ୍ୟା ଉଠାଇଲେ ରୋହିତ ପୂଜାରୀ

ସମ୍ବଲପୁର,୨୭ ।୧୧(ବ୍ୟୁରୋ)
ବୁଧବାର ବିଧାନସଭା ଗୃହରେ ସରକାରୀ ଦଳ ଉପ ମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଧାନ ସଂଗ୍ରହରେ ଟୋକନ ସମସ୍ୟା ଉପରେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ଟୋକନ ବ୍ୟବସ୍ଥା ଯୋଗୁ ଚାଷୀମାନଙ୍କ ସମସ୍ୟା ହେଉଛି। ଜଣେ ଚାଷୀ ମାର୍କେଟୟାର୍ଡକୁ ଅଧିକ ଧାନ ଆଣି ଆସୁଛି । ହେଲେ ତାକୁ କମ୍ ପରିମାଣର ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯାଇଛି । ବଳକା ଧାନ ସେ କିଭଳି ବିକ୍ରି କରିବ ବୋଲି ରୋହିତ ପ୍ରଶ୍ନ କରିଥିଲେ। ଅନ୍ୟପଟେ ପୁଣି ୧୫ ଦିନ ପରେ ଚାଷୀଙ୍କୁ ଆଉ ଥରେ ଟୋକନ ଦିଆଯାଉଛି। ତେଣୁ ଏ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଥିଲେ । ଏହାର ଉତ୍ତର ଦେଇ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ, ସମ୍ବଲପୁର ଜିଲାରେ ଧାନ କିଣା ବିକାରେ କୌଣସି ସମସ୍ୟା ହୋଇନାହିଁ । ଜିଲାରେ ମୋଟ ୧୦୨ ମାର୍କେଟ ୟାର୍ଡ ରହିଛି। ସମ୍ବଲପୁର ସବ୍‌ଡିଭିଜନରେ ୪୨ ମାର୍କେଟରେ ଧାନ କିଣାବିକା ଆରମ୍ଭ ହୋଇଛି । ମୋଟ ୭ ହଜାର ୬ ଶହ ୬୯ ଜଣ ଚାଷୀଙ୍କୁ ୧୦ ହଜାର ୭୯୦ ଟୋକନ ଦିଆଯାଇଛି । ଏ ପର୍ଯ୍ୟନ୍ତ ୮୦ ହଜାର ୧୩୧ କୁଇଣ୍ଟାଲ ଧାନ କିଣା ଯାଇଛି, ଯାହାକି ଗତ ବର୍ଷ ତୁଳନାରେ ଅଧିକ ହୋଇଛି । ଗତ ବର୍ଷ ଆଜି ଦିନରେ ସମ୍ବଲପୁର ଜିଲାରେ ୭୦ ହଜାର କୁଇଣ୍ଟାଲ ଧାନ କିଣାଯାଇଥିଲା। ଚାଷୀଙ୍କ ଟୋକନରେ କିଛି ସମସ୍ୟାରେ ହୋଇନାହିଁ । ଏଥିରେ ମିଡିଲ୍‌ମ୍ୟାନମାନଙ୍କ ସମସ୍ୟା ହେଉଛି ବୋଲି ମନ୍ତ୍ରୀ କହିଥିଲେ। ତେବେ ଏ ସମ୍ପର୍କରେ ଚାଷୀନେତା ଚନ୍ଦ୍ର ଶେଖର ପଣ୍ଡା କହିଛନ୍ତି ଯେ, ମନ୍ତ୍ରୀଙ୍କ ଉତ୍ତରରେ ବାସ୍ତବତା ନାହିଁ । ସମ୍ବଲପୁର ଓ ବରଗଡ ଜିଲାରେ ଚାଷୀ ଆନ୍ଦୋଳନରେ ସରକାର ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛି । ୧୫ ଦିନ ପରେ ଥରେ ଟୋକନ ଜେନେରେଟ ହେଉଛି । ଏଥିରେ ଚାଷୀଙ୍କ ସମସ୍ୟା ହେଉଛି । ଜଣେ ଚାଷୀ ୧୫ ଦିନ ଅପେକ୍ଷା କରିବାକୁ ପଡିବ। ତେଣୁ ଏହାକୁ ଚାଷୀ ବିରୋଧ କରୁଛନ୍ତି । ବିଧାୟକ ପୂଜାରୀ କରିଥିବା ପ୍ରଶ୍ନକୁ ସେ ସ୍ୱାଗତ କରିଛନ୍ତି।

■ଏମ୍‌ସିଏଲ୍‌ରେ ରାଜଭାଷା ସମିତି ବୈଠକ

# ହିନ୍ଦୀର ପ୍ରସାର ପ୍ରଚାର, ବ୍ୟବହାର ବଢିବା ଆବଶ୍ୟକ

ସମ୍ବଲପୁର,୨୭।୧୧(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍)ର ନଗର ରାଜଭାଷା କାର୍ଯ୍ୟକାରୀ ସମିତି ୩୭ ତମ ବୈଠକ ଜାଗୃତୀ ବିହାରସ୍ଥିତ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ ଭାଷା ମହାପ୍ରବନ୍ଧକ କୃଷ୍ଣଦେବ ପ୍ରସାଦଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରାଧ୍ୟାପକ ହରିଶ୍ଚନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜଭାଷ ଉପପ୍ରବନ୍ଧକ ବି.ଆର. ସାହୁ ଅତିଥି ସ୍ୱାଗତ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଗତ ବୈଠକରେ ଆଲୋଚନା ହୋଇଥିବା ବିଷୟ ଉପରେ ସମୀକ୍ଷା ଓ ଚର୍ଚ୍ଚା କରାଯାଇଥିଲା । ହିନ୍ଦୀ ଭାଷା କିପରି ପ୍ରଚାର ପ୍ରସାର ଓ ବ୍ୟବହାର ହୋଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ବୈଠକରେ ମତପ୍ରକାଶ କରିଥିଲେ। ହିନ୍ଦୀ ରାଜଭାଷା ଉଲ୍ଲେଖନୀୟ କାର୍ଯ୍ୟପାଇଁ ସମ୍ବଲପୁର ଆକାଶବାଣୀ କେନ୍ଦ୍ରକୁ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟ-୧ ଦ୍ୱିତୀୟ ଓ ପୂର୍ବତଟ ରେଳପଥକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସମ୍ବଲପୁର ସିଆରପିଏଫ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ, ମହାନଦୀ କୋଇଲା କମ୍ପାନୀ, ହିନ୍ଦୁସ୍ଥାନ ପେଟ୍ରୋଲିୟମକୁ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇଥିଲା । ରାଜଭାଷା ସହାୟକ ପ୍ରବନ୍ଧକ ତୁଳିକା ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଏମ୍‌ସିଏଲ୍ ଜାଗୃତି ବିହାରସ୍ଥିତ ମୁଖ୍ୟାଳୟଠାରେ ଆୟୋଜିତ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ରକୁ ପୁରସ୍କୃତ କରାଯାଉଛି ।

### ୪ ହଜାର ୯ଶହ ଟଙ୍କା ଗଣିଲେ ୨୮ ଗୁଟ୍‌ଖା ଦୋକାନୀ

ସମ୍ବଲପୁର, ୨୭।୧୧ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ହୀରାକୁଦ ଥାନା ଅଞ୍ଚଳରେ ଥିବା ଗୁଟଖା ଦୋକାନ ଉପରେ ଚଢ଼ାଉ କରାଯାଇଛି । ମୋଟ ୨୮ଟି ଦୋକାନ ଉପରେ ଚଢ଼ାଉ କରାଯାଇ ୪ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସ୍କୁଲ, କଲେଜ, ରେଲୱେ ଷ୍ଟେଶନ, ସରକାରୀ ଅଫିସ ଓ ମେଡିକାଲ ନିକଟରେ ଥିବା ଦୋକାନଗୁଡିକ ଉପରେ ଚଢ଼ାଉ କରାଯାଇଥିଲା। ସ୍ୱାଗତିକା ବେହେରା, ସତ୍ୟନାରାୟଣ ମଲ୍ଲିକ, ପ୍ରତାପରୁଦ୍ର ମଣ୍ଡଲ, ହୀରାକୁଦ ଥାନା ଏସଆଇ ରୋଶନ ଗିଧି ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ ।

■ଏକ ଶିକ୍ଷାନୀତି ଆବଶ୍ୟକ

# ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ହେବା ଜରୁରୀ


ବୁଧବାର ସମ୍ବଲପୁର ସର୍କିଟ ହାଉସ୍‌ରେ ଭୀମ୍ ଆର୍ମି ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୟରତନ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସମ୍ବଲପୁର, ୨୭।୧୧ (ବ୍ୟୁରୋ)
ଏକ ରାଷ୍ଟ୍ର, ଏକ ଶିକ୍ଷାନୀତିର ଆବଶ୍ୟକତା ରହିଛି । ଏହାଦ୍ୱାରା ଦଳିତ ଆଦିବାସୀ ଛାତ୍ରୀଛାତ୍ର ମଧ ଉଚ୍ଚ ଶିକ୍ଷା ପାଇପାରିବେ । ରାଜ୍ୟ ଓ କେନ୍ଦ୍ର ସରକାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱାରୋପ ଦେବା ସହ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକୁ ବନ୍ଦ କରିବା ଜରୁରୀ। ବୁଧବାର ସମ୍ବଲପୁର ସର୍କିଟ ହାଉସଠାରେ ଭୀମ ଆର୍ମି ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୟରତନ ସିଂ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ।

ଦଳିତ ଆଦିବାସୀ ଛାତ୍ରୀଛାତ୍ର ଶିକ୍ଷିତ ହେଲେ ସାମାଜିକ ବିକାଶ ହୋଇପାରିବ । ଏହାକୁ ଦୃଷ୍ଟିରେ ରଖି ଭୀମ ଆର୍ମି ତଳି ଅଞ୍ଚଳରେ ଅଧାରୁ ପାଠ ପଢ଼ା ଛାଡିଥିବା ଛାତ୍ରୀଛାତ୍ରଙ୍କ ମା, ବାପାଙ୍କୁ ସଚେତନ କରିବ । ଏଥିସହ ଭୀମ ଆର୍ମି କର୍ମକର୍ତ୍ତା ଓ ସଭ୍ୟମାନେ ନିଃଶୁଳ୍କ ପାଠ ପଢ଼ାଇବା ପାଇଁ ସ୍ଥିର କରାଯାଇଛି ବୋଲି ସେ କହିଛନ୍ତି। ତେବେ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ଲୋକେଶ ରାବଣ, ରାଜ୍ୟ ପ୍ରଭାରୀ ହେମନ୍ତ ଗର୍ଡିଆ, ରାଜ୍ୟ ସମ୍ପାଦକ ବିକାଶ ବୌଦ୍ଧ ପ୍ରମୁଖ ଯୋଗଦେଇ ଦଳିତମାନେ କିପରି ଭାବେ ସମ୍ବିଧାନ ବିଷୟରେ ଜାଣି ପାରିବେ ସେ ନେଇ ସୂଚନା ଦେଇଥିଲେ।

# ଅପରେଶନ କକ୍ଷରେ ଚେତା ହରାଇଲେ ଡାକ୍ତର

ସମ୍ବଲପୁର,୨୭।୧୧(ବ୍ୟୁରୋ)

ବୁର୍ଲା ଭିମ୍‌ସାରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଅପରେଶନ କକ୍ଷରେ ବୁଧବାର ଡାକ୍ତର ଲାଲ ମୋହନ ନାଏକ ଅଚେତ ହୋଇ ପଡିଥିଲେ। ଜଣେ ରୋଗୀଙ୍କ ଅପରେଶନ କରିବା ପରେ ଏଭଳି ଘଟଣା ଘଟିଥିଲା। ସହକର୍ମୀମାନେ ତାଙ୍କୁ ଆଇସିୟୁକୁ ନେଇ ଯାଇଥିଲେ। ସେଠାରେ ପ୍ରାୟ ଅଧ ଘଣ୍ଟା ଚିକିତ୍ସା ହେବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିଲା। ଓମଟା ସଭାପତି ଡାକ୍ତର ବିମଳ ପଣ୍ଡା, ଉପସଭାପତି ଡାକ୍ତର ଶୋକ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ସୁବ୍ରତ ନାଏକ, ଜେଡିୟୁ ସଭାପତି ଡାକ୍ତର ସଞ୍ଜୀବ ମିଶ୍ର ପ୍ରମୁଖ ଡାକ୍ତର ନାଏକଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି।

# ରେଢ଼ାଖୋଲ ମଲ୍ଟି ସ୍କିଲ୍ ଗୁରୁକୁଳର ୭ ଯୁବକଙ୍କୁ ବମ୍ବେରେ ନିଯୁକ୍ତି

ରେଢ଼ାଖୋଲ,୨୭।୧୧(ଡି.ଏନ.ଏ.)
ରେଢ଼ାଖୋଲ ମଲ୍ଟି ସ୍କିଲ୍ ଗୁରୁକୁଳରେ ତାଲିମ ନେଇ ୭ଜଣ ଯୁବକ ବମ୍ବେର ପଦ୍ମାବତୀ ଇଞ୍ଜିନିୟର୍ସରେ ନିଯୁକ୍ତି ପାଇଛନ୍ତି। ଉପଜିଲାପାଳ ଡୋଳାମଣି ପଟେଲ ଏମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନିଯୁକ୍ତି ପାଇଥିବା ଏହି ଯୁବକମାନେ ଓଡିଶା ସରକାର ଓ ପାନ୍ ଆଇଆଇଟିର ମିଳିତ ସହଯୋଗରେ ରେଢ଼ାଖୋଲ ମଲ୍ଟି ସ୍କିଲ୍ ଗୁରୁକୁଳରେ ୭୦ ଦିନ ଧରି ପ୍ଲମ୍ବର, ଫାୟାର ସେଫ୍ଟି ଓ ପାଇପ୍ ଫିଟିଂ ଉପରେ ତାଲିମ ନେଇଛନ୍ତି। କମ୍ପାନୀ ପକ୍ଷରୁ ଏହି ଯୁବକମାନଙ୍କୁ ପିଏଫ ଓ ଇଏସ୍ଆଇ ସହିତ ୧୫ ହଜାର ୨ଶହ ଟଙ୍କା ଦରମା ସହିତ ରହିବା ଖାଇବାର ବ୍ୟବସ୍ଥା କରିବାକୁ ଚୁକ୍ତି କରାଯାଇଛି। ଗୁରୁବାର ଏହି ଯୁବକମାନେ ବମ୍ବେ ଅଭିମୁଖେ ବାହାରିବେ ବୋଲି ଗୁରୁକୁଳ ଅଧ୍ୟକ୍ଷ ନିହାରକାନ୍ତ ରଥ କହିଛନ୍ତି। ତେବେ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ଟ୍ରେନର ଅଞ୍ଜନ କୁମାର ପାତ୍ର, କାର୍ଯ୍ୟ ନିର୍ବାହୀ ବସନ୍ତ ରାଜ ବେଉରା, ଅଜୟ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅଷ୍ଟମରୁ ଯୁକ୍ତ ୨ ମଧ୍ୟରେ ଶିକ୍ଷାଗତ ଯୋଗ୍ୟତା ଅର୍ଜନ କରିଥିବା ୧୮ ରୁ ୩୨ ବର୍ଷ ମଧ୍ୟରେ ବେକାର ଯବତୀ ଯୁବକମାନଙ୍କୁ ଏହି ଗୁରୁକୁଳରେ ତାଲିମ ପ୍ରଦାନ କରାଯାଇ ବିଭିନ୍ନ ରାଜ୍ୟର କମ୍ପାନୀଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉଛି।


ମଲ୍ଟି ସ୍କିଲ୍ ଗୁରୁକୁଳ କର୍ତ୍ତୃପକ୍ଷଙ୍କ ସହ ନିଯୁକ୍ତି ପାଇଥିବା ଯୁବକ ଓ ଅନ୍ୟମାନେ।

# ସମ୍ବଲପୁର ସହରକୁ ପ୍ଲାଷ୍ଟିକ ଫ୍ରି କରିବାକୁ ମାନସମନ୍ଥନ



ବୈଠକରେ ଉପସ୍ଥିତ ଅଧିକାରୀମାନେ (ବାମ)। ବିଭିନ୍ନ ବର୍ଗର ଲୋକେ।

ସମ୍ବଲପୁର,୨୭।୧୧(ବ୍ୟୁରୋ)
ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ବୁଧବାର ମହାନଗର ନୀଗମ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିସନର ଦେବେନ୍ଦ୍ର ନନ୍ଦ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ସମ୍ବଲପୁର ସହରର କଳାକାର, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଯୋଗ ଦେଇଥିଲେ। ମହାନଗର ନିଗମ ଅଞ୍ଚଳକୁ କିଭଳି ଭାବେ ପ୍ଲାଷ୍ଟିକ ଫ୍ରି କରାଯିବ ଓ ବର୍ଜ୍ୟବସ୍ତୁ ପୃଥକୀକରଣ ହେବ ସେ ଉପରେ ଆଲୋଚନା କରାଯାଇଥିଲା। ତେବେ ପ୍ରତି ୱାର୍ଡର ଗଳିକନ୍ଦିକୁ ଯାଇ ଲୋକଙ୍କୁ ଏଥିପାଇଁ ସଚେତନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଲୋକେ ସେମାନଙ୍କ ଘରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ପୃଥକ ପୃଥକ ଭାବେ ରଖି ମହାନଗର ନିଗମର ସଫେଇ ଗାଡିରେ ଦେବେ। ରାସ୍ତା ଘାଟ ପରିଷ୍କାର ରଖିବା ନେଇ ଲୋକଙ୍କୁ ସଚେତନ କରିବାକୁ ସ୍ଥିର ହୋଇଛି। ଏଥିପାଇଁ ପାଲା, ନାଚ ଗୀତ, ପ୍ରଥପ୍ରାନ୍ତ ନାଟକ, ସଚେତନ ସଭା କରି ଲୋକମାନଙ୍କୁ ସଚେତନ କରାଯିବ। ଏ ନେଇ ଉପସ୍ଥିତ ସମସ୍ତଙ୍କ ସହଯୋଗ ଲୋଡା ଯାଇଥିଲା । ଏଥିପାଇଁ ୪ଟି କମିଟି ଗଠନ କରିବାକୁ ସ୍ଥିର ହୋଇଛି। ଡିସେମ୍ବର ପ୍ରଥମ ସପ୍ତାହରେ ଆଉ ଏକ ବୈଠକ ବସି ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଶୁଭଙ୍କର ମହାନ୍ତି ତଥା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବସନ୍ତପୁର ରୂପାପାଲିରେ ମାଗଣା ପ୍ରାଣୀ ସ୍ୱାସ୍ଥ୍ୟ ମେଳା

ଚିପିଲିମା, ୨୭।୧୧ (ଡି.ଏନ.ଏ.)

ଚିପିଲିମାସ୍ଥିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ବହୁବୃତ୍ତି କୃଷି ବୈଷୟିକ ଗୋ ପ୍ରଜନନ କେନ୍ଦ୍ର ଓ ପଶୁ, ମତ୍ସ୍ୟ ସମ୍ପଦ ବିଭାଗ ମିଳିତ ଆନୁକୂଲ୍ୟରେ ବସନ୍ତପୁର ପଞ୍ଚାୟତ ଅନ୍ତର୍ଗତ ରୂପାପାଲି ଗ୍ରାମରେ ଏକ ମାଗଣା ପ୍ରାଣୀ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି । ଆଗ୍ରୋ ପଲିଟେକ୍ନିକ୍‌ର ଅଧକ୍ଷ ଡ. ମାନସରଞ୍ଜନ ସେନାପତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ମେଳାକୁ ରୂପାପାଲି ଗ୍ରାମର ଚାଷୀମାନେ ନିଜର ଗାଈ, ବଳଦ, ଛେଳି, ମେଣ୍ଢା, କୁକୁଡା ଆଣିଥିଲେ । ବିଶେଷଜ୍ଞମାନେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରି ଆବଶ୍ୟକ ଔଷଧ ମାଗଣାରେ ଯୋଗାଇ ଦେଇଥିଲେ। ୩୨ଟି ଗୋରୁ, ୧୯ଟି ଛେଳି ଏବଂ ୫୦ଟି କୁକୁଡାର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦିଆଯାଇଥିଲା। କେନ୍ଦ୍ରୀୟ ଗୋ ପ୍ରଜନନ କେନ୍ଦ୍ରର ନିର୍ଦ୍ଦେଶକ ଡ. ପ୍ରଣବ କୁମାର ରଏ, ଡା. ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ପ୍ରାଣୀ ସ୍ୱାସ୍ଥ୍ୟ ମେଳାରେ ସହଯୋଗ କରିଥିବା ଡାକ୍ତର ଓ ଛାତ୍ରୀଛାତ୍ର।


ଅନୁଷ୍କା ଶର୍ମା

## ବଲିଉଡ୍ ହାଲଚାଲ

- ନୂଆ ସିନେମା 'ସତ୍ତେ ପେ ସତ୍ତା'ରେ ଅନୁଷ୍କା ଶର୍ମା ଜଣେ ଶିକ୍ଷୟିତ୍ରୀ ଭୂମିକାରେ ଅଭିନୟ କରିବେ।
- 'ବଣ୍ଟି ଔର ବବଲି' ସିକ୍ୱେଲ୍ କାଷ୍ଟିଂରୁ ଅଭିଷେକ ବଚ୍ଚନ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ସୈଫ ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଛି। ପ୍ରଥମେ ଏହି ଅଫରକୁ ସୈଫ ରେଡ୍ ସିଗନାଲ ଦେଖାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ରାଜି ହୋଇଥିଲେ। ରାଣୀ ମୁଖାର୍ଜୀ ଫିମେଲ୍ ଲିଡ୍‌ରେ ଅଭିନୟ କରିବେ। ଫିଲ୍ମଟି ଆସନ୍ତାବର୍ଷ ଜାନୁୟାରୀ ୧୦ରେ ରିଲିଜ ହେବାର ଯୋଜନା ରହିଛି।
- ବୋନି କପୁରଙ୍କର ନୂଆ ପ୍ରୋଜେକ୍ଟ 'ନୋ ଏଣ୍ଟ୍ରି ମେନ୍ ଏଣ୍ଟ୍ରି'କୁ ନେଇ ଏବେ ଚର୍ଚ୍ଚା। କାରଣ ଏହି ଫିଲ୍ମର ଲିଡ୍ ରୋଲ୍‌ରେ ସଲମାନ ଖାଁ ଅଭିନୟ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ସଲମାନ ଏ ନେଇ କିଛି ନିଷ୍ପତ୍ତି ନେଇ ନାହାନ୍ତି। ତେବେ ତାଙ୍କୁ ରାଜି କରାଇବାକୁ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଅଣ୍ଟା ଭିଡିଛନ୍ତି।
- ଇନ୍ଦ୍ର କୁମାର ଖୁବ୍ ଶୀଘ୍ର ଏକ କମେଡି ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହାର ମୁଖ୍ୟ ଭୂମିକାରେ ଅଜୟ ଦେବଗନ ଏବଂ ସିଦ୍ଧାର୍ଥ ମାଲହୋତ୍ରା ଅଭିନୟ କରିବେ।
- ଇମତିୟାଜ ଅଲ୍ଲୀ ଏବେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ବଲିଉଡ୍‌ର ଅନ୍ୟତମ ନାମୀ ଅଭିନେତ୍ରୀ ମଧୁବାଲାଙ୍କ ଜୀବନୀକୁ ନେଇ ସେ ଏହି ଫିଲ୍ମଟି ପ୍ରସ୍ତୁତ କରିବେ ବୋଲି ଜଣାପଡିଛି।

ଅପେରା ହାଲ୍‌ଚାଲ

## ସଙ୍ଗୀତ ମାୟାରେ ରୁନୁ



ପିଲାଟି ଦିନରୁ ତାଙ୍କର ସଙ୍ଗୀତ ପ୍ରତି ରୁଚି ଥିଲା। ଏହା ଦେଖି ତାଙ୍କର ମା' ରଶ୍ମିତା ପଣ୍ଡା ଏବଂ ବାପା ଚନ୍ଦ୍ରମଣି ପଣ୍ଡା ତାଙ୍କୁ ଏ ଦିଗରେ ଉତ୍ସାହିତ କରିଥିଲେ। ନିହାର ରଞ୍ଜନ ପତିଙ୍କ ନିକଟରୁ ସଙ୍ଗୀତ ଶିକ୍ଷା ଶେଷ ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ସଙ୍ଗୀତ ଜଗତରେ ସେ ଏବେ ଜଣେ ପରିଚିତା ପ୍ରତିଭା। ସେ ହେଲେ ରୁନୁ ପଣ୍ଡା। ଗୀତ ଗାଇବାକୁ ମଞ୍ଚ ଉପରକୁ ଉଠିବା ପରେ ସେ ନିଜର ସୁଲଳିତ ସ୍ୱରରେ ଦର୍ଶକଙ୍କୁ ମତୁଆଲା କରିଦିଅନ୍ତି। ଗୀତ ଏବଂ ମ୍ୟୁଜିକର ତାଳେ ତାଳେ ସଙ୍ଗୀତ ପରିବେଷଣ କରିବା ସହ ତାଙ୍କର ଡ୍ୟାନ୍ସ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି। କେବଳ ଓଡ଼ିଆ ନୁହେଁ ସମ୍ବଲପୁରୀ ଗୀତ ପରିବେଷଣ କରି ସେ ସାଉଁଟିଛନ୍ତି ପ୍ରଶଂସା। କଟକରେ ଜନ୍ମିତା ଏହି ଗାୟିକା ଏବଂ ହିନ୍ଦୁସ୍ଥାନ ଭୋକାଲରେ ତୃତୀୟ ବର୍ଷ ଛାତ୍ରୀ। ପ୍ରଥମେ ଅର୍କେଷ୍ଟ୍ରା ତା'ପରେ ଇଭେଣ୍ଟ ଶୋ' ଏବଂ ଭଜନ ସମାରୋହରେ ସଙ୍ଗୀତ ପରିବେଷଣ କରି ଯେଉଁ ଅଭିଜ୍ଞତା ଅର୍ଜନ କରିଥିଲେ ତାହା ତାଙ୍କ ପାଇଁ ବେଶ୍ ପ୍ରେରଣାଦାୟକ ହୋଇଛି। ନିକଟରେ ତାଙ୍କର 'ବିୟରୱାଲି' ଆଲବମକୁ ଶ୍ରୋତା ଗ୍ରହଣ କରିଛନ୍ତି। ରୁନୁ ଏବେ ନବଗଠିତ ଅପେରା ସୂର୍ଯ୍ୟମନ୍ଦିରର ମେଲୋଡି ୟୁନିଟ୍‌ରେ ଯୋଗ ଦେଇଛନ୍ତି। 'ଶ୍ରୋତାଙ୍କ ସମ୍ମୁଖରେ ଗୀତ ପରିବେଷଣ କରିବା ଏତେ ସହଜ ନୁହେଁ। ହେଲେ ନିଜର ଆତ୍ମବିଶ୍ୱାସ ବଳରେ ମୁଁ ସେମାନଙ୍କୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଦେବାକୁ ଚେଷ୍ଟା କରେ। ସଙ୍ଗୀତ ମୋ ଜୀବନ। ଏହାକୁ ଛାଡି ମୁଁ ବଞ୍ଚିପାରିବି ନାହିଁ ବୋଲି କହନ୍ତି ମେଲୋଡି କୁଇନ୍ ଭାବରେ ପରିଚିତା ରୁନୁ।

## ଆଶାରେ ଶିବ୍



ସଦାଶିବ ନାୟକ ଓରଫ ଶିବ୍। ନିଜର ବଡ଼ ପରଦା କ୍ୟାରିୟରକୁ ନେଇ ସେ ବେଶ୍ ସଚେତନ। ଆସନ୍ତା ମାସରେ ରିଲିଜ ହେବାକୁ ଯାଉଥିବା ଓଡ଼ିଆ ସିନେମା 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍'ରେ ତାଙ୍କୁ ଜଣେ ବକ୍ସର ଭୂମିକା (ମ୍ୟାକ୍)ରେ ଦର୍ଶକ ଦେଖିବାକୁ ପାଇବେ। ଏ ସମ୍ପର୍କରେ ଶିବ୍ କହନ୍ତି, 'ଯେତେବେଳେ ମୋତେ ଏହି ରୋଲ୍ ବିଷୟରେ ଫିଲ୍ମର ନିର୍ଦ୍ଦେଶକ ସରୋଜକାନ୍ତ ସୂଚନା ଦେଲେ ସେତେବେଳେ ମୁଁ ବେଶ୍ ଉତ୍ସାହିତ ହୋଇପଡିଥିଲି। ଏହି ରୋଲ୍ ପାଇଁ ମୋତେ ସିକ୍ସ ପ୍ୟାକ୍ ବଡି କରିବାକୁ ପଡ଼ିଥିଲା। ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ଆଶା ରଖିଛି, ଦର୍ଶକ ଫିଲ୍ମଟିକୁ ନିଶ୍ଚୟ ଗ୍ରହଣ କରିବେ। ମୁଁ ଜାଣିଛି ଅଭିନୟରେ ଦର୍ଶକଙ୍କ ମନ ଜିଣିବା ଏତେ ସହଜ ନୁହେଁ। ହେଲେ ନିଜ ଉପରେ ବିଶ୍ୱାସ ରହିଛି। ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।' ଓଡ଼ିଆ ସିନେମାରେ ଅଭିନୟକୁ କ୍ୟାରିୟର କରିବାକୁ ଆଗେଇ ଆସିଥିବା ଶିବ୍ ଜଣେ ମଞ୍ଚ ଅଭିନେତା। ତେବେ ବଡ଼ ପରଦାରେ ଶିବ୍ କେତେ କମାଲ କରୁଛନ୍ତି ତାହା ଫିଲ୍ମଟି ରିଲିଜ ହେବା ପରେ ହିଁ ଜଣାପଡ଼ିବ।

## ଅଭିନେତ୍ରୀ ହୋଇ ନ ଥିଲେ..

ବଲିଉଡ୍‌ରେ ପ୍ରିୟଙ୍କା ଚୋପ୍ରା ଜଣେ ପରିଚିତା ଅଭିନେତ୍ରୀ। ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ବର୍ତ୍ତମାନ ସେ ହଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ବ୍ୟସ୍ତ। ହେଲେ ଜାଣିଛନ୍ତି, ଯଦି ପ୍ରିୟଙ୍କା ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରିଥାଆନ୍ତେ ? ସେ ଜଣେ ଇଞ୍ଜିନିୟର କିମ୍ବା କ୍ରିମିନାଲ ସାଇକୋଲୋଜିଷ୍ଟ ହୋଇଥାଆନ୍ତେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରିୟଙ୍କା 'ମିସ୍ ୱାର୍ଲ୍ଡ' ମୁକୁଟ ବିଜୟିନୀ ହୋଇଥିଲେ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୮ବର୍ଷ। ବିଶେଷଭାବରେ ଜଙ୍କ୍ ଫୁଡ୍ ଖାଇବାକୁ ପସନ୍ଦ କରିଥାଆନ୍ତି ସେ। ଏହାବ୍ୟତୀତ ପିଜା ଏବଂ ଫ୍ରେଞ୍ଚ ଫ୍ରାଇଜ ତାଙ୍କର ପସନ୍ଦୀୟ ଖାଦ୍ୟ। 'ପିଗି ଚପ୍ସ' ହେଉଛି ତାଙ୍କର ନିକ୍ ନେମ୍। 'ବ୍ଲଫ୍‌ମାଷ୍ଟର' ଶୁଟିଂ ସମୟରେ ତାଙ୍କୁ ଏହି ନାମରେ ଅଭିଷେକ ବଚ୍ଚନ ସମ୍ବୋଧନ କରିଥିଲେ। 'ଦିଲୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ' ହେଉଛି ତାଙ୍କର ଅଲଟାଇମ୍ ଫେଭ୍‌ରାଇଟ୍ ଚଳଚ୍ଚିତ୍ର।


ପ୍ରିୟଙ୍କା ଚୋପ୍ରା

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।

ସୁଧାଂଶୁ ଶେଖର ଦଣ୍ଡପାଟ
ସାମାଜିକ କର୍ମୀ, ବାରିପଦା

ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ।
ଅରବିନ୍ଦ ମହାନ୍ତି
ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଗ
ବୈଶିଙ୍ଗା ସେକ୍ସନ

ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ବାର୍ତ୍ତା

ସତ୍ୟ ନିରପେକ୍ଷ ଖବର ପରିବେଶଣ କରି ଏ ଅଞ୍ଚଳର ବିକାଶରେ ସାମିଲ ଥିବା ଦୈନିକ ଓଡ଼ିଆ ଖବର କାଗଜର ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଜଣାଉଛି।
ଅନିଲ୍ କୁମାର ସେଠୀ
(ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ)


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ରଡଙ୍ଗ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
କୁଞ୍ଜବନ ମଲ୍ଲିକ
ରଡଙ୍ଗ ସରପଞ୍ଚ

ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ବାର୍ତ୍ତା
ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଟାଙ୍ଗିଣିଗୁଡା
ଟାଙ୍ଗିଣିଗୁଡା ବାଳିକା ଶିକ୍ଷାକୁ ସମୃଦ୍ଧ କରି ଏକ ଉନ୍ନତ ରାଷ୍ଟ୍ର ନିର୍ମାଣ କରିବା ।



ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ କାଶିନିପଦର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ଜଳନ୍ଧର କହଁର
କାଶିନିପଦର ସରପଞ୍ଚ


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଫିରିଙ୍ଗିଆ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ବିଶ୍ୱରଞ୍ଜନ କହଁର
ଫିରିଙ୍ଗିଆ ସରପଞ୍ଚ


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ରଡଙ୍ଗ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ଜୟନ୍ତ କୁମାର ସାହୁ
ରଡଙ୍ଗ ରାଜସ୍ୱ ନିରୀକ୍ଷକ


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ବ୍ଲକବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ସାରତୀ ମଲ୍ଲିକ
ଜିଲ୍ଲା ପରିଷଦ ଉପାଧକ୍ଷା


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ରଡଙ୍ଗ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ବିଶ୍ୱକେଶ ଦିଗାଲ
ରଡଙ୍ଗ, ଗ୍ରାମ ରୋଜଗାର ସେବକ


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଫିରିଙ୍ଗିଆ ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ଗୌରାଙ୍ଗ ଚନ୍ଦ୍ର କହଁର
ଫିରିଙ୍ଗିଆ, ଗ୍ରାମ ରୋଜଗାର ସେବକ

ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଅଭିନନ୍ଦନ।

ସହକାରୀ ଯନ୍ତ୍ରୀ
କନିଷ୍ଠ ଯନ୍ତ୍ରୀ
ପଞ୍ଚାୟତ ସମିତି, କୋଟଗଡ଼

ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଅଭିନନ୍ଦନ।
ଜଙ୍ଗଲ ସୁରକ୍ଷାରେ ଗ୍ରାମବାସୀ, ବନ ସଂରକ୍ଷଣ ସମିତି ଏବଂ ପରିବେଶ ସୁରକ୍ଷା ସମିତି ସହାୟତା କରନ୍ତୁ।

ବିଦ୍ୟାଧର ଜାନି
ବନାଞ୍ଚଳ ଅଧିକାରୀ, କୋଟଗଡ଼

ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଅଭିନନ୍ଦନ।

ମଶାରି ବ୍ୟବହାର କରନ୍ତୁ, ମ୍ୟାଲେରିଆରୁ ରକ୍ଷା ପାଆନ୍ତୁ।
ଡା. ଦେବନାଥ ଦେ
ସୁବର୍ଣ୍ଣଗିରି ମେଡିକାଲ ଅଧିକାରୀ, କୋଟଗଡ଼


ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଅଭିନନ୍ଦନ।
ଜଗା ପ୍ରଧାନ
ପାରିଗଡ଼ ସରପଞ୍ଚ, କୋଟଗଡ଼

| Dollar | Sensex | Nifty | Gold | Silver |
|---|---|---|---|---|
| 71.35 (15) | 41,020.61 (199.31) | 12,100.70 (63) | 38,503.00 (`35) | 45,345.00 (`147) |

"୬ ହଜାରରୁ ଊର୍ଦ୍ଧ୍ୱ ଲୋକୋମୋଟିଭରେ ରିୟଲ ଟାଇମ ଇନଫରମେଶନ ସିଷ୍ଟମର ସ୍ଥାପନ ଲାଗି ପାଣ୍ଠି ବ୍ୟବସ୍ଥା କରାଯାଇଛି।

– ପୀୟୂଷ ଗୋୟଲ, ରେଳ ମନ୍ତ୍ରୀ



"ଦେଶ ମଧ୍ୟରେ ୫ ଜି ସେବା ଆରମ୍ଭ କରିବା ଲାଗି ପର୍ଯ୍ୟାପ୍ତ ସ୍ପେକ୍ଟ୍ରମ ରହିଛି।

– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇଟି ମନ୍ତ୍ରୀ



## ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଉତ୍ତର

# ଦେଶରେ ନାହିଁ ମାନ୍ଦାବସ୍ଥା

ନୂଆଦିଲ୍ଲୀ,୨୭–୧୧



ଅର୍ଥନୈତିକ କାର୍ଯ୍ୟକଳାପ ମନ୍ଥର ହୋଇଥାଇପାରେ ମାତ୍ର ଦେଶ ଉପରେ ମାନ୍ଦାବସ୍ଥାର ବିପଦ ନ ଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବୁଧବାର କହିଛନ୍ତି। ରାଜ୍ୟ ସଭାରେ ଅର୍ଥନୀତିରେ ମାନ୍ଦାବସ୍ଥା ଉପରେ ହୋଇଥିବା ଏକ ପ୍ରଶ୍ନର ଉତ୍ତରରେ ସେ ୟୁପିଏ ସରକାର–୨ର (୨୦୦୯ଠାରୁ ୨୦୧୪) ଏବଂ ଏନ୍‌ଡିଏର ୨୦୧୪–୧୯ ମଧ୍ୟରେ ବିଭିନ୍ନ ଡାଟାକୁ ତୁଳନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସରକାରଙ୍କ ସମୟରେ ଦେଶରେ ମୁଦ୍ରାସ୍ଫୀତି କମ୍ ରହିଥିବା ବେଳେ ଅଭିବୃଦ୍ଧି ହାର ଅଧିକ ରହିଛି ବୋଲି ସେ ଉତ୍ତର ରଖିଛନ୍ତି।

ସେ କହିଛନ୍ତି, ୨୦୦୯–୧୪ ମଧ୍ୟରେ ଭାରତକୁ ୧୮୯.୫ ବିଲିୟନ ଡଲାରର ବିଦେଶୀ ପୁଞ୍ଜି ଆସିଛି। ଏହା ଏନ୍‌ଡିଏର ପ୍ରଥମ ପାଳିରେ ୨୮୯.୯ ବିଲିୟନ ଡଲାର ରହିଛି। ଗତପାଞ୍ଚ ବର୍ଷ ସମୟ ମଧ୍ୟରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୪୧୪.୬ ବିଲିୟନ ଡଲାରକୁ ବଢିଛି। ଏହା ୟୁପିଏ ସମୟରେ ୩୦୪.୨ ବିଲିୟନ ଡଲାର ଥିଲା। ଅର୍ଥନୈତିକ ଅଭିବୃଦ୍ଧି ଏହି ସମୟରେ କମି ଥାଇ ପାରେ ମାତ୍ର ମାନ୍ଦାବସ୍ଥା ନାହିଁ। ଅପର ପକ୍ଷରେ ମାନ୍ଦାବସ୍ଥା ଆସିବାର ସମ୍ଭାବନା ମଧ୍ୟ ନ ଥିବା ସେ ସ୍ପଷ୍ଟ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୦୯ରୁ ୧୪ ମଧ୍ୟରେ ଜିଡିପି ଅଭିବୃଦ୍ଧି ୬.୪% ରହିଥିଲା। ଏହା ଗତ ପାଞ୍ଚବର୍ଷରେ ୭.୫% ରହିଛି। ଦ୍ୱୈତ ବାଲାନ୍ସ ସିଟ୍ ଯୋଗୁ ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ସମସ୍ୟା ଦେଖାଦେଇଛି ବ୍ୟାଙ୍କଗୁଡିକରେ ବିଭିନ୍ନ ସମସ୍ୟା ଦେଖାଯିବା ଯୋଗୁ ଗତ ୨ ଆର୍ଥିକ ବର୍ଷ ଧରି ଦେଶର ଜିଡ଼ିପି ଅଭିବୃଦ୍ଧି ହ୍ରାସ ଘଟିଛି। ଏଭଳି ବିଭିନ୍ନ ସମସ୍ୟାକୁ ଧ୍ୟାନରେ ରଖି ବ୍ୟାଙ୍କଗୁଡିକ ସାରା ଦେଶରେ ଗ୍ରାହକ ସମ୍ପର୍କ ଅଭିଯାନ ଆୟୋଜନ କରିଛନ୍ତି। ଏଥିରେ ବ୍ୟାଙ୍କଗୁଡିକୁ ୨.୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଋଣ ଯୋଗାଣ ଲାଗି ବ୍ୟାଙ୍କଗୁଡିକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ କରାଯିବା ଦ୍ୱାରା ଏହା ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ସହାୟକ ହେଉଛି। ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ଧୀରେ ଧୀରେ ସଫଳ ହେଉଛି। ଟିକସ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ସେ ଏଠାରେ ଗୁରୁତ୍ୱାରୋପ କରିଥିଲେ।

### ରସାତଳକୁ ଯାଉଛି ଗ୍ରାମୀଣ ଭାରତ: କଂଗ୍ରେସ

ଦେଶର ଆର୍ଥିକ ସ୍ଥିତିକୁ ନେଇ କଂଗ୍ରେସ ବୁଧବାର ସରକାରଙ୍କୁ ସମାଲୋଚନା କରିଛି। ଅର୍ଥନୀତି ରସାତଳକୁ ଯାଉଥିବା ବେଳେ ପ୍ରକୃତ ପରିସଂଖ୍ୟାନ ତଥ୍ୟ ଆଧାରରେ ଦେଶର ଅସୁବିଧାକୁ ସମାଧାନ କରିବା ଦିଗରେ ସରକାର ଜାଗ୍ରତ ହେବା ଆବଶ୍ୟକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ମୁଖପାତ୍ର ରାଜୀବ ଗୌଡା କହିଛନ୍ତି ଯେ, କୃଷି କ୍ଷେତ୍ରରେ ଅନେକ ଅସୁବିଧା ରହିଛି। ସରକାର କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ପ୍ରଦାନ କରିବା ଦିଗରେ ଅବହେଳା କରିଛନ୍ତି। ଏମ୍ଏସ୍‌ପି ମୋଦି ସରକାରଙ୍କ ସମୟରେ କମିଛି। ସରକାର ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ପ୍ରକୃତ ସମସ୍ୟା ସମାଧାନ କରିବା ଦିଗରେ ସହାୟକ ହେଉନାହିଁ। ମାସିକ ଜିଏସ୍‌ଟି ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ଏହା ବୃହତ୍ ବିତ୍ତୀୟ ନିଅଣ୍ଟକୁ ଡାକି ଆଣିବ। ରିଜର୍ଭ ବ୍ୟାଙ୍କଠାରୁ ସରକାର ବୃହତ୍ତ ପରିମାଣର ପାଣ୍ଠି ନେବା ସତ୍ତ୍ୱେ ବଜେଟ ଲକ୍ଷ୍ୟ ପୂରଣ କରିବାକୁ ସକ୍ଷମ ହେବେ ନାହିଁ ବୋଲି ଗୌଡା କହିଛନ୍ତି।

### ଶ୍ୱେତପତ୍ର ଦାବି କଲେ ୟେଚୁରୀ

ଦେଶର ଆର୍ଥିକ ସ୍ଥିତିକୁ ନେଇ ସରକାର ଏକ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ସିପିଆଇ(ଏମ୍) ମହାସଚିବ ସୀତାରାମ ୟେଚୁରୀ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୪.୭%କୁ ଖସିବ ନେଇ ଇଣ୍ଡିଆ ରେଟିଂ ଏବଂ ରିସର୍ଚ୍ଚ ପୂର୍ବାନୁମାନ କରିଛି। ତୃତୀୟ ତ୍ରୈମାସରେ ଦେଶର ବିକାଶ ହାର ଖସିବ। ଏହା ଯଦି ମାନ୍ଦାବସ୍ଥା ନୁହେଁ ତ କ'ଣ ବୋଲି ୟେଚୁରୀ ଯୁକ୍ତି ବାଢିଛନ୍ତି। ଏହା ଉପରେ ସରକାର ଶ୍ୱେତପତ୍ର ଆଣନ୍ତୁ ବୋଲି ୟେଚୁରୀ ଟୁଇଟରେ କହିଛନ୍ତି।

# ଟାଟା ମୋଟର୍ସ ଗ୍ରାହକ ଜିତିଲେ ୫ ଲକ୍ଷ

ଭୁବନେଶ୍ୱର,୨୭–୧୧



ଟାଟା ମୋଟର୍ସ ପକ୍ଷରୁ ଇଣ୍ଡିଆକୀ ଦୁସ୍‌ରୀ ଦିୱାଲି କ୍ୟାମ୍ପେନରେ ବରଗଡର ତୁଳସୀ ରାମ ମେହେର ୫ ଲକ୍ଷ ଟଙ୍କାର ଭାଉଚର ଜିତିବାକୁ ସକ୍ଷମ ହୋଇଛନ୍ତି। ଦୀପାବଳି ଅବସରରେ କ୍ଷୁଦ୍ର ବାଣିଜ୍ୟିକ ଯାନ ବର୍ଗରେ ଏହି କଣ୍ଟେଷ୍ଟ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାହକଙ୍କ ଲାଗି ଅର୍ଥ ପୁରସ୍କାର ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ଘୋଷଣା କରାଯାଇଥିଲା। ଏହି ସମୟରେ ଅନ୍ୟ ଭାଗ୍ୟଶାଳୀ ବିଜେତାମାନେ ଏଲ୍ଇଡି ଟିଭି, ୱାଶିଂ ମେଶିନ, ମୋବାଇଲ ଫୋନ, ଜୁସର ମିକ୍ସର ଏବଂ ଫୁଏଲ କୁପନ ଭଳି ପୁରସ୍କାର ଲାଭ କରିଛନ୍ତି। ଟାଟା ଏସ୍ ମଡେଲର ୨୨ ଲକ୍ଷ ୟୁନିଟ ଯାନ ବିକ୍ରି ସଫଳତା ଅବସରରେ ଏହି କଣ୍ଟେଷ୍ଟ ଆରମ୍ଭ କରାଯାଇଥିଲା। ଏହି ଆଧାରରେ କ୍ଷୁଦ୍ର ବାଣିଜ୍ୟିକ ଯାନ, କାର୍ଗୋ ଏବଂ ପିକ୍‌ଅପ୍ କଷ୍ଟମରଙ୍କ ଲାଗି ଅଫର ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଗୁଣଯୁକ୍ତ ପ୍ରଡକ୍ଟ ଏବଂ ସେବା ଯୋଗାଣ ଲକ୍ଷ୍ୟରେ ଏଭଳି ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା ଟାଟା ମୋଟର୍ସର ସେଲ୍ସ ମାର୍କେଟିଂ ମୁଖ୍ୟ ରାଜେଶ କୌଲ କହିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର କ୍ଷମତା ସମ୍ପ୍ରସାରଣ ଲକ୍ଷ୍ୟ

ଭୁବନେଶ୍ୱର,୨୭–୧୧

ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ପକ୍ଷରୁ ଏହାର କ୍ଷମତା ସମ୍ପ୍ରସାରଣ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୩ ସୁଦ୍ଧା ବାର୍ଷିକ ୨୫ ନିୟୁତ ଟନ୍ ଉତ୍ପାଦନ କ୍ଷମତା ହାସଲ କରିବାକୁ କମ୍ପାନୀ ଯୋଜନା ରଖିଛି। ଏହି ସମୟରେ କମ୍ପାନୀ ୨୮୭୫ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ଧାର୍ଯ୍ୟ କରିଛି। ବର୍ତ୍ତମାନର ଖଣିକୁ ଲାଗି ରହିଥିବା ନୂଆ ଖଣିଜ ବ୍ଲକ ଲାଗି ଶିବ ସିମେଣ୍ଟ କମ୍ପାନୀକୁ ଯୋଗ୍ୟ ବିଡର ଭାବେ ଘୋଷଣା କରାଯାଇଛି। କମ୍ପାନୀର ପୂର୍ବାଞ୍ଚଳରେ ଥିବା କ୍ଲିଙ୍କର ଆବଶ୍ୟକତା ପୂରଣ ଲାଗି ଶିବ ସିମେଣ୍ଟ ୧ ନିୟୁତ ଟନ୍ ଲେଖାଏ କ୍ଲିଙ୍କର ଏବଂ ଗ୍ରାଇଣ୍ଡିଂ ୟୁନିଟ ସ୍ଥାପନ ଲାଗି ଯୋଜନା ରଖିଛି। ଜେଏସ୍‌ଡବ୍ଲ୍ୟୁର ନୂତନ କ୍ଷମତା ପୂର୍ବ, ପଶ୍ଚିମ ଏବଂ ଦକ୍ଷିଣାଞ୍ଚଳରେ ଏହାର ବର୍ଦ୍ଧିତ ସିମେଣ୍ଟ ଚାହିଦାକୁ ପୂରଣ କରିବ। ବାର୍ଷିକ ୨୫ ନିୟୁତ ଟନ୍ ଉତ୍ପାଦନ କ୍ଷମତା ହାସଲ କରିବା ପରେ ଏହା ଦେଶର ୫ ପ୍ରମୁଖ ସିମେଣ୍ଟ କମ୍ପାନୀ ମଧ୍ୟରେ ସ୍ଥାନ ପାଇବାକୁ ସକ୍ଷମ ହେବ ବୋଲି କହିଛି। ସେହିଭଳି ସିମେଣ୍ଟ ଇଣ୍ଡଷ୍ଟ୍ରିରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ପିଏସ୍‌ସିର ସବୁଠାରୁ କମ୍ ଗ୍ଲୋବାଲ ୱାର୍ମିଂ କ୍ଷମତା ରଖିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ଭୋଲ୍‌ଟାସ ବେକୋର ନୂଆ ଡିଭିସି

ନୂଆଦିଲ୍ଲୀ,୨୭–୧୧

ଭୋଲ୍‌ଟାସ ବେକୋ ପକ୍ଷରୁ ନୂଆ ଡିଜିଟାଲ ଭିଡିଓ କମର୍ସିଆଲ(ଡିଭିସି) 'କହାଁ ଗୟା ମମି କା ସଣ୍ଡେ 'ଶୁଭାରମ୍ଭ ହୋଇଛି। ଏହି କମର୍ସିଆଲରେ ଦେଶ ମଧ୍ୟରେ ମା' ମାନଙ୍କର ରବିବାର କିଭଳି ବ୍ୟସ୍ତବହୁଳ ହୋଇଥାଏ ତାକୁ ଦର୍ଶାଯାଇଛି। ଏହି ଦିନଟିରେ ମଧ୍ୟ ମାଆମାନେ ନିଜ ପାଇଁ ଟିକିଏ ସମୟ ମଧ୍ୟ ପାଇ ନ ଥାନ୍ତି। ଦୈନନ୍ଦିନର କାମ ସହ ଆଗାମୀ ସପ୍ତାହ ଲାଗି ପ୍ରସ୍ତୁତି ମଧ୍ୟ କରିବା ଦେଖାଯାଇଥାଏ। ଏକ ସର୍ଭେ ମୁତାବକ ଦେଶର ୫୦% ମହିଳାରେ ରବିବାର ମଧ୍ୟ ଅଧିକ ବ୍ୟସ୍ତ ରହିଥାନ୍ତି। ରବିବାର ମଧ୍ୟ ଶୀଘ୍ର ଉଠିବାକୁ ପଡୁଥିବା ୪୩% ମହିଳା ମତ ରଖିଛନ୍ତି। ଘର ଏବଂ ପରିବାରକୁ ନେଇ କ୍ୟାରିୟର ସହ ଆଗକୁ ବଢୁଥିବା ମହିଳାଙ୍କ ଜୀବନ ବ୍ୟସ୍ତବହୁଳ ହୋଇ ପଡିଛି। ଛୁଟିଦିନରେ ସେମାନେ ଟିକିଏ ଆରାମ ମଧ୍ୟ କରିବାକୁ ସମୟ ପାଇ ନ ଥାନ୍ତି। ଏହି ଡିଭିସିରେ ସେମାନଙ୍କ କଥାକୁ ଦେଖାଯାଇଥିବା ଭୋଲଟବେକ ଆପ୍ଲାଏନ୍ସର ଲିମିଟେଡର ସିଇଓ ଜୟନ୍ତ ବଲାନ କହିଛନ୍ତି।





## ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ, ଗଞ୍ଜାମ

ଦୈନିକ ସମ୍ବାଦପତ୍ର ''ଧରିତ୍ରୀର ୪୬ତମ ବାର୍ଷିକ ଉତ୍ସବ ଅବସରରେ ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ। ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ କୃଷକର ବନ୍ଧୁ ଓ ଜନ ସାଧାରଣଙ୍କ ସେବାରେ। ଏହାର ସଠିକ ରୂପାୟନ ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁର ନୈତିକ କର୍ତ୍ତବ୍ୟ ଚାଷୀ, ବ୍ୟବସାୟୀ ଓ ସାଧାରଣ ନାଗରିକମାନଙ୍କର ସକ୍ରିୟ ସହଯୋଗ ଓ ସଦିଚ୍ଛା ଆମ୍ଭର ଲକ୍ଷ୍ୟ।

ନିୟନ୍ତ୍ରିତ ବଜାର କମିଟିର ଆଭିମୁଖ୍ୟ

୧) କୃଷିଜାତ ଦ୍ରବ୍ୟର ସଠିକ ବିପଣନ ନିମନ୍ତେ ବଜାର ପ୍ରାଙ୍ଗଣ, କୃଷକ ବଜାର ଓ ବିପଣନ ସୌଧମାନ ସ୍ଥାପନ କରି ଚାଷୀ, ବ୍ୟବସାୟୀ ଓ ସାଧାରଣ ଖାଉଟିମାନଙ୍କ ଉପଯୋଗୀ ନିମନ୍ତେ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା। ୨) କୃଷିଜାତ ଦ୍ରବ୍ୟର ସଠିକ ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ଓ ଶୀତଳୀକରଣ କକ୍ଷ ନିର୍ମାଣ କରି ଯୋଗାଇଦେବା। ୩) ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ ମାନ ନରୂପଣ ପୂର୍ବକ ଚାଷୀ ଓ ବ୍ୟବସାୟୀମାନଙ୍କୁ ବିଭିନ୍ନ ସମୟରେ ତାଲିମ ଓ ସଚେତନତା ଶିବିରର ଆୟୋଜନ ଦ୍ୱାରା କୁଶଳୀ କରାଇବା। ୪) ମଣ୍ଡି ସ୍ତରରେ ଇ–ନାମ (e–NAM) ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସଠିକ ବିପଣନ ଓ ଉପଯୁକ୍ତ ମୂଲ୍ୟ ପ୍ରଦାନ ନିମନ୍ତେ ସୁବ୍ୟବସ୍ଥା କରିବା। ୫) ପ୍ରଚାର ଓ ପ୍ରସାର ମାଧ୍ୟମରେ ପ୍ରତ୍ୟେକ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ଚାଷୀଭାଇ ଓ ଭଉଣୀ ସେମାନଙ୍କ ନାମକୁ ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକରଣ କରିବା ସହ ଧାନର ଦର ଓ F.A.Q ମାନ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା।

ସ୍ୱା./- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ସ୍ୱା.- ଉପ-ଜିଲ୍ଲାପାଳ, ଛତ୍ରପୁର ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
OFFICE OF THE NOTIFIED AREA COUNCIL, BIJEPUR
AT/PO/PS : Bijepur, Dist.- Bargarh (Odisha), PIN : 768032, Phone No.06685-274153, Email ID : bijepurnac2018@gmail.com
Letter No.1316/NACB Date: 26.11.2019

ବିଜେପୁର ଆହାର କେନ୍ଦ୍ରକୁ ଆଇ.ଏସ.ଓ. ମାନ୍ୟତା

ବିଜେପୁର ସ୍ୱାସ୍ଥ୍ୟ ଚିକିତ୍ସାଳୟରେ ଥିବା ଆହାର କେନ୍ଦ୍ରକୁ ସ୍ୱଚ୍ଛତା, ଖାଦ୍ୟର ମାନ ଯାଞ୍ଚ କରାଯାଇ ଏହି କେନ୍ଦ୍ରକୁ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା (Quality Control Certification) ଦ୍ୱାରା ଆଇ.ଏସ.ଓ. ମାନ୍ୟତା ପତ୍ର ପ୍ରଦାନ କରାଯାଇଛି। ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ତତ୍ତ୍ୱାବଧାନରେ ଉକ୍ତ ଆହାର କେନ୍ଦ୍ରର ସ୍ୱଚ୍ଛତା, ଖାଦ୍ୟର ମାନ ଆଦି ନିୟମିତ ଭାବରେ ଯାଞ୍ଚ କରାଯାଉଛି ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

ଆପଣଙ୍କ ବିଶ୍ୱସ୍ତ
ସ୍ୱା./-କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ପରିଷଦ , ବିଜେପୁର

DISTRICT EDUCATION OFFICE, BALANGIR

NOTICE

DATED: 23.11.2019

It is informed to the HM/HMs of all Primary/Upper Primary/High Schools, Principal of all OAVs under S&ME Department(Except private recognized Schools) of Balangir District that, as per instructions of Director TE & SCERT/ DSE(O),Bhubaneswar the online Institution registration in NSP Portal in respect of the above Schools is mandatory for NMMS and INCENTIVE TO GIRLS awards. The last date of online institution registration in NSP portal of the above mentioned Schools is 30.11.2019 and the last date of online work of PATHANI SAMANTA Examination for stage I & II is 29.11.2019 . The left out schools must be complete the registration work within the stipulated date and submit the registration hard copies to the office of the undersigned by 02.12.2019.

NMMS/INCENTIVE TO GIRLS awards scheme shall be done through the NSP under URL www.scholarships.gov.in.
PATHANI SAMANTA EXAMINATION - www.bseodisha.ac.in

Sd./-
District Education Officer
Balangir

କ୍ଷେତ ପୋଖରୀ (FARM POND) ଖନନ

ଚାଷ କାର୍ଯ୍ୟ ଓ ଜଳ ସଂରକ୍ଷଣ ପାଇଁ ଚଳିତ ବର୍ଷ (୨୦୧୯–୨୦) ନୟାଗଡ଼ ଜିଲ୍ଲାରେ ମନରେଗା ଯୋଜନା ଜରିଆରେ ''ଇଚ୍ଛୁକ ଚାଷୀଙ୍କ ନିଜ ଜମିରେ କ୍ଷେତ ପୋଖରୀ (FARM POND) ଖନନ'' କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ସ୍ଥିର କରାଯାଇଛି। ଏଥିନିମିତ୍ତ ଆଗ୍ରହୀ ଚାଷୀମାନେ ନିକଟସ୍ଥ ''କୃଷି'', ''ଉଦ୍ୟାନ କୃଷି'' ଓ ''ମୃତ୍ତିକା ସଂରକ୍ଷଣ'' ବିଭାଗୀୟ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଆବେଦନ ପତ୍ର ସଂଗ୍ରହ କରି ଦାଖଲ କରିପାରିବେ।

ଆବେଦନ କରିବା ଶେଷ ତାରିଖ ୩୦।୧୧।୨୦୧୯

ସୌଜନ୍ୟ
ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା
ନୟାଗଡ଼

GOVERNMENT OF ODISHA
FOOD SUPPLIES & CONSUMER WELFARE DEPARTMENT
RE-ADVERTISEMENT FOR CONTRACTUAL ENGAGEMENT

Food Supplies and Consumer Welfare Department, Government of Odisha invites application from prospective eligible and experienced candidates for contractual engagement for the post of State Project Manager, Rice Fortification.

Detail information including job description, eligibility criteria & general instructions for submission of application by Speed/Registered Post only may be seen in the Department's website www.foododisha.in. The application shall be submitted through Speed Post/Registered Post only, addressed to "Joint Secretary to Government (NFSA), Food Supplies & Consumer Welfare Department, Odisha Secretariat, Sachivalaya Marg, Bhubaneswar- 751001". The advertisement for engagement of State Project Manager, Rice Fortification earlier published on dated 24th July, 2019 has been cancelled herewith.

Closing date for submission of complete application in all respect is 16th December 2019.

-Sd-
Joint Secretary to Government
Food Supplies & Consumer Welfare Department

ORISSA WATER SUPPLY & SEWERAGE BOARD
OFFICE OF THE PROJECT DIRECTOR , PMC,
Unnati Bhawan, 3rd Floor, Satyanagar, Bhubaneswar,
E-mail: pdpmcowssb@gmail.com

Bid No.: 03/PMC/OWSSB/BBSR/2019-20 Dt.: 26.11.2019

Name of work: "Interior furnishing, Electrical, PH and Firefighting works of ground floor of Unnati Bhawan, Satyanagar, Bhubaneswar".
Estimated Cost: Rs.178.20 Lakhs
Further details can be seen from the e-Procurement portal https://tendersodisha.gov.in from date 02.12.2019 at 10.00 hrs IST to 17.12.2019 upto 17.00 hrs IST. All amendments, time extension, clarifications etc will be uploaded in the website only. Bidders should regularly visit the above website to keep themselves updated.

Sd/- Project Director

DISTRICT RURAL DEVELOPMENT AGENCY, KALAHANDI

No.XXIV-137/2017-5839 / MGNREGS, Datet: 25.11.2019 NOTICE This is for information of general public that as per letter No.338 / OS Dated.18.11.2019 of Director OSSAAT the Block Level Public Hearings for FY 2019-20 (Social Audit period of APR'2018 to Mar'2019) in the District of Kalahandi under MGNREGS and NSAP has been scheduled to be held as per the following calendar. The following Officers of the Public Hearing as noted below alongwith all other members nominated by the Collector-cum-DPC, Kalahandi will attend the Public Hearing on the scheduled dates and time. All Grievances and complaints. If any, under MGNREGA and NSAP will be heard at the concerned Block Headquarter in the said Public Hearings.

| Sl. No. | Name of the Block | Venue | Chairperson to attend the public hearing | Date and Time |
|---|---|---|---|---|
| 1. | Bhawanipatna | Block office campus | Additional District Magistrate, Kalahandi | 24.12.2019 at 10.00 A.M. (Tuesday) |
| 2. | Junagarh | Block office campus | Addl. Project. Director (Admn), DRDA, Kalahandi | |
| 3. | Koksar | Block office campus | Sub-Collector-cum-SDM, Dharamgarh, Kalahandi | |
| 4. | Kesinga | Block office campus | Sub-Collector-cum-SDM, Bhawanipatna, Kalahandi | |
| 5. | Kalampur | Block office campus | Sub-Collector-cum-SDM, Dharamgarh, Kalahandi | 26.12.2019 at 10.00 A.M (Thursday |
| 6. | Karlamunda | Block office campus | Addl. Project. Director (Admn), DRDA, Kalahandi | |
| 7. | Golamunda | Block office campus | Project. Director, DRDA, kalahandi | |
| 8. | Dharmagarh | Block office campus | Sub-Collector-cum-SDM, Dharamgarh, Kalahandi | 27.12.2019 at 10.00 A.M. (Friday) |
| 9. | Th. Rampur | Block office campus | Project. Director, DRDA, kalahandi | |
| 10. | Lanjigarh | Block office campus | Sub-Collector-cum-SDM, Bhawanipatna, Kalahandi | |
| 11. | Jaipatna | Block office campus | Sub-Collector-cum-SDM, Dharamgarh, Kalahandi | 31.12.2019 at 10.00 A.M. (Tuesday) |
| 12. | M.Rampur | Block office campus | Sub-Collector-cum-SDM, Bhawanipatna, Kalahandi | |
| 13. | Narla | Block office campus | Addl. Project. Director (Admn), DRDA, Kalahandi | |

Sd./- Collector-cum-DPC, Kalahandi

ଜଗତ୍‌ସିଂହପୁର ପୌରପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

- ଟିକସ ଯଥା ସମୟରେ ପୌରପରିଷଦରେ ପୈଠ କରନ୍ତୁ।
- ସରକାରୀ ତଥା ପୌରପରିଷଦ ଜାଗା ଓ ଡ୍ରେନ୍‌କୁ ଅବରୋଧ କରନ୍ତୁ ନାହିଁ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ଏବଂ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
- ପୌରପରିଷଦରେ ଜନ୍ମମୃତ୍ୟୁର ପଞ୍ଜୀକରଣ ଯଥା ସମୟରେ କରନ୍ତୁ।
- ପୌରାଞ୍ଚଳରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପୌରପରିଷଦର ଅନୁମତି ନେଇ କରନ୍ତୁ।
- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁସାରେ ପ୍ଲାଷ୍ଟିକ୍ ଥଳି ବିକ୍ରି ଓ ବ୍ୟବହାର ବାରଣ କରାଯାଇଅଛି। ଏଣୁ ପ୍ଲାଷ୍ଟିକ୍ ଥଳି ବ୍ୟବହାର କରନ୍ତୁ ନାହିଁ।
- ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ କରି ବ୍ଲୁ ଏବଂ ଗ୍ରୀନ୍ ଡଷ୍ଟବିନ୍‌ରେ ରଖନ୍ତୁ।
- ସମସ୍ତ କାର୍ଯ୍ୟ ପାଇଁ ଆପଣଙ୍କ ସହଯୋଗ ଆମର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ବିମଳ କୁମାର ଲେଙ୍କା
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଗତ୍‌ସିଂହପୁର

ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର
ଓ.ଏ.ଏସ୍. (ଏସ୍.ଏ.ଜି.)
ପ୍ରଶାସକ
ପୌରପରିଷଦ, ଜଗତ୍‌ସିଂହପୁର

ଜଗତ୍‌ସିଂହପୁର ଜିଲ୍ଲାବାସୀଙ୍କ ନିମନ୍ତେ ପରିମଳ ବାର୍ତ୍ତା

ସ୍ୱଚ୍ଛ ଓଡ଼ିଶା – ସୁସ୍ଥ ଓଡ଼ିଶା

- ଖୋଲାସ୍ଥାନରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା ଉଚିତ। ଖୋଲାସ୍ଥାନରେ ମଳତ୍ୟାଗ ଏକ ସାମାଜିକ ଅପରାଧ।
- ବିଦ୍ୟାଳୟରେ ପିଲାମାନେ ନିୟମିତ ଶୌଚାଳୟ ବ୍ୟବହାର କରିବା ଉଚିତ। ଶୌଚାଳୟ ବ୍ୟବହାର ପୂର୍ବରୁ ଓ ବ୍ୟବହାର କରିବା ପରେ ପାଣି ଢାଳି ସଫା କରିବା ଉଚିତ।
- ଶୌଚ ହେବା ପରେ, ଖାଦ୍ୟ ଗ୍ରହଣ ପୂର୍ବରୁ, ରୋଷେଇ ପୂର୍ବରୁ ଓ ପିଲାଙ୍କ ମଳ ସଫା କଲା ପରେ ସାବୁନ୍‌ରେ ଭଲଭାବରେ ହାତସଫା କରିବା ଉଚିତ।
- ଜଗତ୍‌ସିଂହପୁର ଜିଲ୍ଲାକୁ ବାହ୍ୟ ମଳମୁକ୍ତ ବଜାୟ ରଖିବା ସହିତ କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ପରିଚାଳନା ନିମନ୍ତେ ଏକନିଷ୍ଠ ଉଦ୍ୟମ କରିବା ଉଚିତ।
- ଥରେ ମାତ୍ର ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍‌ର ବ୍ୟବହାର ବିପଦଜନକ। ତେଣୁ ଏହାର ବ୍ୟବହାରକୁ ବନ୍ଦ କରିବା।
- ଜିଲ୍ଲାକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ପ୍ଲାଷ୍ଟିକ୍‌କୁ ଗୋଟାଇ ଏହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ଏବଂ ସ୍ଥାନୀୟ ପ୍ରଶାସନ ସହାୟତାରେ ଏହାକୁ ନିରାପଦରେ ନଷ୍ଟ କରିବା।

ପ୍ରଗତିପଥେ... ବିରିଡି ବ୍ଲକ୍

ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨୦୧୮–୧୯ ବର୍ଷ ପାଇଁ

(କ) ଜାତୀୟ ପରିବାର ମଙ୍ଗଳ ଯୋଜନା (NFBS) : ୪୨ ଜଣ
(ଖ) ମଧୁବାବୁ ପେନସନ୍ ଯୋଜନା (MBPOAP, MBPWP, MBPDP) : ମୋଟ ୧୫୪୧ ଜଣ
(ଗ) ଇନ୍ଦିରା ଗାନ୍ଧୀ ପେନସନ୍ ଯୋଜନା (IGNOAP, IGNWP, IGNDP) : ମୋଟ ୧୧୫ ଜଣ
(ଘ) ବାଣିଶ୍ରୀ ସ୍କଲାରଶିପ୍ ଯୋଜନା : ୧୧୫ ଜଣ
(ଙ) ସ୍ୱଳ୍ପ ସୁଧୀୟ ଋଣ ଯୋଜନା (DRI) : ୧୫ ଜଣ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA)
(କ) ଖର୍ଚ୍ଚ ପରିମାଣ : ୧,୬୦,୦୦,୦୦୦/–
(ଖ) ଶ୍ରମଦିବସ : ୮୪,୩୪୫/–
ପ୍ରଧାନମନ୍ତ୍ରୀ ଆବାସ ଯୋଜନା – ୧୨୪
ବିଜୁ ପକ୍କାଘର – ୬୮
ନିର୍ମଳ ଭାରତ ଯୋଜନା (ପାଇଖାନା) ୧୩–୧୪ଠାରୁ ଏପର୍ଯ୍ୟନ୍ତ – ୧୦୪୧
ସ୍ୱଚ୍ଛ ଭାରତ ଯୋଜନା (ପାଇଖାନା) ୧୪–୧୫ଠାରୁ ଏପର୍ଯ୍ୟନ୍ତ – ୧୫,୩୪୩


ଶ୍ରୀଯୁକ୍ତ ପଦ୍ମଲାଭ ଭୋଇ
ଅଧ୍ୟକ୍ଷ, ପଞ୍ଚାୟତ ସମିତି, ବିରିଡି


ଶ୍ରୀଯୁକ୍ତ ଜୀବନ ଚନ୍ଦ୍ର ମଳିକ, ଓଏଏସ୍(୧)
ମଣ୍ଡଳ ଉନ୍ନୟନ ଅଧିକାରୀ, ବିରିଡି







କଳିଙ୍ଗ ଷ୍ଟାଡିୟମରେ ବୁଧବାର ସୁନ୍ଦରଗଡ ଜିଲାର ୧୭ଟି ହକି ଟ୍ରେନିଂ ସେଣ୍ଟର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିମାନେ। ଏହି ଅବସରରେ ଅନୁଷ୍ଠିତ ଲେଜର ଶୋ।

# ଓଡ଼ିଶାରେ ପୁଣି ହକି ବିଶ୍ୱକପ୍

ଭୁବନେଶ୍ୱର, ୨୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କ ପାଇଁ ଖୁସି ଖବର। ହକିର ମେଗା ଇଭେଣ୍ଟ 'ହକି ବିଶ୍ୱକପ୍' ପୁଣିଥରେ ଓଡ଼ିଶାରେ ହେବାକୁ ଯାଉଛି। ୨୦୧୮ ପୁରୁଷ ହକି ବିଶ୍ୱକପ୍ ସଫଳତାର ସହ ଆୟୋଜନ କରିବା ପରେ ଏହାର ପରବର୍ତ୍ତୀ ସଂସ୍କରଣ ଅର୍ଥାତ ୨୦୨୩ରେ ମଧ୍ୟ ଓଡ଼ିଶାରେ ଆୟୋଜିତ କରିବାକୁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ହକିର ମହାକୁମ୍ଭର ୧୫ତମ ସଂସ୍କରଣ ୧୭ ଦିନ ଧରି ଓଡ଼ିଶାରେ ଖେଳାଯିବ। ବୁଧବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ରଙ୍ଗାରଙ୍ଗ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ବିଶ୍ୱକପ୍ ଆୟୋଜିତ ହେବାନେଇ ଘୋଷଣା କରିଥିଲେ। ଯାହାକି ରାଜ୍ୟର କ୍ରୀଡ଼ାପ୍ରେମୀଙ୍କ ମନରେ ଖୁସିର ଲହରି ଖେଳାଇ ଦେଇଛି। ଓଡ଼ିଶା କ୍ରୀଡ଼ାପ୍ରେମୀ ପୁଣିଥରେ ଅତି ନିକଟରୁ ବିଶ୍ୱର ପ୍ରମୁଖ ହକି ଖେଳାଳିଙ୍କ ଖେଳକୁ ଉପଭୋଗ କରିବାର ସୁଯୋଗ ପାଇବେ। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୨୩ ପୁରୁଷ ହକି ବିଶ୍ୱକପ୍ ଭାରତରେ ଆୟୋଜନ ହେବ ବୋଲି ଚଳିତ ମାସ ପ୍ରାରମ୍ଭରେ ହକିର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ପକ୍ଷରୁ ଘୋଷଣା କରାଯାଇଥିଲା। ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣକୁ ଆୟୋଜନ କରିବା ପାଇଁ ଡିଫେଣ୍ଡିଂ ଚାମ୍ପିୟନ ବେଲ୍‌ଜିୟମ, ମାଲେସିଆ ଓ ଭାରତ ସମେତ ୩ଟି ଦେଶ ବିଡ୍ ଦାଖଲ କରିଥିଲେ। କିନ୍ତୁ ଶେଷରେ ଭାରତ ବାଜିମାତ୍ କରିନେଇଥିଲା। ୨୦୨୩ରେ ମଧ୍ୟ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀପାଳନ କରିବ।

**ହକି ବିଶ୍ୱକପ୍‌ର ଏକବର୍ଷ ପୂର୍ତ୍ତି**

୨୦୧୮ରେ ଓଡ଼ିଶାରେ ଆୟୋଜିତ ପୁରୁଷ ହକି ବିଶ୍ୱକପ୍ ୧୪ତମ ସଂସ୍କରଣର ଏକବର୍ଷ ପୂର୍ତ୍ତୀ ପାଳନ ଉତ୍ସବ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ରଙ୍ଗାରଙ୍ଗ ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍କୁଲ, କଲେଜ ଆଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଷ୍ଟାଡିୟମ ଭରପୂର ହୋଇଥିବାବେଳେ ଆରମ୍ଭରୁ ଫ୍ଲଡ୍ ଲାଇଟ୍ ବନ୍ଦ କରାଯାଇ ଲେଜର ଶୋ' ମାଧ୍ୟମରେ ମନୋରଞ୍ଜନ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିବୃନ୍ଦଙ୍କ ଉପସ୍ଥିତିରେ ୨୦୧୮ ବିଶ୍ୱକପ୍‌ର 'କଫି ଟେବୁଲ ବୁକ୍' ଉନ୍ମୋଚନ କରାଯିବା ସହିତ ଏକ ଛୋଟ ଡକୁମେଣ୍ଟାରୀ ପ୍ରଦର୍ଶନ କରାଯାଇଥିଲା। ଯେଉଁଥିରେ ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବରୁ ବେଲ୍‌ଜିୟମ ଚାମ୍ପିୟନ ହେବା ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟକୁ ସଂକ୍ଷେପରେ ପ୍ରଦର୍ଶନ କରାଯାଇଥିଲା। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହକି ବିଶ୍ୱକପ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ବେଲ୍‌ଜିୟମ ଓ ନେଦରଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଗୋଲଶୂନ୍ୟ ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ବେଲ୍‌ଜିୟମ ୩-୨ ଗୋଲରେ ବାଜିମାତ୍ କରି ଚାମ୍ପିୟନ ହୋଇଥିଲା।

**ଓଡ଼ିଆରେ କହିଲେ ବାତ୍ରା:**

ବିଶ୍ୱକପ୍‌ର ଏହି ଏକବର୍ଷ ପୂର୍ତ୍ତୀପାଳନ ଉତ୍ସରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍)ର ସଭାପତି ନରିନ୍ଦର ବାତ୍ରା ଓଡ଼ିଆରେ ନିଜ ଭାଷଣ କହିଥିଲେ। 'ହକିକୁ କ୍ରମାଗତ ସମର୍ଥନ ପାଇଁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା' ବୋଲି ବାତ୍ରା ଓଡ଼ିଆରେ କହିଥିଲେ। ସେହିଭଳି ୨୦୨୩ ବିଶ୍ୱକପ୍ ଓଡ଼ିଶାରେ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଓଡ଼ିଆରେ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୁରା କଳିଙ୍ଗ ଷ୍ଟାଡିୟମ ବେଶ୍ କିଛି ସମୟ ଆତସବାଜିରେ କମ୍ପି ଉଠିଥିଲା।




୨୦୧୮ ବିଶ୍ୱକପ୍ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଉପସ୍ଥିତ ଭାରତୀୟ ପୁରୁଷ ହକି ଦଳର ଖେଳାଳିମାନେ।

**ଭୁବନେଶ୍ୱର ପ୍ରଥମ ସହର:**

ପୁରୁଷ ହକି ବିଶ୍ୱକପ୍‌ର ପଞ୍ଚଦଶ ସଂସ୍କରଣ ୨୦୨୩ରେ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜିତ ହେବ। ବୁଧବାର ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଏଥିସହ ବିଶ୍ୱର ପ୍ରଥମ ସହର ଭାବେ ଭୁବନେଶ୍ୱର ହକି ବିଶ୍ୱକପ୍‌ର କ୍ରମାଗତ ୨ଟି ସଂସ୍କରଣ ଆୟୋଜନ କରିବାର ଅଧିକାର ପାଇଛି। ସେହିଭଳି ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ହକିର ଏହି ମେଗା ଇଭେଣ୍ଟକୁ ସର୍ବାଧିକ ୪ଥର ଆୟୋଜନ କରିବାର ସୁଯୋଗ ଲାଭ କରିଛି। ପୂର୍ବରୁ ୧୯୮୨ (ବମ୍ବେ), ୨୦୧୦ (ଦିଲ୍ଲୀ) ଓ ୨୦୧୮ (ଓଡ଼ିଶା)ରେ ବିଶ୍ୱକପ୍ ସଫଳତାର ସହ ଆୟୋଜନ କରିସାରିଛି।

# ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ: ଧାୱନ ଆହତ, ଫେରିଲେ ସାମସନ

ନୂଆଦିଲ୍ଲୀ,୨୭।୧୧(ପି.ଟି.)

ଭାରତୀୟ ଦଳର ନିୟମିତ ଓପନର ଶିଖର ଧାୱନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯିବାକୁ ଥିବା ଟି୨୦ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା କାରଣରୁ ତାଙ୍କୁ ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ମହାରାଷ୍ଟ୍ର ବିପକ୍ଷ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ବେଳେ ଧାୱନଙ୍କ ବାମ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ବିସିସିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ବିସିସିଆଇର ମେଡିକାଲ ଦଳ ଧାୱନଙ୍କ ଆହତ ସମସ୍ୟାର ଯାଞ୍ଚ କରିଥିଲା। ଷ୍ଟିଚ୍ ଖୋଲ ହେବା ପୂର୍ବରୁ ତାଙ୍କୁ ଆହୁରି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଥିବା କୁହାଯାଇଛି। ଏଣୁ ଜାତୀୟ ଚୟନ କମିଟି ତାଙ୍କ ବଦଳରେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସମାସନଙ୍କୁ ସୁଯୋଗ ଦେଇଛି। ଗତ ବାଂଲାଦେଶ ବିପକ୍ଷ ସିରିଜ୍‌ରେ କେରଳର ସାମସନଙ୍କୁ ଦଳରେ ସାମିଲ କରାଯାଇଥିଲା। ହେଲେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ୬ ତାରିଖରେ ହାଇଦ୍ରାବାଦଠାରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ଦୁଇ ମ୍ୟାଚ୍ ଥିରୁଭାନନ୍ତପୁରମ (ଡିସେମ୍ବର ୮) ଓ ମୁମ୍ବାଇ (ଡିସେମ୍ବର ୧୧)ରେ ଖେଳାଯିବାର ଅଛି। ୩୩ ବର୍ଷୀୟ ଧାୱନ ଦିନିକିଆ ସିରିଜ୍ ପୂର୍ବରୁ ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି। କିନ୍ତୁ ସେ ଏବେ ଖରାପ ଫର୍ମ ଯୋଗୁ ଚାପରେ ଅଛନ୍ତି। ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ସେ ମୋଟ ୯୧ ରନ୍ କରିଥିଲେ। ଚଳିତ ସୟଦ ମୁସ୍ତାକ ଅଲି ପ୍ରତିଯୋଗିତାରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ଉଲ୍ଲେଖଥାଉ କି, ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହେବ। ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ୨୨ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ।

# ବେଲି ଅଷ୍ଟ୍ରେଲିଆ କ୍ରିକେଟ ଚୟନକାର୍ତ୍ତା

ସିଡ୍‌ନୀ,୨୭।୧୧(ଏଏଫ୍‌ପି)- ପୂର୍ବତନ ଟି୨୦ ଦଳର ଅଧିନାୟକ ଜର୍ଜ ବେଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ)ର ଚୟନକର୍ତ୍ତା ପଦରେ ବୁଧବାର ନିଯୁକ୍ତ ହୋଇଛନ୍ତି। ସେ ୩ ଜଣିଆ ଜାତୀୟ ଚୟନ କମିଟିରେ ଅବସରପ୍ରାପ୍ତ ଗ୍ରେଗ ଚାପେଲଙ୍କ ସ୍ଥାନ ନେଇଛନ୍ତି।


## ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

**ନୋଟିସ**

ନଂ. ୯୪୪୦ ତା୨୧।୧୧।୨୦୧୯

No. C-346: ଏତଦ୍ଦ୍ୱାରା ପୌରପାଳିକା ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌରପାଳିକା ତରଫରୁ ଶିମିଳିପଡ଼ା ମାର୍କେଟ କମ୍ପ୍ଲେକ୍ସରେ ଉପର ମହଲା ୬(ଛଅ)ଗୋଟି ଦୋକାନ ଘର ନିର୍ମାଣ କରାଯାଇଥିଲା। ତେଣୁ ଉକ୍ତ ଦୋକାନଘରଗୁଡ଼ିକ ଲଟେରି ମାଧ୍ୟମରେ ଆବଣ୍ଟନ କରାଯିବା ପାଇଁ ତା୨୫।୧୧।୨୦୧୯ରିଖ ଠାରୁ ତା୦୨।୧୨।୨୦୧୯ରିଖ ପର୍ଯ୍ୟନ୍ତ ଘ.୧୧.୦୦ ଠାରୁ ଘ.୫.୦୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ଗ୍ରହଣ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତ ଅନୁସାରେ ପୌରପାଳିକାରୁ ଫର୍ମ ନେଇ ଆବେଦନ କରିପାରିବେ। ପ୍ରକାଶ ଥାଉ କି ଗୃହ ଓ ନଗର ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ୧୬୨୬୩ ତା୧୧।୦୭।୨୦୦୮ରିଖ ସର୍ତ୍ତାବଳୀ ଅନୁସାରେ ଆବଣ୍ଟନ କରାଯିବ।

୧. ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ।
୨. କାର୍ଯ୍ୟାଳୟରେ ଟ.୧୦୦୦.୦୦ଙ୍କା ଦାଖଲକରି ଆବେଦନପତ୍ର ଗ୍ରହଣ କରିପାରିବେ। ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ।
୩. ଆବେଦନକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା ନାମରେ ଟ.୩୦,୦୦୦.୦୦ଙ୍କାର ବ୍ୟାଙ୍କଡ୍ରାଫ୍ଟ ଅମାନତ ଆକାରରେ ଦାଖଲ କରିବେ। ଯେଉଁ ଆବେଦନକାରୀ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ବିନା ସୁଧରେ ଉକ୍ତ ଅର୍ଥ ଫେରସ୍ତ ଦିଆଯିବ। ଏଥି ସହିତ ଭୋଟର ପରିଚୟ ପତ୍ର/ଆଧାର କାର୍ଡ଼ ଏବଂ ଗୋଟିଏ ପାସ୍‌ପୋର୍ଟ ସାଇଜ ଫଟୋ ସଂଲଗ୍ନ କରିବା ଆବଶ୍ୟକ ନଚେତ୍ ଆବେଦନପତ୍ର ରଦ୍ଦ କରାଯିବ।
୪. ଯେଉଁ ଆବେଦନକାରୀଙ୍କ ନାମରେ ଦୋକାନ ଗୃହ ଆବଣ୍ଟନ କରାଯିବ ପୌରପାଳିକାର ନିଷ୍ପତ୍ତି ଅନୁଯାୟୀ ଅମାନତ ଟଙ୍କା ଦୋକାନ ଘର ନିର୍ଦ୍ଧାରିତ ମୂଲ୍ୟ ବାବଦକୁ କାର୍ଯ୍ୟାଳୟରେ ପଇଠ କରିବେ।
୫. ସରକାରଙ୍କ ପତ୍ର ସଂଖ୍ୟା ୧୬୨୬୩ ତା୧୧।୦୭।୨୦୦୮ରିଖ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦୋକାନଘର ଆବଣ୍ଟନରେ ସ୍ୱଚ୍ଛତା ନିମନ୍ତେ ଲଟେରି ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ କରାଯିବ।
୬. ଆବେଦନକାରୀ ପୌର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ।
୭. ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ।
୮. ଯେଉଁ ବ୍ୟକ୍ତିଙ୍କ ନାମରେ ପୌରପାଳିକାରେ ଦୋକାନ ଗୃହ ଥିବ ସେହି ବ୍ୟକ୍ତି ଉକ୍ତ ଦୋକାନ ଗୃହ ପାଇଁ ଆବେଦନ କରିପାରିବେ ନାହିଁ।
୯. କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ ପତ୍ର କିମ୍ବା ସମସ୍ତ ଆବେଦନ ପତ୍ରଗୁଡ଼ିକୁ ନାକଚ କରିବା ସଙ୍ଗେ ସଙ୍ଗେ ଉକ୍ତ ବିଜ୍ଞାପନକୁ ରାଜି କରିବାର ସମସ୍ତ ଅଧିକାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
13085/11/0017/1920 ପୌରପାଳିକା, ଅନୁଗୋଳ

E-Mail- serwcirclesbp@yahoo.com, Fax- 06632548268

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, SAMBALPUR**
Letter No. 2100 / Dt. 20 November, 2019

**1st Corrigendum to Bid Identification No. Road Tender online RWCSBP-11**

**No. O-552:-** The tender invited for 2 nos of works of Deogarh District vide bid Identification No. Road Tender online RWCSBP-11 under UPANTA scheme should be read as under "Connecting to Unconnected villages". All other terms and conditions of DTCN remain unchanged.

25091/11/0010/1920 Sd./- Superintending Engineer, R.W. Circle, Sambalpur

ODISHA
INDIA'S BEST KEPT SECRET.

No. R-19

**Government of Odisha**
**Department of Tourism**

No. 10492/T.TSP-11(F)-33/19, Bhubaneswar Date: 26.11.19

**Expression of Interest (EoI) for Selection of Operator(s) for Festival Bazaar Shops at Marine Drive, Puri, Odisha**

Department of Tourism intends to elevate the tourism potential of Marine Drive beach by provisioning new tourist facilities and services at Marine Drive Eco-Retreat Festival. In this background, Expression of Interest (EoI) for Selection of Operator(s) for Festival Bazaar Shops at Marine Drive, Puri Odisha are invited. The last date of submission is 06 December 2019 upto 1:00 P.M.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website **www.odishatourism.gov.in**.

Sd./- Director, Tourism

ODISHA
INDIA'S BEST KEPT SECRET.

**Government of Odisha**
**Department of Tourism**

No. 10502/T.TSP-11(F)-33/19, Bhubaneswar Date: 26.11.19

**Expression of Interest (EoI) for Selection of Operator(s) for Operation and Management of Food Stalls at Marine Drive, Puri, Odisha**

Department of Tourism intends to elevate the tourism potential of Marine Drive beach by provisioning new tourist facilities and services at Marine Drive Eco-Retreat Festival. In this background, Expression of Interest (EoI) for Selection of Operator(s) for Operation and Management of Food Stalls at Marine Drive, Puri Odisha' are invited. The last date of submission is 05 December 2019 upto 1:00 P.M.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website **www.odishatourism.gov.in**.

37001/11/0031/1920 Sd./- Director, Tourism

**STATE COUNCIL FOR TECHNICAL EDUCATION AND VOCATIONAL TRAINING, ODISHA**
UNIT-VIII, NEAR RAJ BHAWAN, BHUBANESWAR-751012

**Tender Call Notice No.4808/ Date 25.11.2019**

**No. KK-85:-** Sealed tenders are invited from reputed Manpower Agencies/Service Providers having related experience for providing Manpower service on outsourcing basis for the day to day official work of SCTE&VT, Odisha.

The tender document can be downloaded from the official website **http://sctevtodisha.nic.in**. The sealed envelope containing the tender document should be superscribed as **Tender Documents for providing Manpower Service** and submitted before 13.12.2019 by 2.00 PM along with related documents, demand draft towards tender paper fees & EMD. For details please visit **http://sctevtodisha.nic.in**.

44002/11/0009/1920 Sd./- Vice-Chairman

**Office of the Ghoradia Primary Agricultural Co-operative Society Ltd.**
At- Ghoradia, PO- Ghoradia, Dist.- Puri
Regd. No. 2 PU Date: 23.05.1965 under A.R.C.S. Puri Circle, Puri

**ADVERTISEMENT**
**Advertisement No. 2 / Date: 25.11.2019**

One post of PEON of GHORADIA P.A.C.S. Ltd. to be filled up by way of direct recruitment on mark basics. Application form can be obtained in person from the office of the GHORADIA P.A.C.S. Ltd., At- GHORADIA on payment of Rs. 100.00 (One Hundred only) from 25.11.2019 to dt.10.12.2019 during 11 AM to 1 PM (except holidays). The duly filled in application along with required documents as per application form should be submitted in the office of the GHORADIA P.A.C.S. Ltd., At- GHORADIA, PO- GHORADIA in person and obtain the acknowledgement receipt latest by 1PM of date 16.12.2019. The application received beyond dateline will not be entertained.

**Qualification:**
1. The candidate need to preferably a permanent resident of the area of operation of GHORADIA PACS.
2. The candidate outside the area of operation of the society but within the area of Block / District concerned may apply for the post, but their candidature can only the considered if no eligible candidate is found from the area of operation of the society.
3. The candidate must be under matric. (10th fail)

**Age:** A candidate must not be less than 21 years or more than 32 years of age as on dt.01.01.2019. The upper age limit shall be 37 years on respect of persons belonging to SC/ST/OBC including SCBC / physically handicapped persons employed in co-operative society.

**Service condition and salary:** The service condition including salary shall be governed as per the provisions of the OCS Act, Rules, Bye laws of the society and the guidelines of the R.C.S. (O) BBSR, issued from time to time and subject to capacity to pay of the P.A.C.S.

**N.B.:-** All other service conditions for the post of PEON are available in the P.A.C.S. office. The committee of management of the PACS receive the rights for addition; alternation and cancellation of recruitment process as and when felt necessary.

*By order of the board of Management*
***Sd./- Secretary, GHORADIA PACS***

**CENTRAL ELECTRICITY SUPPLY UTILITY OF ODISHA**
**OFFICE OF THE SUPERINTENDING ENGINEER (ELECT.)**
ELECTRICAL CIRCLE: DHENKANAL, COLLEGE BYPASS CHHAK. NH-55, DHENKANAL
☎ 06762- 243353, Email·sedkl@cescoorissa.com

**Tender Call Notice No.11/2019-20**

**No. CAD-622: -** Tender Call Notice for diversion of 11KV OH line of RE-II feeder from Baida Sahi Chhak to Hensmul village Chhak in order to facilitate the construction of transport road & belt conveyer system under Hatatota section of TED, Chainpal excluding OSM.

For and on behalf of CESU, the undersigned invites sealed bids from qualified and eligible bidders, who comply with the terms and conditions for the following works on Turnkey basis for diversion of 11KV OH line of RE-II feeder from Baida Sahi Chhak to Hensmul village Chhak in order to facilitate the construction of transport road & belt conveyer system under Hatatota section of TED, Chainpal.

Const. of 3P3W 11KV line with 80mm² AAAC to run over 9 Mtr. long 150X150mm RS Joist Pole & 2 Nos. of 13Mtr. long H Pole = **0.53 Ckm.**, Const. of 11KV line with spare with 3 Core XLPE armored 150mm² XLPE UG Cable = (108X2) = **216 Mtr.** (through HDD method), Const. of 11KV line DP with AB Switch = **2 Nos.**, Const. of DP Str. For Cable Raising= **2Nos.**, Dismantling of 11KV Line = **0.49 Km** excluding OSM., Total estimated Tender value **(Rs.) 35,44,013/-**, EMD (Rs.) EMD @1% of the total estimated Tender value i.e ₹35,440/- to be deposited in Shape of Demand Draft in favour of **G.M, ELECTRICAL CIRCLE DHENKANAL,** CESU payable at Dhenkanal, Cost of Tender Paper including GST @18% : Rs. 7,080/- (in shape of D.D.). Time Schedule : Sale of tender documents starts from : **27.11.2019** during office hours, Last date for sale of Tender documents till : **06.12.2019 up to 5.00 PM**, Last date for receipt of Tender document: **07.12.2019 up to 12.00 Hrs**, Opening of Tender **07.12.2019 at 12.30 PM**. For details please visit our website **www.cescoorissa.com**. The authority reserves the right to accept or reject any or whole of the offers without assigning any reason thereof.

*04010/11/0008/1920* Sd./ -Superintending Engineer (Elect.)

No. 30-RR

ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ

**"ଅକ୍ଷର"**

**୨ୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

ଡିସେମ୍ବର ୬ ରୁ ୧୫, ୨୦୧୯
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ରକଳା, ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଓଡ଼ିଆ କବିତା ଆବୃତ୍ତି ଓ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ

ସମ୍ପାଦିକା, କଳିଙ୍ଗ ପୁସ୍ତକ ମେଳା, ପ୍ଲଟ୍ ନଂ.-୧୦/ଏ, ଷ୍ଟେସନ ସ୍କୋୟାର, ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
ଦୂରଭାଷ: ୯୯୩୭୪୫୨୨୦୯ / ୭୯୭୮୬୩୧୯୨୦ / ୯୯୩୭୦୩୪୭୧୧

ନାମ ପଞ୍ଜୀକରଣର ଶେଷ ତାରିଖ: ୦୫.୧୨.୨୦୧୯

03023/11/0001/1920

## ସଂକ୍ଷେପରେ

### ଶାହାଙ୍କ ଆଙ୍ଗୁଠିରେ ଅସ୍ତ୍ରୋପଚାର

ନୂଆଦିଲ୍ଲୀ,୨୭।୧୧(ପି.ଟି.): ଭାରତୀୟ ଟେଷ୍ଟ ଉଇକେଟକିପର ଋଦ୍ଧିମାନ ଶାହାଙ୍କ ଡାହାଣହାତ ଆଙ୍ଗୁଠିରେ ଅସ୍ତ୍ରୋପଚାର କରାଯାଇଛି। ନିକଟରେ ଶେଷ ହୋଇଥିବା ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟବେଳେ ତାଙ୍କ ଆଙ୍ଗୁଠି ଫ୍ରାକଚର ହୋଇଥିଲା। ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପୂର୍ବରୁ ସେ ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି। ମଙ୍ଗଳବାର ମୁମ୍ବାଇଠାରେ ୩୫ ବର୍ଷୀୟ ଉଇକେଟକିପର ଶାହାଙ୍କ ଆଙ୍ଗୁଠିରେ ଅସ୍ତ୍ରୋପଚାର କରାଯାଇଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ହାତ ଓ ରିଷ୍ଟ ସ୍ପେଶାଲିଷ୍ଟଙ୍କ ସହ ପରାମର୍ଶ ପରେ ବିସିସିଆଇର ମେଡିକାଲ ଟିମ୍ ଶାହାଙ୍କ ଆଙ୍ଗୁଠିରେ ଅସ୍ତ୍ରୋପଚାର କରାଇବା ନିଷ୍ପତ୍ତି ନେଇଥିଲା। ଅସ୍ତ୍ରୋପଚାର ସଫଳ ହୋଇଛି ଓ ସେ ଖୁବ୍‌ଶୀଘ୍ର ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଯୋଗଦେବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଟିମ୍ ମ୍ୟାନେଜମେଣ୍ଟର ନିକଟ ସୂତ୍ରରୁ ଜଣାପଡ଼ିଛି, ଫେବୃଆରୀ ୧୪ ତାରିଖଠାରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜ୍‌ରେ ଶାହା ଖେଳିପାରିବେ। ୱେଲିଂଟନ ଓ କ୍ରିଷ୍ଟଚର୍ଚ୍ଚ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆ ସେଡନ ପାର୍କଠାରେ ଏକ ୩ ଦିନିଆ ଅଭ୍ୟାସ ଖେଳିବ। ଏଥିପୂର୍ବରୁ ଉଭୟ ଦଳ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ୩ଟିକିଆ ଦିନିକିଆ ସିରିଜ୍ ଖେଳାଯିବ।

# ‘ଖେଳାଳି ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ କରାଯିବ’

**ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି)**

‘‘ଓଡ଼ିଶା କ୍ରିକେଟ ଦଳରେ ଚୟନ ପ୍ରକ୍ରିୟାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠି ଆସୁଛି। ଏଥିରେ ମୁଁ ଆଦୌ ଖୁସି ନୁହେଁ। ତେଣୁ ଓଡ଼ିଶା କ୍ରିକେଟ ଦଳରେ ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ କରାଯିବା ଉପରେ ମୁଁ ଅଧିକ ଗୁରୁତ୍ୱ ଦେଉଛି। ଖେଳାଳି ରାଜ୍ୟର ଯେକୌଣସି ଜିଲାର ହୋଇଥାଉନା କାହିଁକି ଯଦି ତା ନିକଟରେ ପ୍ରତିଭା ଥିବ ସେ ଯେପରି ରାଜ୍ୟ ଦଳରେ ସ୍ଥାନ ପାଇବ ଏବଂ ଓଡ଼ିଶା ଖେଳାଳିମାନେ କିପରି ଜାତୀୟ ଦଳରେ ସ୍ଥାନ ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯିବ’’ ବୋଲି ବୁଧବାର ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ) ପକ୍ଷରୁ ସମ୍ବର୍ଦ୍ଧିତ ହେବା ଅବସରରେ ପ୍ରକାଶ କରିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏଶନର ନୂଆ ସମ୍ପାଦକ ସଞ୍ଜୟ ବେହେରା। ଆଗାମୀ ଦିନରେ ରାଜ୍ୟରେ କ୍ରିକେଟର ଉନ୍ନତି ପାଇଁ କେତେକ ଯୋଜନା ପ୍ରସ୍ତୁତ କରାଯାଉଛି। ସେଥିରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯିବ। କେହି ଉପଯୁକ୍ତ ପରାମର୍ଶ ଦେଇ ପାରିଲେ ତାହାକୁ ମଧ୍ୟ ଗ୍ରହଣ କରାଯିବ। ସର୍ବୋପରି ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଷ୍ପତ୍ତିମାନ ନିଆଯିବ ବୋଲି ସଞ୍ଜୟ କହିଛନ୍ତି। ଓଡ଼ିଶା କ୍ରିକେଟକୁ ଭୁବନେଶ୍ୱରର ଅବଦାନ ଅନେକ। ଏଠାରେ ଏକାଧିକ ଅନ୍ତର୍ଜାତୀୟ ସ୍ତରର ଖେଳାଳି ବାହାରିଛନ୍ତି।



ସମ୍ବର୍ଦ୍ଧିତ ଓସିଏ କର୍ମକର୍ତ୍ତାମାନେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସଦସ୍ୟମାନଙ୍କ ସହ।

## ଓସିଏ କର୍ମକର୍ତ୍ତାଙ୍କୁ ବିଏଏର ସମ୍ବର୍ଦ୍ଧନା

ଆଗାମୀ ଦିନରେ ମଧ୍ୟ ଏହା ଜାରି ରହୁ ବୋଲି ମୁଁ ଆଶା କରିବି। ମୁଁ ମୋ ଲକ୍ଷ୍ୟ ପଥରେ ଅଗ୍ରସର ହେବାପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଆଶା କରୁଛି ବୋଲି ସଞ୍ଜୟ ପ୍ରକାଶ କରିଛନ୍ତି। ବିଏଏ ପକ୍ଷରୁ ସଞ୍ଜୟଙ୍କ ବ୍ୟତୀତ ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ନବନିର୍ବାଚିତ କର୍ମକର୍ତ୍ତାମାନେ ଅନୁପସ୍ଥିତ ଥିଲେ।

### ଦ୍ୱିତୀୟ କ୍ରିକେଟ ଷ୍ଟାଡିୟମ ହେବ

ସମ୍ବର୍ଦ୍ଧିତ ହେବା ଅବସରରେ ଓସିଏ ସଭାପତି ପଙ୍କଜ କହିଲେ ଯେ, ଏବେ ବିସିସିଆଇରେ ପରିବର୍ତ୍ତନ ଆସିଛି, ଓସିଏରେ ମଧ୍ୟ ନୂଆ କର୍ମକର୍ତ୍ତା ନିର୍ବାଚନ ହୋଇଛନ୍ତି। ତେଣୁ କିଛି ଗୋଟିଏ ନୂଆ ହେବ ବୋଲି ସମସ୍ତେ ଆଶା କରିଛନ୍ତି। ଏ ସମ୍ପର୍କରେ ଓସିଏ ସମ୍ପାଦକ ସଞ୍ଜୟ କିଛି ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାକି ଆମକୁ ଭଲ ଲାଗିଛି। ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପରେ ତାହା ଯେପରି କାର୍ଯ୍ୟକାରୀ ହେବ ତାକୁ ନଜର ଦେବୁ। ଓଡ଼ିଶାରେ ଦ୍ୱିତୀୟ କ୍ରିକେଟ ଷ୍ଟାଡିୟମ ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଏ ସମ୍ପର୍କରେ ସରକାର ଓ ବିସିସିଆଇ ସହିତ ଆଲୋଚନା ହୋଇଛି। ଆମ କାର୍ଯ୍ୟକାଳ ମଧ୍ୟରେ ତାହା ଯେପରି ଆରମ୍ଭ ହୋଇପାରିବ ତା ଉପରେ ଧ୍ୟାନ ଦିଆଯିବ। ରାଜ୍ୟ କ୍ରିକେଟର ବିକାଶରେ ଭୁବନେଶ୍ୱରର ଅବଦାନ ଅନେକ ବୋଲି ପଙ୍କଜ ପ୍ରକାଶ କରିଛନ୍ତି।

ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ବିଏଏ ସଭାପତି ତଥା ବିଧାୟକ ସୁରେଶ ରାଉତରାୟ। ବିଏଏ ସମ୍ପାଦକ ଡ.ସୌର୍ଯ୍ୟରଞ୍ଜନ ପରିଜା, ଉପସଭାପତି ସନ୍ତୋଷ କୁମାର ଦାସ, ଯୁଗ୍ମ ସମ୍ପାଦକ ନବରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, କ୍ରିକେଟ ସମ୍ପାଦକ ଅଶୋକ ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ଓ ସମ୍ପାଦକ ଦିଲୀପ ଦାସ ଓସିଏ କର୍ମକର୍ତ୍ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଟି କ୍ଲବ ଏବଂ ଚନ୍ଦ୍ରଶେଖରପୁର ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ମଧ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଉନ୍‌କ୍ଲବ ପକ୍ଷରୁ ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲଙ୍କୁ ମଧ୍ୟ ବିଏଏ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ବିଭିନ୍ନ କ୍ଲବର ସଭାପତି, ସମ୍ପାଦକ, ଅନ୍ତର୍ଜାତୀୟ କ୍ରିକେଟର ଶିବସୁନ୍ଦର ଦାସ, ଅନେକ ରଣଜୀ ଖେଳାଳି, ପ୍ରତିଷ୍ଠିତ କ୍ରିକେଟ କୋଚ୍ କିଶୋର ମାଣିଆ ଏବଂ ବିଏଏର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

**25th Birthday**





Baidyanath Nagar, Jajpur
Many many happy returns of the day. Wish you an auspicious Happy Birth Day
**Raani.**
With best wishes:
Mummy, Baba, Raja & whole family members.
ଧ-୧୫୪୪୧

### ଶ୍ରୀକାନ୍ତଙ୍କ ବିଜୟ ଆରମ୍ଭ

ଲକ୍ଷ୍ନୌ,୨୭।୧୧(ପି.ଟି.)– ତୃତୀୟ ସିଡ୍ କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ସୟଦ ମୋଦି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସେ ପ୍ରଥମ ରାଉଣ୍ଡରେ ରୁଷିଆର ଭ୍ଲାଦିମିର ମାଲ୍‌କୋଭଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଛନ୍ତି। ୩୬ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌କୁ ଶ୍ରୀକାନ୍ତ ୨୧–୧୨, ୨୧–୧୧ ବ୍ୟବଧାନରେ ଜିତି ନେଇଛନ୍ତି। ଅନ୍ୟପକ୍ଷରେ ପାରୁପଲ୍ଲୀ କାଶ୍ୟପ ୱାକଓଭର ପାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଗତ ସପ୍ତାହରେ ସ୍କଟିଶ ଓପନ ଜିତିଥିବା ୧୮ ବର୍ଷୀୟ ଲକ୍ଷ୍ୟ ସେନ ମଧ୍ୟ ବିନା କୌଣସି ଲଢ଼େଇରେ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ପ୍ରତିପକ୍ଷ ଫ୍ରେଞ୍ଚ ଶଟଲର ଥୋମାସ ରୋକ୍ସେଲ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି।

# କିଟ୍, ରେଲୱେ ଚାମ୍ପିୟନ

**ରାଜ୍ୟ ସିନିୟର ଭଲିବଲ**

**ଭୁବନେଶ୍ୱର, ୨୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)** ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ବୁଧବାର ୬୮ ସିନିୟର ଷ୍ଟେଟ୍ ପୁରୁଷ ଓ ମହିଳା ଭଲିବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ମହିଳା ବିଭାଗରେ କିଟ୍ ଓ ପୁରୁଷ ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଛି। ପୁରୁଷ ବିଭାଗ ଫାଇନାଲ ମ୍ୟାଚ୍‌ରେ ରେଲୱେ ୩–୦(୨୫: ୧୭,୨୫: ୦୯,୨୭: ୨୫)ରେ ଭୁବନେଶ୍ୱରକୁ ହରାଇ ଟାଇଟଲ ହାସଲ କରିଛି। ସେହିପରି ଓଡ଼ିଶା ପୋଲିସ ୩–୧ (୨୫:୨୩, ୧୯:୨୫, ୨୫)ରେ ବାଲେଶ୍ୱରକୁ ହରାଇ ପୁରୁଷ ବିଭାଗରେ ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ବାଲେଶ୍ୱର ଚତୁର୍ଥ ସ୍ଥାନରେ ରହିଛି।

ଅପରପକ୍ଷରେ ମହିଳା ବିଭାଗ ଫାଇନାଲ ମ୍ୟାଚ୍‌ରେ କିଟ୍ ୩–୦ (୨୫:୨୩, ୨୫:୧୮, ୨୫: ୧୫)ରେ ଇଷ୍ଟକୋଷ୍ଟ ରେଲୱେକୁ ହରାଇ ଟାଇଟଲ ଜିତିଛି। କଟକ ମହିଳା ବିଭାଗରେ ତୃତୀୟ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଚତୁର୍ଥ ସ୍ଥାନରେ ରହିଛି। କଟକ ୩–୧ (୨୫:୨୩, ୨୫: ୨୦, ୧୬:୨୫, ୨୫: ୨୨)ରେ ଷ୍ଟିଲ ପ୍ଲାଣ୍ଟକୁ ପରାସ୍ତ କରି ତୃତୀୟ ସ୍ଥାନରେ ରହିଛି।

ବୁଧବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜଗତସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ଏହି ଅବସରରେ ପାରାଦୀପ ଏଡିଏମ୍ କାହ୍ନୁଚରଣ ଧେର, ଆୟୋଜକ କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ପାରାଦୀପ ମ୍ୟୁନିସିପାଲିଟି ଚେୟାରମ୍ୟାନ ବସନ୍ତ କୁମାର ବିଶ୍ୱାଳ, ଓଡ଼ିଶା ଭଲିବଲ ଆସୋସିଏଶନ ଅଧ୍ୟକ୍ଷ ସୁବୋଧ କୁମାର ରାଉତରାୟ, ସମ୍ପାଦକ ଗଗନେନ୍ଦୁ ଦାଶ, କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ, ପାରାଦୀପ ମ୍ୟୁନିସିପାଲିଟି କାର୍ଯ୍ୟକାରୀ ଅଧିକାରୀ ଦିଲୀପ ମହାନ୍ତି, ପିପିଏଲ ଜେନେରାଲ ମ୍ୟାନେଜର ଜଗନ୍ନାଥ ଖୁଣ୍ଟିଆ, ଜଗତସିଂହପୁର ଜିଲା ଆଥଲେଟିକ ଆସୋସିଏଶନ ସମ୍ପାଦକ ଦୋଳଗୋବିନ୍ଦ ଦାଶ, ପାରାଦୀପ ବନ୍ଦର ଓ ଓଡ଼ିଶା ଭଲିବଲ୍ ଆସୋସିଏଶନର ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।


ମହିଳା ବିଭାଗ ଚାମ୍ପିୟନ କିଟ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## କର୍ନୱାଲଙ୍କୁ ୭ ଉଇକେଟ

**ଲକ୍ଷ୍ନୌ, ୨୭।୧୧(ପି.ଟି.)**

ଅଫ୍ ସ୍ପିନର ରାଖିମ୍ କର୍ନୱାଲଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ (୭/୭୫) ବଳରେ ୱେଷ୍ଟଇଣ୍ଡିଜ୍ ଏଠାରେ ଆରମ୍ଭ ହୋଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହିଁ। ବୁଧବାରଠାରୁ ଆରମ୍ଭ ହୋଇଥିବା ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ପ୍ରଥମ ଇନିଂସରେ ୬୮.୩ ଓଭରରେ ୧୮୭ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨୨ ଓଭରରେ ୨ ଉଇକେଟ ହରାଇ ୬୮ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ରଖି ୱେଷ୍ଟଇଣ୍ଡିଜ୍ ମାତ୍ର ୧୧୯ ରନ ପଛରେ ପଡ଼ିଛି। ଆଫଗାନିସ୍ତାନ ତରଫରୁ ପ୍ରଥମ ଇନିଂସରେ ଓପନର ଜାଭେଦ ଅହମଦୀ ସର୍ବାଧିକ ୩୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କର୍ନୱାଲ ମାତ୍ର ୭୫ ରନ ବ୍ୟୟ କରି ସର୍ବାଧିକ ୭, ଜାସନ ହୋଲ୍ଡର ୨ ଓ ଜୋମେଲ ୱାରିକାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ପ୍ରଥମ ଇନିଂସ– ୬୮.୩ ଓଭରରେ ୧୮୭ ଅଲଆଉଟ (ଜାଭେଦ ଅହମଦି– ୩୯, ଅମୀର ହମଜା– ୩୪, ଅଫସର ଜଜାଇ– ୩୨, ଇଶାନୁଲ୍ଲା– ୨୪, ରାଖିମ କର୍ନୱାଲ– ୭/୭୫, ହୋଲ୍ଡର– ୨/୨୨)। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ–୬୮/୨ (କ୍ୟାମ୍ପବେଲ– ୩୦*, ବ୍ରୁକ୍ସ– ୧୯, ବ୍ରାଥୱେଟ– ୧୧, ହୋପ୍– ୭, ଆମୀର ହମ୍‌ଜା– ୧/୨୫, ରସିଦ ଖାଁ– ୧/୨୪)।

# ଭାରତକୁ ହରାଇପାରିନି ୱେଷ୍ଟଇଣ୍ଡିଜ

**କଟକ ଅଫିସ,୨୭।୧୧**

ବାରବାଟୀ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ ୩ଥର ସାମ୍ନାସାମ୍ନି ହୋଇଛନ୍ତି। ସବୁଥର ଜିତିଛି ଘରୋଇ ଭାରତୀୟ ଦଳ। ଆଗାମୀ ଡିସେମ୍ବର ୨୨କୁ ମିଶାଇଲେ ୱେଷ୍ଟଇଣ୍ଡିଜ ଦଳ ୪ର୍ଥ ଥର ନିମନ୍ତେ ବାରବାଟୀକୁ ଆସିବ। ବାରବାଟୀରେ ବିଜୟଧାରା ବଜାୟ ରଖିବା ପାଇଁ ଭାରତ ଚେଷ୍ଟା କରିବ।

୧୯୯୪ ନଭେମ୍ବର ୯ ତାରିଖରେ ୱେଷ୍ଟଇଣ୍ଡିଜ ପ୍ରଥମ ମ୍ୟାଚ୍ ଏଠାରେ ଖେଳିଥିଲା। କର୍ଟନି ୱାଲସ୍‌ଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ଭାରତ ପରାସ୍ତ କରିଥିଲା। ମହମ୍ମଦ ଆଜହାରୁଦ୍ଦିନ ଭାରତର ଅଧିନାୟକ ଥିଲେ। ଏହି ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳିବା ସହ ୨ଟି ଉଇକେଟ ଅକ୍ତିଆର କରିଥିବା ଅଜୟ ଜାଡ଼େଜା ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ସଚିନ ତେନ୍ଦୁଲକର ଏହି ମ୍ୟାଚରେ ୮୮ରନ ସଂଗ୍ରହ କରିଥିଲେ। ୨୦୦୭ ଜାନୁୟାରୀ ୨୪ରେ ଏକ ଲୋସ୍କୋରିଂ ମ୍ୟାଚ୍‌ରେ ଭାରତ ପୁନର୍ବାର ୱେଷ୍ଟଇଣ୍ଡିଜକୁ ବାରବାଟୀରେ ହରାଇଥିଲା। ରାହୁଲ ଦ୍ରାବିଡ ଭାରତର ନେତୃତ୍ୱ ନେଉଥିବା ବେଳେ ଦଳ ସମସ୍ତ ଉଇକେଟ ହରାଇ ୧୮୯ରନ କରିଥିଲା। ଭାରତ ପକ୍ଷରୁ ଦୀନେଶ କାର୍ତ୍ତିକ ସର୍ବାଧିକ ୬୩ରନ କରିଥିଲେ। ସ୍ପିନ ବୋଲିଂ ସହାୟତାରେ ଭାରତ ଏହି ମ୍ୟାଚ୍‌କୁ ୨୦ରନରେ ଜିତିଥିଲା। ରମେଶ ପାୱାର ୩ଟି ଓ ସଚିନ ତେନ୍ଦୁଲକର ୨ଟି ଉଇକେଟ ଦଖଲ କରିଥିଲେ। ଦୀନେଶ କାର୍ତ୍ତିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ୨୦୧୧ ନଭେମ୍ବର ୨୯ରେ ଭାରତ–ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ୟ ଥର ନିମନ୍ତେ ମୁକାବିଲା ବାରବାଟୀରେ ହୋଇଥିବା ବେଳେ ଏଥିରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ବିନିମୟରେ ୨୧୧ରନ କରିଥିଲା। ଅନ୍ତିମ ଉଇକେଟ ଭାଗୀଦାରିରେ ଭାରତ ୭ବଲ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚରେ ବୀରେନ୍ଦ୍ର ସେହ୍ୱାଗ ଭାରତର ନେତୃତ୍ୱ ନେଉଥିଲେ।

**ବାରବାଟୀ ଦିନିକିଆ**
**ଆଉ ୨୫ ଦିନ**


ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ବାରବାଟୀ ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ଜଳିଲା ଫ୍ଲଡ୍‌ଲାଇଟ୍: ସ୍ଥିତି ଅନୁଧ୍ୟାନ କଲେ କମିଶନର

ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ବୁଧବାର ବାରବାଟୀ ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାରେ ଆୟୋଜନ କରିବା ନେଇ କମିଶନର ଷଡ଼ଙ୍ଗୀ ଓସିଏ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବୁଧବାର ଫ୍ଲଡଲାଇଟ୍ ପରୀକ୍ଷାମୂଳକ ଭାବେ ଜଳାଯାଇଥିଲା। ପ୍ରତ୍ୟେକ ଖୁଣ୍ଟର କିଛି ବଲ୍‌ବ ଜଳୁନଥିବା ଦେଖିବାକୁ ମିଳିଥିଲା। ମ୍ୟାଚ୍ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

# ଦିବାରାତ୍ର ଟେଷ୍ଟକୁ ସମର୍ଥନ ଆବଶ୍ୟକ

**ଗୌତମ ଗମ୍ଭୀର**

ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଦିବାରାତ୍ର ଟେଷ୍ଟ ଖେଳିବା ନେଇ ବିରାଟ କୋହଲିଙ୍କୁ ଅଧିନାୟକ ଟିମ୍ ପେନ ଦେଇଥିବା ଚ୍ୟାଲେଞ୍ଜକୁ ପସନ୍ଦ କରୁଛି। କୋହଲି ମଧ୍ୟ ପଛକୁ ହଟିବା ବ୍ୟକ୍ତି ନୁହେଁ। ସେ କାହିଁକି ବା ପଛ ଘୁଞ୍ଚା ଦେବେ ? ବ୍ରିସ୍‌ବେନ କିମ୍ବା ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦିବାରାତ୍ର ଟେଷ୍ଟ ଆୟୋଜନ ହେବା ଉଚିତ। ଏହା ହେଲେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଓ ଉପଭୋଗ୍ୟ ହୋଇପାରିବ। ଏଭଳି ମ୍ୟାଚ୍‌କୁ ଅବିସ୍ମରଣୀୟ କରିବାକୁ ଓ ଏହାକୁ କିଭଳି ମାର୍କେଟିଂ କରିବାକୁ ହେବ ତାହା ଅଷ୍ଟ୍ରେଲିଆ ଭଲ ଭାବେ ଜାଣେ। କୋହଲି ପେନ୍‌ଙ୍କୁ କି ଜବାବ ଦେଇଛନ୍ତି ତାହା ଜାଣିନି। ତେବେ ତାଙ୍କ ସ୍ଥାନରେ ଥିଲେ ଏହି ଚ୍ୟାଲେଞ୍ଜକୁ ମୁଁ ଗ୍ରହଣ କରିଥାନ୍ତି।

ସୀମିତ ଓଭର କ୍ରିକେଟରେ ବାଂଲାଦେଶ ଭଲ ଖେଳୁଛି ଓ ନିର୍ଦ୍ଦିଷ୍ଟ ଦିନରେ ବଡ଼ବଡ଼ ଦଳକୁ ଧରାଶାୟୀ କରିପାରୁଛି। ତେବେ ଟେଷ୍ଟ ଫର୍ମାଟରେ ବାଂଲାଦେଶ ଆହୁରି ଉନ୍ନତି କରିବାର ଆବଶ୍ୟକତା ରହିଛି। ପ୍ରଥମଶ୍ରେଣୀରେ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳାଯାଉ ନ ଥିବାରୁ ଏପରି ବାଂଲାଦେଶର ଟେଷ୍ଟ ପ୍ରଦର୍ଶନରେ ଉନ୍ନତି ଆସିପାରୁନାହିଁ। ଏହି ଦଳ ସୀମିତ ଓଭରରେ କ୍ରିକେଟ ଉପରେ ଅଧିକ ମନୋନିବେଶ କରୁଛି। ତେଣୁ ଏଭଳି ପରିସ୍ଥିତି ଉପୁଜୁଛି। ବିଶ୍ୱ କ୍ରିକେଟର ମାନ ସେତେଟା ଭଲ ନାହିଁ। ତେଣୁ କ୍ରିକେଟର ବାବୁମାନେ ବାଂଲାଦେଶ ଭଳି ଦଳକୁ ସହଯୋଗ କରିବା ଆବଶ୍ୟକ। ଏ ନେଇ ଆମେ ମଧ୍ୟ ବାଂଲାଦେଶକୁ ସହଯୋଗ କରିବା ଦରକାର। ଦୁଲୀପ ଟ୍ରଫିରେ ଗୋଟିଏ ବାଂଲାଦେଶ ଦଳକୁ ଖେଳାଇଲେ ଭଲ ହୁଅନ୍ତା। କିମ୍ବା ବାଂଲାଦେଶର ଶ୍ରେଷ୍ଠ ଖେଳାଳିମାନଙ୍କୁ ଭାରତର ଶୀର୍ଷ ସ୍ତରୀୟ ପ୍ରଥମଶ୍ରେଣୀ ଦଳଗୁଡ଼ିକ ସହିତ ପ୍ରଶିକ୍ଷଣ ଦେବାର ସୁଯୋଗ ଦିଆଯିବା ଆବଶ୍ୟକ। ଯଦି କେବଳ ବିଶ୍ୱର ଶ୍ରେଷ୍ଠ ୪–୫ ଦଳ ଉନ୍ନତି କରିନ୍ତି ଓ ଅନ୍ୟ ଦଳଗୁଡ଼ିକ ଅବନତି କରନ୍ତି, ତାହେଲେ କ୍ରିକେଟର ବୃହତ୍ତର ସ୍ୱାର୍ଥ ସାଧନ ହେବ ନାହିଁ।

ଇଡେନ ଗାର୍ଡେନରେ ଖେଳାଯାଇଥିବା ପିଙ୍କ୍ ବଲ୍ ଟେଷ୍ଟ ବେଶ୍ ସଫଳତାର ସହ ଆୟୋଜନ ହୋଇଥିଲା। ଅବଶ୍ୟ ଏହା ନବ ନିର୍ବାଚିତ ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ପ୍ରୟାସ ଯୋଗୁ ସମ୍ଭବ ହୋଇଥିଲା। ଏହି ମ୍ୟାଚ୍ ଦେଖିବା ପାଇଁ ପ୍ରଶଂସକଙ୍କ ଉତ୍ସାହ ଦେଖି ବେଶ୍ ଖୁସି ହୋଇଥିଲି। ଏବେ ରଣଜୀ ଟ୍ରଫି ଫାଇନାଲ ପିଙ୍କ୍ ବଲ୍‌ରେ ଆୟୋଜନ କରିବାକୁ ଗାଙ୍ଗୁଲିଙ୍କୁ ଅନୁରୋଧ କରୁଛି।

ପିଙ୍କ୍ କ୍ରିକେଟ ବଲ୍‌କୁ ଦେଖିବାରେ ସମସ୍ୟା ରହୁଥିବା ନେଇ କେତେକ ଅଭିଯୋଗ ଆସିଛି। ପିଙ୍କ ବଲ୍‌କୁ ନେଇ ଏବେ ଖେଳିବା ଆରମ୍ଭ ହୋଇଛି ମାତ୍ର। ତେଣୁ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ। ଏଥିପାଇଁ ସମୟକୁ ଅପେକ୍ଷା କରିବାକୁ ହେବ। ହଠାତ୍ ଏ ନେଇ କିଛି କହିବା କିମ୍ବା କୌଣସି ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବ ନାହିଁ।

ଦିବାରାତ୍ର ଟେଷ୍ଟ ଅପରାହ୍ଣରେ ଆରମ୍ଭ ହୋଇଥାଏ। ତେଣୁ ସେତେବେଳେ ବଲ୍‌କୁ ଦେଖିବା ସହଜ ହୋଇଥାଏ। କିନ୍ତୁ ଏହାପରେ ସନ୍ଧ୍ୟା ହେବା ପରେ ବଲ୍ ଭଲ ଦେଖାଯାଇ ନ ଥାଏ ବୋଲି କହିବା ଠିକ୍ ନୁହେଁ। ଏଥିପାଇଁ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କ ହେଲମେଟ୍‌ରେ ବଲ୍ ବାଜିଥିଲା ବୋଲି କହିବା ମଧ୍ୟ ମୂର୍ଖାମି। ପ୍ରକୃତରେ ଭାରତର ବିଶ୍ୱସ୍ତରୀୟ ପେସ୍ ବୋଲିଂକୁ ବୁଝିବାରେ ବାଂଲାଦେଶ ବ୍ୟାଟ୍ସମ୍ୟାନ ଦୁର୍ଭାଗ୍ୟବଶତଃ ବିଫଳ ହୋଇଥିଲେ। ପୁଣି କେତେକ ବାଂଲାଦେଶ ବ୍ୟାଟ୍ସମ୍ୟାନ ସେମାନଙ୍କ ଟେକ୍ନିକ୍‌ର ଉନ୍ନତି ନେଇ ପ୍ରଶିକ୍ଷଣ ଜାରି ରଖିଛନ୍ତି। ତେବେ ଦିବାରାତ୍ର ଟେଷ୍ଟକୁ ସ୍ୱାଗତ କରୁଛି। ଏହାକୁ ସମର୍ଥନ କରିବା ଦରକାର। ପିଙ୍କ ବଲ୍ ଟେଷ୍ଟ ଆଗକୁ ଜାରି ରହିବା ଉଚିତ।

(ଗେମ୍ ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)

SEAGRAM'S
ROYAL STAG
MEGA MUSIC CDs

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବ୍ରଜବାସୀ ମହାପାତ୍ର**
ପ୍ରଭାତ ଲେନ୍, ଦଣ୍ଡତୋଟା, ପୁରୀ
ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଆଡ଼ଭୋକେଟ୍
ଆବିର୍ଭାବ: ୧୮।୦୬।୧୯୫୫
ତିରୋଧାନ: ୧୯।୧୧।୨୦୧୯
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ଦୀପ୍ତିରାଣୀ, ରିତେଶ, ସ୍ମରଣିକା, ଅଂଶୁମାନ, ସଞ୍ଚିତ୍ ଓ ଆତ୍ମୀୟସ୍ୱଜନ
ଧ–୬୮୦୨

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରମେଶଚନ୍ଦ୍ର ମିଶ୍ର**
ଅମଳାପଡା, ଢେଙ୍କାନାଳ
ଆବିର୍ଭାବ: ୦୩।୦୧।୧୯୩୧
ତିରୋଧାନ: ୧୯।୧୧।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ–୬୨୮୩୩

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବସନ୍ତ କୁମାର ସାହୁ**
ବଣିଆସାହି, ଗୋପ, ପୁରୀ
ଆବିର୍ଭାବ: ୨୬।୦୯।୧୯୪୪
ତିରୋଧାନ: ୧୮।୧୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପ୍ରଭା, ବାବୁ, ଯୋଗୀ, ଘାଗୁ, ରଶ୍ମି, ପୁଷ୍ପିତା, କୁକୁ, କୁନି, ସିନି, ଗୁଗୁଲୁ, ବବୁ, ସ୍ପନ୍ଦନ, ପ୍ରାଚୀ ଓ ପରିବାରବର୍ଗ।
ଧ–୧୫୪୪୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜୟଚନ୍ଦ୍ର ସାହୁ (ଜଇନ)**
(ସମାଜସେବୀ)
ଗୋପୀନାଥପାଟଣା, ନିମାପଡା
ଆବିର୍ଭାବ: ତା.୧୦।୦୪।୧୯୬୩
ତିରୋଧାନ: ତା.୧୮।୧୧।୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ବୋଉ, ବଡ଼ଭାଇ, ଭାଉଜ, ପତ୍ନୀ ମମତା, ପୂର୍ଣ୍ଣ, ବାବୁ, ରୋମା, ଭଣଜା, ଭାଣେଜୀ, ଭଉଣୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ଗ୍ରାମବାସୀବୃନ୍ଦ।
ଧ–୬୮୭୧୦

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ନଭେମ୍ବର ୨୮/୨୦୧୯ Sambalpur, Thursday, November 28 / 2019

## ସଂକ୍ଷେପରେ

## ଲାଞ୍ଚ ମାମଲା: ସେକ୍ସନ ଅଫିସର ଦଣ୍ଡିତ

କଟକ ଅଫିସ,୨୭।୧୧- ଜଗତ୍‌ସିଂହପୁର ଠାରେ ଥିବା ସରକାରୀ ପଲିଟେକ୍‌ନିକ୍‌ର ସେକ୍ସନ ଅଫିସର ପ୍ରସନ୍ନ କୁମାର ମିଶ୍ର ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଅଭିଯୁକ୍ତ ମିଶ୍ରଙ୍କୁ ପୃଥକ୍ ଦଫାରେ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଥାଉ କି, ପୂର୍ବରୁ ମିଶ୍ର ଭବାନୀପାଟଣା ସରକାରୀ ପଲିଟେକ୍‌ନିକ୍‌ରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ। ନର୍ଲା ଅଞ୍ଚଳର ଆଦିତ୍ୟ ନାରାୟଣ ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବାବେଳେ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩/୨୦୧୭) ରୁଜୁ ହୋଇଥିଲା। ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଭିଜିଲାନ୍ସ ଅଦାଲତ ରାୟ ଶୁଣାଇଛନ୍ତି। ଏହି ରାୟ ଅନୁଯାୟୀ, ମିଶ୍ରଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୩ ମାସ ଜେଲ୍ ଭୋଗିବାକୁ ପଡ଼ିବ। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୩ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

### ଥମୁନି ଚାଷୀ ଅସନ୍ତୋଷ

# ମଣ୍ଡିରେ ତାଲା ପକାଇଲେ ଚାଷୀ

ବରଗଡ଼ ଅଫିସ୍,୨୭।୧୧

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୧୨ଦିନ ବିତି ଯାଇଛି। ତଥାପି ଧାନ କିଣାବିକା ସ୍ୱାଭାବିକ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥା ଚାଷୀଙ୍କ ପାଇଁ ଅଡୁଆ ସାଜିଛି। ଟୋକନ ପ୍ରଚଳନକୁ ବାଧ୍ୟତାମୂଳକ କରାଯାଇ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଅନେକ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ପାରିନାହିଁ। ଫଳରେ ଚାଷୀମାନେ ସେମାନଙ୍କ ଅମଳ ଧାନକୁ ବିକ୍ରି କରି ପାରି ନାହାନ୍ତି। ଏଥିପାଇଁ ଅମଳ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ଚାଷୀ ପାରିଶ୍ରମିକ ପ୍ରଦାନ କରିପାରୁ ନ ଥିବାବେଳେ ପରବର୍ତ୍ତୀ ଫସଲ ପାଇଁ ପ୍ରସ୍ତୁତ ମଧ୍ୟ ହୋଇପାରି ନାହିଁ। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ବୁଧବାର ବରଗଡ଼ ଆରଏମସି ଅଧୀନ ଚାଷୀମାନେ ସ୍ଥାନୀୟ ବେହେରା ମାର୍କେଟ୍ ୟାର୍ଡ଼(ମଣ୍ଡି)ରେ ତାଲା ପକାଇବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା ସେଠାକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ୨ ଦିନ ମଧ୍ୟରେ ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ବରଗଡ଼ ଜିଲାରେ ଗତ ୧୫ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଦିନଠାରୁ



ବେହେରା ମଣ୍ଡିରେ ତାଲା ପକାଇ ଚାଷୀଙ୍କ ବିକ୍ଷୋଭ ।

ମଣ୍ଡି ଖୋଲାଯାଇଥିଲେ ମଧ ରାଜ୍ୟ ସରକାରଙ୍କ ନୂତନ ଟୋକନ ବ୍ୟବସ୍ଥା ଏବେ ଧାନ କିଣାବିକାରେ ପ୍ରତିବନ୍ଧକ ସାଜିଛି। ଚାଷୀମାନେ ଦୀର୍ଘଦିନରୁ ଧାନ ଅମଳ କରିସାରିଲେଣି। କେତେକ ଚାଷୀ ମଣ୍ଡିକୁ ଧାନ ଆଣି ଗଦା କରିଛନ୍ତି। ହେଲେ ଟୋକନ ମିଳିପାରି ନ ଥିବା ଯୋଗୁ ସେମାନେ ଧାନ ବିକ୍ରି କରି ପାରୁନାହାନ୍ତି। ନେହେରୁ ସାହୁ ନାମକ ଜଣେ ଚାଷୀ କହିଛନ୍ତି, ସେ ଗତ ରବିବାରଠାରୁ ବେହେରା ମଣ୍ଡିକୁ ୧୬୦ ପ୍ୟାକେଟ୍ ଧାନ ଆଣିଛନ୍ତି। ହେଲେ ଏପର୍ଯ୍ୟନ୍ତ ଟୋକନ ପାଇ ନାହାନ୍ତି। ଫଳରେ ମଣ୍ଡିରେ ସେହି ଧାନତକ ପଡ଼ି ରହିଛି। ଅନ୍ୟ ଜଣେ ଚାଷୀ ରାଜେନ୍ଦ୍ର ସାହୁ କହିଛନ୍ତି, ଗତ ଶନିବାରଠାରୁ ସେ ଏହି ମଣ୍ଡିକୁ ୭୮ ପ୍ୟାକେଟ୍ ଧାନ ଆଣିଛନ୍ତି। ତାଙ୍କୁ ମଧ୍ୟ ଟୋକନ ମିଳି ନାହିଁ ଏବଂ ସେ ବର୍ତ୍ତମାନ ସୁଦ୍ଧା ଧାନବିକ୍ରି କରିପାରିନାହାନ୍ତି। ଆଉ ଜଣେ ଚାଷୀ ସୁମନ୍ତ ସାହୁଙ୍କ କ୍ଷେତ୍ରରେ ମଧ୍ୟ ସମାନ ସମସ୍ୟା ଦେଖାଯାଇଛି। ଗତ ରବିବାରଠାରୁ ସେ ମଣ୍ଡିକୁ ୨୧୨ ପ୍ୟାକେଟ୍ ଧାନ ଆଣିଥିଲେ ସୁଦ୍ଧା ଟୋକନ ମିଳି ନ ଥିବା ଯୋଗୁ ମଣ୍ଡିରେ ଧାନ ପଡ଼ି ରହିଥିବା ସେ କହିଛନ୍ତି । ଅନୁରୂପ ଭାବେ ଶନିବାରଠାରୁ ଉକ୍ତ ମଣ୍ଡିକୁ ଧାନ ଆଣିଥିଲେ ହେଁ ଟୋକନ ମିଳି ନ ଥିବା ଯୋଗୁ ସତ୍ୟମ ସାହୁଙ୍କ ୮୮, ବଳିଷ୍ଠ ସାହୁଙ୍କ ୧୦୦ ପ୍ୟାକେଟ୍ ଧାନ ବିକ୍ରି ହୋଇପାରି ନ ଥିବା ସେମାନେ କହିଛନ୍ତି। ଉପରୋକ୍ତ ଚାଷୀଙ୍କ ଭଳି ଜିଲାର ଅନେକ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚି ପାରି ନ ଥିବା ଯୋଗୁ ସେମାନେ ଧାନବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଦେଖାଯାଇଥିବା ଅସନ୍ତୋଷ ପୁଣି ଏକ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି ।

## କାଳହେଲା ମାଛଧରା, ପାଣିରେ ବୁଡ଼ି ଯୁବକ ମୃତ

ଲଇକେରା, ୨୭।୧୧(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ସଦରର ଜଣେ ଯୁବକ ୩ଜଣ ସାଙ୍ଗଙ୍କ ସହିତ ମିଶି ବୁଧବାର ନିକଟସ୍ଥ ତେଲେନ ନଦୀକୁ ମାଛ ଧରିବାକୁ ଯାଇଥିବାବେଳେ ପାଣିରେ ପଡ଼ି ତାଙ୍କ ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଲଇକେରା ଗଣ୍ଡପଡ଼ାର ବାବୁଲୁ ମରେହୀ(୨୬) ତାଙ୍କ ୩ଜଣ ସାଙ୍ଗ ପ୍ରଦୀପ ଦୁବେ, ହେମନ୍ତ ଦୁବେ ଓ ବରୁଣ ନେଟୀଙ୍କ ସହିତ ଦିନ ପ୍ରାୟ ଦେଢ଼ଟା ବେଳେ ନିକଟସ୍ଥ ତେଲେନ ନଦୀ ପାଣିଖିଆ ଘାଟକୁ ମାଛ ମାରିବାକୁ ଯାଇଥିଲେ। ୩ ଜଣ ସାଙ୍ଗ ନଦୀରେ ଆଗେ ଆଗେ ଯାଉଥିବାବେଳେ ବାବୁଲୁ ମାଛ ବ୍ୟାଗ୍ ଧରି ପଛରେ ଯାଉଥିଲେ। ହଠାତ୍ ଏକ ଶବ୍ଦକରି ସେ ପାଣିରେ ପଡ଼ିଯାଇଥିଲେ। ସାଙ୍ଗମାନେ ତାଙ୍କୁ ପାଣିରୁ ଉଦ୍ଧାର କରି ଏକ ଟେମ୍ପୁରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ବାବୁଲୁଙ୍କୁ ମୃତ ଘୋଷଣା କରିଥିବା ତାଙ୍କ ସାଙ୍ଗମାନେ ପୋଲିସ ଆଗରେ ପ୍ରକାଶ କରିଛନ୍ତି। ପରେ ମୃତକ ବାବୁଲୁଙ୍କ ବାପା ରୂପାନନ୍ଦ ମରେହୀ ପୁଅ ମାଛ ମାରିବାକୁ ଯାଇ ପାଣିରେ ବୁଡ଼ି ମରିଥିବା ଲିଖିତ ଜଣାଇଛନ୍ତି। ଏନେଇ ଲଇକେରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

## ହଜିଗଲା ମାନବିକତା: ନାଳ ଖଣ୍ଡିରେ ପଡିଛି ବୃଦ୍ଧାଙ୍କ ମୃତଦେହ

### ମୃତଦେହ ନେଇଥିବା ଗୋରୁ ଚରାଳି ସମାଜିକ ବାସନ୍ଦ

ପୁରୁଣାକଟକ,୨୭।୧୧(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ଗ୍ରାମ କୁଲିସାହିରେ ଗତ ସୋମବାର ଜଣେ ନିସହାୟ ବିଧବା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା । ହେଲେ କେହି ସତ୍କାର ପାଇଁ ନ ବାହାରିବାରୁ ଗାଁର ଜଣେ ଗୋରୁ ଚରାଳି ମାନବିକତା ଦୃଷ୍ଟିରୁ ମୃତଦେହକୁ କାନ୍ଧରେ ମୃତଦେହ ବୋହି ନେଇ ନାଳ ଖଣ୍ଡିରେ ପକାଇ ଦେଇଆସିଥିଲେ। ମାତ୍ର ଉକ୍ତ ଯୁବକଙ୍କୁ ତାଙ୍କର ଏହି ମହତ୍ କାର୍ଯ୍ୟ ପାଇଁ ସମ୍ମାନିତ କରିବା ବଦଳରେ ଓଲଟି ନିଜ ଜାତି ସମାଜରୁ ବାସନ୍ଦ ହେବାକୁ ପଡିଛି । କେବଳ ଏତିକି ନୁହେଁ ମୃତ ବୃଦ୍ଧାଙ୍କର କେହି ଉତ୍ତରାଧିକାରୀ ନ ଥିବାରୁ ଏକ କ୍ଲବର ସଦସ୍ୟମାନେ ମୃତକଙ୍କ ଭିଟାମାଟିକୁ ନିଲାମ କରି ଦେଇଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ହରଭଙ୍ଗା ସମେତ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା ଥିବାବେଳେ ୩ ଦିନ ହେଲା ନାଳ ଖଣ୍ଡିରେ ଉକ୍ତ ବୃଦ୍ଧାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ପଡି ରହିଛି ।

ସୂଚନା ଅନୁସାରେ, ହରଭଙ୍ଗା ଗ୍ରାମର କୁଲିସାହିରେ ଦୀର୍ଘବର୍ଷ ହେଲା ସୁନାକର ନାଏକ ଏବଂ ତାଙ୍କ ସ୍ତ୍ରୀ ରତନା ରହିଆସୁଥିଲେ। ସେମାନଙ୍କ ସନ୍ତାନ କିମ୍ବା କେହି ସମ୍ପର୍କୀୟ ନାହାନ୍ତି । ପ୍ରାୟ ୬ ବର୍ଷ ତଳେ ସୁନାକରଙ୍କ ମୃତ୍ୟୁ ହେବା ପରଠାରୁ ବିଧବା ସ୍ତ୍ରୀ ରତନା ନାଏକ (୭୫) ନିଃସହାୟ ଭାବେ ଦୟନୀୟ ଜୀବନଯାପନ କରିଆସୁଥିଲେ । ସୋମବାର ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଥିଲା । ହେଲେ ତାଙ୍କ ମୃତଦେହ ସତ୍କାର ପାଇଁ କେହି ହେଲେ ବାହାରି ନ ଥିଲେ । ଏଭଳି ସ୍ଥିତି ଦେଖି ଗାଁର ଗୋରୁ ଚରାଳି ଗଜେନ୍ଦ୍ର ବେହେରା ବୃଦ୍ଧାଙ୍କ ମୃତଦେହକୁ କାନ୍ଧେଇ ଶଗଡିଆ ନାଳ ଖଣ୍ଡିରେ ପକାଇ ଦେଇ ଆସିଥିଲେ। ଏ ନେଇ ହରଭଙ୍ଗା ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାଜଗୁରୁଙ୍କୁ ପଚାରିବାରୁ ସେ କହିଲେ, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଆମ ପାଖରେ କିଛି ଖବର ନ ଥିବାରୁ ଆମେ ଜାଣିପାରିନାହୁଁ । ଏ ଦିଗରେ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ରାଜଗୁରୁ କହିଥିଲେ ।

### ପ୍ୟାକ୍ସରେ ଧାନକିଣା ଜାଲିଆତି ଘଟଣା

## ସଭାପତି, ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ

ବରଗଡ଼ ଅଫିସ୍,୨୭।୧୧

ବରଗଡ଼ ଜିଲା ତୋରା ପ୍ୟାକ୍ସରେ ଗତ ରବି ଋତୁରେ ହୋଇଥିବା ଧାନ କିଣାବିକା ଜାଲିଆତି ଘଟଣାକୁ ନେଇ ପୁଣି ଚର୍ଚ୍ଚା ଜୋର୍ ଧରିଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇବା ପରେ ଦୀର୍ଘଦିନ ଧରି ଚୁପ୍ ବସିଥିବା ବିଭାଗୀୟ କର୍ତ୍ତୃପକ୍ଷ ପୁଣି ଚେଇଁ ଉଠିଛନ୍ତି। ବୁଧବାର ଏହି ଘଟଣାରେ ବରଗଡ଼ର ଅତିରିକ୍ତ ସମବାୟ ନିବନ୍ଧକ (ଡିଆରସିଏସ୍) ଭକ୍ତବନ୍ଧୁ ସାହୁ ତୋରା ପ୍ୟାକ୍ସର ସଭାପତି ଲକ୍ଷ୍ମଣ ନନ୍ଦ ଏବଂ ସମ୍ପାଦକ ଗୁରୁ ଗୋବିନ୍ଦ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହି ଘଟଣା ଉପରେ ସ୍ପଷ୍ଟୀକରଣ ଦେବା ସହିତ ଏପର୍ଯ୍ୟନ୍ତ ସେମାନଙ୍କ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ନେଇ କାରଣ ଦର୍ଶାଅ ନୋଟିସରେ କୈଫିୟତ ତଲବ କରାଯାଇଛି। ସେହିପରି ସହକାରୀ ସମବାୟ ନିବନ୍ଧକ(ଏଆରସିଏସ୍) ଶରତ ପାଣିଗ୍ରାହୀଙ୍କୁ ମଧ୍ୟ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ଏହାସହିତ ଏହି ଘଟଣାକୁ ନେଇ ଥାନାରେ ଏତଲା ଦେବା ସହିତ ମାମଲା ରୁଜୁ କରିବାକୁ ପରାମର୍ଶ ଦିଆଯାଇଥିବା ସୂଚନା ମିଳିଛି। ଏ ନେଇ ପ୍ୟାକ୍ସ ସଭାପତି ନନ୍ଦଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା ସେ ସମ୍ପର୍କିତ କୌଣସି ନୋଟିସର ତାଙ୍କର ହସ୍ତଗତ ହୋଇନାହିଁ। ମାତ୍ର ସମିତି କାର୍ଯ୍ୟାଳୟକୁ କୌଣସି ଏକ ଚିଠି ଆସିଥିବା ନେଇ ସେ ସୂଚନା ପାଇଥିବା କହିଥିଲେ ।

ପ୍ରକାଶଥାଉକି, ଗତ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ତୋରା ପ୍ୟାକ୍ସରେ ନାଳ, କଟା, ରେଳପଥ, ଗ୍ରାମ୍ୟରାସ୍ତା, କେନାଲ ଆଦିକୁ ଚାଷଜମି ଭାବେ ଉଲ୍ଲେଖ କରି ପରିଚୟ ପତ୍ର ପ୍ରସ୍ତୁତି କରାଯିବା ଏବଂ ତାହା ମାଧ୍ୟମରେ ଧାନ କିଣାବିକା ହେବା ଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଥିଲା। ଧରିତ୍ରୀରେ ଏ ନେଇ କ୍ରମାଗତ ଭାବେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ସେହିପରି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଘଟଣାକୁ ଗୁରୁତ୍ୱର ସହିତ ନେଇଥିଲେ ଏବଂ ତଦନ୍ତ ପାଇଁ ଯୁଗ୍ମ କମିଟି ଗଠନ କରିଥିଲେ। ଯୁଗ୍ମ କମିଟି ତଦନ୍ତ ରିପୋର୍ଟ ଦେବା ପରେ ଜିଲାପାଳ ପ୍ରଧାନ ତାକୁ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କ ପାଖକୁ ପଠାଇଥିଲେ। ତେବେ ଗତ ଅଗଷ୍ଟ ମାସରୁ ଘଟଣାଟି ସାମ୍ନାକୁ ଆସିଥିବାବେଳେ କେବଳ ଜଣେ ଡାଟା ଏଣ୍ଟ୍ରି ଅପରେଟର ବୀରେନ୍ଦ୍ର ସାହୁଙ୍କୁ କାର୍ଯ୍ୟରୁ ଅପସାରଣ କରି ଏତେଦିନ ଧରି ସମବାୟ ବିଭାଗ ହାତ ବାନ୍ଧି ବସିଛି। ବର୍ତ୍ତମାନ ବିଧାନସଭାରେ କଥା ଉଠିବା ପରେ ପୁଣି ଏ ନେଇ ତତ୍ପରତା ପ୍ରକାଶ ପାଇଛି।

## ଶାଶୁ ହତ୍ୟା ଅଭିଯୋଗରେ ବୋହୂଙ୍କୁ ଆଜୀବନ ସଜା

ରାଉରକେଲା ଅଫିସ,୨୭।୧୧

ସୁନ୍ଦରଗଡ ଜିଲା ହାତିବାରୀ ଥାନା ଅଧୀନ କର୍ଜନ ଗ୍ରାମରେ ୨୦୧୬ରେ ବୃଦ୍ଧା ବେରୋନିକା ହାଁସଦା ହତ୍ୟା ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ରାଉରକେଲା ଅତିରିକ୍ତ ଜିଲା ଦୌରାଜଜ୍ ଦୀପକ କୁମାର ଏହି ଘଟଣାରେ ସମ୍ପୃକ୍ତ ବୃଦ୍ଧାଙ୍କ ବୋହୂ ଏଲନା ହାଁସଦାଙ୍କୁ ଆଜୀବନ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୬ ମାର୍ଚ୍ଚ ୩ ତାରିଖ ବେରୋନିକାଙ୍କ ଘରକୁ କେତେକ ସମ୍ପର୍କୀୟ ବୁଲିବାକୁ ଆସିଥିଲେ। ବୋହୂ ଏଲନାଙ୍କୁ ଅତିଥି ସତ୍କାର କରିବା ପାଇଁ ସେ କହିଥିଲେ। ଏହାକୁ ନେଇ ଶାଶୁ ବୋହୂଙ୍କ ମଧରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଏଲନା ଏକ ଟାଙ୍ଗିଆରେ ବେରୋନିକାଙ୍କୁ ପ୍ରହାର କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ହାତିବାରୀ ଥାନାରେ ଏକ ମାମଲା (ନଂ.୫୦/୧୬) ରୁଜୁ ହୋଇଥିଲା। ତେବେ ୧୬ଟି ଦସ୍ତାବିଜ, ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବୋହୂ ଏଲନାଙ୍କୁ ବିଚାରପତି ଏହି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ଅତିରିକ୍ତ ସରକାରୀ ଓକିଲ ଅଜୟ ପ୍ରଧାନ ପରିଚାଳନା କରୁଥିଲେ।




# ବୁଢ଼ୀବାଉତି କ୍ରିକେଟ ଟୁର୍ନାମେଣ୍ଟ: ଖଣ୍ଡହତା ଚାମ୍ପିୟନ

ଅମରପାଲି, ୨୭।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡକିରାସିରାଠାରେ ଚାଲିଥିବା ୧୩ତମ ମା' ବୁଢ଼ୀବାଉତି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ସୋନପୁରର ଲାଲ ସ୍ପୋର୍ଟିଂକୁ ହରାଇ ପିସିସି ଖଣ୍ଡହତା ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ତିନି ଫର୍ମାଟ ବିଶିଷ୍ଟ ହୋଇଥିଲା। ସୋନପୁର ଟସ୍ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୭୦ରନ କରିଥିଲା। ଦଳର ବାପୁନ ୨୦ ଓ ଲିଙ୍ଗା ୧୫ରନ କରିଥିଲେ। ବିପକ୍ଷ ଖଣ୍ଡହତାର ସୁବାଷ ମେହେର ୩ ଉଇକେଟ ନେଇଥିଲେ। ଜବାବରେ ଖଣ୍ଡହତା ଦଳ ଆବଶ୍ୟକ ୭୧ରନକୁ ୭ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦଳର ରାକେଶ କର୍ମୀ ୨୫ ଓ ଗୋପିନାଥ ୨୨ ରନ କରିଥିଲେ। ସୋନପୁରର ଲିଙ୍ଗା ୨ଟି ଉଇକେଟ ନେଇଥିଲେ। ପରେ ଖେଳାଯାଇଥିବା ଦ୍ୱିତୀୟ ଫର୍ମାଟରେ ସୋନପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ଗୋଟିଏ ଉଇକେଟ ହରାଇ ୬୩ ରନ କରିଥିଲେ।


ଚାମ୍ପିୟନ ଖଣ୍ଡହତା ଦଳର ଖେଳାଳିମାନେ ।

ଖଣ୍ଡହତା ଦଳ ନିର୍ଦ୍ଧାରିତ ୬ଓଭରରେ ୭ ଉଇକେଟ ହରାଇ ୩୦ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ ଜିଣିବାରୁ ଡିସାଇଡର ୨ଓଭର ଖେଳାଯାଇଥିଲା। ଏଥିରେ ସୋନପୁର ବ୍ୟାଟିଂ କରି ୧୯ ରନ କରିଥିବା ବେଳେ ଖଣ୍ଡହତା ୨୦ ରନ କରିଥିଲା। ଫଳରେ ଖଣ୍ଡହତା ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ପ୍ରତିନିଧି ସଦାନନ୍ଦ ସାହୁ ମୁଖ୍ୟଅତିଥି ଏବଂ କ୍ରୀଡାବିତ କର୍ମୁ ଗୋପାଳ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖଣ୍ଡହତାର ସୁବାଷ ମେହେରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ୍ ଦି ସିରିଜ, ସୋନପୁରର ମିଲୁଙ୍କୁ ଶ୍ରେଷ୍ଠ ବୋଲର ଓ ଲିଙ୍ଗାଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ଖଣ୍ଡହତା ଦଳକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ସୋନପୁରକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ଘାସିରାମ ପ୍ରଧାନ ଓ ସୁଶିଲ ପ୍ରଧାନ ପରିଚାଳନା କରିଥିବା ବେଳେ ଘନଶ୍ୟାମ ପଧାନ ସ୍କୋରିଂ ଏବଂ ସଞ୍ଜିବ ବେହେରା ଓ ପିଙ୍କୁ ଗାଇଗରିଆ ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସୋନପୁର, ବୌଦ୍ଧ ଓ ସମ୍ବଲପୁର ଦଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ସଂକୀର୍ତ୍ତନ୍ୟ ପଧାନ, ସତ୍ୟ ବେହେରା, ଜିତୁ ବେହେରା, ପିଣ୍ଟୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଇହ ଜନ୍ମରେ ଯେତେଟୁକ ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ। -ଗୀତା



## ସଂକ୍ଷେପରେ

### ଜଙ୍ଗଲ ଜମି, ସରକାରୀ ଜାଗାରେ ପ୍ରଧାନମନ୍ତ୍ରୀ ଆବାସ ଗୃହ

**ତଳଗାଁ, ୨୭।୧୧ (ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଜଙ୍ଗଲ ଜମି, ସରକାରୀ ଜାଗା, ଖେଳପଡିଆ, ଆମ୍ବ ବଗିଚାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଏହା ସହିତ ବିନା ଘର ନିର୍ମାଣରେ ଟଙ୍କା ଲୁଟ୍ ଭଳି ସଙ୍ଗିନ ଅଭିଯୋଗ ହୋଇଛି। କଣ୍ଡରା ଗ୍ରାମରେ ୨ ଜଣ ଓ ଲେଙ୍ଗେରପାଜୁ ଗାଁରେ ୨ ଜଣ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଇଛି। ମାତ୍ର ସେମାନେ ନିଜ ଜମିରେ ଘର ନ କରି ମାଧପୁର ରେଞ୍ଜ କାର୍ଯ୍ୟାଳୟକୁ ଲାଗି ରହିଥିବା ଜଙ୍ଗଲ ଜମି ଉପରେ ଘର ନିର୍ମାଣ କରିଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଜିଲା ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ତାଙ୍କ ଦୃଷ୍ଟିକୁ ଅଭିଯୋଗ ଆସିନାହିଁ। ଅଭିଯୋଗ ହେଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

### ■ ସୁବର୍ଣ୍ଣପୁର ଜିଲା ଯକ୍ଷ୍ମା ଫୋରମର ଦ୍ୱିତୀୟ ବୈଠକ

# ସଚେତନତା ଉପରେ ଗୁରୁତ୍ୱ

**ସୋନପୁର,୨୭।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଯକ୍ଷ୍ମା ଫୋରମର ଦ୍ୱିତୀୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଯକ୍ଷ୍ମା ରୋଗକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ, ସରକାରୀ ସହାୟତା କିଭଳି ରୋଗୀଙ୍କ ନିକଟରେ ଠିକ୍ ଭାବେ ପହଞ୍ଚି ପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଯକ୍ଷ୍ମା ଏକ ଭୟାବହ ରୋଗ। ଏହା ବାୟୁ ଦ୍ୱାରା ବ୍ୟାପିଥାଏ। ପୁଷ୍ଟିକର ଖାଦ୍ୟର ଅଭାବ, ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତି ଶୀଘ୍ର ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ତେବେ

**ବୃଦ୍ଧି ପାଉଛି ରୋଗୀଙ୍କ ସଂଖ୍ୟା**

ନିୟମିତ ଔଷଧ ସେବନ କଲେ ଏହି ରୋଗରୁ ମୁକ୍ତି ମିଳିଥାଏ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟନାରାୟଣ ପାଢୀ ସୂଚନା ଦେଇଥିଲେ। ସୂଚନା ଅନୁସାରେ ୨୦୧୮ ମସିହାରେ ଜିଲାର ୪୭୦ ରୋଗୀ ଚିହ୍ନଟ ହୋଇଥିଲେ। ଔଷଧ ସେବନ ପରେ ୪୩୦ ଜଣ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲା ବେଳେ ୨୯ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଚଳିତ ବର୍ଷ ନଭେମ୍ବର ୨୫ ତାରିଖ ସୁଦ୍ଧା କଫ ପରୀକ୍ଷାରୁ ୪୫୯ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୨ ଜଣ ଆରୋଗ୍ୟ ଲାଭ କରିଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ଚଳିତ ବର୍ଷ ୨୬ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ପଦ୍ମହଂସା ଦୋରା ଜଣାଇଥିଲେ। ଜିଲା ଯକ୍ଷ୍ମା ସଂଯୋଜକ ସମୀର କୁମାର ସାହୁ ସୂଚନା ଦେଇଥିଲେ ଯେ, ପରିବର୍ଦ୍ଧିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଅରଏନଟିସିପି) ଅଧିନରେ ରୋଗୀଙ୍କୁ ସମ୍ପୂର୍ଣ୍ଣ କୋର୍ସର ଔଷଧ ମାଗଣା ଦିଆଯାଉଛି। ଔଷଧ ଖାଇବା ସମୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସକାଶେ ପ୍ରତି ମାସ ୫୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ସେହିପରି ରୋଗୀ ଆରୋଗ୍ୟ ହେଲେ ସ୍ଥାନୀୟ ଆଶାକର୍ମୀଙ୍କୁ ୧୦୦୦ଟଙ୍କାର ପ୍ରୋତ୍ସାହନ ଦିଆଯାଉଛି। ତେବେ ଏତେ ସଂଖ୍ୟକ ଲୋକ ଯକ୍ଷ୍ମାରେ ଆକ୍ରାନ୍ତ ହେଉଥିବାରୁ କଫ ପରୀକ୍ଷା, ମାଗଣା ଔଷଧ ଓ ସରକାରୀ ସହାୟତା ସମ୍ପର୍କରେ ବ୍ୟାପକ ଜନସଚେତନତା ଉପରେ ଜିଲାପାଳ ବାନାର୍ଜୀ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ଏହି ବୈଠକରେ ବୁର୍ଲା ମେଡିକାଲ କଲେଜର ହୃଦୟ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ବେହେରା, ରକ୍ସା ସରପଞ୍ଚ ତ୍ରିଲୋକେଶ ନାୟକ, ସଭ୍ୟ ମୃତ୍ୟୁଞ୍ଜୟ ଶତପଥୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ରାଜୀବ ଗୁରୁ, ତାରିଣୀ ପାତ୍ର ଓ ୬ ବ୍ଲକର ଯକ୍ଷ୍ମା ସୁପରଭାଇଜର ଯୋଗ ଦେଇଥିଲେ। ଔଷଧ ଖାଇ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥିବା ବ୍ୟକ୍ତିମାନେ ନିଜର ଅନୁଭୂତି ଜଣାଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳିଆ ନେଖାରେ ପାଳିଆ ବନ୍ଧୁ**
**ଯମୁନା ଲେଖାରେ ଅପା ।**

ଲେଖାଯୋଖାରେ ଦୂର ସମ୍ପର୍କୀୟ ବନ୍ଧୁ। କିଛି ବ୍ୟକ୍ତି ଏମିତି ଭାବରେ ସମ୍ବନ୍ଧର ସମ୍ବନ୍ଧ ଖଞ୍ଜି ଦିଅନ୍ତି ଯେ ଶେଷରେ ଆଗରୁ ଚିହ୍ନା ଜଣା ନ ଥିବା ଅତି ମହତ ଓ ବଡ଼ ଲୋକ ମଧ୍ୟ ତାଙ୍କର ବନ୍ଧୁବାନ୍ଧବ, ସମ୍ପର୍କୀୟ ହୋଇଯାନ୍ତି। ଲତା ଗୋଟା ଖଞ୍ଜି ଖଞ୍ଜି ସମ୍ବନ୍ଧ ସ୍ଥାପନ କରି ନିଜର ସୁବିଧା ଉଠାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆରେ ଚଇତା**
**ଦି' ମାଇପର ଘଇତା**
**ତତଲା ଖାଇବୁ କି ପଖାଳ ଖାଇବୁ**
**ଦିନ ଥାଉଁ ଥାଉଁ କହିଥା !**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେ ନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୩୦ଜଣଙ୍କୁ ମିଳିଲା ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା

**ଅମରପାଲି, ୨୭।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ପ୍ରଦାନ କରାଯାଇଛି। ୩୦ଜଣ ବ୍ୟକ୍ତିଙ୍କ ପରଲୋକ ପରେ ତାଙ୍କ ପରିବାର ଲୋକଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମିଳିଛି। ସ୍ଥାନୀୟ ସରପଞ୍ଚ ସରୋଜ ବାରିକ ଉକ୍ତ ସହାୟତା ରାଶି ପ୍ରତ୍ୟେକ ହିତାଧିକାରୀଙ୍କ ଘରକୁ ଯାଇ ପ୍ରଦାନ କରିଥିଲେ। ବୀରମହାରାଜପୁର ବ୍ଲକର ଅନେକ



ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସହାୟତା ପ୍ରଦାନ କରାଯାଉଛି।

ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରୁ ସହାୟତା ଦିଆଯାଉ ନଥିବା ଅଭିଯୋଗ ହେଉଛି। ତେଣୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ପଞ୍ଚାୟତର ହିତାଧିକାରୀଙ୍କୁ ଉକ୍ତ ଯୋଜନାରୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ସୁବଳୟାରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୨୭।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସୁବଳୟାଠାରେ ଏକ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଳଦେବ ପୂଜାହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାଏକ ଯୋଗଦେଇ ଯୁବତୀଯୁବକମାନଙ୍କୁ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ରୋଜଗାରରେ ସୁଯୋଗ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଡବ୍ୟାଙ୍କ ମ୍ୟାନେଜର ସରୋଜ ଦାଶ





ଯୁବ ଉଦ୍ୟୋଗୀ ଶ୍ରୀବତ୍ସ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଉପସ୍ଥିତ ରହି ବ୍ୟାଙ୍କ ତରଫରୁ ଥିବା ସୁବିଧା ସୁଯୋଗ ବିଷୟରେ ଉଲ୍ଲେଖ କରିଥିଲେ। ସହକାରୀ କୃଷି ଅଧିକାରୀ କାଳିନ୍ଦୀ ପରିଡା କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ କରିବା ସହିତ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଷ୍ଟେଟ ବ୍ୟାଙ୍କର ଗ୍ରାମୀଣ ସ୍ୱରୋଜଗାର ପ୍ରତିଷ୍ଠାନର ଅଧିକାରୀ ସତ୍ୟବ୍ରତ ଦାଶ ଯୋଗଦେଇ ବିଭିନ୍ନ ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିଳ୍ପ ବିକାଶ ଅଧିକାରୀ ଦେବାଶିଷ ମିଶ୍ର ପରିଚାଳନା କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଯୁବତୀ, ଯୁବକମାନଙ୍କ ସହ ଭାବ ବିନିମୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୪୦ ଜଣ ଯୁବତୀ ଯୁବକ ଯୋଗଦେଇଥିଲେ। ଏହି ଅବସରରେ ଯୁବ ଶିଳ୍ପୋଦ୍ୟୋଗୀ ଶ୍ରୀବତ୍ସ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧୮ ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଗଛ ନଷ୍ଟ

**କନ୍ଧମାଳ,୨୭।୧୧(ଡି.ଏନ.ଏ)**

ବୌଦ୍ଧ ଜିଲା ଲମ୍ବସରୀ ପଞ୍ଚାୟତର ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲରେ ପୋଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଏହି ଚଢାଉରେ ୧୧୮.୨୫ ଏକର ଜଙ୍ଗଲ ଜମିର ୨ ଲକ୍ଷ ୩୬ ହଜାର ୫ ଶହ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ବୌଦ୍ଧ ଏସଡିପିଓ ଏସ. ଟିଗାଙ୍କ ନେତୃତ୍ୱରେ କନ୍ଧମାଳ ଆଇଆଇସି ଅଶ୍ୱିନୀ ଭିତ୍ରିଆ ଏହି ଚଢାଉରେ ଭାଗ ନେଇଥିଲେ। ସକାଳ ୭ଟାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା।

### କନ୍ଧମାଳ ବ୍ଲକରେ ହେରଫେର ଅଭିଯୋଗ

## ୫ ବର୍ଷ ହେଲା ମିଳିନି ଛାତ୍ରବୃତ୍ତି ଅର୍ଥ

**କନ୍ଧମାଳ,୨୭।୧୧(ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକରେ ଛାତ୍ରବୃତ୍ତି ଅର୍ଥ ହେରଫେର କରାଯାଇଥିବା ଅଭିଯୋଗ ହୋଇଛି। ୨୦୧୨-୧୩ ଆର୍ଥିକ ବର୍ଷରୁ ଏହି ବ୍ଲକର କୃତୀ ଛାତ୍ରୀଛାତ୍ର ବୃତ୍ତି ଅର୍ଥ ପାଇନାହାନ୍ତି । ଏ ନେଇ ଅଭିଭାବକ ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୨୦୧୨-୧୩ ଆର୍ଥିକ ବର୍ଷରେ ୭ମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବୃତ୍ତି ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ପଲଶାଗୋରା ଓ ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ସ୍ମୃତିଗୋପାଳ ପ୍ରହରାଜ, ଅବନୀ ମହାପାତ୍ର, ସୁଭାଶିଷ ତ୍ରିପାଠୀ, ସଚିନ ଦାଶ କୃତକାର୍ଯ୍ୟ ହୋଇଥିବା ସମ୍ପୃକ୍ତ ସ୍କୁଲକୁ ଶିକ୍ଷା ବିଭାଗରୁ ଚିଠି ଆସିଥିଲା। ଏହି ଶିକ୍ଷାବର୍ଷରେ ଏହି ୨ ସ୍କୁଲ ଛଡା ବ୍ଲକର ଅନେକ ଉଚ୍ଚ ପ୍ରାଥମିକ ସ୍କୁଲକୁ ମଧ୍ୟ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ତାଲିକା ଦିଆଯାଇଥିଲା। ସେମାନେ ମାସିକ ୨ଶହ ଟଙ୍କା ହିସାବରେ ବର୍ଷକୁ ୨୪ ଶହ ଭାବରେ ୨ ବର୍ଷକୁ ୪୮ ଶହ ଟଙ୍କା ପାଇବା ନେଇ ମଧ୍ୟ ବିଭାଗୀୟ ସୂଚନା ମିଳିଥିଲା। ଦୀର୍ଘ ୫ ବର୍ଷ ହେବ ଏହି ବୃତି ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ର ତାଙ୍କ ପ୍ରାପ୍ୟ ପାଇନାହାନ୍ତି। ୭ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏହି ଛାତ୍ରୀଛାତ୍ର ବର୍ତ୍ତମାନ ଯୁକ୍ତ ୨ ଶ୍ରେଣୀରେ ପାଠ ପଢୁଛନ୍ତି। ଏ ନେଇ କଟାମାଳ ବ୍ଲକ ଶିକ୍ଷା ଅଧିକାରୀ ଦଶରଥ ମେହେରଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

FINANCE
Jeevan ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋରଧାରୀ ବ୍ୟକ୍ତିମାନଙ୍କୁ ମଧ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରିରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

SUCCESS
DHARITRI Career appointment Every Wednesday and Saturday

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113, 9337594620
CORRESPONDENCE COURSE ALSO AVAILABLE

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ରାଜ୍ୟରେ ସବୁଜ ଶକ୍ତିର ବିପୁଳ ସୁଯୋଗ: ଶିଳ୍ପ ମନ୍ତ୍ରୀ

**ଭୁବନେଶ୍ୱର,୨୭।୧୧:** ଓଡ଼ିଶାରେ ସବୁଜ ଶକ୍ତି କ୍ଷେତ୍ରରେ ବିପୁଳ ସୁଯୋଗ ରହିଥିବା ରାଜ୍ୟ ଶିଳ୍ପ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ବୁଧବାର କହିଛନ୍ତି। ଫିକି ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେ କହିଛନ୍ତି ଯେ, କେବଳ ଜଳ ବିଦ୍ୟୁତ ନୁହେଁ ସୌର ଶକ୍ତି ଏବଂ ପବନ ଶକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସବୁଜ ଶକ୍ତିର ବିକାଶ ଲାଗି ରାଜ୍ୟ ସରକାର ଏକ ରୋଡ ମ୍ୟାପ ପ୍ରସ୍ତୁତ କରିବାକୁ ଯାଉଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

### ପିସିସି ଅନୁଧ୍ୟାନ କମିଟିର ଧାନମଣ୍ଡି ପରିଦର୍ଶନ

**ଡୁଙ୍ଗୁରିପାଲି,୨୭।୧୧(ଡି.ଏନ.ଏ.)** ଡୁଙ୍ଗୁରିପାଲିକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କୃଷକ ସେଲ ଅଧ୍ୟକ୍ଷ ତଥା ସଦସ୍ୟମାନେ ଆସିଥିଲେ। ଗସ୍ତ କାଳରେ ସେମାନେ ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରିଥିଲେ। ପରେ ଡୁଙ୍ଗୁରିପାଲି ଆରଏମସି ପରିସରରେ ଏକ ଖବରଦାତା ସମ୍ମିଳନୀରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଡ.ସୁଧିର ପରିଛା, ସମ୍ବଲପୁର ଜିଲା କିଶାନ ସେଲ ସଭାପତି ଗୋବିନ୍ଦ ମିଶ୍ର ପ୍ରଥମେ ମହାଦେବପାଲି ପ୍ୟାକ୍ସକୁ ଯାଇ ଚାଷୀ, ଆରଏମସି କର୍ମଚାରୀ ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ଡୁଙ୍ଗୁରିପାଲି ଆରଏମସିକୁ ଆସି ରାଜ୍ୟସ୍ତରୀୟ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରି ଜିଲାସ୍ତରୀୟ କରିବା, ଜଳ ସେଚିତ ଓ ଅଣଜଳସେଚିତ ଅଞ୍ଚଳରୁ ନିର୍ଦ୍ଧାରିତ ଏକର ପିଛା ୧୯ ଓ ୧୩ କୁଇଣ୍ଟାଲ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ଚାଷୀଙ୍କ ସମସ୍ତ ବଳକା ଧାନ କ୍ରୟ, ଅଖା ଓ ପରିବହନ ଖର୍ଚ୍ଚ ଚାଷୀଙ୍କୁ ପ୍ରଦାନ, ବ୍ଲକ ସ୍ତରରେ ଧାନକ୍ରୟ ପାଇଁ ସ୍କ୍ୱାଡ ଗଠନ କରିବାକୁ ଦାବି କରିଥିଲେ। ଏହି ସମସ୍ୟାକୁ ନେଇ ଚାଷୀମାନଙ୍କ ସ୍ୱାର୍ଥ ଲାଗି ଖୁବଶୀଘ୍ର ଏହି ପିସିସି କମିଟି ପିସିସି ସଭାପତିଙ୍କୁ ରିପୋର୍ଟ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ପଟ୍ଟନାୟକ କହିଛନ୍ତି। ଉକ୍ତ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ର, ଜିଲା କଂଗ୍ରେସ ଉପ ସଭାପତି ଭୀଷ୍ମଦେବ ମଲ୍ଲିକ, ପାଣ୍ଡବ ତ୍ରିପାଠୀ,ବାଳକୃଷ୍ଣ ଦଣ୍ଡସେନା,ବିରେନ୍ଦ୍ର ଯୁଆଡି,ରାଜେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୃହ ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ଅଧିକ ରାଜମିସ୍ତ୍ରି ସୃଷ୍ଟି ଜରୁରୀ

**ସୋନପୁର,୨୭।୧୧(ନି.ପ୍ର.)**




ରାଜମିସ୍ତ୍ରି ତାଲିମ ସମ୍ପର୍କିତ ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଚଳିତ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସୁବର୍ଣ୍ଣପୁର ଜିଲାର ୧୮ ହଜାର ୩୦୦ଟି ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସରକାର ସମସ୍ତ ବାସହୀନଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏସଇସିସି ତାଲିକାରେ ବର୍ତ୍ତମାନ ୨୦ହଜାର ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାକୁ ଅପେକ୍ଷା ତାଲିକାରେ ଅଛନ୍ତି । ପୁଣି ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ମିଶିଲେ ଭବିଷ୍ୟତରେ ଜିଲାରେ ଆହୁରି ୪୦ ହଜାର ଗୃହ ନିର୍ମାଣ ହେବ। ଏହି ଦୃଷ୍ଟିରୁ ଏତେ ସଂଖ୍ୟକ ଗୃହ ନିର୍ମାଣ କାର୍ଯ୍ୟ ଠିକଣା ସମୟରେ ସମ୍ପୂର୍ଣ୍ଣ ପାଇଁ ଅଧିକ ରାଜମିସ୍ତ୍ରୀ ଆବଶ୍ୟକ। ଜିଲାରେ ଏମାନଙ୍କ ସଂଖ୍ୟା କମ୍ ଥିବାରୁ ରାଜମିସ୍ତ୍ରୀ ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରି ହୋଇପଡିଛି। ତେଣୁ ତାଲିମ ପ୍ରାପ୍ତ ପ୍ରଶିକ୍ଷକମାନଙ୍କ ଦ୍ୱାରା ରାଜମିସ୍ତ୍ରୀ ଏବଂ ସେମାନଙ୍କ ସହିତ କାମ କରୁଥିବା ଦୈନିକ ମଜୁରିଆମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର ଯୋଜନା ହୋଇଛି। ଏହାଦ୍ୱାରା ଗ୍ରାମାଞ୍ଚଳର ବେକାରି ଯୁବ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ପାଇବ। ସେମାନେ ରୋଜଗାରକ୍ଷମ ହୋଇପାରିବେ ବୋଲି ଡିଆରଡିଏ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ବୈଠକରେ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ମତବ୍ୟକ୍ତ କରିଛନ୍ତି। ବୈଠକରେ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ୬ଟି ବ୍ଲକର ବିଡିଓ, ସମସ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ନିର୍ଦ୍ଦେଶକ(ଓରମାସ)ର ଯୁବରାଜ ସାହୁ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ(ଗ୍ରାମୀଣ ଆବାସ) ଆଲୋକରଶ୍ମି ମିଶ୍ର, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ(ତାଲିମ) ଶୈବାଳିନୀ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଆଏବ(ୱେଷ୍ଟ) ସର୍ଭିସେସର ପ୍ରତିନିଧି ସ୍ୱରୂପ ରାଉଳ ଯୋଗଦେଇ ରାଜମିସ୍ତ୍ରୀ ତାଲିମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହାକୁ ବ୍ଲକସ୍ତରରେ କିପରି ସୁଚାରୁରୂପେ କାର୍ଯ୍ୟ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ପଣ୍ଡା ଆହୁରି କହିଥିଲେ ଯେ, ଆବାସ ଯୋଜନା କାର୍ଯ୍ୟକାରିତାରେ ସୁବର୍ଣ୍ଣପୁର ଜିଲାର ସ୍ଥିତି ରାଜ୍ୟସ୍ତରରେ ଉଲ୍ଲେଖନୀୟ ଅଟେ। ଚଳିତ ଆର୍ଥିକ ବର୍ଷରେ ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୧୦୦ ପ୍ରତିଶତ ଯୋଗାଇ ଦେଇ ଜିଲାର ତରଭା, ସୋନପୁର ଓ ଉଲୁଣ୍ଡା ବ୍ଲକ ପୁରସ୍କୃତ ହୋଇଛନ୍ତି ବୋଲି କହିଥିଲେ।



ଆର୍ଯ୍ୟମାନ ମିଶ୍ର।

### ଓଡ଼ିଶା କ୍ରିକେଟ ଦଳରେ ବରଗଡ଼ର ଆର୍ଯ୍ୟମାନ

**ବରଗଡ଼ ଅଫିସ୍,୨୭।୧୧**

ବରଗଡ଼ ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଯ୍ୟମାନ ମିଶ୍ର ଓଡ଼ିଶା ୧୯ବର୍ଷରୁ କମ୍ ଦଳରେ ସାମିଲ ହୋଇଛନ୍ତି। ଗୁରୁବାର ବଲାଙ୍ଗୀର ଗାନ୍ଧି ଷ୍ଟାଡ଼ିୟମରେ ବରୋଦା ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସେ ପଦାର୍ପଣ କରିବାର ସମ୍ଭାବନା ରହିଛି। ଆର୍ଯ୍ୟମାନ ପୂର୍ବରୁ ୨୦୧୫-୧୬ରେ ଓଡ଼ିଶା ୧୬ବର୍ଷରୁ କମ୍ ବର୍ଗରେ ପ୍ରତିନିଧିତ୍ୱ କରି ସାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲା କ୍ରିକେଟ ଆସୋସିଏଶନର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆର୍ଯ୍ୟମାନ ବରଗଡ଼ ବ୍ରହ୍ମବିହାର ନିବାସୀ ବାପା ସୁଶାନ୍ତ ଓ ମାଆ ପୂର୍ଣ୍ଣିମା ମିଶ୍ରଙ୍କ ପୁଅ ଅଟନ୍ତି।



ଗାଡି ମାଲିକ ମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

### ଫୁଟବଲ: ଫାଇନାଲରେ କଲାପାଣି

**ବରଗଡ଼ ଅଫିସ୍,୨୭।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ କଲାପାଣି ପ୍ରତିପକ୍ଷ ସାହାଜବାହାଲକୁ ୧-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। କଲାପାଣିର ପ୍ରମୋଦ ନାୟକ ଗୋଲ ସ୍କୋର କରିଥିଲେ। ଅଶ୍ୱିନୀ ମେହେର, ମନୋଜ ଭୂୟାଁ, ସନ୍ତୋଷ ଗଡ଼ତିଆ, ଶ୍ରୀନିବାସ ରାଓ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଗୁରୁବାର ବରଗଡ଼ର ୟୁନାଇଟେଡ କ୍ଲବ ଏବଂ ଖରମୁଣ୍ଡା ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ବରଗଡ଼ ଅଫିସ୍,୨୭।୧୧:** ବରଗଡ଼ ଜିଲା ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତ ଡୁମେରପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦୁର୍ଲ୍ଲଭ ପ୍ରଧାନଙ୍କ ରବିବାର ପରଲୋକ ହୋଇଛି। ତାଙ୍କୁ ୭୫ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ନିଜ ବାସଭବନରେ ଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତ ପ୍ରଧାନ ଅତାବିରା ହାଇସ୍କୁଲ, ସିଂହପାଲି ୟୁଜିଏମଇ ସ୍କୁଲରେ ଶିକ୍ଷକତା କରି ବନହର ୟୁଜିଏମଇ ସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ ଏବଂ ଅବସରଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି ।



ସ୍ୱର୍ଗତ ଦୁର୍ଲ୍ଲଭ ପ୍ରଧାନ। (ଫାଇଲ ଫଟୋ)

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.13-SBP-TRD-OT -2019-20, ତା.18.11.2019ରିଖ

**କାର୍ଯ୍ୟର ନାମ:** 02 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/TRD/ ଟିଟିଲାଗଡ଼ଙ୍କ କାର୍ଯ୍ୟାଳୟ (Official) ବ୍ୟବହାର ନିମନ୍ତେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 9,05,392.70,** EMD (ଟଙ୍କାରେ): 18,100/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି : 730 ଦିନ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.12.2019 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD)/ ସମ୍ବଲପୁର

PR-535/K/19-20

**PROCLAMATION REQUIRING THE APPEARANCE OF THE ACCUSED**
**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**
C.C. No. 288 OF 2017
Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused
To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha
Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail
**(BY ORDER OF THE COURT)**
C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59

# ନିର୍ବାଚନରେ ବ୍ୟବହୃତ ଗାଡ଼ିର ଭଡ଼ା ମିଳିନି

**ସୋନପୁର,୨୭।୧୧(ନି.ପ୍ର.)**

**ମାଲିକଙ୍କ ଆନ୍ଦୋଳନ ଚେତାବନୀ**

ଗତ ସାଧାରଣ ନିର୍ବାଚନରେ ବ୍ୟବହୃତ ହୋଇଥିଲା ପ୍ରାଇଭେଟ୍ ଗାଡି। ସୁବର୍ଣ୍ଣପୁର ଜିଲାର ପୋଲିସ ଅଧିକାରୀମାନେ ଏହି ଗାଡି ବ୍ୟବହାର କରିଥିଲେ। ଇନୋଭା, ବୋଲେରୋ, ସ୍କର୍ପିଓ, ପିକ୍‌ଅପ ଭ୍ୟାନ ଓ ମିନି ଟ୍ରକ୍ ଆଦି ଭଡାରେ ୩୦ରୁ ୪୦ ଦିନ ବ୍ୟବହୃତ ହୋଇଥିଲା। କିନ୍ତୁ ୬ ମାସ ପରେ ବି ୨୩ ଜଣ ଗାଡି ମାଲିକଙ୍କୁ ଭଡା ମିଳିନି। ଗାଡି ମାଲିକ ମାନଙ୍କ ଅନୁରୋଧକୁ ପ୍ରଶାସନ ଶୁଣୁ ନଥିବା ଅଭିଯୋଗ ହୋଇଛି। ବୁଧବାର ଗାଡି ମାଲିକମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ପ୍ରାପ୍ୟ ଦାବି କରିଥିଲେ। ଭଡା ନ ମିଳିଲେ ଡିସେମ୍ବର ୨ ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନରେ ବ୍ୟବହାର ହୋଇଥିବା ସମସ୍ତ ଗାଡିର ଭଡା ପ୍ରଦାନ ହୋଇଯାଇଛି। କେବଳ ପୋଲିସ ବ୍ୟବହାର କରିଥିବା ୨୩ଗାଡିର ଭଡା ମିଳିନି। ନିର୍ବାଚନ କମିଶନଙ୍କୁ ଚିଠି ଲେଖାଯାଇଛି। ଅନୁମତି ମିଳିଲେ ଟଙ୍କା ପ୍ରଦାନ କରାଯିବ ବୋଲି ଡେପୁଟି କଲେକ୍ଟର(ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ କହିଛନ୍ତି। ଗାଡି ମାଲିକ ସମ୍ବିତ ମେହେର, ସୁବ୍ରତ ପଧାନ, ପ୍ରହଲ୍ଲାଦ ପ୍ରଧାନ, ବିଭୂତି ବିଶ୍ୱାଳ, ଶଙ୍କର୍ଷଣ ବିଶି, ସୁଶାନ୍ତ ମହାକୁର, ସଞ୍ଜିବ କୁମାର ବେହେରା ଓ କୃପାସିନ୍ଧୁ ମହାପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

# ହାତୀପଲ ଦଳିଦେଲେ, ମହିଳା ମୃତ

**ରଣପୁର,୨୭।୧୧(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ରେଞ୍ଜର ବନ୍ଧପଲ୍ଲୀ ପାଟଣାସାହି ଗାଁ ମୁଣ୍ଡ ରାସ୍ତାରେ ବୁଧବାର ହାତୀପଲ ଜଣେ ମହିଳାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଭଜାଗଡ ଗାଁର ସ୍ୱର୍ଗତ ତାରେଶ୍ୱର ଯୁଝାରସିଂଙ୍କ ସ୍ତ୍ରୀ ମୋତି (୫୫)। ମୋତି ମଙ୍ଗଳବାର ନିଜ ଝିଅ ଘର ନୟାଗଡ଼ ଜିଲା ଚାନ୍ଦପୁର ଥାନା ମୁକ୍ତାପୁର ଗାଁକୁ ଯାଇଥିଲେ। ବୁଧବାର ସକାଳେ ସେ ଭଜାଗଡ ଫେରୁଥିବାବେଳେ ୧୪ ଜଣିଆ ହାତୀପଲ ହାବୁଡରେ ପଡିଥିଲେ। ହାତୀ ଆକ୍ରମଣରେ ତାଙ୍କ ମୃତଦେହ ମାଂସ ପିଣ୍ଡୁଳା ପରି ପଡିରହିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହାତୀଙ୍କୁ ଘଉଡାଇବା ସହ ବନବିଭାଗକୁ ଖବର ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ହାତୀପଲଙ୍କୁ ଘଉଡାଇବା ପାଇଁ ପଦକ୍ଷେପ ନେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ରଣପୁର ରେଞ୍ଜର ଶରତ କୁମାର ଶତପଥୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଚାନ୍ଦପୁର ଥାନା ଏସ୍‌ଆଇ ଏସ୍‌ଏସ୍ ହରୋ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନାରେ ୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର ଶତପଥୀ ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ଲର୍ଣ୍ଣିଂ ଲାଇସେନ୍ସ କ୍ୟାମ୍ପ

**ବରଗଡ଼ ଅଫିସ୍,୨୭।୧୧**



ବରଗଡ଼ ପଞ୍ଚାୟତ କଲେଜରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାଲିଥିବା ଲର୍ଣ୍ଣିଂ ଲାଇସେନ୍ସ କ୍ୟାମ୍ପ ।

ବରଗଡ଼ ପଞ୍ଚାୟତ କଲେଜ ପରିସରରେ କଲେଜର ଛାତ୍ରୀଛାତ୍ରଙ୍କ ଉଦ୍ୟମରେ ଲର୍ଣ୍ଣିଂ ଲାଇସେନ୍ସ ଆବେଦନର ଅନଲାଇନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଶହେ ଜଣ ଛାତ୍ରୀଛାତ୍ର ଏହି ଆବେଦନ କରିଛନ୍ତି । ଆସନ୍ତା ୭ଦିନ ଧରି ଏଠାରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ବିଦ୍ୟାଧର ଉର୍ମା, ଯଶୋବନ୍ତ ଭୋଇ, ଆଶୀର୍ବାଦ ଦାସ, ଭୂପତି ପ୍ରଧାନ, ସୌମ୍ୟରଞ୍ଜନ ବାରିକ, ଆଜାଦ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ବିଜୁ ଛାତ୍ର ଜନତା ସଭାପତି କରନ ସିକନ୍ଦର ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ବିଜୁ ଛାତ୍ର ଜନତା ଏବଂ ପଞ୍ଚାୟତ କଲେଜର ଛାତ୍ର ପ୍ରତିନିଧିମାନେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) କେଶବ ଚନ୍ଦ୍ର ନାୟକଙ୍କୁ ଭେଟି କଲେଜରେ ସେହି କ୍ୟାମ୍ପ କରିବାକୁ ଅନୁରୋଧ କରିଥିଲେ। ଏହାପରେ ଆରଟିଓ ନାୟକ ଆବଶ୍ୟକ ପ୍ରଶିକ୍ଷଣ ଦେବା ସହିତ ସେଥିପାଇଁ ଅନୁମତି ପ୍ରଦାନ କରିଥିଲେ।

**ପ୍ରତିବାଦୀଙ୍କ ଉପସ୍ଥିତି ପାଇଁ ନୋଟିସ**
**ଆଦେଶ ୫ ନିୟମ ୨୦, ବ୍ୟ.ପ୍ର.ସଂ.**
**ନ୍ୟାୟାଳୟ: ନ୍ୟାୟଧାରୀ, କୁଟୁମ୍ବ, ନ୍ୟାୟାଳୟ, ରାୟଗଡ଼ (ଛତିଶଗଡ଼)**
ବିବିଧ ଅପରାଧିକ ପ୍ରକରଣ କ୍ର.-କ-ଏକ ୭୨/୨୦୧୯
ପେଶି ଦିନ: ୧୬/୧୨/୨୦୧୯
ପ୍ରୋସେସ ନମ୍ବର: ୮୯୪

୧. ଶ୍ରୀମତୀ ମମତା ସାହୁ, ପତି: ସୁଜିତ ସାହୁ, ଆୟୁ-୨୭ ବର୍ଷ, ପେସା କିଛି ନାହିଁ, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି ଛକ, ସୋହେଲା ରୋଡ଼, ଥାନା/ଜିଲ୍ଲା- ବରଗଡ଼, ହାଲ ନି/ପୋ/ଥା/ତ- ପୁସୋର, ଜି- ରାୟଗଡ଼ (ଛତିଶଗଡ଼) ............ଆବେଦକ
୨. ସୁଜିତ ସାହୁ, ପିତା: ଶ୍ରୀ ଚିତ୍ରସେନ ସାହୁ, ବୟସ ବ୩୪ର୍ଷ, କର୍ମ: ଚାକିରି, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି, ଛକ, ସୋହେଲା ରୋଡ଼, ୱାର୍ଡ ନଂ-୧, ଗଲି ନଂ-୭, ଥାନା/ଜିଲ୍ଲା-ବରଗଡ଼ ............. ଅନାବେଦକ।

ଉପରୋକ୍ତ ବାଦୀ ଏହି ନ୍ୟାୟାଳୟ ପାଖରେ ଧାରା ୧୨୫ ଦ.ପ୍ର.ସଂ ଅନୁସାରେ ପ୍ରସ୍ତୁତ କରିଛନ୍ତି, ଏହି ସୂଚନା ଦ୍ୱାରା ଉକ୍ତ ପ୍ରତିବାଦୀ ସୁଜିତ ସାହୁ, ପିତା: ଚିତ୍ରସେନ ସାହୁଙ୍କୁ ସୂଚିତ କରାଯାଉଛି ଯେ ଆପଣ ଏହି ନ୍ୟାୟାଳୟରେ ତାରିଖ ୧୬।୧୨।୨୦୧୯ରିଖ ସମୟ ୧୧ ଘଣ୍ଟାରେ ଉପସ୍ଥିତ ହୋଇ ଆପଣ ନିଜର ଜବାବ ପ୍ରଦାନ କରନ୍ତୁ। ଯଦି ଆପଣ ଦିଆଯାଇଥିବା ସମୟରେ ଉପସ୍ଥିତ ନ ରୁହନ୍ତି ତେବେ ପ୍ରକରଣରେ ଆପଣ ଅନୁପସ୍ଥିତିରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଯଦି ଉକ୍ତ ତିଥିରେ ଅବକାଶ ଘୋଷିତ ହୁଏ, ଅବା ପିଠାସୀନ ଅଧିକାରୀ ଅବକାଶରେ ରୁହନ୍ତି ତେବେ ଶୁଣାଣି ଆସନ୍ତା କାର୍ଯ୍ୟାଦିବସରେ ହେବ।

ଆଜି ତା ୨୦।୧୧।୨୦୧୯ ମୋର ହସ୍ତାକ୍ଷର ଏବଂ ନ୍ୟାୟାଳୟର ମୁଦ୍ରା ସହିତ ଜାରି କରାଗଲା।

**ଓମ ପ୍ରକାଶ ସିଂହ ଚୌହାନ**
**ନ୍ୟାୟାଧୀଶ**
**ପରିବାର ନ୍ୟାୟାଳୟ**
**ରାୟଗଡ଼, (ଛ.ଗ)**

**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

**ନିବେଦନ**

୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/-
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/-
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/-
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/-
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନତୁବା ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/-ଆଦାୟ କରାଯିବ।

ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।

**ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)**
**କାର୍ଯ୍ୟନିର୍ବାହୀ ଅଧିକାରୀ,**
**ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ ।**

**ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)**
**ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା**
**-ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ**

## ଫଟୋରେ ଖବର




ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ଚାଲିଥିବା ଜାତୀୟ ପଲ୍ଲିଶ୍ରୀ ମେଳା ମଞ୍ଚରେ ବୁଧବାର କଳାକାର ବଜନିଆଁ ନୃତ୍ୟରେ ମସ୍‌ଗୁଲ୍ ।

### ଶ୍ରମିକଙ୍କୁ କୋଦାଳ ବେଣ୍ଟରେ ଛେଚି ହତ୍ୟା

**ବାରିପଦା ଅଫିସ/ ବେତନଟୀ, ୨୭।୧୧ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା କେସିପୁର ଫାଣ୍ଡି ଅଧୀନ କୈଳାସଚନ୍ଦ୍ର ପୁର ଗ୍ରାମରେ ଥିବା ସବାଇ ଘାଷ ଚାଷ କ୍ଷେତ୍ରରେ କାମ କରୁଥିବା ଜଣେ ଶ୍ରମିକଙ୍କୁ କୋଦାଳ ବେଣ୍ଟରେ ଛେଚି ହତ୍ୟା କରାଯାଇଛି। ମୃତ ଶ୍ରମିକ ହେଲେ ସେହି ଗ୍ରାମର ମନୋରଞ୍ଜନ ମହାନ୍ତ(୫୫)। ଏନେଇ ବେତନଟୀ ଥାନାରେ ଏକ ହତ୍ୟା ମାମଲା(ନଂ.୨୧୦/୧୯) ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ବୁଧବାର ସବାଇ ଘାଷ ଚାଷ ପଡ଼ିଆରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ଅପରାହ୍ନ ୨ଟା ପରେ ସେମାନେ ଖାଇବାକୁ ଯାଇଥିଲା ବେଳେ ମନୋରଞ୍ଜନ କାର୍ଯ୍ୟ କ୍ଷେତ୍ରରେ ରହି ଯାଇଥିଲେ। ଏହି ସମୟରେ ତାଙ୍କୁ କେହି କୋଦାଳ ବେଣ୍ଟରେ ଛେଚି ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ କେସିପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ରଣଜିତ ଘଟଣାର ତଦନ୍ତ କରୁଛନ୍ତି। ସେଠାରେ କାମ କରୁଥିବା ଶ୍ରମିକମାନଙ୍କୁ ଥାନାକୁ ଡକାଇ ପଚରାଉଚରା ଚାଲିଥିବା ଫାଣ୍ଡି ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ବୌଦ୍ଧ ବ୍ଲକସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

**ଜହ୍ନାପଙ୍କ, ୨୭।୧୧ (ଡି.ଏନ.ଏ):** ବୌଦ୍ଧ ବ୍ଲକସ୍ତରୀୟ ବିଜ୍ଞାନମେଳା ବୁଧବାର ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତେଲିବନ୍ଧ ସରପଞ୍ଚ ନଳିନୀ ପଲିଆ ଉଦଘାଟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା ମୁଖ୍ୟଅତିଥି, ବିଜ୍ଞାନ ନିରୀକ୍ଷକ ଦେବେନ୍ଦ୍ର ଦେହୁରୀ, ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳ, ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅରବିନ୍ଦ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଶିକ୍ଷକ ଶମ୍ଭୁ ଗିରି ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷକ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ବୌଦ୍ଧ ବ୍ଲକର ୪୧ଟି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ୧୦୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ୨୦ଟି ପ୍ରକଳ୍ପକୁ ଆସନ୍ତା ଡିସେମ୍ବର ୧୧ ତାରିଖରେ ତିଲେଶ୍ୱର ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନିତ କରାଯାଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ଓମ୍ ପ୍ରକାଶ ପ୍ରଧାନ ଓ ପ୍ରଫୁଲ୍ଲ ପ୍ରଧାନ ଯୋଗ ଦେଇଥିଲେ।

### ୧୩ ଫୁଟ୍ ଅଜଗର ଉଦ୍ଧାର

**ବୌଦ୍ଧ,୨୭।୧୧(ସ୍ୱ.ପ୍ର):** ହରଭଙ୍ଗା ବ୍ଲକ ମହାଲିକପଡା ଗ୍ରାମର ଜୈଣ ବ୍ୟକ୍ତିଙ୍କ ବାରିପଟ କୂଅରୁ ବୁଧବାର ବନ ବିଭାଗ କର୍ମଚାରୀ ଓ ସ୍ନେକ ହେଲପଲାଇନର ସଦସ୍ୟମାନେ ୧୩ ଫୁଟ୍‌ର ଏକ ଅଜଗର ସାପକୁ ଉଦ୍ଧାର କରିଛନ୍ତି। ପରେ ତାକୁ ପଦ୍ମତୋଳା ଅଭୟାରଣ୍ୟରେ ଛାଡିଦିଆଯାଇଥିଲା। ଡେପୁଟି ରେଞ୍ଜର ପ୍ରଦୋଷ ମହାରଣା, ହୃଦାନନ୍ଦ ମିଶ୍ର, ପୁରୁଣାକଟକ ରେଞ୍ଜର ନିହାର ରଞ୍ଜନ କହଁର, ସ୍ନେକ ହେଲପଲାଇନ ପକ୍ଷରୁ ଅରୁଣ ମେଣ୍ଡେଳି, ଦେବେନ୍ଦ୍ର ଥାଟି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ବୌଦ୍ଧରେ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

**ବୌଦ୍ଧ,୨୭।୧୧(ସ୍ୱ.ପ୍ର):** ରାଜ୍ୟ କ୍ରୀଡା ଓ ଯୁବ ବିକାଶ ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ବୌଦ୍ଧରେ ଜିଲାସ୍ତରୀୟ ଯୁବ ମହୋତ୍ସବ ବୁଧବାର ଟାଉନହଲର ଭିକାରୀ କଳା ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥଲେ। ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅଧ୍ୟାପକ ଦିଲୀପ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଜିଲାର ୬୯ଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଉଦଘାଟନୀ ଦିବସରେ ଓଡିଶୀ, କୁଚିପୁଡି, ଭାରତନାଟ୍ୟମ, ମୃଦଙ୍ଗ, ଡିବିଡବଲା, ଓ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷଦିନରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବାର ଅଛି। ଏଠାରୁ ଯେଉଁ ପ୍ରତିଭାଧାରୀ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ରାଜ୍ୟ ସ୍ତରୀୟ ଯୁବମହୋତ୍ସବରେ ଭାଗ ନେବେ ବୋଲି ଜଣାପଡିଛି। ମାନସ ସେଠୀ ସହଯୋଗ କରିଥିଲେ। ଏହି ମହୋତ୍ସବ ଗୁରୁବାର ଉଦଯାପିତ ହେବ।

■ ଥମୁନି ଟୋକନ ବିବାଦ

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ

**ବରଗଡ଼ ଅଫିସ୍,୨୭।୧୧**

ଧାନ କିଣାବିକା ପ୍ରକ୍ରିୟାରେ ରାଜ୍ୟ ସରକାର ଟୋକନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏହାକୁ ନେଇ ଚାଷୀଙ୍କ ବିରୋଧ ବଢ଼ିବାରେ ଲାଗିଛି। ତେବେ ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବିରେ ଗତ ୨୧ତାରିଖରେ ଅତାବିରା ବ୍ଲକ ଗୋଡ଼ଭଗାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ସେତେବେଳେ ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଟୋକନ ବ୍ୟବସ୍ଥା କୋହଳ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ମାତ୍ର ଆନ୍ଦୋଳନ ହଟିବାର ଏକ ସପ୍ତାହ ନ ପୂରୁଣୁ ଚାଷୀମାନେ ପୁଣି ପୂର୍ବଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କ୍ରମରେ ବୁଧବାର ବରଗଡ଼ ସହର ଉପକଣ୍ଠ ପଁର୍ରାପାଟ୍ ମନ୍ଦିର ନିକଟରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ପ୍ରତିନିଧିଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଭାପତି ଗୌରଚନ୍ଦ୍ର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟୋକନ, ଚକ୍ଷୁ ସ୍କାନର ଯୋଗୁ ଚାଷୀମାନେ ଧାନ କିଣାବିକାରେ ସମ୍ମୁଖୀନ ହେଉଥିବା ସମସ୍ୟା ଏବଂ ଗୋଡ଼ଭଗା ଆନ୍ଦୋଳନବେଳେ ମନ୍ତ୍ରୀ, ବିଧାୟକ, ଜିଲାପାଳଙ୍କ ପ୍ରତିଶ୍ରୁତି ଉପରେ ଆଲୋଚନା ହୋଇଥିଲା। ତେବେ ଏବେ ମଧ୍ୟ ସେହି ସମସ୍ୟା ଅସମାହିତ ହୋଇଥିବା ଯୋଗୁ କୃଷକ ସଙ୍ଗଠନ ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବୈଠକରେ ରଣନୀତି ପ୍ରସ୍ତୁତ କରିଥିବା ସୂଚନା ମିଳିଛି। ବୈଠକରେ ଭିକାରୀ ବାରିକ, ବସନ୍ତ ବାରିକ, ସନାତନ ପ୍ରଧାନ, ଶ୍ରୀମନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧିମାନେ।

# ସରିଲା ପଞ୍ଚାୟତ ଉପନିର୍ବାଚନ

■ ସମିତିସଭ୍ୟ, ୱାର୍ଡ଼ସଭ୍ୟ ପାଇଁ ମତଦାନ

■ ଗୁରୁବାର ପୂର୍ବାହ୍ନ ୮ଟାରୁ ଭୋଟ୍ ଗଣତି

**ଝାରବନ୍ଧ/ଅତାବିରା/ବିଜେପୁର, ୨୭।୧୧(ଡି.ଏନ.ଏ)**

ବରଗଡ଼ ଜିଲାର ବିଭିନ୍ନ ବ୍ଲକ ଅଧିନ ପଞ୍ଚାୟତରେ ଖାଲି ପଡ଼ିଥିବା ସମିତିସଭ୍ୟ ଏବଂ ୱାର୍ଡ଼ସଭ୍ୟ ପାଇଁ ବୁଧବାର ମତଦାନ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ଝାରବନ୍ଧ ବ୍ଲକ କନ୍ଦାଡଙ୍ଗର ପଞ୍ଚାୟତର ସମିତିସଭ୍ୟ ପାଇଁ ଉପନିର୍ବାଚନ ହୋଇଥିଲା। ଏଥିରେ ୨ଜଣ ପ୍ରାର୍ଥୀ ଚନ୍ଦ୍ରଶେଖର ପୁଟେଲ ଓ ଭୁବନେଶ୍ୱର ପାଣ୍ଡେଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଥିବାବେଳେ ସମୁଦାୟ ୩୯୮୩ ଭୋଟରଙ୍କ ମଧ୍ୟରୁ ୩୦୮୫ ଜଣ ମତଦାନ କରିଥିଲେ। ଝାରବନ୍ଧ ବିଡ଼ିଓ ରୁନୁ ଲାକ୍ରା ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବାବେଳେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଟିକେଶ୍ୱର ପଟେଲ ପ୍ରମୁଖ ନିର୍ବାଚନ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ଉଲ୍ଲେଖନୀୟ, ଗତ କିଛିମାସ ତଳେ ହାତୀ ଆକ୍ରମଣରେ ଉକ୍ତ ପଞ୍ଚାୟତର ସମିତିସଭ୍ୟ ଧ୍ରୁବାରାମ ନାଏକଙ୍କ ମୃତ୍ୟୁ ହେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସେହିପରି ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ୱାର୍ଡ଼ ନଂ-୧୯ରେ ୱାର୍ଡ଼ସଭ୍ୟ ପଦବୀ ଖାଲି ପଡ଼ିଥିଲା। ଏହି ପଦବୀରେ କେବଳ ଏକାଦଶିଆ ଛନ୍ଦ ନାମାଙ୍କନ ଦାଖଲ କରିଥିବା ଯୋଗୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ସେହିପରି ବିଜେପୁର ବ୍ଲକ ଅନ୍ତର୍ଗତ ବୁଢ଼ାପାଲି ପଞ୍ଚାୟତ ଲେମଧର ଗ୍ରାମର ୱାର୍ଡ଼ ନଂ-୧ରେ ୱାର୍ଡ଼ସଭ୍ୟା ପଦବୀ ଖାଲି ପଡ଼ିଥିଲା। ନିର୍ବାଚନ ମଇଦାନକୁ ୨ଜଣ ପ୍ରାର୍ଥିନୀ କମଳିନୀ ନାଏକ ଓ ଚିନା ବାଗ ଓହ୍ଲାଇଛନ୍ତି। ସମୁଦାୟ ୨୮୧ ଭୋଟରଙ୍କ ମଧ୍ୟରୁ ୨୫୦ଜଣ ମତଦାନ କରିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ମତଦାନ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୮ଟାରୁ ଭୋଟ୍ ଗଣତି କାର୍ଯ୍ୟକ୍ରମ ରହିଛି।

## ୨୯ରେ ୧୨ ଘଣ୍ଟିଆ କନ୍ଧମାଳ ବନ୍ଦ

**ମନମୁଣ୍ଡା, ୨୭।୧୧ (ଡି.ଏନ.ଏ)**

୩ ଦଫା ଦାବି ପୂରଣ ପାଇଁ ଆସନ୍ତା ୨୯ ତାରିଖରେ ୧୨ ଘଣ୍ଟିଆ କନ୍ଧମାଳ ବନ୍ଦ ପାଳନ ପାଇଁ କୋଶଳ ସମନ୍ୱୟ ସମିତି ତରଫରୁ ଡାକରା ଦିଆଯାଇଛି। କନ୍ଧମାଳ-ତରଭା ତେଲନଦୀ ସେତୁ ୨୦୧୨ ମସିହାରୁ ନିର୍ମାଣ କାମ ଆରମ୍ଭ କରାଯାଇଥିଲା ବେଳେ ଇତି ମଧ୍ୟରେ ୭ ବର୍ଷ ହୋଇ ଯାଇଥିବା ସତ୍ତ୍ୱେ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ବଲାଙ୍ଗୀର ଅଞ୍ଚଳକୁ ଯାତାୟତରୁ ଅଞ୍ଚଳବାସୀ ବଞ୍ଚିତ ହୋଇ ରହିଛନ୍ତି। ଉକ୍ତ ସେତୁ ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ ପାଇଁ ଦାବି କରାଯାଇଛି। କନ୍ଧମାଳକୁ ଏକ ସବଡିଭିଜନ ଘୋଷଣା ପାଇଁ ଦୀର୍ଘଦିନର ଦାବିକୁ ସରକାର ପୂରଣ କରି ନ ଥିବାରୁ ଜନଅସନ୍ତୋଷ ଦେଖା ଦେଇଛି। ସେହିପରି କନ୍ଧମାଳ ଏବଂ ଖଲିଆପାଲି ପଞ୍ଚାୟତ ଅଧୀନ ସମସ୍ତ ସରକାରୀ ଜମିରୁ ଜବରଦଖଲକାରୀମାନଙ୍କୁ ଉଚ୍ଛେଦ କରାଯିବାକୁ ଦାବି କରାଯାଇଛି। ଏସବୁ ଦାବି ପୂରଣ ପାଇଁ ପ୍ରଶାସନକୁ ଜଣାଇଇବା ସତ୍ତ୍ୱେ ସରକାର କର୍ଣ୍ଣପାତ କରୁନାହାନ୍ତି ବୋଲି ସମିତି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଆସନ୍ତା ୨୯ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କନ୍ଧମାଳର ସମସ୍ତ ସରକାରୀ ଅଫିସ, ଦୋକାନ, ବଜାର, ଯାନବାହନ ଚଳାଚଳ ବନ୍ଦ କରାଯିବା ପାଇଁ ସମିତି ତରଫରୁ ଡାକରା ଦିଆଯାଇଛି ବୋଲି ସଭାପତି ଡମ୍ବରୁଧର କହଁର କହିଛନ୍ତି। ସେହିଦିନ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି କହଁର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ବରଗୋଛା ଦଳ

**ବାଉଁଶୁଣୀ, ୨୭।୧୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଦବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ବୌଦ୍ଧ ରକେଟ ଓ ଦହ୍ୟା ମଧ୍ୟରେ ୧୦ ଓଭର ବିଶିଷ୍ଟ ଖେଳ ହୋଇଥିଲା। ବୌଦ୍ଧ ରକେଟ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୧୦ ରନ ସଂଗ୍ରହ କରିଥିଲେ। ଦହ୍ୟା ଦଳ ୧୦ଓଭରରେ ୩୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବରଗୋଛା ବନାମ କେଲାକଟା ମଧ୍ୟରେ ଖେଳ ହୋଇଥିଲା। କେଲାକଟା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୩ ରନ ସଂଗ୍ରହ କରିଥିଲା। ବରଗୋଛା ଦଳ ୪୪ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ବୌଦ୍ଧ ରକେଟ ସହ ବରଗୋଛା ମଧ୍ୟରେ ହୋଇଥିଲା। ପ୍ରଥମେ ବରଗୋଛା ଦଳ ଟସ ଜିଣି ବ୍ୟାଟିଂ କରି ୧୫୧ ରନ କରିଥିଲା। ବୌଦ୍ଧ ରକେଟ ଦଳ ୮୫ ରନ କରି ପରାଜିତ ହୋଇଥିଲା। ବରଗୋଛା ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିନ୍ଧୁ ଚିରଗୁଣି ଧାରା ବିବରଣୀ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ରିଙ୍କୁ ତରିଆ, ଟୁକୁନ ମହାରଣା, ଖାନାପୁରୀ ମେହେର, ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରିଙ୍କୁ ତରିଆ, ଦେବାଶିଷ ନେପାକ, ଚନ୍ଦନ ମେହେର, ଲିପୁନ ସାହୁ, ଗଙ୍ଗା ମେହେର ସହଯୋଗ କରିଥିଲେ।



ରେମଣ୍ଡା ଫୁଟବଲ ଟୁର୍ନାମେଣ୍ଟର ଅତିଥି ଏବଂ ଖେଳାଳି।

# ଫୁଟବଲ: ଫାଇନାଲରେ ଅମଲିପାଲି

**ଭେଡ଼େନ,୨୭।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲକୁ ଅମଲିପାଲି ଦ଼ଳ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଏହି ଦଳ ବହଲପାଲି ଏକାଦଶକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ବିଜୟୀ ଦଳର ଯଦୁ ଭୁଏଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବିକାଶ ଗ୍ରୁପ ଚେୟାରମେନ ଡ଼ି. ମୁରଲିକ୍ରୀଷ୍ଣା ମୁଖ୍ୟଅତିଥି ଏବଂ ପୂର୍ଣ୍ଣଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ରେଫରୀ ଅନୀଲ ବାଗ, ଶୁଭମ ପାଣ୍ଡେ ଏବଂ ନିରଞ୍ଜନ ମହାକୁର ପ୍ରମୁଖ ପରିଚାଳନା କରିଥିଲେ। ସଞ୍ଜୟ ନନ୍ଦ ଏବଂ ପର୍ଶୁରାମ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପତ୍ରାପାଲି ଏବଂ ଜାଙ୍ଗେଡ଼ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ସ୍ୱାସ୍ଥ୍ୟ ଶିବିରରେ ୨୦୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ମନମୁଣ୍ଡା, ୨୭।୧୧ (ଡି.ଏନ.ଏ)**

ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ଆନୁକୂଲ୍ୟରେ ମଙ୍ଗଳବାର ଲମ୍ବସରି ପଞ୍ଚାୟତ ଝାରମୁଣ୍ଡାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏମଓ ଲକ୍ଷ୍ମୀଧର ସାହୁ ମୁଖ୍ୟଅତିଥି ଏବଂ ଏଡିଏମଓ କିଶୋର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଦମାମୁଣ୍ଡା ରେଞ୍ଜ ଅଫିସର ମନୋଜ କୁମାର ସାହୁ ଏବଂ କନ୍ଧମାଳ ରେଞ୍ଜ ଅଫିସର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଡା. ସଞ୍ଜୟ କୁମାର ଦଲାଇ, ଡା. ଅଶୋକ ସାହୁ, ଡା. ବି. ଦେଓ ହେମ୍ବ୍ରମ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଏହି ଶିବିରରେ ମୋଟ ୨୦୮ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ମନମୁଣ୍ଡା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ମାନସ ସାହୁ ସହଯୋଗ କରିଥିଲେ। ବୌଦ୍ଧ କେନ୍ଦୁପତ୍ର ଡିଏଫଓ ଦିଲୀପ କୁମାର ସ୍ୱାଇଁ, ମନମୁଣ୍ଡା ଏସିଏଫ ବିବସ୍ୱ ବେସନ ଉପସ୍ଥିତ ଥିଲେ।



ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଟ୍ରକ୍ ଧକ୍କାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

**ଅତାବିରା, ୨୭।୧୧ (ଡି.ଏନ.ଏ)**

ଅତାବିରା ଥାନା ଅନ୍ତର୍ଗତ ଗୁର୍ଖାପାଲି ରାଇସ୍ ମିଲ୍‌ର ଜଣେ ସିକ୍ୟୁରିଟି ଗାର୍ଡ ବୁଧବାର ପରିସ୍ରା କରିବା ପାଇଁ ବାହାରକୁ ଆସିଥିବା ବେଳେ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଲାଲବାହାଦୁର ମିଶ୍ର (୫୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୨୪୭/୧୯) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଦୁର୍ଘଟା ଘଟାଇଥିବା ଟ୍ରକକୁ ଜବତ କରାଯାଇଛି।



ଆତ୍ମସୁରକ୍ଷା ତାଲିମ ପାଇଥିବା ଛାତ୍ରୀମାନେ।

# ଆତ୍ମସୁରକ୍ଷା ତାଲିମ ନେଲେ ୬୦ ଛାତ୍ରୀ

**ମନମୁଣ୍ଡା, ୨୭।୧୧ (ଡି.ଏନ.ଏ)**

ବୌଦ୍ଧ ଜିଲା ଦହ୍ୟା ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୨ ସପ୍ତାହ ବ୍ୟାପୀ ଚାଲିଥିବା ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଏହି ଶିବିରରେ ମହାବିଦ୍ୟାଳୟର ମୋଟ ୬୦ ଜଣ ଛାତ୍ରୀ ତାଲିମ ନେଇଥିଲେ। ଉଦଯାପନୀ ଦିବସରେ ମହାବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଗୋପବନ୍ଧୁ ରାଜହଂସ ସଭା ପରିଚାଳନା କରିଥିଲେ। ମଧୁସ୍ମିତା ଜଗଦଲା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ଗୁରୁ, ଅଧ୍ୟାପିକା ଅପରାଜିତା ପଟ୍ଟନାୟକ, ଅଧ୍ୟାପକ ସୂର୍ଯ୍ୟକାନ୍ତ ନାୟକ ଓ କର୍ମଚାରୀ ପ୍ରହଲ୍ଲାଦ ପାତ୍ର ସହଯୋଗ କରିଥିଲେ। ଏହି ଅବସରରେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

■ ବୌଦ୍ଧ ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକ

# ସମାନ କାମକୁ ସମାନ ଦରମା ଦାବି

**ବୌଦ୍ଧ,୨୭।୧୧(ସ୍ୱ.ପ୍ର)**

ବୌଦ୍ଧ ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ସ୍ଥାନୀୟ କର୍ମଚାରୀ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ କର୍ମଚାରୀ ସଂଘ ସଭାପତି ଭ୍ରମରବର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ସିବିଏନ ରାଓ, ଶ୍ରମିକ ନେତା ଅବକାଶ ସାହୁ, ବୌଦ୍ଧ ଡିଭିଜନ ସମ୍ପାଦକ ବସନ୍ତ ପ୍ରତାପ, ଦୁର୍ଗା ମିଶ୍ର, ବିଜୟ ପାତ୍ର, ଦୁର୍ଗା ନନ୍ଦ, ସ୍ୱଦେଶ ରଥ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟୁତ୍ କର୍ମଚାରୀଙ୍କ ୫ଦଫା ଦାବି ନେଇ ଆଲୋଚନା କରାଯିବା ସହ ସରକାରଙ୍କ ଆଉଟ ସୋର୍ସିଂ ବ୍ୟବସ୍ଥାକୁ ବିରୋଧ କରାଯାଇଥିଲା। ଶେଷରେ ଡିଭିଜନର ସାଙ୍ଗଠନିକ ନିର୍ବାଚନ ହୋଇଥିଲା। ଏଥିରେ ସମ୍ପାଦକ ଭାବେ ପ୍ରତାପ ପ୍ରଧାନ, ସହ ସମ୍ପାଦକ ସୁନୀଲ କୁମାର ପ୍ରଧାନ, ସଙ୍ଗଠନ ସମ୍ପାଦକ ଗୁପ୍ତେଶ୍ୱର ପ୍ରଧାନ, ଉପଦେଷ୍ଟା ଅବକାଶ ସାହୁ, ସବଡିଭିଜନ ସମ୍ପାଦକ ବୌଦ୍ଧର ପ୍ରିୟବ୍ରତ କର୍ଣ୍ଣ, ମନମୁଣ୍ଡାର ରମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଶୀତାଂଶୁ ଶେଖର ବେହେରା, ମିଡିଆ ସମ୍ପାଦକ ତାପସ ବଡମାଳୀ, ସେକସନ ସମ୍ପାଦକ ବୌଦ୍ଧ ପୁରସ୍ତମ ଭଞ୍ଜ, ମନମୁଣ୍ଡାର ରବିନ୍ଦ୍ର ସେଠୀ, ପୁରୁଣାକଟକର ମିଲୁ ସାହୁ, ବାଉଁଶୁଣୀର ଗଦାଧର ବେହେରା, କାର୍ଯ୍ୟକାରୀ ସଦସ୍ୟ ସାରଥୀ ଭୋଇ, ସବିର ଭୋଲ୍ତା, ଦ୍ୟୁତିକୃଷ୍ଣ ପାଳ, ହେମନ୍ତ ମଲିକ ଓ ଅନୀଲ ନାଏକଙ୍କୁ ମନୋନିତ କରାଯାଇଥିଲା।

# କନ୍ଧମାଳରେ ଧାନକିଣା ଆରମ୍ଭ

**କନ୍ଧମାଳ/ଘଣ୍ଟାପଡା, ୨୭।୧୧(ଡି.ଏନ.ଏ.)**

ଧାନର ଉଚିତ ମୂଲ୍ୟ ପାଇଲେ ଚାଷୀ ମୁହଁରେ ହସ ଫୁଟିବ। ଚାଷୀମାନେ ବହୁ ଶ୍ରମ କରି ଚାଷ କରୁଛନ୍ତି। ଚାଷୀ ନିଜ ଉତ୍ପାଦିତ ଫସଲ ବିକ୍ରୟ କରିବା ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କ ଧାନ କ୍ରୟ କରି ଠିକ ସମୟରେ ପ୍ରାପ୍ୟ ପ୍ରଦାନ କରିବାରେ ପ୍ରଶାସନ ପ୍ରସ୍ତୁତ ରହିଛି। ଏ ଦିଗରେ କୌଣସି ଅସୁବିଧା ହେଲେ ସିଧାସଳଖ ଚାଷୀ ମୋ ସହ ଯୋଗାଯୋଗ କରିବେ ବୋଲି ବୁଧବାର କୁଲତାଯୋର ପ୍ୟାକ୍ସଠାରେ ବୌଦ୍ଧ ଜିଲାର ଚଳିତ ଖରିଫ ପାଇଁ ଧାନକ୍ରୟର ଉଦଘାଟନ କରି ଜିଲାପାଳ କହିଥିଲେ। ଏହି ସଭାରେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ ଧାନ କ୍ରୟ ବ୍ୟବସ୍ଥାର ନୂତନ ନିୟମ ସମ୍ପର୍କରେ କହିଲେ ଯେ, ଚଳିତ ଖରିଫ ଧାନକ୍ରୟ ବ୍ୟବସ୍ଥାରେ ଚାଷୀଙ୍କ ସୁବିଧା ପାଇଁ ସରକାର ନୂତନ ଟୋକନ ବ୍ୟବସ୍ଥା କରିଛନ୍ତି। ଚାଷୀ ଧାନ ବିକ୍ରୟର ୧୫ ଦିନ ଆଗରୁ କ୍ରୟ ଦିବସ ସମ୍ପର୍କରେ ସୂଚନା ପାଇପାରିବେ। ଟୋକନ ପାଇଁ ଚାଷୀଙ୍କୁ ଯେଉଁ ହଇରାଣ ହେବାକୁ ପଡୁଥିଲା ସେପରି ହେବନାହିଁ। ଗୋଟିଏ କ୍ରୟ ଦିବସରେ ବର୍ତ୍ତମାନ ପାଇଁ ପ୍ରତି ପ୍ୟାକ୍ସରୁ ହଜାରେ କୁଇଣ୍ଟାଲ ଧାନ କ୍ରୟ କରାଯିବ। ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ପ୍ରାପ୍ୟ ଆକାଉଣ୍ଟ ଜରିଆରେ ପଠାଯିବ। ଏହି ଉଦଘାଟନ ସଭାକୁ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ହାଡିବନ୍ଧୁ ମହାକୁଡ ସଂଯୋଜନା କରିଥିଲେ। ଉଦଘାଟନ ସମୟରେ ଏଆରସିଏସ ପାଣ୍ଡୁ ଚରଣ ସାହୁ, ସରପଞ୍ଚ ଅଳକା ପ୍ରଧାନ, ପ୍ୟାକ୍ସ ସଭାପତି ନେପାଳ ରଣା, ସମ୍ପାଦକ ସୁଦାମ ସାହୁ ଓ ତହସିଲଦାର ବନ୍ଦନା ଖଟୁଆ ଉପସ୍ଥିତ ଥିଲେ।

ଯୋଗାଣ ବିଭାଗର ସୂଚନା ଅନୁଯାୟୀ, ଚଳିତ ଖରିଫ ଧାନକ୍ରୟ ନିମନ୍ତେ ଜିଲାର ୪୨ଟି ପ୍ୟାକ୍ସ ଜରିଆରେ ୫୬ଟି ମଣ୍ଡିରେ ଧାନ କ୍ରୟ କରାଯିବ। ଗତ ଖରିଫରେ ୫୩ଟି ମଣ୍ଡିରେ ଧାନ କିଣାଯାଇଥିଲା। ଚଳିତ ବର୍ଷ ବୌଦ୍ଧ ବ୍ଲକର ମଲ୍ଲିକପଡା ଓ କନ୍ଧମାଳ ବ୍ଲକରେ ଖଟଖଟିଆ ଓ ଗୁଡଭେଲି ପଦରଠାରେ ନୂତନ ୩ଟି ମଣ୍ଡି ଖୋଲିବା ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାରେ ୯ ଲକ୍ଷ ୭୫ ହଜାର କୁଇଣ୍ଟାଲ ଧାନକ୍ରୟର ଟାର୍ଗେଟ ରହିଛି। ୨ ତାରିଖରୁ ରୀତିମତ କନ୍ଧମାଳ ଅଞ୍ଚଳର ସମସ୍ତ ମଣ୍ଡିରେ ଧାନକ୍ରୟ କରାଯିବ ବୋଲି ସୂଚନା ମିଳିଛି। ଧାନକ୍ରୟ ଆରମ୍ଭ ଦିବସରେ କୁଲତାଯୋର ପ୍ୟାକ୍ସରେ ୯ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା

# ଦୁଆଁ, ଛାଟି ଦେଉଛେ ପେଟ୍‌କେ ଦାନା

**ଲୋଇସିଂହା,୨୭।୧୧(ଡି.ଏନ.ଏ)**

ଦିନୁ ଦିନ୍‌କେ ସମାଜରେ ଅନେକ ପରିବରତନ ଦେଖ୍‌ବାକେ ମିଲୁଛେ। ସେ ହିସାବେ ଲୁକ୍‌କର ବୁର୍‌ତି, ବେଉସା ବି ବଦ୍‌ଲୁଛେ। ଆଘ ଲୋକ୍ ଚାଷ୍‌ବାସରେ ଦଁରା, ଛାଟି ବେଭାର କରୁଥିଲେ। ସେନ୍‌ତା ଗାଏଦାମୁର ବଁଧାଛଁଦା ଲାଗି ଦୁଆଁର ବେଭାର କରୁଥିଲେ। ଇ ଦଁରା, ଛାଟି, ଦୁଆଁ କଁରିଆ ପଟ, ପନାସୀକେ ପାଚ ମାରି ତିଆର କରୁଥିଲେ। ସେଟାକେ ଆସର ପାସର ବଜାରରେ ବିକିଭାଂଗି ଦୁଇପଏସା ରୁଜଗାର କରୁଥିଲେ। ସେଥିରେ ତାକର ପରିବାରର ତେଲ୍‌ନୁନ୍ ଚଲୁଥିଲା। ହେଲେ ଆଏଜ୍‌କାଲି ପଟ, ପନାସୀ ଠିକ୍ ହିସାବେ ନାଇଁ ମିଲବାର। ତାର ବଦ୍‌ଲା ଲୋକ୍ ସିମେଟ, ସାର ବସ୍‌ତାରେ ବେଭାର ହେଉଥିବାର ସୂତାକେ ବେଭାର କରି ଦଁରା, ଛାଟି, ଦୁଆଁ ତିଆର କରୁଛନ୍। ଏନ୍‌ତା ଗୁଟେ ଦମ୍ପତିକେ ଦେଖ୍‌ବାକେ ମିଲିଛେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍‌ରେ। ଦମ୍ପତି ସିମେଟ, ସାର ବସ୍‌ତା ଠୁଲେଇ ସେଥିରୁ ଦଁରା, ଛାଟି, ଦୁଆଁ ତିଆର କରି ପରିବାର ଚଲଉଛନ୍। ସୂଚନା ଅନ୍‌ସାରେ ଲୋଇସିଂହା ବ୍ଲକ ତଲିଉଡ଼ାର ପଁଚେତ୍ ଅଧୀନ ବାଗଡ଼ିଆ ଗାଁର ମୂଲବାସିନ୍‌ଦା ମୀନ ମାଝି(୬୦)। ପରିବାର କହେଲେ ମାଏକିନା ଲତା, ଦୁଇ ଝିଁ ଆର ଗୁଟେବଲି ପୁଓକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍। ମା'ବାପ୍ ଅମଲୁ ଡାକ୍‌ତରଖାନା ଛକ୍ ପାସେ ସରକାରୀ ଜମିରେ ଗୁଟେ କୁରିଆ କରି କୁଟୁମ ବସିଆ ରହୁଛନ୍। ମୀନ ମା'ବାପ୍‌ନୁ ଦଁରା, ଛାଟି, ଦୁଆଁ, ଶିକା ତିଆରିବାର ଶିଖିଥିଲେ। ମା'ବାପ୍ ଚାଲିଗଲା ଉତାରୁ ମୀନ ଇଟାକେ ବୁର୍‌ତି ହିସାବେ ଧରିନେଇଛନ୍। ଇ କାମ୍‌ରେ ମୀନକଁର ମାଏକିନା ଲତା ବି ସହଯୋଗ କରୁଛନ୍। ମୀନ ଗାଁଗଁଡ଼ା ବୁଲି ସିମେଟ, ସାର ବସ୍‌ତା ଘିନିଆନୁଛନ୍। ସେଟାକେ ଧୁଆରେଥା କରି ଖରାରେ ଶୁଖଉଛନ୍। ବସ୍‌ତାରୁ ପାଏନ୍ ଛାଡ଼ଲା ଉତାରୁ ସେଟାକେ ନିକେଇ ଲୁଇ ଧରି ପାଚ ମାରୁଛନ୍। ତା'ପରେ ସେଥିରୁ ଦଁରା, ଛାଟି, ଦୁଆଁ, ଶିକା ତିଆର କରୁଛନ୍। ଇ ବାବ୍‌ଦେ ମୀନକୁଁ ପଚ୍‌ରାଲାରୁ ୨ରୁ ୩ଟା ସିମେଟ ବସ୍‌ତାରେ ଗୁଟେ ଦୁଆଁ ହେଉଛେ। ହପ୍‌ତାକ ପାଖାପାଖି ୧୫୦ରୁ ୨୦୦ ଦୁଆଁ ତିଆର କରି ହେଉଛେ। ବେପାରୀମାନେ ଘରକେ ଆସି ଇ ସାମାନ ନେଇ ଯାଉଛନ୍ ବଲି ସେ କହିଥିଲେ। ସେନ୍‌ତା ଇ ବେପାରରୁ ଯାହା ମିଲୁଛେ ସେଥିରେ ଆମର ତେଲ୍‌ନୁନ୍ ଚଲିଯାଉଛେ। ଇ କମାନୀରୁ ୨ ଝିଁକେ ବିହାଟୁରା କରିଛେଁ। ହେଲେ ବି ଅଭାବ ଅନାଟନ ଲାଗି ରହୁଛେ। ସେଥିଲାଗି ଗୁଟେବଲି ପୁଓ ୬ ବଛର ହେଲା ବାହାର ରାଏଜେ ଦାଦନ୍ ଖଟୁଛେ। ପଁଚେତ୍‌ରୁ ମାସିକ ୧୫ କେ.ଜି. ଚାଉଲ ମିଲୁଛେ। ଘରଖଁଡ଼େ ବି ମିଲିଛେ, ହେଲେ ରଏତି ଜମି ଅଭାବୁ ଘର ତିଆରି ନାଇଁ ପାରବାର। ତହସିଲରୁ ଜାଗା ଖଁଡ଼େ ଦେଲେ ଘରଟା ହେଇପାରତା। ସେନ୍‌ତା ମୋତେ ୬୦ ବଛର୍‌ରୁ ଅଧିକା ହେଲାନ ହେଲେ ଭୋଟର କାର୍ଡରେ ଭୁଲଭଟକା ଲାଗି ଭତା ନାଇଁ ମିଲିପାରବାର ବଲି ମୀନ କହିଛନ୍।



ମାଝି ଦମ୍ପତି ଦୁଆଁ ତିଆରିବାରେ ବାଇ ଅଛନ୍।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳିଆ ନେଖାରେ ପାଳିଆ ବନ୍ଧୁ**
**ଯମୁନା ଲେଖାରେ ଅପା ।**

ଲେଖାଯୋଖାରେ ଦୂର ସମ୍ପର୍କୀୟ ବନ୍ଧୁ। କିଛି ବ୍ୟକ୍ତି ଏମିତି ଭାବରେ ସମ୍ବନ୍ଧର ସମ୍ବନ୍ଧ ଖଞ୍ଜି ଦିଅନ୍ତି ଯେ ଶେଷରେ ଆଗରୁ ଚିହ୍ନା ଜଣା ନ ଥିବା ଅତି ମହତ ଓ ବଡ଼ ଲୋକ ମଧ୍ୟ ତାଙ୍କର ବନ୍ଧୁବାନ୍ଧବ, ସମ୍ପର୍କୀୟ ହୋଇଯାନ୍ତି। ଲତା ଗୋଟା ଖଞ୍ଜି ଖଞ୍ଜି ସମ୍ବନ୍ଧ ସ୍ଥାପନ କରି ନିଜର ସୁବିଧା ଉଠାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆରେ ଚଇତା**
**ଦି' ମାଇପର ଘଇତା**
**ତତଲା ଖାଇବୁ କି ପଖାଳ ଖାଇବୁ**
**ଦିନ ଥାଉଁ ଥାଉଁ କହିଥା !**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେ ନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଫଟୋରେ ଖବର



ପୁଇଁତଲା ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ବିଭାଗ ଅଧିକାରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକ।

# ଗଠନମୂଳକ କାର୍ଯ୍ୟରେ ସାମିଲ ହେବାକୁ ଗୁରୁତ୍ୱ

**ଦେଓଗାଁ, ୨୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖବରଦାତା ଓ ଖବରକାଗଜ ବିତରକ ସଂଘର ବାର୍ଷିକ ସାଧାରଣ ସଭା ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ନୂଆପଡା ଜିଲା ତିଖାଲି ଡ୍ୟାମରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା କିଶୋର କୁମାର ସାହୁଙ୍କ ସଭାପତିତ୍ୱ ତଥା କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ନିମନ୍ତ୍ରିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ସୁଶୀଲ କୁମାର ଚାନ୍ଦ ଯୋଗଦେଇଥିଲେ। ଏ ଅବସରରେ ଉପସ୍ଥିତ ସଦସ୍ୟମାନେ ଅଞ୍ଚଳରେ ରହିବା ସହ ନିରପେକ୍ଷ ଭାବେ କାମ ଗଠନମୂଳକ କାର୍ଯ୍ୟରେ ସହଭାଗିତା କରିବାକୁ ମତପ୍ରକାଶ ପାଇଥିଲା। ଶ୍ରେଷ୍ଠ ଖବରକାଗଜ ବିତରକ ଭାବେ ରିତେଶ ରଣାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶରତ କୁମାର ପୁଟେଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାମଚନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଖବରକାଗଜ ବିତରକ ଅମ୍ବରିଶ ଥନାପତି, ହେମନ୍ତ ସେଠ, କପିକେତନ ବେମାଲ, ଜଳନ୍ଧର ପଧାନ, ରାକେଶ ସୁନା, ଅଭୟ ଖମାରୀ, ଗେଥଲ ମଲ୍ଲିକ, ହରିବନ୍ଧୁ ଦୀପ, ଗୋପାଳ ସିଂ ନାୟକ, ବୁବୁନ ପୁଟେଲ, ବୁଦ୍ଧଦେବ ପରୁଆ, ଝଗଡୁ ଗଡତ୍ୟା, ସୁଶାନ୍ତ ସାହୁ, ହରି କୃଷ୍ଣ ସିଂ ବରିହା ପ୍ରମୁଖ ଉପସ୍ଥିତ ଥିଲେ।



ଉପସ୍ଥିତ ଖବରଦାତା, ଖବରକାଗଜ ବିତରକ ସଂଘର ସଦସ୍ୟମାନେ।

# ଯୁବ ଗାଡ଼ି ଚାଳକଙ୍କ ଆତ୍ମହତ୍ୟା

**ବଲାଙ୍ଗୀର ଅଫିସ, ୨୭।୧୧**

ବଲାଙ୍ଗୀର ରମାଇ ଟକିଜ ନିକଟ ଗଳିରେ ଥିବା ଏସିସି ଅଫିସରେ ଜଣେ ଯୁବ ଟ୍ରକ୍ ଡ୍ରାଇଭର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅଭିରାମ ମହାନନ୍ଦିଆ (୨୦)। ତାଙ୍କ ଘର ରାୟଗଡା ସହରରେ। ବରଗଡରୁ ସିମେଣ୍ଟ ଆଣିବା ପରେ ବଲାଙ୍ଗୀର ଏସିସି ଅଫିସରେ ସେ ରହିଥିଲେ। ସକାଳୁ ସେଠାରେ ତାଙ୍କର ମୃତଦେହ ଝୁଲୁଥିବା ଦେଖାଯାଇଥିଲା। ଟାଉନ୍ ଥାନା ପୋଲିସ ମୃତଦେହକୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨୬/୧୯) ରୁଜୁ କରାଯାଇଛି।

# ନିଃସ୍ୱାର୍ଥପର ସେବାକଲେ ଜୀବନ ସାର୍ଥକ ହେବ

**ଦେଓଗାଁ, ୨୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୁମାର ଷାଣ୍ଢଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଚୈତନ୍ୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ, ସମ୍ମାନୀତ ଅତିଥି ସାଧନକର୍ମୀ ରବିନ୍ଦ୍ର ଠେଟୁଆ, ଦେବାନନ୍ଦ ଦାଶ, ଭକ୍ତ ଚରଣ ସାହୁ, ବିଦ୍ୟୁତ୍‌ଲତା ଖମାରୀ, ନିତୁ ଅଗ୍ରୱାଲ ଯୋଗଦେଇଥିଲେ। ସଂଗଠିତ ହୋଇ ନିସ୍ୱାର୍ଥପରଭାବେ ଲୋକଙ୍କ ସେବାକଲେ ଜୀବନ ସାର୍ଥକ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନେ ସ୍ଥାନୀୟ ହାଇସ୍କୁଲରୁ ଏକ ସଚେତନତା ଶୋଭାଯାତ୍ରାରେ ଦେଓଗାଁ ଓ କଛାରପାଲି ଗାଁ ପରିକ୍ରମା କରିଥିଲେ। ଏହି ଅବସରରେ କଛାରପାଲି ଜଗନ୍ନାଥ ମନ୍ଦିର ପରିସରରେ ଛାତ୍ରୀଛାତ୍ରମାନେ ସଚେତନତାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ନିନା ଛତ୍ରୀୟା ଉଦ୍‌ଘାଟନ କରିଥିଲେ।


CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

FINANCE
Jeevan ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି। ସୁଧ=1%
MOB - 9853098838, 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନୁ ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋରଧାରୀ ବ୍ୟକ୍ତିମାନଙ୍କୁ ମଧ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ 90 ଲକ୍ଷ/- ଭଡ଼ା - 90 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ

## ସଂକ୍ଷେପରେ



### ସମ୍ବିଧାନ ଦିବସ ପାଳନ ସହ ଛାତ୍ରୀଛାତ୍ରଙ୍କ ଶପଥ ପାଠ

**ନୂଆପଡା ଅଫିସ/ସିନାପାଲି,୨୭।୧୧:** ଏହି ଜିଲା ନୂଆପଡା ନ୍ୟାସନାଲ କଲେଜ ଏବଂ ସିନାପାଲିସ୍ଥିତ କଲେଜରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବାବେଳେ କଲେଜର ପ୍ରାଧ୍ୟାପକ ଦୁର୍ଲ୍ଲଭ ଚରଣ ବେହେରା, ସୁରେନ୍ଦ୍ର ମୋହନ ଦାସ, ଗଜେନ୍ଦ୍ର ପ୍ରସାଦ ନାୟକ, ଶିବପ୍ରସାଦ ସା, ସଚିନ କୁମାର ବାବୁ, ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସମ୍ବିଧାନର ମୁଖବନ୍ଧ ପଠନ କରାଯାଇ ଶପଥପାଠ ହୋଇଥିଲା। ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହିଭଳି ସିନାପାଲି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ମୋହନ ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ପର୍ତ୍ତୁଲ କୁମାର ପଣ୍ଡା, ବୀରେନ୍ଦ୍ର କୁମାର ବେହେରା, ରଜନୀକାନ୍ତ ମେହେର, ଉଦୟ ନାଥ ନାଏକ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଏଥିରେ ଅଧ୍ୟାପକ ପର୍ତ୍ତୁଲ ପଣ୍ଡା ଶପଥପାଠ କରାଇଥିବାବେଳେ ବୀରେନ୍ଦ୍ର କୁମାର ବେହେରା ଆମ୍ବେଦକରଙ୍କ ଅବଦାନ ଓ ତାଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଧର୍ମପାରାୟଣ ବ୍ୟକ୍ତିଙ୍କ ପରଲୋକରେ ଶୋକସଭା

**କେସିଙ୍ଗା, ୨୭।୧୧ (ଡି.ଏନ.ଏ)-** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମ ପଞ୍ଚାୟତ ଜବାହାର ଉଚ୍ଚ ବିଦ୍ୟାପୀଠଠାରେ ଧର୍ମପରାୟଣ ବ୍ୟକ୍ତି ନବକିଶୋର ରାଉତଙ୍କ ପରଲୋକ ନେଇ ଏକ ଶୋକସଭା ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଉକ୍ତ ବିଦ୍ୟାପୀଠର ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ୱର୍ଗତ ନବକିଶୋରଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ପରିବାର ପ୍ରତିପୋଷଣ ଚିନ୍ତାରେ ଚାଷୀ

**ସିନାପାଲି, ୨୭।୧୧ (ଡି.ଏନ.ଏ)**



କ୍ଷତିଗ୍ରସ୍ତ ଚାଷୀମାନେ।



ଧାନ କ୍ଷେତରେ ନିଆଁ ଲଗାଉଛନ୍ତି ଚାଷୀ ।

କଥାରେ ଅଛି ଚାଷ କାମ ଯାହାର କେତେ ସୁଖ ତାହାର । ସିଏ ସିନା ଦୁନିଆକୁ ଯୋଗାଉଛି ଆହାର। ଏହି ପଦବାଚ୍ୟ ପ୍ରକୃତରେ ଯଥାର୍ଥରେ ପ୍ରତିପାଦିତ ହୋଇପାରି ନାହିଁ । ସୁଖ ବଦଳରେ ଚାଷୀ ମନରେ ଦୁଃଖ ଭରି ଦେଇଛି। ଯେଉଁ ଚାଷୀ ଆହାର ଦୁନିଆକୁ ଯୋଗାଇବା କଥା ବର୍ତ୍ତମାନ ଚାଷୀ ପରିବାରକୁ କିଏ ଦାନା ପାଣି ଆହାର ଯୋଗାଇବ ସେହି ଚିନ୍ତାରେ ଭାଙ୍ଗି ପଡିଛନ୍ତି ନୂଆପଡା ଜିଲା ସିନାପାଲି ବ୍ଲକ ସ୍ଥିତ ଗୋର୍ଲା ଗ୍ରାମ ପଞ୍ଚାୟତର

- ଚାଷ ଉଜାଡି ଦେଲା ଚକଡାପୋକ
- ଦାଦନ ଯିବାକୁ ପ୍ରସ୍ତୁତ
- ସରକାରୀ ସହାୟତା ଅପେକ୍ଷାରେ ଚାଷୀ

ଚାଷୀମାନେ। ଗୋର୍ଲା ଗ୍ରାମ ପଞ୍ଚାୟତର ମାଳପଡା ଗୋବିନ୍ଦପୁର, ହୀରାପୁର ଗ୍ରାମର ଏକର ଏକର ଚାଷ ଜମିରେ ଚକଡା ପୋକ ଲାଗି ସର୍ବସ୍ୱାନ୍ତ କରିଦେଲା। ଧାନଗଛ ମୂଳରୁ ଏହି ପୋକ ଲାଗିଲା ଯେ, ଆଉ କମିବାର ନାଁ ଧରିଲା ନାହିଁ। ଧାନ କ୍ଷେତରେ ହଳଦିଆ ହୋଇ ପାଳ ହୋଇଗଲା । ଜମିରେ ଦା ମଧ୍ୟ ବୁଲିବା କଷ୍ଟକର ହୋଇପଡିଲା। ଚାଷୀମାନେ ବର୍ଷକର ଖାଦ୍ୟପେୟ ଠାରୁ ଆରମ୍ଭକରି ତମାମ ଖର୍ଚ୍ଚ ଏହି ଧାନରୁ ରୋଜଗାର କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ସବୁଉଜୁଡି ଯିବା ପରେ ଚାଷୀ ମୁଣ୍ଡରେ ହାତଦେଇ ବସିବା ସହ ପରିବାର ପ୍ରତିପୋଷଣ କରିବାର ଉପାୟ ପାଇପାରୁନାହିଁ। ଚାଷୀମାନେ ଧାରକରଜ କରିବା ସହିତ ବ୍ୟାଙ୍କରଣ କରି ଟଙ୍କା ଉଠାଣ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଧାନ ଗଛ ଉଠିବା ଓ ବେଉଷଣ ସରିବା ପରେ ଧାନ ଗଛରେ ଫଳ ଧରିବା ଆରମ୍ଭ ବେଳକୁ ଚକଡା ରୋଗର ପ୍ରାଦୁର୍ଭାବ ଦେଖାଦେଲା। ବିଭିନ୍ନ କିଟନାଶକ ପ୍ରୟୋଗ କରିବା ସହ ବିଭାଗୀୟ କୃଷି କର୍ମଚାରୀମାନଙ୍କ ପରାମର୍ଶ ମଧ୍ୟ ନେଇଥିଲେ । ସବୁ ଚେଷ୍ଟା ସତ୍ତ୍ୱେ ମଧ୍ୟ ରୋଗ କମିଲା ନାହିଁ। ଏକର ଏକର ଧାନ ଚାଷ ନଷ୍ଟ ହୋଇଗଲା । ଫଳରେ କେତେକ ସ୍ଥାନରେ ଚାଷୀମାନେ ଧାନ କ୍ଷେତରେ ନିଆଁ ଲଗାଇ ଦେଇଥିବା ଦେଖିବାକୁ ମିଳିଛି। ଏବେ ଚାଷୀମାନେ ଚିନ୍ତାରେ ଭାଙ୍ଗି ପଡିବା ସହ ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ସରକାରୀ ସ୍ତରରେ କୌଣସି ସହାୟତା ଦିଆ ନ ଗଲେ ଆଗାମୀ ଦିନରେ ପଡୋଶୀ ରାଜ୍ୟକୁ ଦାଦନ ଖଟିଯିବା ପାଇଁ ବାଧ ହେବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଚାଷୀମାନେ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସିନାପାଲି ସରକାରୀ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି କଣ କରାଯାଇ ପାରିବ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

### ଚାଷୀମାନେ ଯାହା କହନ୍ତି...

“ ୨ ଏକର ମୋର ଜମିନରେ ଚାଷ କରିଥିଲି ହେଲେ ବହୁ ଲୋକର ଠାରୁ ଧାନ ଅମଳ ପରେ ଟଙ୍କା ଦେବି ବୋଲି କହିଥିଲି । ଧାନ ତୋ ହେଲାନି ଏବେ କଣ କରିବି ଭାବି ପାରୁନାହିଁ। ସରକାର କିଛି ସହଯୋଗ ନକଲେ ପରିବାର ଭାସିଯିବେ ।

**-ଭଗବାନ ହଂସ, ଚାଷୀ, ଗୋବିନ୍ଦପୁର**

“ ବର୍ତ୍ତମାନ କୌଣସି ବୁଦ୍ଧି ମନକୁ ଆସୁନି । ପରିବାର କିଭଳି ଚଳାଇବୁ ଚିନ୍ତାରେ ଉପାୟ ଦିଶୁନି। ଏଠାରେ କାମ ଧନ୍ଦାର ଅଭାବ ଦେଖାଦେଇଛି। ସରକାରୀ କାମ ବି ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାର ଆମ କଥା ଚିନ୍ତା କରନ୍ତୁ।

**-ଅଭିରାମ ବକୁଲ, ଚାଷୀ, ମାଳପଡ଼ା**

“ ସରକାର ବହୁଳ ଭାବରେ ସରକାରୀ ଯୋଜନା ହାତକୁ ନେଇ ଆମ ଅଞ୍ଚଳରେ କାମ ଯୋଗାଇ ନ ଦେଲେ ପରିବାର ପ୍ରତିପୋଷଣ ଅସମ୍ଭବ ହୋଇପଡିବ। ନ ହେଲେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବୁ।

**-କୁମୁଦ ପ୍ରଧାନ, ଚାଷୀ, ହୀରାପୁର**

“ ଆମ ଅଞ୍ଚଳରେ ଚାଷ ଉଜୁଡ଼ି ଯାଇଛି। ଧାରକରଜ କରି କେତେଦିନ ଚଳିବୁ। କଣ କରିବୁ ବୁଦ୍ଧି ଶୂନ୍ୟ ହେଇଯାଉଛି। ସରକାର ଆମକୁ ସାହାଯ୍ୟ ନ କଲେ ମୋର ପରିବାର ଦୁର୍ଦ୍ଦିନରେ କାଳାତିପାତ କରିବୁ।

**-ରୂପ ସିଂ ହଂସ, ଚାଷୀ, ଗୋବିନ୍ଦପୁର**

### ଲାଞ୍ଚ ନେବା ମାମଲାରେ ମୁଖ୍ୟ କିରାଣିଙ୍କୁ ୧ ବର୍ଷ କାରାଦଣ୍ଡାଦେଶ

**ଭବାନୀପାଟଣା, ୨୭।୧୧ (ଡି.ଏନ.ଏ.)**

ସ୍ଥାନୀୟ ପଲିଟେନିକ୍ କଲେଜର ମୁଖ୍ୟ କିରାଣିଙ୍କୁ ଏକ ଲାଞ୍ଚ ନେବା ମାମଲାରେ ବୁଧବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ୩।୨ ।୨୦୧୭ ରେ ସ୍ଥାନୀୟ ପଲିଟେକନିକ୍ କଲେଜର ମୁଖ୍ୟ କିରାଣୀ ପ୍ରଶାନ୍ତ କୁମାର ମିଶ୍ର ଉକ୍ତ କଲେଜରେ ଗେଷ୍ଟ ଫେକଲଟି ଥିବା ଆଦିତ୍ୟ ମହାପାତ୍ରଙ୍କର ୨୧ ହଜାର ୯୯୦ ଟଙ୍କା ବିଲ ପାସ କରିବା ପାଇଁ ୧ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଉକ୍ତ ଘଟଣାର ତଦନ୍ତ ଭିଜିଲାନ୍ସ ଇନ୍ସପେକ୍ଟର ନବରଙ୍ଗପୁର ଦିନବନ୍ଧୁ ବେହେରା ତଦନ୍ତ କରି ଭିଜିଲାନ୍ସ କୋର୍ଟରେ ଚାରସିଟ୍ ଦାଖଲ କରିଥିଲେ। ବୁଧବାର ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଧାନ କୁମାର ଚାନ୍ଦ ଅଭିଯୁକ୍ତ ମିଶ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାର ପରିଚାଳନା କରୁଥିଲେ ସ୍ୱତନ୍ତ୍ର ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର ଆଶୁତୋଷ ମିଶ୍ର।

PROCLAMATION REQUIRING THE APPEARANCE OF THE ACCUSED
IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD
C.C. No. 288 OF 2017
Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused
To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha
Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail
(BY ORDER OF THE COURT)
C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59

# ମା' ଆମମୁଡିଏନ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ବେଲଗାଁ

**ଖଡ଼ିଆଳ, ୨୭।୧୧ (ଡି.ଏନ.ଏ)**



କ୍ରିକେଟ ଟୁର୍ନାମେଣ୍ଟର ଖେଳାଳିଙ୍କ ସହ ଅତିଥି।

ନୂଆପଡା ଜିଲା ଖଡିଆଳ ବ୍ଲକ ଡୁମେରବାହାଲ ଗ୍ରାମରେ ବୁଧବାର ମା' ଆମମୁଡିଏନ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ହୋଇଥିଲା। କୋମନା ବ୍ଲକ ବେଲଗାଁ ଦଳ ଓ ଆୟୋଜିତ ଡୁମେରବାହାଲ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ଟସ ଜିଣି ବେଲଗାଁ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୦୫ ରନ କରି ଅଲଆଉଟ ହୋଇଥିଲେ। ଡୁମେରବାହାଲ ଦଳ ସମସ୍ତ ଓଭର ଖେଳି ୭ ଉଇକେଟ ହରାଇ ୧୦୨ ରନ କରିଥିଲେ । ଏହି ଫାଇନାଲ ଖେଳରେ ବେଲଗାଁ ଦଳ ବିଜୟୀ ହୋଇ ଫାଇନାଲକୁ ଯାଇଛି। ଟୁର୍ନାମେଣ୍ଟର ମେନ ଅପ୍ ଦି ମ୍ୟାଚ ପ୍ରିତମ ଓ ମ୍ୟାନ ଅଫ୍ ଦି ସିରିଜ ଅମିର ଘିଭେଲା ଓ ବେଷ୍ଟ ବୋଲର ଭାବରେ ରଞ୍ଜିତ ତାଣ୍ଡି ଏବଂ ବେଷ୍ଟ ଉଇକେଟ କିପର ଭାବରେ କ୍ଷୀରୋଧଙ୍କୁ ପୁରସ୍କୃତ କରାଯାଇଥିଲା। ବିଜେତା ଦଳକୁ ନଗଦ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳକୁ ଅମ୍ପାୟାନ ଭାବରେ ଅନୁରାଗ,ଜତିନ୍ଦ୍ର ସିଂ ତାଣ୍ଡି ଓ କ୍ଷୀରସାଗର ଘିଭେଲା ପରିଚାଳନା କରିଥିଲେ । ସ୍କୋରର ଭାବରେ ଯୁଗେନ୍ଦ୍ର ବାଗ, ଦୁଷ୍ମନ୍ତ ଘିଭେଲା, ଦେବେନ୍ଦ୍ର ଘିଭେଲା ପରିଚାଳନା କରିଥିବା ବେଳେ ଧାରାବିବରଣୀ ପିଣ୍ଟୁ ଘିଭେଲା, ଦାମୋଦର ଘିଭେଲା, ହିମାଂଶୁ ଶେଖର ବାରିକ ଓ ମୋହନ ଘିଭେଲା ପ୍ରଦାନ କରିଥିଲେ । ଏହି ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବରେ ସାନମହେଶ୍ୱର ସରପଞ୍ଚ ବିଦୁର କୁମାର ଶବର, ସମ୍ମାନିତ ଅତିଥି ଭାବରେ ପରମେଶ୍ୱର ବାରିକ, ରାଜିନ୍ଦ୍ର ତାଣ୍ଡି, ଆସନ କୁମାର ଘିଭେଲା, ପିତବାସ ଜାନୀ, ଧର୍ମାନନ୍ଦ ତାଣ୍ଡି, ସୁଦାମ ଘିଭେଲା ପ୍ରମୁଖ ଯୋଗଦେଇଥିଲେ ।

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଗାଡ଼ି
ଟେଣ୍ଡର ବିଜ୍ଞପ୍ତି ସଂ.13-SBP-TRD-OT -2019-20, ତା.18.11.2019ରିଖ
କାର୍ଯ୍ୟର ନାମ: 02 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/TRD/ ଟିଟିଲାଗଡ଼ଙ୍କ କାର୍ଯ୍ୟାଳୟ (Official) ବ୍ୟବହାର ନିମନ୍ତେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 9,05,392.70, EMD (ଟଙ୍କାରେ): 18,100/-,ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି : 730 ଦିନ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.12.2019 ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD)/ ସମ୍ବଲପୁର
PR-535/K/19-20

# ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର ମଞ୍ଚ ବୈଠକ: ଦାବିପତ୍ର ପ୍ରଦାନ

**ବୋଡେନ, ୨୭।୧୧(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ଆଞ୍ଚଳିକ ସ୍ତରୀୟ ସ୍ୱତନ୍ତ୍ର ମହିଳା ଅଧିକାର ସାମ୍ମୁଖ୍ୟର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବୋଇରଗାଁ, ଫରସରା ଓ ଲିଟିସର୍ଗି ଗ୍ରାମପଞ୍ଚାୟର ୮ଜଣରୁ ଉର୍ଦ୍ଧ୍ୱ ପ୍ରତିନିଧି ସ୍ୱୟଂ ସହାୟକ ଦଳର ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ପଞ୍ଚାୟତକୁ ଏକ ମଡେଲ ଓ ମହିଳା ଏବଂ ବାଳିକା ଶିଶୁମାନଙ୍କ ପାଇଁ ନିରାପଦ ଗ୍ରାମପଞ୍ଚାୟତ ଗଠନ କରିବା ପାଇଁ ଥିବା ପ୍ରତିବନ୍ଧକ ଓ ତାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା। ଉକ୍ତ ତିନିଟି ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଓ ମହିଳା ନିରାପତ୍ତା ଜୀବନ ଜୀବିକା ଭଳି ପ୍ରସଙ୍ଗ ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଗୋଚରାର୍ଥେ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୋଡେନ ସାମାଜିକ ଅଧିକାରୀ ଦୁର୍ଗୁ ନିଆଳ, ବ୍ଲକ ପ୍ରଗତି ସହାୟକ ଘନଶ୍ୟାମ ବାଗ, ଫରସରା ନାଏବ ସରପଞ୍ଚ ଡିଗ୍ରୀ ସା, ବୋଇରଗାଁ ସରପଞ୍ଚ ବିନୋଦିନି ମାଝି, ଲିଟିସର୍ଗି ସରପଞ୍ଚ ଅନୁପମା ଭୋଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଅନୁଷ୍ଠାନ ଆୟୁଷ୍ମାନର ଜିଲା ସଂଯୋଜକ ଚୈତନ୍ୟ ସା ପରିଚାଳନା କରିଥିଲେ। ଦ ହଙ୍ଗର ପ୍ରକଳ୍ପ ନୂଆଦିଲୀ ସହାୟତା କରିଥିଲେ। ବ୍ଲକ ସଂଯୋଜକ ସତ୍ୟ ମେହେର ସହଯୋଗ କରିଥିଲେ।



ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ଦିଆଯାଉଛି।

ପ୍ରତିବାଦୀଙ୍କ ଉପସ୍ଥିତି ପାଇଁ ନୋଟିସ
ଆଦେଶ ୫ ନିୟମ ୨୦, ବ୍ୟ.ପ୍ର.ସଂ.
ନ୍ୟାୟାଳୟ: ନ୍ୟାୟଧାରୀ, କୁଟୁମ୍ବ, ନ୍ୟାୟାଳୟ, ରାୟଗଡ଼ (ଛତିଶଗଡ଼)
ବିବିଧ ଅପରାଧିକ ପ୍ରକରଣ କ୍ର.–କ–ଏକ ୭୨/୨୦୧୯
ପେଶି ଦିନ: ୧୬/୧୨/୨୦୧୯
ପ୍ରୋସେସ ନମ୍ବର: ୮୯୪
୧. ଶ୍ରୀମତୀ ମମତା ସାହୁ, ପତି: ସୁଜିତ ସାହୁ, ଆୟୁ–୨୭ ବର୍ଷ, ପେସା କିଛି ନାହିଁ, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି ଛକ, ସୋହେଲା ରୋଡ଼, ଥାନା/ଜିଲ୍ଲା– ବରଗଡ଼, ହାଲ ନି/ପୋ/ଥା/ତ– ପୁସୋର, ଜି– ରାୟଗଡ଼ (ଛତିଶଗଡ଼) ............ଆବେଦକ
୨. ସୁଜିତ ସାହୁ, ପିତା: ଶ୍ରୀ ଚିତ୍ରସେନ ସାହୁ, ବୟସ ବ୩୪ର୍ଷ, କର୍ମ: ଚାକିରି, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି, ଛକ, ସୋହେଲା ରୋଡ଼, ୱାର୍ଡ ନଂ–୧, ଗଲି ନଂ–୭, ଥାନା/ଜିଲ୍ଲା–ବରଗଡ଼ ............. ଅନାବେଦକ।
ଉପରୋକ୍ତ ବାଦୀ ଏହି ନ୍ୟାୟାଳୟ ପାଖରେ ଧାରା ୧୨୫ ଦ.ପ୍ର.ସଂ ଅନୁସାରେ ପ୍ରସ୍ତୁତ କରିଛନ୍ତି, ଏହି ସୂଚନା ଦ୍ୱାରା ଉକ୍ତ ପ୍ରତିବାଦୀ ସୁଜିତ ସାହୁ, ପିତା: ଚିତ୍ରସେନ ସାହୁଙ୍କୁ ସୂଚିତ କରାଯାଉଛି ଯେ ଆପଣ ଏହି ନ୍ୟାୟାଳୟରେ ତାରିଖ ୧୬।୧୨।୨୦୧୯ରିଖ ସମୟ ୧୧ ଘଣ୍ଟାରେ ଉପସ୍ଥିତ ହୋଇ ଆପଣ ନିଜର ଜବାବ ପ୍ରଦାନ କରନ୍ତୁ। ଯଦି ଆପଣ ଦିଆଯାଇଥିବା ସମୟରେ ଉପସ୍ଥିତ ନ ରୁହନ୍ତି ତେବେ ପ୍ରକରଣରେ ଆପଣ ଅନୁପସ୍ଥିତିରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ଯଦି ଉକ୍ତ ତିଥିରେ ଅବକାଶ ଘୋଷିତ ହୁଏ, ଅବା ପିଠାସୀନ ଅଧିକାରୀ ଅବକାଶରେ ରୁହନ୍ତି ତେବେ ଶୁଣାଣି ଆସନ୍ତା କାର୍ଯ୍ୟାଦିବସରେ ହେବ।
ଆଜି ତା ୨୦।୧୧।୨୦୧୯ ମୋର ହସ୍ତାକ୍ଷର ଏବଂ ନ୍ୟାୟାଳୟର ମୁଦ୍ରା ସହିତ ଜାରି କରାଗଲା।
ଓମ ପ୍ରକାଶ ସିଂହ ଚୌହାନ
ନ୍ୟାୟାଧୀଶ
ପରିବାର ନ୍ୟାୟାଳୟ
ରାୟଗଡ଼, (ଛ.ଗ)

କଇଁଟପଦର ଗ୍ରାମପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନିୟମିତତା

# ଜିଲାପାଳଙ୍କୁ ଅଭିଯୋଗ କଲେ ପଞ୍ଚାୟତବାସୀ

**ସିନାପାଲି, ୨୭।୧୧ (ଡି.ଏନ.ଏ)**

ନୂଆପଡା ଜିଲା ସିନାପାଲି ବ୍ଲକ କଇଁଟପଦର ଗ୍ରାମପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ)ରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ନୂଆପଡା ଜିଲାପାଳଙ୍କ ସମେତ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ମଧ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ନବଗଠିତ କଇଁଟପଦର ଗ୍ରାମପଞ୍ଚାୟତ ଗତ ପଞ୍ଚାୟତ ନିର୍ବାଚନରେ ଖଇରପଦର ଗ୍ରାମପଞ୍ଚାୟତରୁ ଅଲଗା ହୋଇ ସ୍ୱତନ୍ତ୍ର ଗ୍ରାମପଞ୍ଚାୟତର ମାନ୍ୟତା ପାଇଥିଲା। ସେଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପିତ ହେବା ସହିତ ଓଡିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ସ୍ୱତନ୍ତ୍ର ଭାବରେ ସରପଞ୍ଚ ଓ ଅନ୍ୟାନ୍ୟ ଜନପ୍ରତିନିଧି ନିର୍ବାଚିତ ହୋଇ କାର୍ଯ୍ୟ କରିଆସୁଛନ୍ତି। ହେଲେ ସେହି ଗ୍ରାମପଞ୍ଚାୟତକୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଖାଉଟି ଦ୍ରବ୍ୟ ତଥା ଚାଉଳ, ଗହମ, କିରୋସିନ ଇତ୍ୟାଦି ଏଯାବତ୍ ପୂର୍ବ ଗ୍ରାମପଞ୍ଚାୟତ ଅର୍ଥାତ୍ ଖଇରପଦର ଗ୍ରାମପଞ୍ଚାୟତର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଣ୍ଟନ କରାଯାଉଛି। ଫଳରେ ଏହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛୋଟଦର୍ଲପଡା, ସିଆଲଲଟି, ହଳଦୀମୁଣ୍ଡା ଓ କଇଁଟପଦର ଗ୍ରାମର ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଗ୍ରାମପଞ୍ଚାୟତ ଗଠିତ ହୋଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କାର୍ଯ୍ୟକାରୀ ହେଉଥିବା ବେଳେ କେଉଁ କାରଣରୁ ସେମାନେ ଖାଉଟି ଦ୍ରବ୍ୟ ପାଇଁ ପୂର୍ବ ଗ୍ରାମପଞ୍ଚାୟତ ଉପରେ ନିର୍ଭର କରିବେ। ସେମାନେ ଗତ ତିନିମାସର ଚାଉଳ ଏ ଯାବତ୍ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହା ସହିତ ତାଙ୍କ ନିଜ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଗୋଦାମ ଗୃହରୁ ଖାଉଟି ଦ୍ରବ୍ୟ ବଣ୍ଟନ କରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଖଇରପଦର ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ମାଝିଙ୍କୁ ପଚାରିବାରୁ ସେ ଉଭୟ ଗ୍ରାମପଞ୍ଚାୟତର ଆଲଟମେଣ୍ଟ ଖଇରପଦର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାଏ। ଏଠାରୁ ଦୁଇଟି ଗ୍ରାମପଞ୍ଚାୟତର ହିତାଧିକାରୀମାନଙ୍କୁ ଚାଉଳ ବାଣ୍ଟିବାର ବ୍ୟବସ୍ଥା କରାଯାଇଛି। କଇଁଟପଦର ଗ୍ରାମପଞ୍ଚାୟତର କଇଁଟପଦର ଗ୍ରାମକୁ ଛାଡିଦେଲେ ଅନ୍ୟ ସମସ୍ତ ଗ୍ରାମର ହିତାଧିକାରୀମାନେ ଏଠାକୁ ଆସି ସମସ୍ତ ଖାଉଟି ଦ୍ରବ୍ୟ ନେଉଛନ୍ତି। କେବଳ କଇଁଟପଦର ଗ୍ରାମର ହିତାଧିକାରୀମାନେ ତାଙ୍କ ଗ୍ରାପ କାର୍ଯ୍ୟାଳୟରୁ ନେବା ପାଇଁ ଚାହୁଛନ୍ତି। ଏହା ଆମ କ୍ଷମତା ପରିସରରେ ନୁହେଁ, ତଥାପି ସେମାନଙ୍କ ଗ୍ରାମକୁ ନେଇ ଖାଉଟି ଦ୍ରବ୍ୟ ଦେବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ଏ ସମ୍ପର୍କରେ ସିନାପାଲି ଯୋଗାଣ ଅଧିକାରୀ ମୋହିତ କୁମାର ଭୋଇଙ୍କୁ ପଚରିବାରୁ ଆମ ବିଭାଗରେ ଯାହା ଦାୟିତ୍ୱ କରିବା କଥା ସମସ୍ତ କାର୍ଯ୍ୟ କରାଯାଇଛି, ହେଲେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସହଯୋଗ କରୁନାହାଁନ୍ତି। ଫଳରେ ଲାଇସେନସ ପ୍ରଦାନରେ ଅସୁବିଧା ସୃଷ୍ଟି ହେଉଛି, ଏହା ତୁରନ୍ତ ପଦକ୍ଷେପ ନେଇ ସମାଧାନ କରାଯିବ ବୋଲି କହିଥିଲେ।

ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ
ନିବେଦନ
୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/–
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/–
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/–
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/–
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଇ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନଚେତ୍ ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/–ଆଦାୟ କରାଯିବ।
ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।
ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)
କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ ।
ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)
ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା
-ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ

## ସଂକ୍ଷେପରେ

### ରାଜନୈତିକ ଭାଗୀଦାରି ଶୀର୍ଷକ ଆଲୋଚନାଚକ୍ର

ଲୋଇସିଂହା, ୨୭।୧୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟର ରାଜନୈତିକ ବିଜ୍ଞାନ ବିଭାଗ ପକ୍ଷରୁ ରାଜନୈତିକ ଭାଗିଦାରୀ ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରକୁ ଅଧ୍ୟାକ୍ଷ ତ୍ରିବିକ୍ରମଦାସ ଉଦ୍‌ଘାଟନ କରିଥିଲେ। ବିଭାଗ ମୁଖ୍ୟ ଅଧ୍ୟାପିକା ଚନ୍ଦ୍ରପ୍ରଭା ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଛାତ୍ର ରାକେଶ ମହାନନ୍ଦ, ପ୍ରବନ୍ଧ ଉପସ୍ଥାପନା କରିଥିଲେ । ଅଧ୍ୟାପକ ଦୟାନିଧି ସାହୁ, ଶ୍ରୀକାନ୍ତ ମହାନନ୍ଦ, ସରୋଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରୁ ଅଧ୍ୟାପିକା ଶିବାନୀ ବରାଡ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭା କାର୍ଯ୍ୟ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ମଦ ଜବତ, ଦୁଇ ଗିରଫ

ଗୁଡଭେଲା, ୨୭।୧୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ତୁଷୁରା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇଥିଲା । ଗୁଡଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମରେ ଚଢାଉ କରି ପ୍ରମୋଦ ପାଣ୍ଡେ ଓ ଅକ୍ଷୟ ପାଣ୍ଡେଙ୍କଠାରୁ ୯ ଲିଟର ଲେଖାଏଁ ଦେଶୀ ମଦ ଜବତ କରିଛନ୍ତି । ଏ ନେଇ ତୁଷୁରା ଅବକାରୀ କାର୍ଯ୍ୟାଳୟରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି । ଏହି ଚଢାଉ ବେଳେ ଏଏସଆଇ ଜୟନାରାୟଣ ଯୋଷୀ, ଦେବାର୍ଚ୍ଚନ ଭୋଇ, ସୁରେଷ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରତ୍ୟେକେ ସମ୍ବିଧାନ ବିଷୟରେ ଅବଗତ ହେବା ଜରୁରୀ

ବଲାଙ୍ଗୀର/ପୁଇଁତଲା, ୨୭।୧୧ (ଡି.ଏନ୍.ଏ.): ଦେଶର ପ୍ରତ୍ୟେକ ବ୍ୟକ୍ତି ସମ୍ବିଧାନ ବିଷୟରେ ଅବଗତ ହେବା ଜରୁରୀ। ପୁଇଁତଲା ବ୍ଲକ ବିଲେଇସର୍ଡାସ୍ଥିତ ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଶିକ୍ଷାବିତ୍ ନାରାୟଣ ନନ୍ଦ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ନନ୍ଦ ସମ୍ବିଧାନ୍ ପ୍ରଣେତା ଡକ୍ଟର ବିଆର୍ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ରାଷ୍ଟ୍ରର ସମ୍ବିଧାନ, ସମ୍ବିଧାନିକ ବିଧିବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମ୍ବିଧାନ ସମ୍ପର୍କରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମୀନାକ୍ଷୀ ବିଶ୍ୱାଳ, ଶାମୁକା ବିଶ୍ୱାଳ, ପାୟଲ ପଧାନ, ରଜୁଲ ମଲ୍ଲିକ, ସୁନୀଲ ବିଶ୍ୱାଳ, ଜିତୁ ବାଗ, ସୁମନ ପାଣିଗ୍ରାହୀ, ଅଙ୍କିତ ରଣା, ପୀତାମ୍ବର ରାଉତ ଓ ଜଗନ୍ନାଥ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରଞ୍ଜିତ ମିଶ୍ର ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁବାସିନୀ ସେଠୀ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ତପନ ବୁଡେକ, ଅଶ୍ୱିନୀ ମହାଲିଙ୍ଗ, କଷ୍ଟ ପଧାନ, ସୁଷମା ମେହେର ମଞ୍ଚାସୀନ ଥିଲେ। ଶିକ୍ଷା କର୍ମଚାରୀ ଅମୂଲ୍ୟ ଦୋରା ସହଯୋଗ କରିଥିଲେ ।

## ନାରାୟଣ ପୃଷେଠ୍ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ସମାରୋହ

# 'ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥାର ବହୁ ଦୂରରେ ରହିଛୁ'

ବଲାଙ୍ଗୀର ଅଫିସ,୨୭।୧୧

ଆମ ସ୍କୁଲ, କଲେଜ ପିଲାମାନେ ୯୯.୯ ପ୍ରତିଶତ ମାର୍କ ରଖୁଛନ୍ତି । ମାତ୍ର ଆମ ସ୍କୁଲ, କଲେଜଗୁଡିକ ବିଶ୍ୱସ୍ତରୀୟ ମାନକକୁ ଛୁଇଁପାରିନାହିଁ ଶ୍ରେଷ୍ଠ ଦୁଇ ଶହ ସ୍କୁଲ, କଲେଜରେ ଆମ ଦେଶର କୌଣସି ସ୍କୁଲ, କଲେଜ ସ୍ଥାନ ନ ପାଇବା ଆମର ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆମେ ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥାର ବହୁଦୂରରେ ରହିଯାଇଛୁଁ ଓ ଉପନିବେଶବାଦୀ ଶିକ୍ଷାର ବଶବର୍ତ୍ତୀ ହୋଇ ମୂଲ୍ୟବୋଧଭିତ୍ତିକ ଶିକ୍ଷାରୁ ଦୂରେଇ ଯାଇଛୁଁ । ଆମର ଶିକ୍ଷା ବ୍ୟବସ୍ଥା ଏବେ ଏକ ମିସାଇଲ ସଦୃଶ ହୋଇପଡିଛି । କେତେବେଳେ ଏହା ବିସ୍ଫୋରଣ ଘଟିବ କେହି କହିପାରିବେ ନାହିଁ ବୋଲି ପ୍ରଜ୍ଞାପୁରୁଷ ପ୍ରଫେସର ନାରାୟଣ ପୃଷେଠ୍‌ଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ବିଶିଷ୍ଟ ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଫେସର ଡ ଶିବପ୍ରସାଦ ନନ୍ଦ କହିଛନ୍ତି । ପ୍ରଫେସର ନାରାୟଣ ପୃଷେଠ୍ ସ୍ମୃତି କମିଟି ତରଫରୁ ଆବାହକ ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ସାର୍ବଜନୀନ ଶିକ୍ଷାର ଗତି ଓ ଗାନ୍ଧୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟତମ ଆଲୋଚକଭାବେ ସୂଚନା ଅଧିକାର କର୍ମୀ ତଥା ସ୍ତମ୍ଭକାର ହେମନ୍ତ ପଣ୍ଡା ଯୋଗଦାନ କରି ଗାନ୍ଧୀଙ୍କ ମାନବୀୟ ମୂଲ୍ୟବୋଧଭିତ୍ତିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଓ ଅକ୍ଷର ଶିକ୍ଷା ଉପରେ ଆଲୋକପାତ କରିଥିଲେ । ଗାନ୍ଧୀଜୀଙ୍କ ଶିକ୍ଷା ଚେତନାଠୁ ବହୁ ଦୂରରେ ଆଜିକାର ସାର୍ବଜନୀନ ଶିକ୍ଷା କିଭଳି ବାଟବଣା ହୋଇଯାଇଛି ସେ କହିଥିଲେ। ମୁଖ୍ୟଅତିଥିଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦାନ କରି ସାର୍ବଜନୀନ ଶିକ୍ଷା ଓ ଗାନ୍ଧୀ ଆଦର୍ଶ ଉପରେ କହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡାକୁଆ ସ୍ୱର୍ଗତ ପୃଷେଠ୍‌ଙ୍କ ଲିଖିତ ତଥା ସ୍ୱୟଂସିଦ୍ଧା ଫାଉଣ୍ଡେସନ୍ ତରଫରୁ ପ୍ରକାଶିତ ପ୍ରବନ୍ଧ ସଂକଳନ ଚେତନାର ଦିଗ୍‌ବଳୟ ଦ୍ୱିତୀୟ ଭାଗକୁ ଉନ୍ମୋଚନ କରିଥିଲେ । ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସ୍ଥପତି ଅନ୍ତର୍ଯ୍ୟାମୀ ମେହେର ସ୍ୱର୍ଗତ ପୃଷେଠ୍‌ଙ୍କ ଉପରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ଡ. ସୁଜିତ୍ କୁମାର ପୃଷେଠ୍ ୧୮୯୩ ମସିହାର ଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକା ଗସ୍ତ, ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଅଭିଭାଷଣ ଭଳି ଘଟଣା ଉଲ୍ଲେଖ କରି ଏହାର ୧୨୫ ବର୍ଷ ପୂର୍ତ୍ତି ପରେ ଚେତନାର ଦିଗ୍‌ବଳୟ ସଂକଳନର ତୁଳନାତ୍ମକ ଅଭିବ୍ୟକ୍ତି ରଖିଥିଲେ । ପ୍ରବନ୍ଧ ସଂକଳକ ଡ ସୁଶୀଳ କୁମାର ବାଗ ସ୍ୱର୍ଗତ ପୃଷେଠ୍‌ଙ୍କ ପ୍ରବନ୍ଧ ଗୁଡିକର ଉପାଦେୟତା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନ୍ୟତମ ଆବାହକ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଗୁରୁଶ୍ରୀ ଘାସିରାମ ମିଶ୍ର, ଡା ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳମଣି ମିଶ୍ର, ଚୈତନ୍ୟଦାସ ଠାକୁର, ଜୟରାମ ମିଶ୍ର, ବାଞ୍ଛାନିଧି ରଥ, ସତ୍ୟନାରାୟଣ ବେହେରା, ଗୋପବନ୍ଧୁ ରଥ, ସୁବାସ ପଣ୍ଡା, ଡ ମହେଶ ପଟ୍ଟନାୟକ, ଅରୁଣ ମିଶ୍ର, ଗୋପାଳ ପାଣିଗ୍ରାହୀ, ଗୋପାଳ ନାୟକ, ଜୟଦେବ ପାଣିଗ୍ରାହୀ, ସୁଧୀର ପଣ୍ଡା, କୃଷ୍ଣଚନ୍ଦ୍ର ମିଶ୍ର, ସନାତନ ଠାକୁର, ଭାଗିରଥି ମିଶ୍ର, ଜୟକୃଷ୍ଣ ସାହୁ, ମଧୁସୂଦନ ନାୟକ, ମନୋରଞ୍ଜନ ସାହୁଙ୍କ ସହ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ମଞ୍ଚାସୀନ ଅତିଥିଙ୍କ ଗହଣରେ ଜିଲାପାଳ ଅରିନ୍ଦମ ଡାକୁଆ ବକ୍ତବ୍ୟ ରଖୁଛନ୍ତି ।

## ଆୟୁଷ ଡାକ୍ତରଙ୍କୁ ନେଇ ଥମୁନି ଚର୍ଚ୍ଚା

### ଉପସ୍ଥାନ ଖାତାରେ ଦସ୍ତଖତ କରୁଛନ୍ତି, ରୋଗୀସେବା କରୁ ନାହାନ୍ତି

ଗୁଡଭେଲା, ୨୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତରାଣୀଙ୍କୁ ବିଭିନ୍ନ କାରଣ ଦର୍ଶାଇ ଗତ ୧୫ ଅକ୍ଟୋବର ୨୦୧୯ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପତ୍ର ସଂଖ୍ୟା ୫୦୬ ଅନୁଯାୟୀ ରିଲିଭ କରାଯାଇଥିଲା । ହେଲେ ଅଦ୍ୟାବଧି ସମ୍ପୃକ୍ତ ଡାକ୍ତରାଣୀ ଉକ୍ତ କେନ୍ଦ୍ର ଛାଡୁ ନାହାନ୍ତି । ଏପରିକି ସବୁ ଦିନ କେନ୍ଦ୍ରକୁ ଆସି ରେଜିଷ୍ଟର ଖାତାରେ ଦସ୍ତଖତ ଦେବା ପରେ ଆଉ ତାଙ୍କର ଦେଖା ମିଳୁନାହିଁ । ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମିତ କୁମାର ମେହେର କହିଛନ୍ତି ଯେ, ରିଲଭି ହେବା ପରେ ଆୟୁଷ ଡାକ୍ତରାଣୀ ଅଯଥାରେ ଉପସ୍ଥାପନ ଖାତାରେ ଦସ୍ତଖତ ଦେଇ ଚାଲିଥିବା ନେଇ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୈତାରୀ ସାହୁଙ୍କୁ ପଚାରିବାରୁ ଏ ନେଇ ମୋ ପାଖରେ ଖବର ନାହିଁ ବୋଲି କହିଛନ୍ତି। ହେଲେ ଆୟୁଷ ଡାକ୍ତରାଣୀ ସ୍ନେହାଶ୍ରୀ ମିଶ୍ରଙ୍କ କହିବା ଅନୁସାରେ ମତେ ସିଡିଏମଓ କେବଳ ରିଲିଭ କରି ପାରିବେ, ଆଉ କେହିଁ ନୁହେଁ । ଏଣୁ ମୁଁ ଏଠି ଅଛି ଓ କାମ କରୁଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଏହି ସମସ୍ୟା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେଲେ ଗ୍ରାମାଞ୍ଚଳ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରନ୍ତେ ବୋଲି ସାଧାରଣରେ ଦାବି ହେଉଛି ।

# ଶ୍ରମଜୀବୀ ମଞ୍ଚର ସାଇକେଲ ଯାତ୍ରା




ସାଇକେଲ ଯାତ୍ରାରେ ବାହାରି ଥିବା ଯୁବତୀଯୁବକ।

ଲାଠୋର, ୨୭।୧୧(ଡି.ଏନ.ଏ)

ଓଡିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚର ମିଳିତ ଆହ୍ୱାନକ୍ରମେ ନଭେମ୍ବର ୧୫ତାରିଖ ବିର୍ସାମୁଣ୍ଡା ଜୟନ୍ତୀଠାରୁ କଳାହାଣ୍ଡି ଜିଲାରୁ ବାହାରିଛି ସାଇକେଲ ଯାତ୍ରା। ଏହି ଯାତ୍ରାରେ ସାମିଲ ହୋଇଛନ୍ତି ବହୁ ଯୁବତୀଯୁବକ। ଏକ ସାଇକଲ ଯାତ୍ରା ମଧ୍ୟମରେ ସେମାନେ ମୌଳିକ ଆବଶ୍ୟକତାରୁ ଶିଶୁ ଯେପରି ବଞ୍ଚିତ ନ ହୁଏ ସେ ନେଇ ସଚେତନ ବାର୍ତ୍ତା ପ୍ରଦାନ କରୁଛନ୍ତି। ନୂଆପଡା ରାଜଖଡିଆଳ ଦେଇ ଏହି ସାଇକେଲ ଯାତ୍ରା ବୁଧବାର ବଲାଙ୍ଗୀର ଜିଲା ଲାଠୋରରେ ପହଞ୍ଚିଥିଲା। ସେମାନଙ୍କୁ ସରପଞ୍ଚ ପ୍ରାବୀଣ କୁମାର ଅଗ୍ରୱାଲଙ୍କ ସହ ସଚେତନ ଯୁବଗୋଷ୍ଠୀ ସ୍ୱାଗତ କରିଥିଲେ। ଲାଠୋରରୁ ସମ୍ପୃକ୍ତ ଯାତ୍ରୀମାନେ ବଲାଙ୍ଗୀର ଅଭିମୁଖେ ବାହାରିବା ରାସ୍ତାରେ ମାଲପଡାଠାରେ ଯୁବ ଅନୁଷ୍ଠାନ ଡାଇଜ ପକ୍ଷରୁ ଏକ ସ୍ୱାଗତ ସଭାର ଆୟୋଜନ କରାଯାଇଥିଲା । ଏହି ଯାତ୍ରୀମାନେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା ଜିଲା ଦେଇ ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବିକ ଅଧିକାର ଦିନ ଭୁବନେଶ୍ୱରରେ ପହଞ୍ଚିବ। ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରି ସ୍ୱାସ୍ଥ୍ୟ ଭଳି ଶିକ୍ଷାକୁ ମଧ୍ୟ ମୋ ସରକାରରେ ସାମିଲ କରାଯାଉ ବୋଲି ସାଇକେଲ ଯାତ୍ରୀ ଦଳର ନେତୃତ୍ୱ ନେଉଥିବା ସରୋଜ କୁମାର ସୁନା କହିଛନ୍ତି। ସାଇକେଲ ଯାତ୍ରାରେ ଅମ୍ରିତା କର, ରୂମତୀ ବାଗ, ମନୋଜ କୁମାର ନାଏକ, ସୁରେନ୍ଦ୍ର ସୁନାନି, ଗୌତମ ଶବର, ପୁରନା ନନ୍ଦ, ରୁଦ୍ରପ୍ରସାଦ ବାଗ ପ୍ରମୁଖ ସାମିଲ ହୋଇଛନ୍ତି।

ଆଦିବାସୀ ସଂଘ ବିକ୍ଷୋଭ ବେଳେ ତୀର ମରା ଯାଇଥିବା ଅଭିଯୋଗ

## ଖପ୍ରାଖୋଲ ଥାନାରେ ମାମଲା ରୁଜୁ

ଖପ୍ରାଖୋଲ, ୨୭।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲରେ ଗତ ସୋମବାର ୧୧ଦଫା ଦାବି ନେଇ ଆଦିବାସୀ ସଂଘର ବିକ୍ଷୋଭ ଶୋଭାଯାତ୍ରା କରିଥିଲା। ଏହିକାଳରେ ତୀର ମରାଯାଇଥିବା ନେଇ ଖପ୍ରାଖୋଲ ଥାନାରେ ବୁଧବାର ଅଭିଯୋଗ ହୋଇଛି। ଗାଁର ବିଶାଖା ନାଗ ନିଜ ନାତୁଣୀ ସହ ଶୋଭାଯାତ୍ରା ଦେଖୁଥିବାବେଳେ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ନେତୃତ୍ୱରେ ହେଉଥିବା ଶୋଭାଯାତ୍ରା ପଟୁ କେହି ତୀର ମାରିଥିବା ସେ ଅଭିଯୋଗ କରିଛନ୍ତି। ମରାଯାଇଥିବା ତୀର ତାହା ତାଙ୍କ କାନ ଉପର ଦେଇ ଚାଲି ଯାଇ ତଳେ ପଡିଥିବା ବିଶାଖା ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ଖପ୍ରାଖୋଲ ଥାନାରେ ଦଫା ୩୦୭ରେ ଏକ ମାମଲା (ନଂ. ୨୨୯/୧୯)ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

## ସରୁଛି ଅବଧି, ଖୋଲିଲାନି କ୍ୟାମ୍ପ

### ହଟହଟା ହେବେ ଜନସାଧାରଣ

ଲୋଇସିଂହା, ୨୭।୧୧(ଡି.ଏନ.ଏ)

ସରକାରୀ ଭାବେ ଯାନବାହାନ ଯାଞ୍ଚ ୩ ମାସର କୋହଳ କରାଯାଇଥିଲା। ରାଜ୍ୟର ପ୍ରତ୍ୟେକ ବ୍ଲକରେ ଡିଏଲ, ଇନସ୍ୟୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ କ୍ୟାମ୍ପ କରାଯିବ ବୋଲି ସରକାର କହିଥିଲେ । କୋହଲ ଅବଧିସୀମା ସରିବାକୁ ଥିଲେ ସୁଦ୍ଧା ଲୋଇସିଂହା ବ୍ଲକରେ ଏହି କ୍ୟାମ୍ପ ହୋଇ ପାରିନାହିଁ। ଯାଫଳରେ ସ୍ଥାନୀୟ ବ୍ଲକର ଜନସାଧାରଣ ଏହି ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ସରକାର ଏ ଦିଗରେ ଖିଲାପ କରିଥିବାରୁ ଡିସେମ୍ବର ୧ ତାରିଖରୁ ଯାଞ୍ଚ ପ୍ରକ୍ରିୟା ହେଲେ ସ୍ଥାନୀୟ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହ ଆର୍ଥିକ ଶୋଷଣର ଶିକାର ହେବା ଆଶଙ୍କା ପ୍ରକାଶ ପାଇଛି । ସରକାର ଓ ପରିବହନ ବିଭାଗର ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ସରକାରଙ୍କ ପକ୍ଷରୁ ଟ୍ରାଫିକ ନିୟମ କଡାକଡି କରାଯାଇଥିଲା। ହେଲେ ଅନେକ କାଗଜାତ୍ କରି ପାରି ନ ଥିବାରୁ ସରକାର ଯାଞ୍ଚ ପ୍ରକ୍ରିୟାକୁ ୩ ମାସ ସମୟ କୋହଳ କରିଥିଲେ । ଏହି ସମୟ ମଧ୍ୟରେ ପ୍ରତ୍ୟେକ ବ୍ଲକରେ କ୍ୟାମ୍ପ କରି ଜନସାଧାରଣଙ୍କୁ ଏହି ସବୁ ସୁବିଧା ଯୋଗାଇ ଦିଆଯିବ ବୋଲି ପରିବହନ ମନ୍ତ୍ରୀ କଥା ଦେଇଥିଲେ । ଇତି ମଧ୍ୟରେ ୩ ମାସର କଣ୍ଟ ସରିବାକୁ ବସିଛି । ହେଲେ ଲୋଇସିଂହାରେ ଉକ୍ତ କ୍ୟାମ୍ପ କରାଯାଇନାହିଁ । ଡିଏଲ, ଗାଡି ରେଜିଷ୍ଟ୍ରେଶନ, ଇନସ୍ୟୁରାନ୍ସ, ପଲ୍ୟୁସନ ସାର୍ଟିଫିକେଟ ନଥିବା ବ୍ଲକର ଜନସାଧାରଣ ଅସୁବିଧାରେ ପଡିବା ନିଶ୍ଚିତ । ପରିବହାନ ବିଭାଗ ପକ୍ଷରୁ ଅନଲାଇନରେ ସ୍ଲଟବୁକିଂ ଆବେଦନ ପାଇଁ କୁହାଯାଇଥିଲା । ସକାଳ ୮ଟାରୁ ସନ୍ଧ୍ୟା ୮ଟା ସ୍ଲଟ ବୁକିଂର ଧାର୍ଯ୍ୟ ସମୟ ରହିଛି । ହେଲେ ଲୋକେ ଏହା କଲେ ୨ରୁ ୩ ମାସ ପର୍ଯ୍ୟନ୍ତ ନାହିଁ ବୋଲି ଦେଖାଉଛି । ଏ ଦିଗରେ ତତ୍କାଳ ପଦକ୍ଷେପ ନେବାକୁ ଦାବି ହେଉଛି।

# ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଟିଟିଲାଗଡ, ୨୭।୧୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଖେଳ ପଡିଆଠାରେ ରାଇଡରର୍ସ କ୍ଲବ ଆନୁକୂଲ୍ୟରେ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ମ୍ୟାଚ ଟିଟିଲାଗଡ ବାଲ ହନୁମାନ ଓ ବଲାଙ୍ଗୀରର ଜୟମା' ସମଲେଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୦ଓଭରରେ ବଲାଙ୍ଗୀର ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ଟିଟିଲାଗଡ ଦଳ ୪ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଟିଟିଲାଗଡ ଦଳର ତରଣଜିତ ଦତ୍ତ ୯୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳକୁ ଶ୍ରବଣ ସୁନା ଓ ବାବୁ ରଣା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଅରୁଣ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସଭାପତି ସଞ୍ଜୁ ଗୋୟଲ, ପ୍ରବୀଣ ଆଚାର୍ଯ୍ୟ, ଦୁଶାନ୍ତ ବେହେରା, ଲାଲ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।



ମୁଖ୍ୟଅତିଥି ତରଣଜିତ ଦତ୍ତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

# ଡିସେମ୍ବର ୮ରେ ବ୍ଲକସ୍ତରୀୟ ଲୋକ ଉତ୍ସବ



ଆଗାମୀ ବଲାଙ୍ଗୀର ଲୋକଉତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ।

ବଲାଙ୍ଗୀର ଅଫିସ,୨୭।୧୧

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ୨୦ତମ ଜିଲାସ୍ତରୀୟ ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ତଥା କମିଟି ସମ୍ପାଦକ ବିଜୟ କୁମାର ଶତପଥୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ବୈଠକରେ ଜିଲାର ୧୪ଟି ଯାକ ବ୍ଲକରେ ଏକକାଳୀନ ଲୋକ ଉତ୍ସବ ପାଳନ କରାଯିବାକୁ ସହମତି ପ୍ରକାଶ ପାଇଥିଲା । ଆସନ୍ତା ଡିସେମ୍ବର ୮ ତାରିଖରେ ବ୍ଲକ୍‌ସ୍ତରୀୟ ଲୋକଉତ୍ସବ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସ, ଅବକାରୀ ଅଧିକ୍ଷକ ଶ୍ରୀକର ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଏବଂ ବିଂଶତମ ଲୋକଉତ୍ସବର ବିଭିନ୍ନ କମିଟି ଅଧକ୍ଷ ଓ ସହଅଧକ୍ଷ, ଅର୍ଥ କମିଟି ସଦସ୍ୟମାନେ ଯୋଗ ଦେଇଥିଲେ ।

# ଭତ୍ତା ଯୋଜନାରୁ ବଞ୍ଚିତ ବହୁ ବୃଦ୍ଧାବୃଦ୍ଧ

### ସଚେତନ ଯୁବଗୋଷ୍ଠୀର ଆନ୍ଦୋଳନ ଚେତାବନୀ

ଲୋଇସିଂହା,୨୭।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋସିଂହା ବ୍ଲକ ଦୁମଦୁମି ଗ୍ରାମର ଅନେକ ବୃଦ୍ଧାବୃଦ୍ଧ, ବିଧବା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ବ୍ଲକ ସମାଜିକ ସୁରକ୍ଷା ବିଭାଗ ଓ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହେଉଛି । କୁଟେନପାଲି ପଞ୍ଚାୟତ ଅଧୀନ ଦୁମଦୁମି ଗାଁର ବୃଦ୍ଧା ଗୁରବାରି କରନ, ଜ୍ଞାନ କରନ, ଦୈମତୀ କରନ, ବୃଦ୍ଧ ନୀଳାମ୍ବର କରନ ଅନେକ ଥର ବ୍ଲକ କାର୍ଯ୍ୟାଳୟରେ ଭତ୍ତା ପାଇଁ କାଗଜାତ ଦେଇ ଆସୁଛନ୍ତି। ହେଲେ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ନାହିଁ। ଗ୍ରାମର ଦୁର୍ବଦଳ କରନ ନାମକ ଜଣେ ବ୍ୟକ୍ତିଙ୍କର ରୋଗରେ ମୃତ୍ୟୁ ଘଟିଥିଲା । ଇତି ମଧ୍ୟରେ ୬ ମାସ ବିତିଯାଇଥିଲେ ସୁଦ୍ଧା ପରିବାର ମଙ୍ଗଳ ଯୋଜନା ସହାୟତା ଓ ବିଧବା ଭତ୍ତା ତାଙ୍କ ସ୍ତ୍ରୀ ରୋହିନୀ କରନ ପାଇ ପାରି ନାହାନ୍ତ। ଗ୍ରାମର ସଚେତତ ଯୁବଗୋଷ୍ଠୀ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଜନଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧାମାନେ।

## ଭାଲୁମୁଣ୍ଡାରେ ଖୋଲିଲା ଧାନମଣ୍ଡି

ଭାଲୁମୁଣ୍ଡା,୨୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡାଠାରେ ମଙ୍ଗଳବାର ଧାନମଣ୍ଡି ଖୋଲିଛି । ମୁଖ୍ୟଅତିଥି ଭାବେ ଭାଲୁମୁଣ୍ଡା ସମବାୟ ସମିତିର ସମ୍ପାଦକ ଲମ୍ବଧର ବଛା ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରମଦ କୁମ୍ଭାର, ଧର୍ମୁ ରଣା, ଚାଷୀ ନରେଶ କୁମାର ବେହେରା, ଗୃଦାନନ୍ଦ ନାଗ, ପଣ୍ଟୁ ମେହେର, ଚମ୍ପେ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଦୁଇ ଚାଷୀଙ୍କଠାରୁ କ୍ରୟ ହୋଇଥିବା ୯୩ କୁଇଣ୍ଟାଲ ୭୯ କିଗ୍ରା ଧାନ ଏସଜିଆର ମିଲର୍ସ କିଣିଛି।

## ରାଜେନ୍ଦ୍ର କଲେଜ ପ୍ଲାଟିନମ ଜୁବିଲି ପ୍ରସ୍ତୁତି ଜୋର୍‌ଦାର

### ୨୯ରୁ ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲାରେ ବ୍ଲକସ୍ତରୀୟ ବୈଠକ

ବଲାଙ୍ଗୀର ଅଫିସ, ୨୭।୧୧

ଆସନ୍ତା ଡିସେମ୍ବର ମାସ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡିଶାର ସର୍ବପୁରାତନ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜର ପ୍ଲାଟିନମ୍ ଜୁବିଲି ଅନୁଷ୍ଠିତ ହେବା ଡିସେମ୍ବର ୨୭ ତାରିଖରେ ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଏହାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି । କଲେଜର ପ୍ଲାଟିନମ ଜୁବିଲି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଲେଜ ଆଲୁମ୍ନି ସଂଘ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ଜୋରଦାର କରିଛି। ଏହିକ୍ରମରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ରାଜେନ୍ଦ୍ରଭିଆନ୍ ମାନଙ୍କୁ ନେଇ ପ୍ରତି ବ୍ଲକରେ ପ୍ରସ୍ତୁତି ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୯ ତାରିଖ ଶୁକ୍ରବାରଠାରୁ ବିଭିନ୍ନ ବ୍ଲକରେ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ତେବେ ବିଭିନ୍ନ ବ୍ଲକ ପାଇଁ ସ୍ଥାନ ଓ ସମୟ ଅଲଗା ନିର୍ଦ୍ଧାରିତ କରାଯାଇଛି । ଧାର୍ଯ୍ୟ ସ୍ଥାନ ଓ ସମୟରେ ଉଭୟ ଜିଲାର ବିଭିନ୍ନ ବ୍ଲକରେ ରହୁଥିବା ରାଜେନ୍ଦ୍ରଭିଆନମାନେ ସମବେତ ହୋଇ ଗଠନମୂଳକ ମତାମତ ରଖିବାକୁ କଲେଜ ଆଲୁମ୍ନି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଯୋଜନା ଅଫିସରେ ଥିବା ଏମ୍‌ପି ପ୍ରକୋଷ୍ଠ ଖୋଲିବାକୁ ଦାବି

**ଭବାନୀପାଟଣା, ୨୭।୧୧ (ଡି.ଏନ.ଏ)-** କଳାହାଣ୍ଡି ଜିଲା ଦଳିତ, ଆଦିବାସୀ, ଗରିବ ଶ୍ରମିକ ବହୁଳ ହୋଇଥିବା ବେଳେ ଅନେକ ଅଞ୍ଚଳ ବର୍ତ୍ତମାନ ସୁଦ୍ଧା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଫଳରେ ସରକାରଙ୍କ ସାମାନ୍ୟତମ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କୌଣସି ବ୍ୟକ୍ତି କଳାହାଣ୍ଡି ଏମ୍‌ପିଙ୍କୁ ଭେଟି ନିଜ ଗୁହାରି ଜଣାଇବାକୁ ଚାହୁଁଥିଲେ ଏହା କାଠିକର ପାଠ ଭଳି ଲାଗୁଥିବା ଜଣାଯାଇଛି। କାରଣ ଏମ୍‌ପି ନୂଆପଡା ଜିଲାର ଅଧିବାସୀ ହୋଇଥିବାବେଳେ ସେଠାରେ ତାଙ୍କର କୌଣସି ସରକାରୀ କାର୍ଯ୍ୟାଳୟ ମଧ୍ୟ ନାହିଁ। ତେଣୁ ସେଠାକୁ ଯାଇ ଏମ୍‌ପିଙ୍କୁ ଭେଟିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ। ଏମ୍‌ପି କଳାହାଣ୍ଡି ଗସ୍ତରେ ଆସୁଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବାରୁ ସାଧାରଣ ଲୋକେ ମଧ୍ୟ ତାଙ୍କୁ ସାକ୍ଷାତ କରିପାରନ୍ତି ନାହିଁ। ଏହି ଜିଲା ଯୋଜନା ଅଫିସରେ ଥିବା କଳାହାଣ୍ଡି ଏମ୍‌ପିଙ୍କ ପ୍ରକୋଷ୍ଠକୁ ପୁନର୍ବାର ଖୋଲା ଯିବାକୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ଅନୁସୂଚିତ ଜାତି ଅନୁଷ୍ଠାନର ସଭାପତି ନାଦରାଜ ନାଏକ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

### ଅସୁରକ୍ଷିତ ସ୍ଥାନରେ ଅକ୍ସିଜେନ ସିଲିଣ୍ଡର ପ୍ୟାକିଂ ଘଟଣା

# ୨ମାସ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

**ଉତ୍ତମ କୁମାର ଦାଶ**
**ଜୁନାଗଡ, ୨୭।୧୧ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବନମାଳିପୁର ଛକ ନିକଟ ୨୬ନଂ. ଜାତୀୟ ରାଜପଥ କଡରେ ଥିବା କେଜିଏନ୍ ଗ୍ୟାସ ଫ୍ୟାକ୍ଟ୍ରିରେ ଅସୁରକ୍ଷିତ ସ୍ଥାନରେ ଅକ୍ସିଜେନ (ଅମ୍ଳଜାନ) ସିଲିଣ୍ଡର ପ୍ୟାକିଙ୍ଗ ହେଉଥିବା ଅଭିଯୋଗ ହୋଇଥିଲା। ଫ୍ୟାକ୍ଟ୍ରିର ମାଲିକ ଠିକାକାମ କରିବା ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ କିସମର ମାଲମାଳ ଗାଡିମୋଟର ଆଣି ଫ୍ୟାକ୍ଟ୍ରି ପରିସରରେ ରଖିଥିବା ଦେଖିବାକୁ ମିଳିଥିଲା। ସେହି ଗାଡିମୋଟର ଗୁଡିକ ଯାତାୟତ କଲେ ଧୂଳିଉଡି ସେଠାକାର ପରିବେଶ ପ୍ରଦୂଷିତ ହେଉଥିଲା। ତେଣୁ ଏଭଳି ପ୍ରଦୂଷିତ ସ୍ଥାନରେ ଅକ୍ସିଜେନ ସିଲିଣ୍ଡର ପ୍ୟାକିଙ୍ଗ କରାଯିବା କେତେ ନିରାପଦ ତାହା ସାଧାରଣରେ ପ୍ରଶ୍ନ ଉଠିଥିଲା। ଏହି ଖବର ସମ୍ପର୍କରେ ଗତ ସେପ୍ଟେମ୍ବର ୨୮ ତାରିଖରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ସେତେବେଳେ ଜିଲା ଡ୍ରଗ୍ସ ଇନ୍‌ସପେକ୍ଟର ବେନଜାମିନ ଦାଶଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବର୍ତ୍ତମାନ ଏହି ଘଟଣାର ୨ମାସ ପରେ ମଧ୍ୟ ଜିଲା ଡ୍ରଗ୍ସ ଇନ୍‌ସପେକ୍ଟର କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଘଟଣାସ୍ଥଳକୁ ତଦନ୍ତ ମଧ୍ୟ କରି ଆସି ନ ଥିବା ଜଣାପଡିଛି। ଫଳରେ ଜିଲା ଡ୍ରଗ୍ସ ଇନ୍‌ସପେକ୍ଟରଙ୍କ ଭୂମିକାକୁ ନେଇଁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ବର୍ତ୍ତମାନ ମଧ ତାଙ୍କୁ ପଚାରିଲେ ଅତି ହାଲୁକା ଭାବେ ମୁଁ ପରେ କହିବି ବୋଲି ସଫେଇ ଦିଅନ୍ତି। ଅନ୍ୟପକ୍ଷରେ,ସମ୍ପୃକ୍ତ କେଜିଏନ ଗ୍ୟାସ ମାଲିକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ପୂର୍ବପେକ୍ଷା ଆହୁରି ସେ ଅଧିକ ଯାନବାହାନ ଆଣି ଫ୍ୟାକ୍ଟ୍ରିରେ ରଖିଥିବା ଦେଖିବାକୁ ମିଳିଛି। ଏଠାକାର ଅକ୍ସିଜେନ ସିଲିଣ୍ଡର ଜିଲା ସମେତ ରାଜ୍ୟ ବାହାର ଡାକ୍ତରଖାନାକୁ ମଧ ଚାଲାଣ ହେଉଛି। ଲୋକଙ୍କ ଜୀବନ ସହିତ ଖେଳୁଥିବା ସମ୍ପୃକ୍ତ ଗ୍ୟାସ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କଳାହାଣ୍ଡି ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲିଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ଅକ୍ସିଜେନ ଫ୍ୟାକ୍ଟ୍ରି ପରିସରରେ ଗାଡ଼ିମୋଟର ରହିଛି।

**ବନମାଳୀପୁର କେଜିଏନ୍ ଗ୍ୟାସ୍**
- ସନ୍ଦେହରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଭୂମିକା

### ସମିତି ସଭ୍ୟ ଉପନିର୍ବାଚନ

# ଶାନ୍ତିପୂର୍ଣ୍ଣ ଭାବରେ ସରିଲା ମତଦାନ

**ଦୁଣ୍ଡଲା, ୨୭।୧୧ (ଡି.ଏନ.ଏ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମ ପଞ୍ଚାୟତରେ ବୁଧବାର ସମିତି ସଭ୍ୟ ଉପନିର୍ବାଚନ ମତଦାନ ହୋଇଥିଲା। ଏଥିରେ ପଞ୍ଚାୟତର ଦିଗଶିରା, ସିର୍ଜାପାଲି, ବାଦିପଡା ଠାରେ ୯ଟି ୱାଡ଼ରେ ମତଦାନ ହୋଇଥିଲା। ଦିଗସିରାରେ ୪ଟି ୱାର୍ଡ ପାଇଁ ୪ଟି ବୁଥ, ବାଦିପଡାରେ ୨ଟି ୱାର୍ଡ଼ ପାଇଁ ୨ଟି ବୁଥ, ସିର୍ଜାପାଲିରେ ୫ଟି ୱାର୍ଡ ପାଇଁ ୫ଟି ବୁଥରେ ମତଦାନ କରାଯାଇଛି। ତେବେ ଉକ୍ତ ପଞ୍ଚାୟତରେ ୨୭୮୨ ଜଣ ଭୋଟରଙ୍କ ମଧ୍ୟରୁ ପୁରୁଷ ୭୬୩ ଓ ମହିଳା ୫୬୮ ମୋଟ ୧୩୩୧ ଜଣ ମତଦାତା ମତଦାନ କରିଛନ୍ତି। ଏଥିରେ ୩ଟି କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିବା ବେଳେ ପୋଲିସର ପକ୍ଷରୁ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଜିଲାପାଳ ପରାଗ ହର୍ଷଦ ଗାଭାଲି ନିଜେ ମତଦାନ କେନ୍ଦ୍ରକୁ ପରିଦର୍ଶନ କରିଛନ୍ତି। ତେବେ ନିର୍ବାଚନରେ କଳିଙ୍ଗ ଭୋଏ ଓ ଚୌଧୁରୀ ଭୋଏ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗୁରୁବାର ଭୋଟ ଗଣତି କରାଯିବ ବୋଲି କେସିଙ୍ଗା ବିଡିଓ ଭୀମସେନ ଶବର ପ୍ରକାଶ କରିଛନ୍ତି।



ଜିଲାପାଳ ପରାଗ ହର୍ଷଦ ଗାଭାଲି ମତଦାନ କେନ୍ଦ୍ରକୁ ପରିଦର୍ଶନ କରୁଛନ୍ତି।

### ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# କର୍ଲାକୋଟକୁ ହରାଇ ବାବେର ଚାମ୍ପିୟନ

**କଲମପୁର, ୨୭।୧୧ (ଡି.ଏନ.ଏ)**

କଳାହାଣ୍ଡି ଜିଲା କଲମପୁର ମିନିଷ୍ଟାଡିୟମଠାରେ କଲମପୁର ଫୁଟବଲ ଆସୋସିଏସନ୍ ତରଫରୁ ଚାଲିଥିବା ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କର୍ଲାକୋଟ ଏବଂ ବାବେର ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲାକୋଟକୁ ହରାଇ ବାବେର ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଦିନରେ ଦୁଇଟି ସେମିଫାଇନାଲ ଖେଳ ହୋଇଥିଲା। ପ୍ରଥମ ସେମିଫାଇନାଲ ଖେଳ ମାଟିଗାଁ ଏବଂ ବାବେର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଟିଗାଁକୁ ହରାଇ ବାବେର ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ଖେଳ କର୍ଲାକୋଟ ଏବଂ ଦାସିଗାଁ ମଧ୍ୟରେ ହୋଇଥିଲା।

ଦାସିଗାଁକୁ ହରାଇ କର୍ଲାକୋଟ ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମାଜସେବୀ ରାଜେଶ ଶର୍ମା, ମୁଖ୍ୟବକ୍ତା ଭାବରେ ଗୋପାଳ ସାହୁ, ସମ୍ମାନିତ ଅତିଥି ଭାବରେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶିବାଶିଷ ସ୍ୱାଇଁ, କଲମପୁର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ, ବିଇଓ ନବୀନ କୁମାର ଖମାରୀ, ଶିକ୍ଷାବିତ ବିନୋଦ ପଟ୍ଟନାୟକ, ଟୁନାସାହୁ, ଶୁଶିଲ ରାଉତ, ଅରୁଣ ନଗରିଆ, ପ୍ରମୋଦ ନିମୁଲିଆ, ଦୀପକ ନାଏକ, ବ୍ଲକ ଜେଇ ଶିବ ବେହେରା, ନବୀନ ଟୁଡୁ, ଚେରୁ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପାଞ୍ଚ ଦିନ ଧରି ଚାଲିଥିବା ଫୁଟବଲ ଖେଳର ଶେଷ ଦିନରେ ରେଫରି ଭାବେ ସନ୍ତୋଷ ପ୍ରଧାନ ଏବଂ ଉପେନ୍ଦ୍ର ଶବର ଖେଳ ପରିଚାଳନା କରିଥିଲେ । ଲାଇନ୍ସମେନ ଭାବରେ ସୁଶାନ୍ତ ପ୍ରଧାନ ଏବଂ ଭଗବାନ ଦଳପତି କାର୍ଯ୍ୟ ତୁଲାଇଥିଲେ। ଧାରାବିବରଣୀରେ ନିଳକଣ୍ଠ ନାଏକ, କାର୍ତ୍ତିକ ମାଝୀ, ବକସି ନାଏକ କାର୍ଯ୍ୟ ତୁଲାଇଥିଲେ। ଟୁର୍ନାମେଣ୍ଟକୁ ଆୟୋଜନ କରିଥିବା ଫୁଟବଲ କମିଟିର ସଭାପତି ଶେଷଦେବ ନାଏକ, ସମ୍ପାଦକ ଜୟନ୍ତ ନାଏକ, ଟୁନା ନାଏକ, ଶେଷଦେବ ପଣ୍ଡା, ଗୌତମ ଦଲେଇ, ଧନଞ୍ଜୟ ନାଏକ, ଶଙ୍କର ସୁନାନୀ, ରଜନୀ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ଘନଶ୍ୟାମ ନାଏକ, ଅଜିତ କୁମାର ବିମୁଳିଆ ମୁଖ୍ୟ ଦାୟୀତ୍ୱ ନିର୍ବାହ କରିଛନ୍ତି।


ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ପ୍ରକଳ୍ପ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

**କର୍ଲାମୁଣ୍ଡା, ୨୭।୧୧ (ଡି.ଏନ.ଏ)**

**ସମିତି ସଭ୍ୟ, ସରପଞ୍ଚଙ୍କ ଦ୍ୱିତୀୟ ଦିନ ଧାରଣା**

କର୍ଲାମୁଣ୍ଡା ବ୍ଲକରେ ଗତ କିଛି ଦିନ ତଳେ ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠଯନ୍ତ୍ରୀ ଓ ଜିପିଟିଏମାନଙ୍କୁ ବ୍ଲକର ୧୨ଟି ପଞ୍ଚାୟତ ମଧ୍ୟରେ ଅଦଳବଦଳ କରାଯାଇଥିଲା। ଯାହାର ପ୍ରତିବାଦରେ ସମିତି ସଭ୍ୟା/ସଭ୍ୟ, ସରପଞ୍ଚମାନେ ମଙ୍ଗଳବାର ଠାରୁ ବଦଳି ବାତିଲ ଦାବିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ। ତେବେ ଧାରଣାର ଦ୍ୱିତୀୟ ଦିବସରେ ବୁଧବାର କଳାହାଣ୍ଡି ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଭଞ୍ଜଦେଓ କର୍ଲାମୁଣ୍ଡା ବିଡିଓଙ୍କ କାର୍ଯ୍ୟାଳୟ ଠାରେ ଧାରଣାରତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ସହ ବ୍ଲକର ପତ୍ର ସଂଖ୍ୟା ୨୪୭୦, ତା ୯।୧୧।୨୦୧୯ ରେ ଜେଇ, ଜିପିଟିଏ ମାନଙ୍କୁ ଭିନ୍ନଭିନ୍ନ ପଞ୍ଚାୟତକୁ ବଦଳି ପାଇଁ ହୋଇଥିବା ନିର୍ଦ୍ଦେଶକକୁ କିଛି ଦିନ ପାଇଁ ସ୍ଥଗିତ ରଖାଯିବ ଓ ଯେଉଁ ପର୍ଯ୍ୟନ୍ତ ଜେଇ, ଜିପିଟିଏଙ୍କ ଦ୍ୱାରା ପୂର୍ବ ପଞ୍ଚାୟତଗୁଡିକର ବକେୟା କାମ ସମାପ୍ତ ହେବା ପରେ ବଦଳି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାକୁ ପ୍ରତ୍ୟାହୃତ କରିଥିବା ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ଆଲୋଚନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନେ ପ୍ରୋତ୍ସାହନ ରାଶି ଧାର୍ଯ୍ୟ ସମୟରେ ପାଇପାରୁ ନ ଥିବାର ଅଭିଯୋଗ ଉପରେ ତଦନ୍ତ କରିବା ସହ ବିପିସି ରୁଦ୍ର ପ୍ରସାଦ ସାହୁଙ୍କୁ ନିଜ କାମ ଓ ଆଚରଣରେ ପରିବର୍ତ୍ତନ ଆଣିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେବାସହ ୧ ମାସ ଭିତରେ ଆବାସ ଯୋଜନାର ଯାହା ସବୁ ବିଲ ବାକି ରହିଛି ତାହା ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ। ଆଲୋଚନା ବେଳେ ସ୍ଥାନୀୟ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ଗଜବାହାଲ ସରପଞ୍ଚ ପୂଜାରାଣୀ ସାହୁ, ରିଞ୍ଜା ସରପଞ୍ଚ ଭୋଜବନ୍ତି ସାହୁ, ତେରେସିଂହା ସରପଞ୍ଚ ହନୁମାନ ଦାସ, ରାଜପୁର ସରପଞ୍ଚ ମହେନ୍ଦ୍ର ରଣା, ବୋରପଦର ସରପଞ୍ଚ ମାଧବ ସାହୁ, ସମିତି ସଭ୍ୟା ନୀରବତୀ ସାହୁ, ସ.ମାଲପଡା ସମିତି ସଭ୍ୟ ଯଶୋବନ୍ତ ସାହୁ, ପୌରକେଲା ସମିତି ସଭ୍ୟ ସିମାଞ୍ଚଳ ଭୋଇ, ଯୋରାଡବ୍ରା ସମିତି ସଭ୍ୟ କିଶୋର ନାଗ, ସାପଲହରା ସମିତି ସଭ୍ୟ ନିରଞ୍ଜନ ମାଝୀ, କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ସମିତି ସଭ୍ୟା ଦୀପା ବାଗ, ରେଗେଡା ସରପଞ୍ଚ ସୁଶାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ନର୍ଲାଠାରେ ଭାଜପାର ନୂତନ କର୍ମକର୍ତ୍ତା ଚୟନ

**ପଲମ, ୨୭।୧୧(ଡି.ଏନ.ଏ.)**

ନର୍ଲା ବ୍ଲକ ଅଧିନସ୍ଥ ନର୍ଲାଠାରେ ଭାଜପାର ମଣ୍ଡଳ ସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅସ୍ଥାୟୀ ସଭାପତି ସରୋଜ ବୁଧିଆଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବୈଠକରେ ଅତିଥିଭାବେ କଳାହାଣ୍ଡି ଜିଲା ପରିଷଦ ଅଧକ୍ଷା ନମିତାରାଣି ସାହୁ, ବରିଷ୍ଠ ଭାଜପା ନେତା ଅନିରୁଦ୍ଧ ପଧାନ, ଜିଲା ସାଧାରଣ ସମ୍ପାଦକ ବସନ୍ତ ପୁରୋହିତ, ଶ୍ରୀକାନ୍ତ ହୋତା, ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ମଣ୍ଡଳ ସଭାପତି ଓ ଜିଲା ପ୍ରତିନିଧି ଚୟନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ସର୍ବସମ୍ମତି କ୍ରମେ ନୂତନ ମଣ୍ଡଳ ସଭାପତି ଭାବରେ ପଦ୍ମଲୋଚନ ଜାଲ ଓ ଜିଲା ପ୍ରତିନିଧି ଭାବେ ଅଭୟ ଭୋଇଙ୍କୁ ଚୟନ କରାଯାଇଥିଲା। ବୈଠକରେ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ମନ୍ମୟ ଚାନ୍ଦ,ବିଷ୍ଣୁ ବଡପଣ୍ଡା, ବଦ୍ରିପ୍ରସାଦ ମିଶ୍ର, ହେତୁକୃଷ୍ଣ ଭୋଇ, ଗୀତାଞ୍ଜଳି ପୁଟେଲ, ଜଗନ୍ନାଥ ଗଉଡ, ଦିଗାମ୍ବର ପୂଝାରୀ, ଅଜୟ ପଣ୍ଡା, ସଞ୍ଜୟ ନାଏକ, ନର୍ଲା ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ନାଏକଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।


ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ଧାରଣା ପରେ ଫଇସଲା ହେଲା

**ନୂଆପଡା ଅଫିସ/କୋମନା, ୨୭।୧୧**

**୧୧କେଭି ଟ୍ରାନ୍ସଫର୍ମର ସ୍ଥାପନକୁ ଛାତ୍ରୀଛାତ୍ରଙ୍କ ବିରୋଧ**

ଏହି ଜିଲା କୋମନା ବ୍ଲକ ମହୁଲଭଟା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଛାତ ଉପରେ ଦୀର୍ଘ ଦିନଧରି ୧୧କେଭି ବିଜୁଳି ତାର ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାବେଳେ ବର୍ତ୍ତମାନ ନିକଟରେ ଏକ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ବିଦ୍ୟୁତ୍ ବିଭାଗ ଯୋଜନା କରୁଥିଲେ । ହେଲେ ଏହାକୁ ଛାତ୍ରୀଛାତ୍ର ବିରୋଧ କରି ସ୍କୁଲରେ ତାଲା ବନ୍ଦ କରି ଧାରଣା ଦେବାପରେ ଅଧିକାରୀମାନେ ଆସି ସମାଧାନ କରିଛନ୍ତି। ପ୍ରକାଶ ଯେ, ୧୯୫୫ମସିହାରେ ସ୍ଥାପିତ ମହୁଲଭଟା ପ୍ରାଥମିକ ବିଦ୍ୟାଳୟ ଜିଲାର ଏକ ପୁରୁଣା ବିଦ୍ୟାଳୟ ଭାବରେ ଗଣାହୁଏ। ନୂତନ ସ୍କୁଲ ବିଲଡିଂ ନିର୍ମାଣ ହେବାପରେ ଆଜିକୁ କୋଡିଏ ବର୍ଷ ତଳେ ସ୍ଥାନାନ୍ତର ହେଲା। ହେଲେ ସେହିଦିନଠାରୁ ସ୍କୁଲ ଉପରେ ୧୧କେଭି ବିଜୁଳି ତାର ଯାଇଥିଲା । ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକଠାରୁ ଜିଲାକର୍ତ୍ତୃପକ୍ଷଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ହେଲେ ସମାଧାନ ହେବା ପରିବର୍ତ୍ତେ ସ୍କୁଲ ନିକଟରେ ଏକ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଯୋଜନା ଚାଲିଥିଲା। ବୁଧବାର ଏହି କାମ କରିବାକୁ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ବିଦ୍ୟାଳୟରେ ପହଞ୍ଚି କାମ ଆରମ୍ଭ କରିବାବେଳକୁ ସ୍କୁଲ ପିଲାମାନେ ବିରୋଧ କରିଥିଲେ। କିଛି ଅଭିଭାବକଙ୍କ ସମେତ ସ୍କୁଲ ପିଲାମାନେ ସ୍କୁଲରେ ତାଲା ପକାଇ ଧାରଣା ଦେବା ଆରମ୍ଭ କରିଥିଲେ। ଦୀର୍ଘ ଚାରି ଘଣ୍ଟାକାଳ ଧାରଣା ଦେବା ପରେ ଏବିଇଓ ପ୍ରଫୁଲ୍ଲ କୁମାର ନାଏକ, ଜ୍ୟୋତିପ୍ରକାଶ ପଣ୍ଡା, ଯନ୍ତ୍ରୀ, ପୋଲିସ ଅଧିକାରୀ ପହଞ୍ଚି ସମାଧାନର ରାସ୍ତା ବାହାର କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ହସ୍ତକ୍ଷେପ ପରେ ସ୍କୁଲଠାରୁ ଦୂରରେ ଟ୍ରାନ୍ସଫର୍ମର ଏବଂ ବିଜୁଳି ତାରକୁ ସ୍ଥାନାନ୍ତର କରିବାକୁ ଯୋଜନା ହେଲା। ଏହାପରେ ସ୍କୁଲ ପିଲା ଧାରଣାରୁ ନିବୃତ୍ତ ରହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଆଜିକୁ ଚାରିମାସ ତଳେ ସ୍କୁଲ ଛୁଟିଦିନ ୧୧କେଭି ତାର ଛିଣ୍ଡିପଡିଥିଲା। ତୁରନ୍ତ ବିଭାଗୀୟ କର୍ମଚାରୀମାନେ ଆସି ତାର ଯୋଡି ବିଜୁଳି ସଂଯୋଗ ଦେଇଥିଲେ। ଫଳରେ ପିଲାମାନେ ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ । ବର୍ତ୍ତମାନ ଏହାକୁ ଗ୍ରାମବାସୀ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ସ୍ୱାଗତ କରିଛନ୍ତି।



ସ୍କୁଲ ପିଲାମାନେ ବିଦ୍ୟାଳୟ ବାହାରେ ତାଲା ପକାଇ ବସିଛନ୍ତି।

**କୋମନା ବ୍ଲକ**
- ମହୁଲଭଟା ଉଚ୍ଚପ୍ରାଥମିକ ବିଦ୍ୟାଳୟ

# ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ

**ଭବାନୀପାଟଣା, ୨୭।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର କୋର୍ଟ ପରିସରରେ ସମ୍ବିଧାନ ଦିବସ ଓ ଆଇନ ଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ସ୍ଥାନୀୟ ବିଚାର ବିଭାଗୀୟ ଅଧିକାରୀମାନଙ୍କ ସହ ସମସ୍ତ କର୍ମଚାରୀ, ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ। ଏହା ପରେ ଅପରାହ୍ନ ୪ଟାରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ୱିଟି ସାମନ୍ତ ରାୟ ପରିଚାଳନା କରିଥିଲେ। ଏଥିରେ ଦୁର୍ନୀତି ନିବାରଣ ଜଜ୍ ବିଧାନ କୁମାର ଚାନ୍ଦ, ପରିବାର ଅଦାଲତ୍ ଜଜ୍ ସୁଶାନ୍ତ ପଟେଲ୍, ଅଧକ୍ଷ ସ୍ଥାୟୀ ଲୋକଅଦାଲତ୍ ବିଜୟ କୁମାର ମିଶ୍ର, ଜିଲା ଆଇନ୍ ସେବା ପ୍ରାଧିକାରଣ ସଚିବ ସ୍ୱିଟି ସାମନ୍ତ ରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଠୁଆ, ଜିଲା ବାର ଏସୋସିଏଶନ୍ ସଭାପତି ଭବେନ୍ଦ୍ର କୁମାର ପଣ୍ଡା ସମ୍ବିଧାନରେ ଥିବା ମୌଳିକ ଅଧିକାର ନାଗରିକମାନଙ୍କ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ କୋର୍ଟ ମ୍ୟାନେଜର ଦେବାନନ୍ଦ ପଣ୍ଡା, ଆଇନଜୀବି ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।





ବିଚାର ବିଭାଗୀୟ ଅଧିକାରୀମାନଙ୍କ ସହ ସମସ୍ତ କର୍ମଚାରୀ ମଞ୍ଚାସୀନ (ଉପର)। ଆଇନଜୀବୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଭାରତୀୟ ସମ୍ବିଧାନର ମୁଖବନ୍ଧ ପାଠ କରୁଛନ୍ତି।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।
-ଗୀତା



■ ଦୁର୍ନୀତିକୁ ନେଇ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ

# ଜିଲ୍ଲା ପ୍ରଶାସନର ତଦନ୍ତ ଆରମ୍ଭ

**ଲଖନପୁର,୨୭।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ପଞ୍ଚଗାଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ପଞ୍ଚାୟତର ଜିଆର୍‌ଏସ୍ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ କିଭଳି ଚଞ୍ଚକତା କରୁଛନ୍ତି ସେ ସମ୍ପର୍କରେ ଜଣେ କନିଷ୍ଠଯନ୍ତ୍ରୀ ଏହି ଭିଡିଓରେ କହୁଛନ୍ତି। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରେ ଲାଗିଛି। ଜିଲାପାଳ ସରୋଜ ସାମଲଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତକାରୀ ଦଳ ପଞ୍ଚାୟତର କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚଗାଁ ପଞ୍ଚାୟତରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। କିଛିଦିନ ତଳେ ପଞ୍ଚାୟତର ଗ୍ରାମସାଥୀ ଖୁସିରାମ ପ୍ରଧାନ ଦୁର୍ନୀତି ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଫଳରେ ଏହି ଘଟଣା ବର୍ତ୍ତମାନ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ଜିଲାପାଳ ସରୋଜ ସାମଲଙ୍କ ନିର୍ଦ୍ଦେଶରେ ପିଡି ଡିଆର୍‌ଡିଏ ତପିରାମ ମାଝିଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ବୁଧବାର ପଞ୍ଚଗାଁ ପଞ୍ଚାୟତରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ ସହ ଖାତାପତ୍ର ଜବତ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ପିଡି ଡିଆର୍‌ଡିଏ ମାଝି କହିଛନ୍ତି ଯେ, ପ୍ରଥମ ଦିନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କେତେକ କାଗଜପତ୍ର ଯାଞ୍ଚ କରାଯାଇଛି। ଆଗକୁ ଏହି ତଦନ୍ତ ଜାରି ରହିବ। ସେହିପରି ଭିଡିଓ ଭାଇରାଲ କରିଥିବା ଗ୍ରାମସାଥୀ ପ୍ରଧାନ କହିଛନ୍ତି ଯେ, ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଛି। ଏଥିରେ ଜିଆର୍‌ଏସ୍ ଓ କନିଷ୍ଠଯନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଜିଆର୍‌ଏସ୍ ନିଜ ସମ୍ପର୍କୀୟଙ୍କ ନାମରେ ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି। ସେହିପରି ଉନ୍ନୟନ କାର୍ଯ୍ୟ ନ ହୋଇ ଲକ୍ଷ ଲକ୍ଷ ଟଙ୍କାର ବିଲ୍‌ପାସ କରାଯାଇଛି। ଏ ନେଇ ସେ ପୂର୍ବରୁ ଅନେକ ଥର ଜିଲାପାଳ, ବିଡିଓ ଆଦି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏ ସବୁର ତଦନ୍ତ କରାଯାଇ ନାହିଁ ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ଏ ସବୁର ତଥ୍ୟ ପାଇଁ ଗ୍ରାମସାଥୀ ପ୍ରଧାନ ଗତ ୧ ତାରିଖରେ ବ୍ଲକରେ ଆର୍‌ଟିଆଇରେ ଆବେଦନ କରିଛନ୍ତି। ହେଲେ ଇତିମଧ୍ୟରେ ଆର୍‌ଟିଆଇ ଆବେଦନକୁ ୧ ମାସ ହେବାକୁ ଥିବାବେଳେ ତାଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଗୋବିନ୍ଦ ଦଣ୍ଡସେନାଙ୍କୁ ପଚାରିବାରୁ ଆର୍‌ଟିଆଇ ଆବେଦନ ସମ୍ପର୍କରେ ସେ ଜାଣି ନାହାନ୍ତି, ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରି ବୁଝିବେ ବୋଲି ସେ କହିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ୫ ଟିକୁ ଗୁରୁତ୍ୱ ଦେଉଥିବାବେଳେ ଏଠାରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣ ଦାବି କରିଛନ୍ତି।



ପିଡି ଡିଆର୍‌ଡିଏ କନିଷ୍ଠଯନ୍ତ୍ରୀ ଓ ଜିଆର୍‌ଏସ୍‌କୁ ପଚରାଉଚରା କରୁଛନ୍ତି।

**ପଞ୍ଚଗାଁ ପଞ୍ଚାୟତ**
- ପଞ୍ଚାୟତ କାର୍ଯ୍ୟାଳୟରୁ ଖାତାପତ୍ର ଜବତ
- ସରକାରଙ୍କ ୫ଟି ଆଧାରରେ ତଦନ୍ତ ଦାବି



ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ଉପସଭାପତି ଡ. ତାରାପଦ ଦାଶ ରାଜ୍ୟ ରିଲିଫ କମିଶନରଙ୍କଠାରୁ କଳିଙ୍ଗ ସୁରକ୍ଷା ପୁରସ୍କାର ଗ୍ରହଣ କରୁଛନ୍ତି।

## ଟିଆର୍‌ଏଲ କ୍ରୋସାକିକୁ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର

**ବେଲପାହାଡ଼,୨୭।୧୧(ଡି.ଏନ୍.ଏ.)**

ଓଡ଼ିଶା ସରକାରଙ୍କ ପକ୍ଷରୁ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜକୁ ୨୦୧୮ ବର୍ଷ ପାଇଁ ସମ୍ମାନଜନକ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ସୁରକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କମ୍ପାନୀକୁ ଏହି ପୁରସ୍କାର ଦିଆଯାଇଛି। ଗତ ୨୨ ତାରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ନ୍ୟୁମାରିୟନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ଉପସଭାପତି (କର୍ପୋରେଟ ସର୍ଭିସ) ଡ. ତାରାପଦ ଦାଶ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ପି.କେ.ଜେନାଙ୍କ ହାତରୁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ଗ୍ରହଣ ସମୟରେ ଟିଆର୍‌ଏଲ କ୍ରୋସାକିର ନିର୍ଦ୍ଦେଶକ (ମେଡିକାଲ ଓ ସ୍ୱାସ୍ଥ୍ୟ ସେବା) ଡ.ତୁଷାରକାନ୍ତି ଦାସ ଓ ମହାପ୍ରବନ୍ଧକ (ସୁରକ୍ଷା ଓ ପରିବେଶ) ନିରଞ୍ଜନ ଦାଶ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମ କମିଶନର ଓ ଫ୍ୟାକ୍ଟ୍ରି ଏବଂ ବଏଲର୍ସ ନିର୍ଦ୍ଦେଶକ ନିରଞ୍ଜନ ସାହୁଙ୍କ ସମେତ ଅନ୍ୟାନ୍ୟ ଜଣାଶୁଣା ସୁରକ୍ଷା ବିଶେଷଜ୍ଞ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର କର୍ମଶାଳା

**ବ୍ରଜରାଜନଗର, ୨୭।୧୧(ଡି.ଏନ୍.ଏ.)**

ସ୍ଥାନୀୟ ବ୍ରଜରାଜନଗର ମହାବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କେନ୍ଦ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଗ୍ରାଜୁଏଶନ୍ ପରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ'ଣ ହେବ। ସେମାନେ କ'ଣ ସବୁ କରିପାରିବେ ଓ ସଫଳତା ପାଇଁ କ'ଣ କରିପାରିବେ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସେହିପରି ଛାତ୍ରୀଛାତ୍ର ସେମାନଙ୍କ ଭବିଷ୍ୟତ ପାଇଁ କିପରି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆଗକୁ ବଢ଼ିପାରିବେ ସେ ବିଷୟରେ ସିଏ ହିମାଂଶୁ ବଡ଼ପଣ୍ଡା, ଦେବବ୍ରତ ପରିଡ଼ା ଓ ଭୋଜଦେବ ଦେହୁରୀ ବିସ୍ତୃତ ଭାବେ ପିଲାମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ରବି ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂଯୋଜକ ରତ୍ନପୂର୍ଣ୍ଣା ମହାନ୍ତି ଓ ସହସଂଯୋଜକ ମୋନାଲିସା ଦାସ କାର୍ଯ୍ୟକ୍ରମର ଦାୟିତ୍ୱ ବହନ କରିଥିଲେ। ପ୍ରଫେସର ପଦ୍ମା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଆଶିଷ ଅଗସ୍ତି, ସମୀରରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ରହି ସହାୟତା ପ୍ରଦାନ କରିଥିଲେ।

## ଛୁଇଁପାଲି ଖଣିକୁ ମହାନିର୍ଦ୍ଦେଶକ ପୁରସ୍କାର

**ବେଲପାହାଡ଼,୨୭।୧୧(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ଛୁଇଁପାଲି କ୍ୱାର୍ଜୋଇଟ ଖଣିକୁ ୨୦୧୯ ବର୍ଷ ପାଇଁ ଖଣି ମହାନିର୍ଦ୍ଦେଶକ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଗତ ୨୪ ତାରିଖରେ ଭୁବନେଶ୍ୱରସ୍ଥିତ ରେଳସଦନ ଅଡିଟୋରିୟମଠାରେ ଏକ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଟିଆର୍‌ଏଲ କ୍ରୋସାକିର ଉପସଭାପତି ଡା.ତାରାପଦ ଦାଶ ଯୋଗ ଦେଇ ଧାନବାଦର ମହାନିର୍ଦ୍ଦେଶକ (ଖଣି ଓ ସୁରକ୍ଷା) ଏସ୍.ସୁବ୍ରମଣ୍ୟମଙ୍କଠାରୁ ପୁରସ୍କାର ଗ୍ରହଣ କିଥିଲେ। ଏହି ପୁରସ୍କାର ଗ୍ରହଣ ବେଳେ ଟିଆର୍‌ଏଲ ଉପସଭାପତିଙ୍କ ସହିତ ଖଣି ଉପମହାପ୍ରବନ୍ଧକ ଶାଶ୍ୱତ ଦାଶ, ଅତୁଲ ଦାଶ ଓ ସଂଗ୍ରାମ ଦାଶ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଏକ ଖଣି ବିଶେଷଜ୍ଞ ଦଳ ଖଣି ପରିଦର୍ଶନରେ ଆସି ଖଣି କାର୍ଯ୍ୟ ନିରୀକ୍ଷଣ କରିଥିଲେ ଏବଂ ଭୁବନେଶ୍ୱର ଅଞ୍ଚଳ ଅଧୀନ ଡି ବିଭାଗ ଖଣି ମଧ୍ୟରେ ଛୁଇଁପାଲି ଖଣିକୁ ଉତ୍ତମ ଖଣି ଭାବେ ଚୟନ କରିଥିଲେ।



ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡା. ତାରାପଦ ଦାଶ ଖଣି ମହାନିର୍ଦ୍ଦେଶକ ଏସ.ସୁବ୍ରମଣ୍ୟମଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର

**ଲଇକେରା, ୨୭।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ଦ୍ୱାରା ଏକ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧିପିକା ସୁପ୍ରଭା ନାଏକଙ୍କ ତତ୍ତ୍ୱାବଧାନରେ ୯୮ଜଣ ଛାତ୍ରୀ ଶିବିରରେ ତାଲିମ ନେଉଥିବାବେଳେ ଏହା ୧୨ ଦିନଧରି ଚାଲିବ ବୋଲି ଜଣାପଡ଼ିଛି। ମାଷ୍ଟର ଟ୍ରେନର ଶିଳ୍ପା ବାଗ ଓ ସୁଭଦ୍ରା ବାଗ ପ୍ରଶିକ୍ଷକ ଭାବେ ଯୋଗଦେଇଛନ୍ତି। ଶିବିରରେ ଅଧ୍ୟାପକ କମଲଲୋଚନ ଦାଶ, ସୁଦୀପ ପୁରୋହିତ, ପ୍ରସନ୍ନ କୁମାର ଷଣ୍ଢ, ପ୍ରବୀଣ କୁମାର ନାଏକ, କୁନା ବାଗ, ରୁଦ୍ରାକ୍ଷ ପ୍ରଧାନ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

**କୋଲାବିରା, ୨୭।୧୧ (ଡି.ଏନ୍.ଏ.)**

କୋଲାବିରା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବୁଧବାର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ଉକ୍ତ ଦାବିପତ୍ରରେ ପୁରୁଣା ପେନସନକୁ ଶିଘ୍ର ଲାଗୁ କରିବା, ସପ୍ତମ ବେତନ ସଂଶୋଧନ, ସମସ୍ତ ଗଣଶିକ୍ଷକ, ଶିକ୍ଷାମିତ୍ର, ଶିକ୍ଷା ସହାୟକ ତଥା ସାରା ଦେଶର ବିଭିନ୍ନ ଶିକ୍ଷକଙ୍କୁ ଶୀଘ୍ର ୩୧ ମାର୍ଚ୍ଚ ସୁଦ୍ଧା ନିୟମିତ କରିବା, ନିଯୁକ୍ତି ପୂର୍ବରୁ ଓଟିଇଟି ପରୀକ୍ଷା କରିବା ଇତ୍ୟାଦି ଉଲ୍ଲେଖ କରିଛନ୍ତି। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଖିଳ ଭାରତୀୟ ଶିକ୍ଷକ ସଂଘ ନେତୃତ୍ୱରେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏଇ ଅବସରରେ ଶିକ୍ଷକ ସଂଘର ସଭାପତି ପରମେଶ୍ୱର ପଟେଲ, ସମ୍ପାଦକ ଲଲିନ୍ଦ୍ର ଗୋଖରା, ଅଶୋକ କୁମାର ସାହୁ, ଯୁଗେଶ୍ୱର ସେନାପତି, ରାଜେନ୍ଦ୍ର ବଟ, ସସ୍ମିତା ପଟେଲ, ଲିଙ୍କନ ନାଏକ, ସୁବୋଧ ସାହୁ, କୋଶଲ ଜୟପୁରିଆ, ନାରାୟଣ ବାଗ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ କୋଲାବିରା ବିଇଓ ଗରିଧାରୀ ଭୋଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ବିଇଓ ଭୋଇ ଦାବିପତ୍ର ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଉକ୍ତ ଦାବିପତ୍ରକୁ ପଠାଇବେ ବୋଲି କହିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
Jeevan ଋଣ ସରକାରୀ ସୀକୃତିପ୍ରାପ୍ତ ପ୍ରଧାନମନ୍ତ୍ରୀ ବେରୋଜଗାର ଯୋଜନା ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ ଓ ସମ୍ପତି ଋଣ ଘରେ ବସି ମାତ୍ର 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 45% ଛାଡ
No Guarantor/No Commission
Plot No 428/74, Shahnajaf Rd, Lucknow, Uttar Pradesh 226001
7056051417

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନୁ ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

EDUCATION

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲସର୍ ବାଇକ୍ (ମାସିକ 25,000 – 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଶ୍ରମିକ ନେତା ରମେଶ ସାହୁଙ୍କୁ ହତ୍ୟା ଧମକ

ରାଉରକେଲା ଅଫିସ,୨୭।୧୧: ଶ୍ରମିକ ନେତା ତଥା ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରମେଶ ସାହୁଙ୍କୁ ରାତି ଅଧରେ ବନ୍ଧୁକ ମୁନରେ ୮/୧୦ ଅଜଣା ଯୁବକ ହତ୍ୟା ଧମକ ଦେବା ଅଭିଯୋଗ ହୋଇଛି। ଏ ନେଇ ଟାଙ୍ଗରପାଲି ପୋଲିସ ଏକ ମାମଲା (ନଂ ୧୫୮/୨୦୧୯) ରୁଜୁ କରିଛି। ଏମାନଙ୍କ ନାମରେ ୨୯୪, ୫୦୬, ୩୪ ଓ ୨୫ ଆର୍ମ୍ସ ଆକ୍ଟ ଲଗାଯାଇଛି। ଟାଙ୍ଗରପାଲି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାନୁସାରେ ଗତ ୨୩ ରାତିରେ ସାହୁ ନିଜ ଘରେ ଶୋଇଥିବା ବେଳେ ସମ୍ପୃକ୍ତ ଅଜଣା ଦୁର୍ବୃତ୍ତ ଲୋକନାଥ ମାର୍କେଟଠାରେ ଥିବା ତାଙ୍କ ଘରେ ପହଞ୍ଚି କବାଟ ବାଡେଇ ଉଠାଇ ଥିଲେ। ସାହୁ ବାହାରକୁ ଆସିବା କ୍ଷଣି ତାଙ୍କୁ ବନ୍ଧୁକ ମୁନରେ ହତ୍ୟା ଧମକ ଦେଇଥିଲେ। ଏଲଏଣ୍ଡଟିର ଦୁଇ ଅଧିକାରୀଙ୍କୁ ଆଖି ଉଠାଇ ଚାହିଁଲେ ଅବସ୍ଥା ଖରାପ ହେବ ବୋଲି ସେମାନେ ସାହୁଙ୍କୁ ଧମକ ଦେଇଥିଲେ ବୋଲି ଥାନାରେ ସାହୁ ଅଭିଯୋଗ କରିଛନ୍ତି।

# ଓଡ଼ିଆରେ ଶାସନ ଖିଲାପକାରୀଙ୍କୁ ଦଣ୍ଡବିଧାନ ହେଉ

ରାଉରକେଲା ଅଫିସ,୨୭।୧୧

ଭାଷା ଅନ୍ଦୋଳନ ଓଡିଶା ରାଉରକେଲା ଶାଖା ପକ୍ଷରୁ ସ୍ଥାନୀୟ କଳଚରାଲ ଏକାଡେମୀ ପରିସରରେ ଏକ ଆଲୋଚନାଚକ୍ର ସହ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ରାଜ୍ୟ ଆବାହକ ପବିତ୍ର ମହାରଥା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ସ୍ତମ୍ଭକାର ଅରୁଣ ପଣ୍ଡା ଓ ରବି କାନୁନଗୋ ଯୋଗଦେଇ ଓଡିଆ ଭାଷା ଆନ୍ଦୋଳନର ଇତିହାସ ସହ ଏ ନେଇ ନିଃସ୍ୱାର୍ଥପର ଭାବେ ଲଢ଼େଇରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଆଲୋଚନା କରିଥିଲେ। ଓଡିଶାରେ ଓଡିଆ ଭାଷାରେ ଶାସନ ଖିଲାପକାରୀଙ୍କୁ ଦଣ୍ଡବିଧାନ ଦାବି ନେଇ ୨୦୧୨ ଏପ୍ରିଲ ୩ ତାରିଖ କଳାପତାକା ପ୍ରଦର୍ଶନ କରାଯାଇଥିଲା ବୋଲି ମହାରଥା କହିଥିଲେ। ଏହାର ଠିକ୍ ୪୦ ଦିନ ପରେ ସରକାର ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ଅଧ୍ୟାଦେଶ ଜାରି କରିଥିଲେ। ତେବେ ବହୁ ବାଦବିବାଦ ପରେ ୨୦୧୭ରେ ପୁରୀଠାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସରକାର ଓଡିଆ ଭାଷାର ୨୦ ଦଫା କାର୍ଯ୍ୟକ୍ରମ ଘୋଷଣା କଲେ। କିନ୍ତୁ ଦଣ୍ଡବିଧାନ ଉପରେ କୌଣସି ନିଷ୍ପତ୍ତି ନେଲେ ନାହିଁ। ଏଣୁ ତାହା ସଂଶୋଧନ ନ ହେବା ପର୍ଯ୍ୟନ୍ତ ସରକାରଙ୍କ ବିରୋଧରେ କଳାପତାକା ପ୍ରଦର୍ଶନ ଚାଲିବ ବୋଲି ସେ କହିଛନ୍ତି। ରାଉରକେଲା ଶାଖା ଆବାହକ ଆର୍ତ୍ତତ୍ରାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଞ୍ଜବିହାରୀ ରାଉତ କାର୍ଯ୍ୟକ୍ରମ



ଓଡ଼ିଆ ଭାଷା ଆନ୍ଦୋଳନ ସଭାରେ ଅତିଥିମାନେ।

ସଂଯୋଜନା କରିଥିଲେ। ଏହି ଅବସରରେ ରାଉରକେଲାରେ କଳାପତାକା ପ୍ରଦର୍ଶନରେ ସାମିଲ ହୋଇଥିବା ସୂର୍ଯ୍ୟସ୍ମିତା ପାଇକରାୟ, ରମେଶ ମାଝି, ସନ୍ତୋଷ ରଥ, ଅଭିରାମ ପ୍ରଧାନ, ତ୍ରିଲୋଚନ ସ୍ୱାଇଁ, ବିଜୟ ଶତପଥୀ, ଉପେନ୍ଦ୍ର ବସ୍ତିଆ, ସୁମନ ଦତ୍ତ, ବସନ୍ତ ଦାସ, ନିରଞ୍ଜନ କରଣ, ପ୍ରକାଶଚନ୍ଦ୍ର ସେଠୀ, ସସ୍ମିତା ପ୍ରଧାନ, ପ୍ରତାପ ପଟ୍ଟନାୟକ, ଶ୍ରୀଧର ସୁନା, ବିନୋଦ କୌଶିକ, କୁଞ୍ଜବିହାରୀ ରାଉତ, ଆର୍ତ୍ତତ୍ରାଣ ମହାପାତ୍ର, ସୁଶାନ୍ତ ଦାସ, ଅକ୍ଷୟ ଜେନା ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ବିଧାନସଭାରେ ସରକାର ଏ ନେଇ ଏକ ବିଧେୟକ ପାସ୍ କରିବା ସହ ୧୩।୮।୨୦୧୯ରେ ଭାଷା ନିୟମାବଳୀ-୨୦୧୯ ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଓଡିଆ ଭାଷା ଆଇନ ଲାଗୁ ହେଲା ବୋଲି ଗେଜେଟ ନୋଟିଫିକେଶନ କରାଯାଇଛି।

# ୨୯ରୁ ସ୍ୱଦେଶୀ ମେଳା

■ସମ୍ମାନିତ ହେବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ

ରାଉରକେଲା ଅଫିସ,୨୭।୧୧

ଭାରତୀୟ ବିପଣନ ବିକାଶ କେନ୍ଦ୍ର, ଓଡିଶା ଏବଂ ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲାର ମିଳିତ ଆନୁକୂଲ୍ୟରେ ସେକ୍ଟର-୧୩ ମେଳଣ ପଡ଼ିଆରେ ନଭେମ୍ବର ୨୯ ତାରିଖରୁ ସ୍ୱଦେଶୀ ମେଳା ଆରମ୍ଭ ହେବ। ଏହି ମେଳା ଡିସେମ୍ବର ୯ ତାରିଖ ଯାଏ ଚାଲିବ। ଏଥିରେ ୨୦୦ଟି ଷ୍ଟଲ ରହିବ, ଯେଉଁଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ , ସ୍ୱୟଂ ସହାୟକ ଗୋଷ୍ଠୀ, ହସ୍ତତନ୍ତ, କୃଷିଜାତ ସାମଗ୍ରୀ, ଲଘୁବନଜାତ ଦ୍ରବ୍ୟ, ସୁସ୍ୱାଦୁ ବ୍ୟଞ୍ଜନ ଉପଲବ୍ଧ ରହିବ। ଏହାସହ ଭାରତର ଜନଜାତି ଅର୍ଥ ଓ ବିକାଶ ନିଗମ ତାର ଆକର୍ଷଣୀୟ ପ୍ରସ୍ତୁତି ଗୁଡ଼ିକୁ ଏହି ଷ୍ଟଲରେ ଉପଲବ୍ଧ କରାଇବ। ଏହାସହ ଏହି ଷ୍ଟଲରେ ବିଭିନ୍ନ ଗୃହ ଉକରଣ, ଶୈକ୍ଷିକେ, ସ୍ୱଦେଶୀ ଯନ୍ତ୍ରପାତି ମଧ୍ୟ ଉପଲବ୍ଧ ହେବ। ବୁଧବାର ପାନପୋଷସ୍ଥିତ ବ୍ରାହ୍ମଣୀ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚର ଅଧ୍ୟକ୍ଷ ସୁବ୍ରତ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଏହାସହ ଏହି ମେଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କଳାକାର ଜିତେନ୍ଦ୍ର ହରିପାଲଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯିବ। ମଞ୍ଚ ପକ୍ଷରୁ ସ୍ୱଚ୍ଛତା, ପ୍ଲାଷ୍ଟିକ ବର୍ଜନ, ଟ୍ରାଫିକ ଓ ଜଳ ସଚେତନତା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏପରିକି ମେଳାରେ ସଂଧ୍ୟା ସମୟରେ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ। ଏଥିରେ କଣ୍ଠଶିଳ୍ପୀ, ହାସ୍ୟ ଅଭିନେତା, ବାଦ୍ୟ ଶିଳ୍ପୀମାନେ ଓଡିଶାର ସଂସ୍କୃତିକୁ ପରିବେଷଣ କରିବେ। ତେବେ ଏହି ଖବରଦାତା ସମ୍ମିଳନୀରେ ନୀହାରିକା ବସ୍ତିଆ, କୋ-ଅର୍ଡିନେଟର ମନୋଜ ଜେନା, ମନୋଜ ନାଏ. ଭୀମସେନ ନାୟକ, ପ୍ରମୋଦ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।



ଜବତ ଦେଶୀମଦ ସହ ଗିରଫ ଅଭିଯୁକ୍ତ।

# ମଦ କାରବାରରେ ୯ ଗିରଫ

ରାଉରକେଲା ଅଫିସ,୨୭।୧୧

ସୁନ୍ଦରଗଡ ଅବକାରୀ ବିଭାଗ ନିର୍ଦ୍ଦେଶକ୍ରମେ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା, ଭାଲୁପତ୍ରା, ବାଗବୁଦି ଓ ଗୋପପାଲି ଅଞ୍ଚଳରେ ଚଢ଼ାଉ କରାଯାଇଛି। ୧୬୧ ଲିଟର ଦେଶୀମଦ ଜବତ କରାଯାଇଥିବା ବେଳେ ୧୩୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏହାସହ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ପୋଲିସ ଗୋପପାଲି ଗ୍ରାମରୁ ୪ଜଣଙ୍କୁ, ଡୁମରାନରୁ ୨ଜଣଙ୍କୁ, କଲୁଙ୍ଗାରୁ ୨ଜଣଙ୍କୁ ଏବଂ ଭାଲୁପତ୍ରା ଗ୍ରାମରୁ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପାଲି ଗ୍ରାମର ମିନାସ କୁଜୁର, ଛୋଟୁ ଟପ୍ପୋ, ପୁରିଆ ଟପ୍ପୋ, ପୁଷ୍ପା ତିର୍କୀ, ଡୁମରାନ ଗ୍ରାମର ବୀରବଲ କୁମ୍ଭାର ଓ ବିରଞ୍ଚି କୁମ୍ଭାର, କଲୁଙ୍ଗା ଗ୍ରାମର ସିଙ୍ଗି ଖାଲକୋ ଓ ସାଲମି ବାରଓ୍ୱା ଏବଂ ଭାଲୁପତ୍ର ଗ୍ରାମର ଶଙ୍କର ଲାକ୍ରା। ଅବକାରୀ ପୋଲିସ ସମୁଦାୟ ୧୦ଟି ମାମଲା ରୁଜୁ କରିଛି। ବାଗବୁଦି ଗ୍ରାମରୁ ଜବତ କରାଯାଇଥିବା ଦେଶୀମଦର କେହି ଦାବିଦାର ନ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ରାଉରକେଲା ଅବକାରୀ ବିଭାଗର ଅରୁଣ ପାଢ଼ୀ ଓ ଇନ୍ସପେକ୍ଟର ମିହିର ସେଠୀ, ଅବନୀ ମହାପାତ୍ର ଓ ସାମିଲ ଥିଲେ।

# ଡିସେମ୍ବର ୨୬ରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ନେଇ ସଚେତନତା

ରାଉରକେଲା ଅଫିସ. ୨୭। ୧୧

ଆସନ୍ତା ଡିସେମ୍ବର ୨୬ରେ ବିରଳ ମହାଜାଗତିକ ଘଟଣା ଦୃଶ୍ୟମାନ ହେବ। ଏହା ହେଉଛି ପୂର୍ଣ୍ଣ ସୂର୍ଯ୍ୟ ପରାଗ। ପୃଥିବୀର ବିଭିନ୍ନ ଦେଶ ସହିତ ଭାରତ ତଥା ଓଡିଶାରେ ମଧ୍ୟ ଏହା ଦୃଶ୍ୟମାନ ହେବ। ଏହି ମହାଜାଗତିକ ଦୃଶ୍ୟକୁ କିଭଳି ଅଧିକରୁ ଅଧିକ ଲୋକ ଦେଖି ପାରିବେ ସେ ନେଇ ବିଜ୍ଞାନ ଚେତନା ମଞ୍ଚ ରାଉରକେଲା ଶାଖା ପକ୍ଷରୁ ଏନ୍ଆଇଟି ପରିସରରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ମଞ୍ଚର କର୍ମକର୍ତ୍ତା ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ, ସହକାରୀ ପ୍ରଫେସର ରମାକାନ୍ତ ବିଶ୍ୱାଳ, ଓ ଅଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂର୍ଯ୍ୟ ପରାଗ ନେଇ ସାଧାରଣରେ ରହିଥିବା ଅନ୍ଧ ବିଶ୍ୱାସ ଓ ଭ୍ରାନ୍ତଧାରଣା ଦୂର କରିବା ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ବୈଜ୍ଞାନିକ କାରଣ ଓ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇ ଥିଲା। ଏହି ଅବସରରେ ସେହି ଦିନ ସୂର୍ଯ୍ୟ ପରାଗର ପର୍ଯ୍ୟବେକ୍ଷଣ ନେଇ ବିଜ୍ଞାନ ଚେତନା ମଞ୍ଚ ଓ ସାଇନ୍ସ ଫୋରମ ଆଦି ସଂଗଠନ ପକ୍ଷରୁ ପଦକ୍ଷେପ ନିଆଯିବ। ସେଥି ମଧ୍ୟରୁ ସନ୍ ଫିଲ୍ଟର, ପିନ୍ ହୋଲ୍ କ୍ୟାମେରା, ଟେଲିସ୍କୋପ ଇତ୍ୟାଦି ବ୍ୟବସ୍ଥା କରାଯିବ। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରାଯାଇ ସୂର୍ଯ୍ୟ ପରାଗ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ରେଢ଼ାଖୋଲ ମଲ୍ଟି ସ୍କିଲ୍ ଗୁରୁକୁଳର ୭ ଯୁବକଙ୍କୁ ବମ୍ବେରେ ନିଯୁକ୍ତି

ରେଢ଼ାଖୋଲ, ୨୭।୧୧ (ଡି.ଏନ.ଏ.)

ରେଢ଼ାଖୋଲ ମଲ୍ଟି ସ୍କିଲ୍ ଗୁରୁକୁଳରେ ତାଲିମ ନେଇ ୭ଜଣ ଯୁବକ ବମ୍ବେର ପଦ୍ମାବତୀ ଇଞ୍ଜିନିୟର୍ସରେ ନିଯୁକ୍ତି ପାଇଛନ୍ତି। ଉପଜିଲରପାଳ ଡୋଳାମଣି ପଟେଲ ଏମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ନିଯୁକ୍ତି ପାଇଥିବା ଏହି ଯୁବକମାନେ ଓଡିଶା ସରକାର ଓ ପାନ୍ ଆଇଆଇଟିର ମିଳିତ ସହଯୋଗରେ ରେଢ଼ାଖୋଲ ମଲ୍ଟି ସ୍କିଲ୍ ଗୁରୁକୁଳରେ ୭୦ ଦିନ ଧରି ପ୍ଲମ୍ବର, ଫାୟାର ସେଫ୍ଟି ଓ ପାଇପ୍ ଫିଟିଂ ଉପରେ ତାଲିମ ନେଇଛନ୍ତି। କମ୍ପାନୀ ପକ୍ଷରୁ ଏହି ଯୁବକମାନଙ୍କୁ ପିଏଫ ଓ ଇଏସ୍ଆଇ ସହିତ ୧୫ ହଜାର ୨ଶହ ଟଙ୍କା ଦରମା ସହିତ ରହିବା ଖାଇବାର ବ୍ୟବସ୍ଥା କରିବାକୁ ଚୁକ୍ତି କରାଯାଇଛି। ଗୁରୁବାର ଏହି ଯୁବକମାନେ ବମ୍ବେ ଅଭିମୁଖେ ବାହାରିବେ ବୋଲି ଗୁରୁକୁଳ ଅଧ୍ୟକ୍ଷ ନିହାରକାନ୍ତ ରଥ କହିଛନ୍ତି। ତେବେ ସେମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ଟ୍ରେନର ଅଞ୍ଜନ କୁମାର ପାତ୍ର, କାର୍ଯ୍ୟ ନିର୍ବାହୀ ବସନ୍ତ ରାଜ ବେଉରା, ଅଜୟ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଅଷ୍ଟମରୁ ଯୁକ୍ତ ୨ ମଧ୍ୟରେ ଶିକ୍ଷାଗତ ଯୋଗ୍ୟତା ଅର୍ଜନ କରିଥିବା ୧୮ ରୁ ୩୨ ବର୍ଷ ମଧ୍ୟରେ ବେକାର ଯବତୀ ଯୁବକମାନଙ୍କୁ ଏହି ଗୁରୁକୁଳରେ ତାଲିମ ପ୍ରଦାନ କରାଯାଇ ବିଭିନ୍ନ ରାଜ୍ୟର କମ୍ପାନୀଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉଛି।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.13-SBP-TRD-OT -2019-20, ତା.18.11.2019ରିଖ

କାର୍ଯ୍ୟର ନାମ: 02 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/TRD/ ଟିଟିଲାଗଡ଼ଙ୍କ କାର୍ଯ୍ୟାଳୟ (Official) ବ୍ୟବହାର ନିମନ୍ତେ ଗୋଟିଏ ନନ୍-ଏସି ଗାଡ଼ି ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 9,05,392.70, EMD (ଟଙ୍କାରେ): 18,100/-,ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି : 730 ଦିନ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.12.2019 ରିଖ 1530 ଘଡିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଥାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD)/ ସମ୍ବଲପୁର

PR-535/K/19-20



**PROCLAMATION REQUIRING THE APPEARANCE OF THE ACCUSED**

**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**

C.C. No. 288 OF 2017

Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused

To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha

Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail

**(BY ORDER OF THE COURT)**

C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59


# ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୨୭।୧୧

ବିଭିନ୍ନ ଦାବି ନେଇ ମହିଳା ସାଂସ୍କୃତିକ ସଂଗଠନ ନେତୃତ୍ୱରେ ଯୁବ ସଂଗଠନ, ଅଲ ଇଣ୍ଡିଆ ଡିୱାଇଓ ପକ୍ଷରୁ ବୁଧବାର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ମଦ ଓ ବିଭିନ୍ନ ମାଦକ ଦ୍ରବ୍ୟର ସଂପୂର୍ଣ୍ଣ ନିଷେଧ, ନାରୀ ଓ ଶିଶୁ ନିର୍ଯାତନା, ଯୁବତୀ ଚାଲାଣକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ରାଜ୍ୟରେ ବଢି ଚାଲିଥିବା ନାରୀ ନିର୍ଯାତନା ଉପରେ ରୋକ ଲଗାଇବା, ବେକାରିଙ୍କୁ ନିଯୁକ୍ତି ଦେବା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଲଗାମହୀନ ଦରଦାମ ବୃଦ୍ଧି ରୋକିବା, ମୋଟରଯାନ ଆଇନକୁ ବାତିଲ କରିବା ଆଦି ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ଅଭିଯୋଗ କରିଥିଲେ ଯେ, ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ଉପରେ ଦାଉ ସାଧୁଛନ୍ତି। ଲୋକଙ୍କୁ ମିଠା ପ୍ରତିଶ୍ରୁତି ଦେଇ କ୍ଷମତା ଆବୋରିବା ପରେ ପ୍ରତିଶ୍ରୁତିକୁ ପାସୋରି ଦେଉଛନ୍ତି। ଦରଦାମ ବୃଦ୍ଧି ଓ ପିଆଜ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆକାଶ ଛୁଆଁ ଦରବୃଦ୍ଧି ରୋକିବାରେ ସରକାର ବିଫଳ ହୋଇଛନ୍ତି। ବେକାର ସମସ୍ୟାର ସମାଧାନ ହେଉନି। ରାଜ୍ୟରେ କ୍ରମାଗତ ନାରୀ ନିର୍ଯାତନା ଅତିଷ୍ଠ କଲାଣି। ନୂଆ ପରିବହନ ନୀତିକୁ ସରକାର ଆପଣାଇବାକୁ ଯାଇ ଲୋକଙ୍କୁ ହଇରାଣ କରୁଛନ୍ତି। ସହର ବଜାର ହେଉ କିମ୍ବା ଗଳି କନ୍ଦିରେ ନିଶା କବଳରେ ପଡି ଯୁବ ପିଢି ପଥଭ୍ରଷ୍ଟ ହେଲେଣି। ଏକ ସଭ୍ୟ ଶିକ୍ଷିତ ରାଷ୍ଟ୍ରରେ ଏହାକୁ ନିଷେଧ କରାଯିବା ପରିବର୍ତ୍ତେ ପୋତ୍ସାହନ ଦିଆଯାଉଛି। ଏହି ଅବସ୍ଥା ଆଗକୁ ଲାଗି ରହିଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଅସମ୍ଭବ ନୁହେଁ ବୋଲି ଏଥିରେ କ୍ଷୋଭ ପ୍ରକାଶ କରି ଉପସ୍ଥିତ ନେତୃମଣ୍ଡଳୀ କହିଥିଲେ। ଏଥିରେ ମହିଳା ସଂଗଠନର ଜିଲା ସଭାନେତ୍ରୀ ଲିଓନି ତିର୍କୀ, ଉପସଭା ନେତ୍ରୀ ଗୀତାଞ୍ଜଳି ମହାନ୍ତି, ସମ୍ପାଦିକା ବିଦ୍ୟୁତ୍ ମହାନ୍ତ, ପ୍ରମିଳା ବେହେରା, ଅସୀମା ବେହେରା, ପ୍ରତିଭା ଦଣ୍ଡପାଟ, କବିତା ମହାନ୍ତି, ଜୟନ୍ତୀ ସାହୁ, ୱାହିଦା ବେଗମ, ରଜନୀ ଟିଗା, ନୀନା ଟପୋ, ସାଲମି ଲାକ୍ରା, ବନ୍ଦନା ମାଝୀ, ଜଷ୍ଟିନ ଲୁଗୁନ, ଶେଖ ଇସଲାମ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।


**ପ୍ରତିବାଦୀଙ୍କ ଉପସ୍ଥିତି ପାଇଁ ନୋଟିସ**

**ଆଦେଶ ୫ ନିୟମ ୨୦, ବ୍ୟ.ପ୍ର.ସଂ.**

**ନ୍ୟାୟାଳୟ: ନ୍ୟାୟଧାରୀ, କୁଟୁମ୍ବ, ନ୍ୟାୟାଳୟ, ରାୟଗଡ଼ (ଛତିଶଗଡ଼)**

ବିବିଧ ଅପରାଧିକ ପ୍ରକରଣ କ୍ର.-କ-ଏକ ୭୨/୨୦୧୯
ପେଶି ଦିନ: ୧୬/୧୨/୨୦୧୯
ପ୍ରୋସେସ ନମ୍ବର: ୮୯୪

୧. ଶ୍ରୀମତୀ ମମତା ସାହୁ, ପତି: ସୁଜିତ ସାହୁ, ଆୟୁ-୨୭ ବର୍ଷ, ପେସା କିଛି ନାହିଁ, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି ଛକ, ସୋହେଲା ରୋଡ଼, ଥାନା/ଜିଲ୍ଲା- ବରଗଡ଼, ହାଲ ନି/ପୋ/ଥା/ତ- ପୁସୋର, ଜି- ରାୟଗଡ଼ (ଛତିଶଗଡ଼) ............ଆବେଦକ

୨. ସୁଜିତ ସାହୁ, ପିତା: ଶ୍ରୀ ଚିତ୍ରସେନ ସାହୁ, ବୟସ ବ୩୪ର୍ଷ, କର୍ମ: ଚାକିରି, ନିବାସୀ: ଗୁଲହୋଟେଲର ପଛପଟ, ଭଟଲି, ଛକ, ସୋହେଲା ରୋଡ଼, ୱାର୍ଡ ନଂ-୧, ଗଲି ନଂ-୭, ଥାନା/ଜିଲ୍ଲା-ବରଗଡ଼ ............. ଅନାବେଦକ।

ଉପରୋକ୍ତ ବାଦୀ ଏହି ନ୍ୟାୟାଳୟ ପାଖରେ ଧାରା ୧୨୫ ଦ.ପ୍ର.ସଂ ଅନୁସାରେ ପ୍ରସ୍ତୁତ କରିଛନ୍ତି, ଏହି ସୂଚନା ଦ୍ୱାରା ଉକ୍ତ ପ୍ରତିବାଦୀ ସୁଜିତ ସାହୁ, ପିତା: ଚିତ୍ରସେନ ସାହୁଙ୍କୁ ସୂଚିତ କରାଯାଉଛି ଯେ ଆପଣ ଏହି ନ୍ୟାୟାଳୟରେ ତାରିଖ ୧୬।୧୨।୨୦୧୯ରିଖ ସମୟ ୧୧ ଘଣ୍ଟାରେ ଉପସ୍ଥିତ ହୋଇ ଆପଣ ନିଜର ଜବାବ ପ୍ରଦାନ କରନ୍ତୁ। ଯଦି ଆପଣ ଦିଆଯାଇଥିବା ସମୟରେ ଉପସ୍ଥିତ ନ ରୁହନ୍ତି ତେବେ ପ୍ରକରଣରେ ଆପଣ ଅନୁପସ୍ଥିତିରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଯଦି ଉକ୍ତ ତିଥିରେ ଅବକାଶ ଘୋଷିତ ହୁଏ, ଅବା ପିଠାସୀନ ଅଧିକାରୀ ଅବକାଶରେ ରୁହନ୍ତି ତେବେ ଶୁଣାଣି ଆସନ୍ତା କାର୍ଯ୍ୟାଦିବସରେ ହେବ।

ଆଜି ତା ୨୦।୧୧।୨୦୧୯ ମୋର ହସ୍ତାକ୍ଷର ଏବଂ ନ୍ୟାୟାଳୟର ମୁଦ୍ରା ସହିତ ଜାରି କରାଗଲା।

ଓମ ପ୍ରକାଶ ସିଂହ ଚୌହାନ
ନ୍ୟାୟାଧୀଶ
ପରିବାର ନ୍ୟାୟାଳୟ
ରାୟଗଡ଼, (ଛ.ଗ)


### ଅପରେଶନ କକ୍ଷରେ ଚେତା ହରାଇଲେ ଡାକ୍ତର

ସମ୍ବଲପୁର,୨୭।୧୧(ବ୍ୟୁରୋ): ବୁର୍ଲା ଭିମ୍ସାରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଅପରେଶନ କକ୍ଷରେ ବୁଧବାର ଡାକ୍ତର ଲାଲ ମୋହନ ନାଏକ ଅଚେତ ହୋଇ ପଡିଥିଲେ। ଜଣେ ରୋଗୀଙ୍କ ଅପରେଶନ କରିବା ପରେ ଏଭଳି ଘଟଣା ଘଟିଥିଲା। ସହକର୍ମୀମାନେ ତାଙ୍କୁ ଆଇସିୟୁକୁ ନେଇ ଯାଇଥିଲେ। ସେଠାରେ ପ୍ରାୟ ଅଧ ଘଣ୍ଟା ଚିକିତ୍ସା ହେବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିଲା। ଓମଟା ସଭାପତି ଡାକ୍ତର ବିମଳ ପଣ୍ଡା, ଉପସଭାପତି ଡାକ୍ତର ଆଶୋକ ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ସୁବ୍ରତ ନାଏକ, ଜେଡିୟୁ ସଭାପତି ଡାକ୍ତର ସଞ୍ଜୀବ ମିଶ୍ର ପ୍ରମୁଖ ଡାକ୍ତର ନାଏକଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଛନ୍ତି।

# ପାଖଉଛି | ଡିସେମ୍ବର ପହିଲା, ଗାଡି ଚାଳକ ଛାନିଆ

ରାଉରକେଲା ଅଫିସ,୨୭।୧୧

୩ ମାସ ମହଲତ ପରେ ଡିସେମ୍ବର ପହିଲାରୁ ପୁଣି ଥରେ ପରିବହନ ଆଇନକୁ ରାଜ୍ୟରେ କଡାକଡି ଲାଗୁ ଉଦ୍ଦେଶ୍ୟରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ବିଭାଗୀୟ ମନ୍ତ୍ରୀ ମଧ୍ୟ ଏନେଇ ସ୍ପଷ୍ଟ ସୂଚନା ଦେଇ ସାରିଛନ୍ତି। ଏମିତି ଅବସ୍ଥାରେ ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ପଲ୍ୟୁଶନ ଯାଞ୍ଚ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହୁଥିବା ଦେଖାଯାଇଛି। ତଥାପି ଏନେଇ ଲମ୍ବା ଲାଇନ ଶେଷ ହେଉନି। ସମାନ ସ୍ଥିତି ଦେଖିବାକୁ ମିଳୁଛି ରାଉରକେଲା ପରିବହନ କାର୍ଯ୍ୟାଳୟ ପରିସରରେ। ଲୋକେ ସକାଳୁ ବିଭିନ୍ନ କାମରେ ଆସି ଏଠାରେ ଭିଡ କରୁଛନ୍ତି। ଏମିତି ଅବସ୍ଥାରେ ମହିଳା ଓ ବରିଷ୍ଠ ନାଗରିକ ହଇରାଣରେ ପଡୁଛନ୍ତି। ଲମ୍ବା ଧାଡିରେ ଛିଡା ହୋଇ ରହିବା ସତ୍ତ୍ୱେ କାଉଣ୍ଟର ନିକଟରେ ପହଞ୍ଚିବାକୁ ସୁଯୋଗ ମିଳୁନି। ଆଉ ଦିନ କେଇଟା ପରେ ଗାଡି ଯାଞ୍ଚ ଆରମ୍ଭ ହେବା ଜାଣି ଲୋକଙ୍କ ଭିତରେ ତତ୍ପରତା ବଢି ଯାଇଛି। ଜରିମାନା ଭୟ ଲୋକଙ୍କୁ ଘାରୁଥିବା ବେଳେ ଶୀଘ୍ର କିପରି କାମ ହୋଇଯିବ ସେ ନେଇ ନେହୁରା ହେବା ସତ୍ତ୍ୱେ ଫଳ ମିଳୁନି। ଏଣେ କେବେ ଆରଟିଓ କାର୍ଯ୍ୟାଳୟରେ ଭିଡ କମିବ ସେ ନେଇ କାହା ପାଖରେ ଉତ୍ତର ନାହିଁ। କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ଡରୁଥିବା ଅଟୋ ଚାଳକଙ୍କ ମଧ୍ୟରୁ ଅନେକ ଗାଡି ଠିଆ କରି ରଖିଛନ୍ତି। ନୂଆ ନିୟମ ଆଧାରରେ କାହାର ମାଲିକାନା ସ୍ୱତ୍ୱ ବଦଳି ପାରୁନି ତ ଆଉ କାହାର ଗାଡି ନବୀକରଣ ହୋଇ ପାରୁନି। ଆଉ କାହାର ଗାଡି ମୂଲ୍ୟଠୁ ଟ୍ୟାକ୍ସ ବଳି ପଡୁଛି। ଏମିତି ଅବସ୍ଥାରେ ଅନେକ ନୂଆ ଆଇନ ନେଇ ସଚେତନ ନୁହନ୍ତି। ଏ ନେଇ ପରିବହନ କାର୍ଯ୍ୟାଳୟ କର୍ମଚାରୀଙ୍କୁ ବୁଝାଇବାକୁ ବେଳ ଅଣ୍ଟୁନି। ଡିସେମ୍ବର ପହିଲା ଯେତିକି ପାଖଉଛି ଲୋକଙ୍କ ମନରେ ସେତିକି ଛାନିଆ ବଢୁଛି। ଏ ନେଇ ପରିବହନ କର୍ତ୍ତୃପକ୍ଷ ସହଯୋଗର ହାତ ବଢାଇବାକୁ ଆଇନଜୀବୀ ସଦାନନ୍ଦ ସାହୁ ଦାବି କରିଛନ୍ତି। ସନ୍ତୋଷ ସ୍ୱାଇଁ ନାମକ ଜଣେ ସାଧାରଣ ଲୋକଙ୍କ କହିବା କଥା ଯେ, ଡ୍ରାଇଭିଂ ଲାଇସେନ୍ସ, ଇନସ୍ୟୁରାନ୍ସ, ପଲ୍ୟୁଶନ ପ୍ରମାଣପତ୍ର ଆଦି କାଗଜପତ୍ର କରିବାକୁ ଲୋକଙ୍କୁ ସମୟ ଦିଆଯାଉ। ଏବେ ବି ପରିବହନ ଅଫିସରେ ଭିଡ ଲାଗିଛି। ସ୍ୱଳ୍ପ ସମୟ ଭିତରେ ଲୋକେ ଏ ସବୁ କିଭଳି ହାସଲ କରିବେ। ଅନ୍ୟଥା କେବଳ ହଇରାଣ ହେବାକୁ ପଡିବ। ପରିବହନ ବିଭାଗ ଓ ପୋଲିସ ରାସ୍ତାରେ ଠିଆ ହୋଇ ଲୋକଙ୍କ ଉପରେ ଜୁଲମ କରିବା ସହ କେବଳ ଫାଇନ କାଟିବ। ଏଣୁ ଜବରଦସ୍ତ ଯାଞ୍ଚ ପ୍ରକ୍ରିୟା କରାଗଲେ ଅସନ୍ତୋଷ ବଢିବ। ରାଜଧାନୀ ଭୁବନେଶ୍ୱରର ରାଜମହଲ ଛକରେ ଯେଭଳି ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କଲେ ସେଭଳି ପରିସ୍ଥିତି ଯେ ନ ଉପୁଜିବ ତାହା କିଏ କହିବ। ଏ ଦିଗ ପ୍ରତି ମଧ୍ୟ ପ୍ରଶାସନକୁ ଧ୍ୟାନ ଦେବାକୁ ହେବ। ସେହିଭଳି ରାହାସ ବିହାରୀ ମିଶ୍ର ନାମକ ଆଉ ଜଣେ ସାଧାରଣ ଲୋକ ମଧ୍ୟ କହିଛନ୍ତି ଯେ, ସରକାରଙ୍କ ଏହି ନୂଆ ପରିବହନ ନୀତି ସମ୍ପର୍କରେ ଖୋଦ୍ ପୋଲିସ ଆଉ ଆରଟିଓ ଅଧିକାରୀ ଓ କର୍ମଚାରୀ ସମ୍ପୂର୍ଣ୍ଣ ଜାଣି ନାହାନ୍ତି। ଲୋକେ ତ ସହଜେ ଜାଣି ପାରୁ ନାହାନ୍ତି। ଲୋକଙ୍କ ସଚେତନ କରାଯାଉ। ଅଧିକ ସମୟ ଦେବା ଆବଶ୍ୟକ ରହିଛି। ତେବେ ଆରଟିଓଙ୍କ ଦାୟିତ୍ୱରେ ଥିବା ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର କହିଛନ୍ତି ଯେ, ଏହା ତ ଆଞ୍ଚଳିକ ସ୍ତରରେ ହେଉନି। କେନ୍ଦ୍ର ସରକାର ଏହି ନିୟମ ପ୍ରଣୟନ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ଏହା କାର୍ଯ୍ୟକାରୀ ହେଉଛି। ତଥାପି ଅବଧି ଭିତରେ ଲୋକଙ୍କୁ ସବୁ ପ୍ରକାର ସହଯୋଗ ସହାୟତା କରିବାକୁ ଚେଷ୍ଟା ଅବ୍ୟାହତ ରହିଛି।


**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

**ନିବେଦନ**

୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/-
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/-
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/-
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/-
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନଚେତ୍ ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/-ଆଦାୟ କରାଯିବ।

ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।

ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)
କାର୍ଯ୍ୟନିର୍ବାହୀ ଅଧିକାରୀ,
ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ।

ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)
ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା
-ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି ।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

**ନୂଆଗାଁ, ୨୭।୧୧ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଉର୍ମୈଇ ଗ୍ରାମରେ ମଙ୍ଗଳବାର ରାତିରେ ଏକ ବଡ ଧରଣର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । କୌଣସି ଦୁର୍ବୃତ୍ତ ମହେଶ୍ୱର ପଣ୍ଡାଙ୍କ ଘର ତାଲା ଭାଙ୍ଗି ପ୍ରାୟ ୧୦୦ ରୁ ୧୨୦ ଗ୍ରାମ ଓଜନର ସୁନା ଚୋରି କରି ନେଇଥିବା ବେଳେ ଆଲମିରା ଭାଙ୍ଗି ବିଭିନ୍ନ ଜିନିଷପତ୍ର, ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଜଣାପଡିଛି । ଏ ସମ୍ପର୍କରେ ବୁଧବାର ଘର ମାଲିକ ମହେଶ୍ୱର ପଣ୍ଡା ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ବିଶ୍ରା ଥାନା ଅଧିକାରୀ ବନିତା ମାଝିଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ପି.କେ ସେଠୀ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ଡଗ୍ ସ୍କ୍ୱାଡ୍ ସହ ପୋଲିସ ଘଟଣାର ଛାନଭିନ୍ କରୁଥିବା ଜଣାପଡିଛି। ପୋଲିସର ସୂଚନା ମୁତାବକ ଉର୍ମୈଇ ଗ୍ରାମର ମହେଶ୍ୱର ପଣ୍ଡା ଓ ତାଙ୍କ ପରିବାର ଜଗଦା ଅଞ୍ଚଳରେ ରୁହନ୍ତି । ହେଲେ ସପ୍ତାହରେ ଦୁଇ ତିନି ଦିନ ଉର୍ମୈଇ ସ୍ଥିତ ନିଜ ଘରକୁ ଆସନ୍ତି। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଏଭଳି ଘଟଣା ଘଟାଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି । ଯଦିଓ ତାଙ୍କ ଘର ସମ୍ମୁଖରେ ମହେଶ୍ୱରଙ୍କ କାକା ଘର ଅଛି କିନ୍ତୁ ଦୁର୍ବୃତ୍ତମାନେ ଘର ପଛପଟ ପାଚେରି ଡେଇଁ ଘର ଭିତରେ ପ୍ରବେଶ କରିଥିଲେ ଓ ଘରର ତାଲା ଭାଙ୍ଗି ଏସବୁ ଜିନିଷ ଚୋରି କରିନେଇଛନ୍ତି । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ହିଁ କେହି ସାମିଲ ଥିବା ପୋଲିସ ଅନୁମାନ କରୁଛି।

### ବାର୍‌ହା ଶିକାର ଅଭିଯୋଗରେ ତିନି ଗିରଫ: ମୁଣ୍ଡ, ଗୋଡ଼, ଚମଡ଼ା ଜବତ

**ହେମଗିର, ୨୭।୧୧ (ଡି.ଏନ.ଏ)-** ହେମଗିର ରେଞ୍ଜ ଅଧିନରେ କାଉଦରହ ଓ ତଲିଆ ଗ୍ରାମରୁ ବାରହା ଶିକାର ଅଭିଯୋଗରେ ତିନି ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଘଟଣାରୁ ପ୍ରକାଶ ବୁଧବାର ସକାଳେ କାଉଦରହ ଗ୍ରାମର ଭୂୟାଁବାହାଲ ପଡାରେ ବାରହା ମାଂସ କଟା ଯାଉଥିବାର ଖବର ପାଇ ରେଞ୍ଜର ବଳଜିତ ଡୁଙ୍ଗଡୁଙ୍ଗ ନିର୍ଦ୍ଦେଶରେ ବନ ବିଭାଗ ଚଢ଼ାଉ କରିଥିଲେ। ଏହାର ଖବର ପାଇ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ପରେ ବନ ବିଭାଗ ପକ୍ଷରୁ ଜାଲ ବିଛାଇ ତିନି ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ସେମାନେ ହେଲେ ତିଲିଆ ଗ୍ରାମର ସଞ୍ଜୟ ନାଏକ (୪୨), କାଉଦରହ ଗ୍ରାମର ଭୂୟାଁବାହାଲ ପଡାର ବୈଷ୍ଣବ କିଷାନ (୩୪) ଓ ବଂଶୀଦରହ ପଡାର ଭୀଖ ଲାକରା (୫୫)। ଅଭିଯୁକ୍ତଙ୍କ ବୟାନ ଅନୁଯାୟୀ ସଞ୍ଜୟ ନାଏକ ଗତ ବିଳମ୍ବିତ ରାତ୍ରରେ କନିକାରୁ କାଉଦରହ ରାସ୍ତାରେ ଯାଉଥିଲେ। ସେହି ସମୟରେ ଭୂୟାଁବାହାଲରୁ କାଉଦରହ ମଝି ଜଙ୍ଗଲ ରାସ୍ତାରେ ପାର ହେଉଥିବାବେଳେ ଟ୍ରକ ଧକ୍କାରେ ଦୁଇଟି ବାରହା ମରି ପଡିଥିଲେ। ଏହା ଦେଖି ସଞ୍ଜୟ ଅନ୍ୟ ଦୁଇଜଣ ବୈଷ୍ଣବ ଓ ଭୀଖ ଲାକରାକୁ ଡାକି ବାରହା ଦୁଇଟିକୁ ବୈଷ୍ଣବ କିଷାନଙ୍କ ଘର ପଛ ପଟକୁ ନେଇ ଯାଇଥିଲେ। ସକାଳେ ମାଂସକୁ ଅନ୍ୟତ୍ର ନେଇ ବିକ୍ରି କରିଥିବା ବେଳେ କେବଳ ଦୁଇଟି ମୁଣ୍ଡ, ଗୋଡ, ଚମଡା ସହ ଦୁଇଟି ପନଖି, ଦୁଇଟି କଟୁରୀ ବନ ବିଭାଗ ଜବତ କରିଥିଲା। ଏନେଇ ବନବିଭାଗ ପକ୍ଷରୁ କେସ ନଂ. ଓଆର୍ ୧୨୪/୧୯ ରୁଜୁ କରି ତଦନ୍ତ ଜାରି ରଖିଛି।

## କୃଷକ ସଙ୍ଗଠନର ଦାବି

# ତୁରନ୍ତ ମଣ୍ଡି ଖୋଲାଯାଉ, କୃଷି ବୀମା ରାଶି ଦିଆଯାଉ

**ବଡ଼ଗାଁ, ୨୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ୬ଟି ପଞ୍ଚାୟତର କୃଷିବୀମା କରିଥିବା ଚାଷୀଙ୍କୁ କୃଷି ବୀମା ଅର୍ଥ ଶୀଘ୍ର ପ୍ରଦାନ କରିବା ଓ ଟୋକନ ବ୍ୟବସ୍ଥା ଉଚ୍ଛେଦ କରି ପୂର୍ବଭଳି ଧାନ କିଣିବା ପାଇଁ ତୁରନ୍ତ ମଣ୍ଡି ଖୋଲିବାକୁ ଜୟ ଯବାନ ଜୟ କିସାନ କୃଷକ ସଙ୍ଗଠନ ଭୋଇପାଲିର କର୍ମକର୍ତ୍ତା, ଜନ ପ୍ରତିନିଧି ଏବଂ ଚାଷୀମାନେ ଦାବି କରିଛନ୍ତି। ବୁଧବାର ଅପରାହ୍ଣରେ ବଡ଼ଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଦାବି ଉପସ୍ଥାପନ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଜୟ ଯବାନ ଜୟ କିଷାନ କୃଷକ ସଙ୍ଗଠନର ସଭାପତି ରବୀନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ସ୍ନେହଲତା ବେଜି, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ପୂର୍ବତନ ସମିତି ସଭ୍ୟ ଯୁଗେଶ୍ୱର ସେନାପତି, ମଣ୍ଟୁ ପଣ୍ଡା, ଜୟନ୍ତ ବିଶି, ପୂର୍ବତନ ସରପଞ୍ଚ ଫକିର ଦେଓ, ମହେଶ୍ୱର ବରିହା ଯୋଗଦେଇ ଦାବି ଜଣାଇଥିଲେ। ୨୦୧୮ ମସିହାରେ ମରୁଡି ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କ ବୀମା ଅର୍ଥ ସମସ୍ତ ପଞ୍ଚାୟତକୁ ମିଳି ନ ଥିବାରୁ କ୍ଷୋଭ ପ୍ରକଟ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୭ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨ଟି ପଞ୍ଚାୟତର କୃଷିବୀମା କରିଥିବା ଚାଷୀଙ୍କୁ ବୀମା ଅର୍ଥ ମିଳିଥିଲା ବେଳେ ବାକି ୬ଟି ପଞ୍ଚାୟତର ଚାଷୀଙ୍କୁ ଏ ଯାଏଁ ମିଳିନାହିଁ । ସେମାନଙ୍କୁ ଶୀଘ୍ର ବୀମା ଅର୍ଥ ଦେବାକୁ ଦାବି ହୋଇଥିଲା । ୨୦୧୦ ମସିହାର ଉତ୍କଟ ମରୁଡି ସର୍ତ୍ତ୍ୱେ ବୀମା ଅର୍ଥ ନ ମିଳିବାରୁ ଚାଷୀ ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମଧ୍ୟ ବୀମା କମ୍ପାନୀକୁ ସମୁଦାୟ ଫସଲର ୭୦ ଭାଗ କ୍ଷତି ହୋଇଥିବା ହୃଦବୋଧ କରି ବୀମା ଅର୍ଥ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମାମଲା ସୁପ୍ରିମକୋର୍ଟକୁ ଯାଇଛି। ସରକାର ହସ୍ତକ୍ଷେପ କରି ୨୦୧୦ ମସିହାର ବୀମା ଅର୍ଥ ଦେବାର ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ଧାନ ଅମଳ ହୋଇ ଯାଇଥିଲେ ମଧ୍ୟ ମଣ୍ଡି ଖୋଲି ନ ଥିବାରୁ ବିଶେଷ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ବାଧ୍ୟ ହୋଇ ଦଲାଲଙ୍କଠାରେ କମ୍ ଦରରେ ବିକ୍ରି କରି ଶୋଷିତ ହେଉଛନ୍ତି। ଯେଉଁ ଦଲାଲ, ବ୍ୟବସାୟୀ ଧାର୍ଯ୍ୟ ଦରରୁ କମରେ ଧାନ କିଣୁଛନ୍ତି ସେମାନଙ୍କୁ ଶୋଷଣ ଅଭିଯୋଗରେ ପୋଲିସ ଗିରଫ କରୁ ବୋଲି ଚାଷୀ ସଙ୍ଗଠନ କର୍ମକର୍ତ୍ତା ଓ ଚାଷୀମାନେ ଦାବି ଉଠାଇଥିଲେ। ମଣ୍ଡି ଖୋଲିବା ସମ୍ପର୍କରେ ବ୍ଲକ ଅଞ୍ଚଳରେ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉ ଓ ପ୍ରତିଗାଁରେ ଜଣେ ଚାଷୀଙ୍କୁ ସୂଚନା ଦେବାକୁ ଦାୟିତ୍ୱ ଦିଆଯିବାକୁ ଦାବି କରାଯାଇଛି ।



କାର୍ଯ୍ୟକ୍ରମରେ ଉପସ୍ଥିତ କୃଷକ ସଙ୍ଗଠନ କର୍ମକର୍ତ୍ତା ଓ ଜନପ୍ରତିନିଧି ।

### ଏମ୍‌ଜିଏନ୍‌ଆରଇଜିଏସ ଜନଶୁଣାଣି

**ଲହୁଣୀପଡ଼ା, ୨୭।୧୧ (ଡି.ଏନ.ଏ.)**

ଲହୁଣୀପଡା କଲ୍ୟାଣ ମଣ୍ଡପରେ ଏମଜିଏନଆରଇଜିଏସ ଓ ସାମାଜିକ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣୀ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବଣେଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଅମିତାଭ ମେଣ୍ଡଲି, ବିଡିଓ ଧାନାଇଚରଣ ଟୁଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଜଗବନ୍ଧୁ ବେହେରା, ଅସିତ କୁମାର ସାହୁ ଉପସ୍ଥିତ ଥିଲେ । ଏପିଓ ବିଜୟ କୁମାର ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷର ଏମଜିଏନଆରଇଜିଏସ ଓ ଜାତୀୟ ଓ ସାମାଜିକ ସୁରକ୍ଷାର ଜନଶୁଣାଣୀ କରାଯାଇଥିଲା। କେତେକ ପଞ୍ଚାୟତରେ ଜବକାର୍ଡଧାରୀ କାମ କରି ପାରିଶ୍ରମିକ ପାଇନ ଥିବା ବେଳେ ଅନ୍ୟ କେଉଁଠି ଭତ୍ତା ପ୍ରଦାନରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ତଦନ୍ତ କରି ରିପୋର୍ଟ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ସ୍ୱାସ୍ଥ୍ୟ ଶିବିରରେ ୨୦୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ମନମୁଣ୍ଡା, ୨୭।୧୧ (ଡି.ଏନ.ଏ)**

ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡ ଆନୁକୂଲ୍ୟରେ ମଙ୍ଗଳବାର ଲମ୍ବସରି ପଞ୍ଚାୟତ ଝାରମୁଣ୍ଡାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏମଓ ଲକ୍ଷ୍ମୀଧର ସାହୁ ମୁଖ୍ୟଅତିଥି ଏବଂ ଏଡିଏମଓ କିଶୋର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଦମାମୁଣ୍ଡା ରେଞ୍ଜ ଅଫିସର ମନୋଜ କୁମାର ସାହୁ ଏବଂ କନ୍ଧମାଳ ରେଞ୍ଜ ଅଫିସର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଡା. ସଞ୍ଜୟ କୁମାର ଦଲାଇ, ଡା. ଅଶୋକ ସାହୁ, ଡା. ବି. ଦେଓ ହେମ୍ବ୍ରମ ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଏହି ଶିବିରରେ ମୋଟ ୨୦୮ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । ମନମୁଣ୍ଡା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ମାନସ ସାହୁ ସହଯୋଗ କରିଥିଲେ । ବୌଦ୍ଧ କେନ୍ଦୁପତ୍ର ଡିଏଫଓ ଦିଲୀପ କୁମାର ସ୍ୱାଇଁ, ମନମୁଣ୍ଡା ଏସିଏଫ ବିବସ୍ୱ ବେସନ ଉପସ୍ଥିତ ଥିଲେ ।



ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିର ବିନିଯୋଗ ଓ ପ୍ରମାଣପତ୍ର ପଇଠ ସମ୍ବନ୍ଧୀୟ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ବିନିଯୋଗ ସମୀକ୍ଷା ବୈଠକ

## ପ୍ରକଳ୍ପଗୁଡ଼ିକର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ

**ସୁନ୍ଦରଗଡ, ୨୭।୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିର ବିନିଯୋଗ ଓ ପ୍ରମାଣପତ୍ର ପଇଠ (ୟୁସି) ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ବୁଧବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପରିଷଦ ଦ୍ୱାରା ମଞ୍ଜୁରପ୍ରାପ୍ତ ପ୍ରକଳ୍ପଗୁଡିକର ସଫଳ କାର୍ଯ୍ୟକାରିତା ୫-ଟି ଆଧାରରେ କାମ କରାଯିବା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଜିଲାକୁ ୨୦୧୯ -୨୦ ଆର୍ଥିକ ବର୍ଷରେ ମୋଟ ୪୯,୦୬ ,୧୬ ,୮୮୪ ଟଙ୍କା ଆସନ୍ତା ବର୍ଷ ମାର୍ଚ୍ଚ ୨୦୨୦ ସୁଦ୍ଧା ବିନିଯୋଗ କରିବା ପାଇଁ ବୈଠକରେ ଧାର୍ଯ୍ୟ କରାଯାଇଥିଲା । ଡିପିଏମୟୁ ସୁନ୍ଦରଗଡ ଦ୍ୱାରା ଉପସ୍ଥାପିତ ରିପୋର୍ଟ ଅନୁସାରେ ମଞ୍ଜୁର ହୋଇଥିବା ଅନୁଦାନ ମଧ୍ୟରୁ ଅର୍ଥ ବିନିଯୋଗ ପ୍ରମାଣ ପତ୍ର ମୋଟ ୮.୭୦ ,୫୮ , ୨୪୮ ଟଙ୍କାର ଅଦ୍ୟାବଧି ପଶ୍ଚିମଓଡିଶା ବିକାଶ ପରିଷଦରେ ଦାଖଲ ହୋଇଛି ଏବଂ ବଳକା ଅର୍ଥ ମୋଟ ୪୦ ,୩୫, ୫୮ ,୬୩୦ ଟଙ୍କା ବିନିଯୋଗପତ୍ର ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ବିନିଯୋଗ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଛି । ପ୍ରକଳ୍ପଗୁଡିକ କାର୍ଯ୍ୟ କରୁଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଅଧିକାରୀମାନଙ୍କୁ ଠିକ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିନିଯୋଗ ପ୍ରମାଣପତ୍ର ମଧ୍ୟ ଦାଖଲ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲାପାଳ ନିଖିଳ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ପଶ୍ଚିମ ଓଡିଶା ବିକାଶ ପରିଷଦର ଯୁଗ୍ମ ନିର୍ଦ୍ଦେଶିକା ମାନସୀ ଶତପଥୀ, ଡିପିଏମୟୁର ଉପନିର୍ଦ୍ଦେଶକ ବିଜୟକୁମାର ତ୍ରିପାଠୀ, ସହକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ନାଏକ, ମହେଶ ଚନ୍ଦ୍ର ସ୍ୱାଇଁ, ପଶ୍ଚିମ ଓଡିଶା ବିକାଶ ପରିଷଦର ଏସଇଆଇ ପ୍ରଦୀପ କୁମାର ତିର୍କୀ. ଡିଏ ଦେବାନନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

# ଠିକ୍ ସମୟରେ କର୍ମଚାରୀଙ୍କ ଉପସ୍ଥାନ ଉପରେ ଗୁରୁତ୍ୱ



ରୋଗୀ କଲ୍ୟାଣ ସମିତିର ବୈଠକରେ ଉପସ୍ଥିତ ଅଧିକାରୀ, ସଦସ୍ୟ।

**ଲେଫ୍ରିପଡ଼ା,୨୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡ଼ା. ଜଗଦୀଶ ଦେହୁରୀ ପ୍ରଥମେ ସମିତିର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବାପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ଶର୍ମା ଗତ ବୈଠକର ବିବରଣୀ ପାଠ କରି ଆଗାମୀ ବର୍ଷର ବଜେଟ ଉପସ୍ଥାପିତ କରିଥିଲେ। ସର୍ବସମ୍ମତି କ୍ରମେ ଏହା ଅନୁମୋଦିତ ହୋଇଥିଲା। ବ୍ଲକ୍ ପ୍ରୋଗ୍ରାମ୍ ମ୍ୟାନେଜର ସତ୍ୟବ୍ରତ ଦାଶ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ରୋଗୀମାନଙ୍କ ପାଇଁ ଆବଶ୍ୟକ ବିଭିନ୍ନ ସୁବିଧା ନିମିତ୍ତ ସଦସ୍ୟ ମାନେ ଆଲୋଚନା କରିଥିଲେ। ରୋଗୀଙ୍କ ଖାଦ୍ୟ ବଣ୍ଟନ ପାଇଁ ବିଶେଷ ବ୍ୟବସ୍ଥା କରାଯିବାକୁ ବୈଠକରେ ସଦସ୍ୟମାନେ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଠାର ମରାମତି ଏବଂ ରଙ୍ଗକରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଲେବ୍ରୋଟାରୀ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ କ୍ରୟ କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କୀତ ସରକାରୀ ସୁବିଧା ଓ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ସୂଚନା ସକାଶେ ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରୀ କାନ୍ଥରେ ଲେଖା ହେବା, ନିର୍ମାଣ ହୋଇଥିବା ନୂତନ ଷ୍ଟାଫ୍ କ୍ୱାର୍ଟର୍ସଗୁଡ଼ିକ ଏଲଟ୍ କରାଯିବା, ଆମ୍ବୁଲାନ୍ସ ସେବାକୁ ତତ୍ପର କରିବା, ସ୍ୱାସ୍ଥ୍ୟ କର୍ମଚାରୀମାନେ ଯେପରି ଉଚିତ୍ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ହେବା ଦିଗରେ ଦୃଷ୍ଟି ଦେବା ପାଇଁ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ଅନୁଦାନ ଯେପରି ନିୟମିତ ଠିକ୍ ଭାବେ ବନିଯୋଗ ହୋଇପାରିବ ସେ ଦିଗରେ ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯିବା ସହିତ ନିୟମିତ ଭାବେ ସମିତିର ବୈଠକ ଡ଼କାଯିବାକୁ ଅନୁରୋଧ କରାଯାଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର ପରିମଳ ପାଇଁ ନିର୍ମଳ ସଂସ୍ଥା ନିଯୁକ୍ତ ହୋଇଥିବା ବେଳେ ଏ ଦିଗରେ ସଂପୃକ୍ତ ସଂସ୍ଥାର ସୁପରଭାଇଜରଙ୍କୁ ଠିକ୍ ପରିଚାଳନା ପାଇଁ ତାଗିଦ୍ କରାଯାଇଥିଲା। ବୈଠକରେ ସମିତିର ଅଧ୍ୟକ୍ଷା ତଥା ସୁନ୍ଦରଗଡ଼ ସଦର ବିଧାୟିକାଙ୍କ ପ୍ରତିନିଧି ରୁବିରାଣୀ ପଟେଲ, ଜିଲା ପରିଷଦ ସଭ୍ୟ ନରେଶ ପ୍ରତାପ ସିଂହ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ କୁମାର ସାହୁ, ସୁଧାକର ପାଣ୍ଡେ, ଡ଼ା.ଭୀଷ୍ମଦେବ ଭୋଇ, ଡ଼ା.ସୁବାସ ଚନ୍ଦ୍ର ସେଠୀ, ଆଇସିଡ଼ିଏସ୍ ସୁପରଭାଇଜର ଯଜ୍ଞସେନୀ ପଣ୍ଡା, ଫର୍ମାସିଷ୍ଟ ପି.କେ.ଏସ୍. ମହାପାତ୍ର, ଦେବାଶିଷ ମହାପାତ୍ର ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେବେ ବୈଠକରେ ସରକାରୀ ବିଭାଗର ସଦସ୍ୟ ରହିଥିବା ଅଧିକାରୀମାନଙ୍କ ନିୟମିତ ଅନୁପସ୍ଥିତିକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

**ଲେଫ୍ରିପଡା,୨୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ବୈଠକ ଗୃହରେ ବୁଧବାର ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୋଡାଲ ଅଫିସର ଭାବେ ସୁନ୍ଦରଗଡ ପିଏଆଇଟିଡିଏ ରାମକ୍ରିଷ୍ଣ ଗଣ୍ଡ ଯୋଗଦାନ କରି ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ୧୭ଗୋଟି ପଞ୍ଚାୟତରେ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟ ଏବଂ ସାମାଜିକ ସୁରକ୍ଷା ଯୋଜନା ଉପରେ ସମୀକ୍ଷା କରିଥିଲେ। ଶିବିରରେ ବ୍ଲକ ଉପାଧ୍ୟକ୍ଷା କାମିନୀ କାଲୋ, ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜ୍, ଏପିଓ ପ୍ରଦୀପ୍ତ ମିଶ୍ର, ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ଅମିତ୍ ପୃଷେଠ୍ ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରାରମ୍ଭରେ ମଞ୍ଚାସୀନ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ପାଲାଗାୟକ ନୀଳମଣି ପଟେଲ ଏବଂ ତାଙ୍କର ସାଥୀମାନଙ୍କ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ପାଲା ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ପରେ ୧୭ଗୋଟି ପଞ୍ଚାୟତର ବିଭିନ୍ନ ବିଭାଗ ଦ୍ୱାରା ଏପ୍ରିଲ ୧ତାରିଖ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ଏଥିରେ ମୋଟ୍ ୪୮୯୯ ଟି ପ୍ରକଳ୍ପରୁ ୧୨୨୬ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୩୬୭୩ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିବା ଜଣାପଡିଛି। ବିଭିନ୍ନ କାର୍ଯ୍ୟ ଉପରେ ଜନସାଧାରଣଙ୍କ ଅଭିଯୋଗ ସବୁ ପଞ୍ଚାୟତସ୍ତରରେ ସମାଧାନ କରାଯାଇଥିବାରୁ ବ୍ଲକ୍ ସ୍ତରରେ ଅଭିଯୋଗ ହୋଇ ନ ଥିଲା। ଏନ୍‌ଏସ୍‌ଏପି ସାମାଜିକ ସୁରକ୍ଷା ଯୋଜନାରେ ମୋଟ୍ ୩୫୮୪ ଜଣ ହିତାଧିକାରୀ ଭତା ପାଉଥିବା ନେଇ ଶିବିରରେ ସାମାଜିକ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଟିକେଶ୍ୱର ପଟେଲ ବୈଠକରେ ଜଣାଇଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ସଞ୍ଜିବ ଭୋଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଜନଶୁଣାଣି ଶିବିରରେ ସମସ୍ତ ବ୍ଲକ୍ କର୍ମଚାରୀ, ସରପଞ୍ଚ, ସମିତିସଭ୍ୟାସଭ୍ୟ, ପିଇଓ, ଜିଆରଏସ, ଏସ୍‌ଏଚ୍‌ଜି, ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅଞ୍ଚଳର ପ୍ରମୁଖ ଜନସାଧାରଣ ଭାଗ ନେଇଥିଲେ।



ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥି।



ଛାତ୍ରୀମାନେ ବଧୂବେଶରେ ସଜ୍ଜିତ ହୋଇଛନ୍ତି।

# ବଧୂବେଶ ପ୍ରତିଯୋଗିତା: ଭାଗନେଲେ ଛାତ୍ରୀ

**ସୁନ୍ଦରଗଡ, ୨୭।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟଠାରେ ଛାତ୍ରୀମାନଙ୍କ ମଧ୍ୟରେ ବଧୂବେଶ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରୀମାନେ ଓଡିଆ, ବଙ୍ଗାଳୀ, ମରାଠୀ, ବିହାରୀ, ତାମିଲ, ମାଲାଲାୟମ, ନେପାଳୀ, ଖ୍ରୀଷ୍ଟିଆନ୍, ମୁସଲିମ ଆଦି ବଧୂବେଶ ହୋଇ ଅଂଶ ଗ୍ରହଣ କରିଥିଲେ । ଛାତ୍ରୀମାନେ ପ୍ରତ୍ୟେକ ସମାଜର ବିବାହର ବସ୍ତ୍ର, ଅଳଙ୍କାର, ବେଶଭୂଷାରେ ସୁସଜ୍ଜିତ ହୋଇଥିଲେ। ଏହି ପ୍ରତିଯୋଗିତାରେ ୨ଟି ବିଭାଗ ରହିଥିଲା । ପ୍ରଥମ ବିଭାଗରେ ପ୍ରତିଯୋଗୀମାନଙ୍କର ବସ୍ତ୍ର, ଆଭୂଷଣ ଓ ସେହି ସମାଜର ବିବାହ ସମ୍ବନ୍ଧୀୟ ରୀତି, ନୀତି ସମ୍ପର୍କରେ ବିଚାରକ ମଣ୍ଡଳୀ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ । ଦ୍ୱିତୀୟ ବିଭାଗରେ ପ୍ରତିଯୋଗୀମାନେ ନିଜକୁ ପ୍ରଦର୍ଶିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ବରିଷ୍ଠ ପ୍ରାଧ୍ୟାପକ ଡ. ରାଧେଶ୍ୟାମ ଓତା, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପିକା ଡ. ସୁପ୍ରଭା ନାୟକ, ଡ.ସଂଯୁକ୍ତା ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ,ଅଧ୍ୟାପକ ,କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।